# ଧରିତ୍ରୀ
DHARITRI

ଢେଙ୍କାନାଳ, ରବିବାର, ୧୦ ମାର୍ଚ୍ଚ, ୨୦୧୯ | (୨୦ ପୃଷ୍ଠା + ଛୁଟିଦିନ) | Dhenkanal, Sunday, 10 March, 2019 | ★★★★★

୧୫ଶ ଭାଗ ୨୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଚେନ୍ନାଇ ସିଟିକୁ ଜିତାଇଲେ ଗୌରବ**

ଗୌରବ ବୋରାଙ୍କ ଡବଲ ଗୋଲ ସହାୟତାରେ ମିନର୍ଭା ପଞ୍ଜାବକୁ ୩-୧ରେ ପରାସ୍ତ କରି ଚେନ୍ନାଇ ସିଟି ଆଇ-ଲିଗ୍ ଟାଇଟଲ ହାସଲ କରିଛି। **୧୯**

**୦୨** **ଆକାଶ-ଶ୍ଲୋକାଙ୍କ ବାହାଘର**

ମୁମ୍ବାଇରେ ରଙ୍ଗାରଙ୍ଗ ପରିବେଶ ମଧ୍ୟରେ ଏବଂ ବିଶ୍ୱର ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଆକାଶ ଅମ୍ବାନୀ ଏବଂ ଶ୍ଲୋକା ମେହେଟାଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହେଉଛି।



# ଖଣି ଖନନରେ କଳା କାରନାମା

ମାନସ ରଞ୍ଜନ ମହାନ୍ତି
ଯୋଡା,୯।୩(ଡି.ଏନ୍.ଏ.)



**ଟାଟା ଷ୍ଟିଲ**
- ବନ ସଂରକ୍ଷଣ, ପରିବେଶ ମଞ୍ଜୁରୀ ଆଇନର ଖୋଲା ଉଲ୍ଲଂଘନ

କେନ୍ଦୁଝର ଜିଲା ଯୋଡା ଖଣି ମଣ୍ଡଳରେ ସର୍ବାଧିକ ଲିଜ୍ ଅକ୍ତିଆର କରିଥିବା ଟାଟା ଷ୍ଟିଲ କମ୍ପାନୀର ଆଉ ଏକ କଳା କାରନାମା ଜଣାପଡ଼ିଛି। ବନ ସଂରକ୍ଷଣ ଆଇନ ଓ ପରିବେଶଗତ ମଞ୍ଜୁରୀ ଆଇନର ଖୋଲା ଉଲ୍ଲଂଘନ କରି ବ୍ୟାପକ ଲୁହାପଥର ଉତ୍ତୋଳନ କରାଯାଇଥିବା ଜଣାପଡ଼ିଛି। ଜଷ୍ଟିସ ଶାହା କମିଶନଙ୍କ ଅନୁଧ୍ୟାନ ବେଳେ ଟାଟା କମ୍ପାନୀର ଏହି ଖଣି ଦୁର୍ନୀତି ପଦାରେ ପଡିଥିଲା। ପରବର୍ତ୍ତୀ ସମୟରେ ସୁପ୍ରିମକୋର୍ଟଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ସେଣ୍ଟ୍ରାଲ ଏମ୍ପାୱାର୍ଡ କମିଟି(ସିଇସି) ଟାଟା ଷ୍ଟିଲ ଅଧୀନରେ ଥିବା ବିଭିନ୍ନ ଖଣିର ଯାଞ୍ଚ କରି ସୁପ୍ରିମକୋର୍ଟଙ୍କୁ ରିପୋର୍ଟ ପ୍ରଦାନ କରିଥିଲା। ସିଇସିଙ୍କ ଚୂଡାନ୍ତ ରିପୋର୍ଟର ପୃଷ୍ଠା ସଂଖ୍ୟା ୪୩ରେ ଉଲ୍ଲେଖ ଅଛି ଯେ, ଟାଟା ଆଇରନ୍ ଆଣ୍ଡ ଷ୍ଟିଲ କମ୍ପାନୀ ଟିସ୍କୋ ଲିମିଟେଡ ଥିବାବେଳେ ପରିବେଶଗତ ଅନୁମୋଦନ ନ ଥାଇ ବହୁ ପରିମାଣର ଲୁହାପଥର ଓ ମାଙ୍ଗାନିଜ ପଥର ବେଆଇନ ଭାବେ ଉତ୍ତୋଳନ କରିଥିଲା। ଯାହାକି ଅନୁମତି ଠାରୁ ପ୍ରାୟ ୯୪,୫୨,୬୦୦ମେଟ୍ରିକ ଟନ୍ ଲୁହାପଥର ଏବଂ ୧୨,୫୮,୪୦୦ ମେଟ୍ରିକ ଟନ୍ ମାଙ୍ଗାନିଜ ପଥର ଅଧିକ ଅଟେ। ଏହି ବେଆଇନ ଉତ୍ତୋଳନ କରାଯାଇଥିବା ଲୁହାପଥର ଓ ମାଙ୍ଗାନିଜ୍‌ପଥରର ଆନୁମାନିକ ମୂଲ୍ୟ ପ୍ରାୟ ୬୧୪ କୋଟି ୪୧ ଲକ୍ଷ ଟଙ୍କା ବୋଲି ସିଇସି ଆକଳନ କରିଥିବା ରିପୋର୍ଟରେ ଦର୍ଶାଇଥିଲା।

ଟାଟା ଷ୍ଟିଲ କମ୍ପାନୀର ପଶ୍ଚିମ ଯୋଡ଼ା ଲୌହ ମାଙ୍ଗାନିଜ ଖଣି ସମ୍ପର୍କରେ ସିଇସି ଅନୁଧ୍ୟାନ କରି ତାଙ୍କ ରିପୋର୍ଟର ୫୯ନଂ ପୃଷ୍ଠାରେ ଦର୍ଶାଇଛନ୍ତି ଯେ, ୧୯୯୪–୯୫ ମସିହା ଏବଂ ୧୮।୧।୨୦୦୩ ରୁ ୩୧।୪।୨୦୦୩ ପର୍ଯ୍ୟନ୍ତ ଟାଟା କମ୍ପାନୀ ଜଙ୍ଗଲ ଜମିରେ ବେଆଇନ ଭାବେ ବନ ସଂରକ୍ଷଣ ଆଇନର ଉଲ୍ଲଘଂନ କରି ଖଣିଜ ଉତ୍ତୋଳନ କରିଥିଲା। ଜଙ୍ଗଲ ଜମିକୁ ବିଭିନ୍ନ କାରଣ ଦର୍ଶାଇ ଅଣ ଜଙ୍ଗଲ ଜମିରେ ରୂପାନ୍ତରିତ ନ କରି ବେଆଇନ ଭାବେ ଖଣି ଖନନ ବ୍ୟତୀତ ଅନ୍ୟଖଣି ସମ୍ବନ୍ଧୀୟ କାର୍ଯ୍ୟରେ ବ୍ୟବହାର କରିଥିଲା। ସେହିପରି ବାମେବାରି ଲୌହ ଓ ମାଙ୍ଗାନିଜ ଖଣିରେ ବନ ସଂରକ୍ଷଣ ଆଇନକୁ ଉଲ୍ଲଂଘନ କରି ୧୯୯୪–୯୫ ମସିହାଠାରୁ ୮।୫।୨୦୦୩ ପର୍ଯ୍ୟନ୍ତ ଓ ୯।୫।୨୦୦୪ ଠାରୁ ୨୫।୫।୨୦୦୫ ଏବଂ ୨୬।୫।୨୦୦୬ ଠାରୁ ୨୪।୫।୨୦୦୭ ପର୍ଯ୍ୟନ୍ତ ବେଆଇନ ଭାବେ ଖଣିଜ ଖନନ କରାଯାଇଥିଲା। ଏନେଇ ଟାଟା ଷ୍ଟିଲ କମ୍ପାନୀକୁ ମଧ୍ୟ ସୁପ୍ରିମକୋର୍ଟଙ୍କ ଦ୍ୱାରା ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଥିଲା। କମ୍ପାନୀର ୬ଟି ଲିଜ୍‌କୁ ମିଶାଇ ସମୁଦାୟ ୫୪୧କୋଟି ଟଙ୍କା ଜରିମାନା ସୁପ୍ରିମକୋର୍ଟ ପକ୍ଷରୁ କରାଯାଇଥିଲା। ଏଭଳି ଜରିମାନା ଭରଣ କରି ଟାଟା କମ୍ପାନୀ ତା'ର ☞ପୃଷ୍ଠା–୪

ଭାରସାମ୍ୟ ହରାଇ କାର୍ ଦୁର୍ଘଟଣା ଗ୍ରସ୍ତ

## ନାଲ୍‌କୋ ଇଞ୍ଜିନିୟର, ସ୍ତ୍ରୀ ମୃତ

ଅନୁଗୋଳ ଅଫିସ, ୯।୩

ଅନୁଗୋଳ ସହର ଉପକଣ୍ଠ ଛେଳିଆପଡା ଛକ ନିକଟରେ ଶନିବାର ପୂର୍ବାହ୍ନରେ ଏକ କାର୍ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ନାଲ୍‌କୋ କର୍ମଚାରୀ ସମ୍ବଲପୁର ଜିଲା ବୁର୍ଲା ଅଞ୍ଚଳର ଶିବ ପଣ୍ଡା(୫୭) ଓ ସ୍ତ୍ରୀ ପ୍ରମିଳା ପଣ୍ଡାଙ୍କ ମୃତ୍ୟୁ ଘଟିଛି।

ଘଟଣାରୁ ଜଣାପଡିଛି, ଶିବ ଓ ପ୍ରମିଳା ଶୁକ୍ରବାର ଏକ ବିବାହ ଭୋଜିରେ ଯୋଗଦେବାକୁ ଭୁବନେଶ୍ୱର ଯାଇଥିଲେ। ଶନିବାର ଉଭୟେ କାର୍ (ଓଡ଼ି–୧୯–ବି–୩୫୫୧) ଯୋଗେ ଅନୁଗୋଳ ନାଲ୍‌କୋ ଫେରୁଥିବାବେଳେ ଛେଳିଆପଡାଠାରେ ଗାଡ଼ିଟି ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯାଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ପ୍ରମିଳାଙ୍କୁ ମୃତ ଘୋଷଣା କରିଥିବାବେଳେ ଗୁରୁତର ଥିବା ଶିବଙ୍କୁ କଟକ ସ୍ଥାନାନ୍ତର କରିଥିଲେ। କଟକ ଯାଉଥିବା ସମୟରେ ଶିବଙ୍କ ମୃତ୍ୟୁ ହୋଇଥିଲା। ଅନୁଗୋଳ ପୋଲିସ ନଂ. ୧୭୨/୧୯ରେ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ନାଲ୍‌କୋ କଲୋନୀର ବି–୯ କ୍ୱାର୍ଟରରେ ରହୁଥିବା ଶିବ ପଣ୍ଡା ସିପିପି ପ୍ଲାଣ୍ଟ ମେକାନିକାଲ ବିଭାଗରେ ଜୁନିୟର ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ। ଏଥିସହ ନାଲକୋ ନନ୍ ଏକ୍‌ଜିକ୍ୟୁଟିଭ୍ ଏମ୍ପ୍ଲଏଜ୍ ୟୁନିୟନରେ ସହକାରୀ କାର୍ଯ୍ୟକାରୀ ସଭାପତି ମଧ୍ୟ ଥିଲେ। ତାଙ୍କ ମୃତ୍ୟୁରେ ୟୁନିୟନର ସଭାପତି ରଜନୀକାନ୍ତ ସିଂ, ସାଧାରଣ ସମ୍ପାଦକ ନିର୍ମଳ ଶତପଥୀ, ଭରତ ଚନ୍ଦ୍ର ମାଝି, ଗୌରୀ ତ୍ରିପାଠୀ, ଗନ୍ଧର୍ବ ବିଶ୍ୱାଳ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ଏଥିସହ କଲୋନୀରେ ମଧ୍ୟ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।



ଦୁର୍ଘଟଣାଗ୍ରସ୍ତ କାର୍।

**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**




**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

## ଲଣ୍ଡନରେ ନୀରବ

ଲଣ୍ଡନ,୯।୩

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ମହାଠକେଇର ମୁଖ୍ୟ ଅଭିଯୁକ୍ତ ହୀରା ବ୍ୟବସାୟୀ ନୀରବ ମୋଦି ଭାରତରୁ ଫେରାର ହୋଇ ଏବେ ଲଣ୍ଡନରେ ଲୁଚିଥିବା ଜଣାପଡିଛି। ସେ ସେଠାରେ ଲକ୍‌ଜରୀ ଫ୍ଲାଟ୍‌ରେ ରହୁଥିବା ବେଳେ ସୋହୋଠାରେ ପୁଣି ହୀରା ବ୍ୟବସାୟ ଆରମ୍ଭ କରିଛନ୍ତି। ସ୍ଥାନୀୟ ଖବରକାଗଜ 'ଦି ଟେଲିଗ୍ରାଫ୍' ନୀରବଙ୍କୁ ଲଣ୍ଡନ ସଡ଼କରେ ବୁଲୁଥିବାବେଳେ ଠାବ କରିଥିଲା। ତାଙ୍କୁ ବିଭିନ୍ନ ପ୍ରଶ୍ନ କରାଯାଇଥିଲେ ହେଁ ସେ କୌଣସି ଉତ୍ତର ଦେଇ ନ ଥିଲେ। ଏ ସଂକ୍ରାନ୍ତରେ ଟେଲିଗ୍ରାଫ ପକ୍ଷରୁ ଏକ ରିପୋର୍ଟ ସହ ତାଙ୍କର ଭିଡିଓ ଜାରି କରିଛି। ସେ ନିଜର ବେଶଭୂଷା ବଦଳାଇ ଦେଇଥିବା ଭିଡିଓ ଓ ଫଟୋରୁ ଜଣାପଡୁଛି। ମାସକୁ ସାଢ଼େ ୧୫ ଲକ୍ଷ ଟଙ୍କା ଭଡ଼ାରେ ୩ ବେଡ ରୁମ୍ ଫ୍ଲାଟ୍‌ରେ ରହୁଥିବା ନୀରବଙ୍କୁ ଇତିମଧ୍ୟରେ ବ୍ରିଟେନ ସରକାରଙ୍କ ପକ୍ଷରୁ ଇନସ୍ୟୁରାନ୍ସ ନମ୍ବର ମିଳିଛି। ଫଳରେ ସେ ସେଠାରେ ବୈଧ ଭାବେ ବ୍ୟବସାୟ ଏବଂ ଲଣ୍ଡନର ବ୍ୟାଙ୍କ ଆକାଉଣ୍ଟ ନିୟନ୍ତ୍ରଣ କରିପାରିବେ। ନୀରବଙ୍କ ସମ୍ପର୍କରେ ରିପୋର୍ଟ ପ୍ରକାଶ ପାଇବା ପରେ ଭାରତରେ ଏହାକୁ ନେଇ ରାଜନୀତି ସରଗରମ ହେବାରେ ଲାଗିଛି।
(ସମ୍ପୂର୍ଣ୍ଣ ବିବରଣୀ ପୃଷ୍ଠା:୧୭)

**ଆଜିର ସମ୍ପାଦକୀୟ**

ଆମ ପୂର୍ବପୁରୁଷ

**ଆଜିର ମନ୍ତବ୍ୟ**

" କେନ୍ଦ୍ର ସରକାରଙ୍କୁ ବୋଧହୁଏ ଚୋର ରାଫାଲ ଦସ୍ତାବିଜ ଫେରାଇ ଦେଇଛି।
–ପି. ଚିଦାମ୍ବରମ୍
ବରିଷ୍ଠ କଂଗ୍ରେସ ନେତା

## ୨୭ ବର୍ଷରେ ଅଭିବୃଦ୍ଧି ଆକାଶଛୁଆଁ

**ଏସ୍‌ବିଆଇ ମାନବ ବିକାଶ ସୂଚକାଙ୍କ: ଦଶମରେ ଓଡ଼ିଶା**

ଭୁବନେଶ୍ୱର,୯।୩(ବ୍ୟୁରୋ)

ଗତ ୨୭ ବର୍ଷ ମଧ୍ୟରେ ରାଜ୍ୟର ଅଭିବୃଦ୍ଧି ଆକାଶଛୁଆଁ ହୋଇଛି। ରାଜ୍ୟର ଆର୍ଥିକ ଅଭିବୃଦ୍ଧି ଦ୍ରୁତ ଗତିରେ ମାଡିଚାଲିଛି। ଏଥିପାଇଁ ରାଜ୍ୟରେ ମୁଣ୍ଡପିଛା ଆୟ ମଧ୍ୟ ବହୁତ ବଢ଼ିଛି। ଭାରତୀୟ ଷ୍ଟେଟ ବ୍ୟାଙ୍କ ମାନବ ବିକାଶ ସୂଚକାଙ୍କ(ଏଚଡିଆଇ) ରିପୋର୍ଟରେ ଏହି ତଥ୍ୟ ପ୍ରକାଶ କରାଯାଇଛି। ଦ୍ରୁତ ଆର୍ଥିକ ଅଭିବୃଦ୍ଧି କରୁଥିବା ପ୍ରଥମ ୧୦ଟି ରାଜ୍ୟ ତାଲିକାରେ ଓଡିଶାକୁ ମିଳିଛି ଦଶମ ସ୍ଥାନ। ୧୯୯୦ରୁ ୨୦୧୭ ମଧ୍ୟରେ ରାଜ୍ୟକୁ ଉକ୍ତ ସୂଚକାଙ୍କ ମିଳିଛି। ଇଣ୍ଡେକ୍ସ ରିପୋର୍ଟରେ କୁହାଯାଇଛି ଯେ, ଓଡ଼ିଶା ପୂର୍ବ ଭାରତ ରାଜ୍ୟ ବର୍ଗରେ ମଧ୍ୟ ସବୁଠୁ ଉତ୍ତମ ପ୍ରଦର୍ଶନ କରୁଥିବା ରାଜ୍ୟ ତାଲିକାରେ ରହିଛି। ଏଥିସହିତ ସାମାଜିକ ବ୍ୟୟ କ୍ଷେତ୍ରରେ ଓଡିଶାର ଯୌଗିକ ବାର୍ଷିକ ଅଭିବୃଦ୍ଧି(ସିଏଜିଆର) ହାର ୧୫.୧ ପ୍ରତିଶତ ରହିଛି। ମୁଣ୍ଡ ପିଛା ଆୟ କ୍ଷେତ୍ରରେ ମଧ୍ୟ ଓଡିଶା ଉପରେ ରହିଥିବା ରିପୋର୍ଟରେ ଦର୍ଶାଯାଇଛି। ଏଚ୍‌ଡିଆଇ ରିପୋର୍ଟ ଅନୁଯାୟୀ ହରିୟାଣା ୧ ନମ୍ବର ସ୍ଥାନରେ ଥିବାବେଳେ ହିମାଚଳ ପ୍ରଦେଶ ଦ୍ୱିତୀୟ, ତାମିଲନାଡୁ ତୃତୀୟ, କର୍ଣାଟକ ଚତୁର୍ଥ, ପଞ୍ଜାବ ପଞ୍ଚମ, ଅରୁଣାଚଳ ପ୍ରଦେଶ ଷଷ୍ଠ, ରାଜସ୍ଥାନ ସପ୍ତମ, କେରଳ ଅଷ୍ଟମ, ଆନ୍ଧ୍ର ପ୍ରଦେଶ ନବମ ଏବଂ ଓଡିଶା ଦଶମ ସ୍ଥାନରେ ରହିଛି। ହରିୟାଣା, ହିମାଚଳ ପ୍ରଦେଶ, ତାମିଲନାଡୁ ଏବଂ କର୍ନାଟକ ଏଚଡିଆଇର ଉଲ୍ଲେଖନୀୟ ର୍‍ୟାଙ୍କକୁ ଉଠିଥିବା ବେଳେ ନାଗାଲାଣ୍ଡ ଏବଂ ମଣିପୁର ଭଳି ପୂର୍ବ ଭାରତ ରାଜ୍ୟ ତଳକୁ ଖସି ଯାଇଛନ୍ତି। ତେବେ ୧୯୯୦ରେ ଯେଉଁ ରାଜ୍ୟଗୁଡିକର ପ୍ରଦର୍ଶନ ଭଲ ନ ଥିଲା ୨୦୧୪ ବେଳକୁ ସେମାନଙ୍କର ସାମାଜିକ ମାନଦଣ୍ଡ ଉତ୍ତମ ରହିଥିବା ରିପୋର୍ଟରେ କୁହାଯାଇଛି। ଦେଶର ୨୫ଟି ବୃହତ୍ ରାଜ୍ୟ ମଧ୍ୟରେ ରାଜସ୍ଥାନ, ☞ପୃଷ୍ଠା–୪






ଛିଣ୍ଡୁନି ମହାନଦୀ ଜଳ ବିବାଦ

## ପୁଣି ଆଲୋଚନା ଲାଗି ଓଡ଼ିଶା, ଛତିଶଗଡ଼କୁ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ/ ଭୁବନେଶ୍ୱର (ବ୍ୟୁରୋ), ୯।୩

ଓଡିଶା ଓ ଛତିଶଗଡ ମଧ୍ୟରେ ମହାନଦୀ ଜଳ ବିବାଦର ସମାଧାନ ଆପୋସ ଆଲୋଚନା ମାଧ୍ୟମରେ ହୋଇପାରୁ ନାହିଁ। ଗୋଟିଏ ପରେ ଗୋଟିଏ ଆଲୋଚନା ଫେଲ୍ ମାରୁଛି। ନୂଆଦିଲ୍ଲୀରେ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ, ସଚିବମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲେ ମଧ୍ୟ ତାହା ସଫଳ ହୋଇପାରି ନ ଥିଲା। ଏହି ମାମଲା ସୁପ୍ରିମକୋର୍ଟକୁ ଗଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଗଠନ ହୋଇଛି। ମାମଲାର ଶୁଣାଣି ଶେଷ ହୋଇଛି। ରାୟ ଶୁଣାଇବା ପୂର୍ବରୁ ଟ୍ରିବ୍ୟୁନାଲ ଏହି ବିବାଦର ସମାଧାନ ଆପୋସ କଥାବାର୍ତ୍ତା ମାଧ୍ୟମରେ ଉଭୟ ରାଜ୍ୟର ଅଧିକାରୀ ଓ ବିଶେଷଜ୍ଞଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସେହି ଆଲୋଚନା ମଧ୍ୟ ଫେଲ୍ ମାରିଲା। ଶନିବାର ଟ୍ରିବ୍ୟୁନାଲ ଉଭୟ ରାଜ୍ୟର ଆଡଭୋକେଟ ଜେନେରାଲଙ୍କ ଜରିଆରେ ମହାନଦୀ ଜଳ ବିବାଦର ଆପୋସ ସମାଧାନ ପନ୍ଥା ବାହାର କରିବା ଲାଗି ଓଡ଼ିଶା ଓ ଛତିଶଗଡ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୩୦ ତାରିଖ ପୂର୍ବରୁ ଦୁଇ ରାଜ୍ୟର ଆଡଭୋକେଟ୍ ଜେନେରାଲ ପରସ୍ପର ମଧ୍ୟରେ ଆଲୋଚନା କରି ଏହାର ନିର୍ଯାସ ଜଣାଇବାକୁ କୁହାଯାଇଛି। ଏହାପରେ ଟ୍ରିବ୍ୟୁନାଲ ମହାନଦୀ ଜଳ ବିବାଦ ଉପରେ ରାୟ ଶୁଣାଇବେ।

ମହାନଦୀ ଜଳ ବଣ୍ଟନକୁ ନେଇ ଓଡ଼ିଶା ସରକାର ଛତିଶଗଡ଼ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଜଷ୍ଟିସ ଏ.ଏମ୍. ଖାନ୍‌ୱିଲକର, ଜଷ୍ଟିସ ରବି ରଞ୍ଜନ ଏବଂ ଜଷ୍ଟିସ ଇନ୍ଦରମିତ୍ କୌରଙ୍କୁ ନେଇ ଗଠିତ ତିନିଜଣିଆ ଖଣ୍ଡପୀଠ ଅନ୍ତରୀଣ ଆବେଦନର ଶୁଣାଣି କରିଥିଲେ। ଉଭୟ ପକ୍ଷ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ଆଗ୍ରହ ପ୍ରକାଶ କରିବାରୁ ☞ପୃଷ୍ଠା–୪


NECC NATIONAL EGG CO-ORDINATION COMMITTEE | 09.03.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 80 | 132 | 142 |
| CTC | 81 | 133 | 143 |
| DKL | 81 | 133 | 143 |
| BDK | 82 | 135 | 145 |
| BLS | 83 | 136 | 146 |
| ANG | 82 | 135 | 145 |

*Conditions Apply
Eggs Retail Price- 49/-Dozen
Issued in the Interest of Consumers


**କିଛି ତଥ୍ୟ**

୨୦୧୮ରେ ଭାରତକୁ ୩୮ ବିଲିୟନ ଡଲାର ଏଫ୍‌ଡିଆଇ ଆସିଛି। ଏହି ସମୟରେ ଚାଇନାର ଏଫ୍‌ଡିଆଇ ୩୨ ବିଲିୟନ ଡଲାର ରହିଛି।
–ବାଣିଜ୍ୟ ମନ୍ତ୍ରଣାଳୟ




ଧରିତ୍ରୀ
DHARITRI
ଢେଙ୍କାନାଳ, ରବିବାର, ୧୦ ମାର୍ଚ୍ଚ, ୨୦୧୯





"ପାକିସ୍ତାନ ନିଜ ମାଟିରେ ସକ୍ରିୟ ଥିବା ଆତଙ୍କବାଦୀଙ୍କୁ ଯଦି ଲଗାମ ନ ଦିଏ, ତେବେ ବିଶ୍ୱରେ ଏକଘରିକିଆର ସମ୍ମୁଖୀନ ହେବ।
-ଆମି ବେରା,
ଆମେରିକା କଂଗ୍ରେସ ସଦସ୍ୟ

# ଶେଷନିଃଶ୍ୱାସ ଗଣୁଛି ଆଇଏସ୍

ବିରୁଟ,୯।୩



ଇସ୍‌ଲାମୀୟ ଷ୍ଟେଟ୍ (ଆଇଏସ୍) ଆତଙ୍କବାଦୀ ସଂଗଠନ ୪ ବର୍ଷ ପୂର୍ବେ ସିରିଆ ଓ ଏହାର ପଡୋଶୀ ଦେଶ ଇରାକର ବିସ୍ତୃତ ଅଞ୍ଚଳକୁ ଅକ୍ତିଆର କରିନେଇଥିଲା। ଏବେ ପରିସ୍ଥିତି ସମ୍ପୂର୍ଣ୍ଣ ବଦଳିଯାଇଛି। ଏହି ସଂଗଠନ ହାତରୁ ଗୋଟିଏ ପରେ ଗୋଟିଏ ଅଞ୍ଚଳ ଖସିଯିବା ପରେ ଏବେ ଇରାକ ସୀମା ନିକଟରେ ଏକ ଛୋଟ ଗାଁରେ ସୀମିତ ରହିଛି। ସୁରକ୍ଷା ବଳର ଆକ୍ରମଣରେ କ୍ରମାଗତ ଭାବେ ଆଇଏସ୍ ଆତଙ୍କବାଦୀ ନିହତ ହେଉଛନ୍ତି ଓ ଅନେକ ଉକ୍ତ ସଂଗଠନ ଛାଡ଼ିସାରିଲେଣି। ତେଣୁ ଖଲିଫତ୍ ଘୋଷଣା ଲକ୍ଷ୍ୟରେ ସୃଷ୍ଟି ହୋଇଥିବା ଏହି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଏବେ ଶେଷ ନିଃଶ୍ୱାସ ଗଣୁଥିବା କୁହାଯାଉଛି।

ବ୍ରିଟେନର ରୟାଲ ଏୟାରଫୋର୍ସ (ଆର୍‌ଏଏଫ୍) ଆକ୍ରମଣରେ ଇରାକ ଓ ସିରିଆରେ ୨୦୧୪ ସେପ୍ଟେମ୍ବରରୁ ଚଳିତବର୍ଷ ଜାନୁୟାରୀ ମଧ୍ୟରେ ୪୦୧୩ ଜଣ ଆଇଏସ୍ ଆତଙ୍କବାଦୀ ନିହତ ହୋଇଥିବାବେଳେ ୩୦୨ ଜଣ ଆହତ ହୋଇଥିବା ସେଠାର ପ୍ରତିରକ୍ଷା ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡିଛି। ଇରାକରେ ୨୯୯୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସିରିଆରେ ୧୦୧୯ ଆତଙ୍କବାଦୀ ନିହତ ହୋଇଛନ୍ତି। ରାକା ଏବଂ ମୋସୁଲ୍ ସହରରେ ଆର୍‌ଏଏଫ୍ ୧୦୦୦ରୁ ଊର୍ଦ୍ଧ୍ୱ ସ୍ଥାନରେ ବୋମାମାଡ଼ କରିଛି। ଆମେରିକା ଓ ବ୍ରିଟେନର ମିଳିତ ସେନା ୨୦୧୪ ଅଗଷ୍ଟରୁ ଚଳିତବର୍ଷ ଜାନୁୟାରୀ ମଧ୍ୟରେ ମୋଟ ୩୩,୯୨୧ ଥର ବିମାନ ଆକ୍ରମଣ କରିଛନ୍ତି। ଏହି ଆକ୍ରମଣରେ ୧୨୫୭ ସାଧାରଣ ନାଗରିକଙ୍କ ପ୍ରାଣହାନି ଘଟିଛି। ଆମେରିକା ସେନା ସହ କୁର୍ଦ୍ଦିଶ୍ ନେତୃତ୍ୱାଧୀନ ମିଲିସିଆ ସିରିଆ ଡେମୋକ୍ରାଟିକ ଫୋର୍ସ (ଏସ୍‌ଡିଏଫ୍) ମିଳିତ ଭାବେ ଆଇଏସ୍‌କୁ ଏହାର ଶେଷ ଦୁର୍ଗ କୁହାଯାଉଥିବା ପୂର୍ବ ସିରିଆର ବାଗ୍‌ରୁଜ୍ ଗ୍ରାମରୁ ନିଶ୍ଚିହ୍ନ କରିବା ଲାଗି ଅପରେଶନ୍ ଜାରି ରଖିଛି। ନିଜକୁ ବଞ୍ଚାଇବା ପାଇଁ ଏବେ ଆଇଏସ୍ ଆତଙ୍କବାଦୀ ନିରୀହ ଲୋକଙ୍କୁ ଢ଼ାଲ କରିଛନ୍ତି। ନିଜର ସୁରକ୍ଷା ଲାଗି ସେମାନେ ସାଧାରଣ ନାଗରିକଙ୍କ ଘରେ ଆଶ୍ରୟ ନେଉଥିବା ସିରିଆ ମାନବାଧିକାର ପର୍ଯ୍ୟବେକ୍ଷଣ ସଂସ୍ଥା କହିଛି। ଏସ୍‌ଡିଏଫ୍ ଉକ୍ତ ଅଞ୍ଚଳରୁ ସାଧାରଣ ନାଗରିକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ କରିଛି। ଶୁକ୍ରବାର ୪୦ରୁ ଊର୍ଦ୍ଧ୍ୱ ଟ୍ରକରେ ପୁରୁଷ, ମହିଳା ଓ ପିଲାମାନେ ଉକ୍ତ ଅଞ୍ଚଳ ଛାଡିଛନ୍ତି। ଏହାପରେ ବାଗ୍‌ରୁଜ୍‌ର ଆଇଏସ୍ ଆତଙ୍କବାଦୀଙ୍କୁ ନିପାତ କରିବା ଲାଗି ଶେଷ ଆକ୍ରମଣ କରାଯିବ ବୋଲି ଏସ୍‌ଡିଏଫ ପକ୍ଷରୁ କୁହାଯାଇଛି।

- ଆର୍‌ଏଏଫ୍ ଆକ୍ରମଣରେ ୪୦୧୩ ଆତଙ୍କବାଦୀ ନିହତ
- ବାଗ୍‌ରୁଜ୍ ଗ୍ରାମରେ ସୀମିତ ରହିଛି ଆଇଏସ୍‌ର ଆଡ୍ଡା
- ଚୂଡ଼ାନ୍ତ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଛି ଏସ୍‌ଡିଏଫ୍

## ଆଇଏସ୍ ସଦସ୍ୟ ଶମିମାଙ୍କ ଶିଶୁପୁତ୍ରର ମୃତ୍ୟୁ



**ବିରୁଟ,୯।୩:** ବ୍ରିଟେନ ଜନ୍ମିତ ଆଇଏସ୍ ସଦସ୍ୟା ଶମିମା ବେଗମଙ୍କର ୩ ସପ୍ତାହର ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। ସେ ଗତ ମାସରେ ଉତ୍ତରପୂର୍ବ ସିରିଆସ୍ଥିତ ଏକ ଶରଣାର୍ଥୀ ଶିବିରରେ ଶିଶୁଟିକୁ ଜନ୍ମ ଦେଇଥିଲେ। ୪ ବର୍ଷ ତଳେ ମାତ୍ର ୧୫ ବର୍ଷ ବୟସରେ ଲଣ୍ଡନ ଛାଡ଼ି ଇସ୍‌ଲାମିକ ଷ୍ଟେଟ୍ ଗ୍ରୁପ୍ (ଆଇଏସ୍)ରେ ସାମିଲ ହୋଇଥିଲେ ଶମିମା। ସେ ନିଜ ଦେଶକୁ ଫେରିବାକୁ ଚାହିଁଥିଲେ ମଧ୍ୟ ବ୍ରିଟିଶ ସରକାର ତାଙ୍କ ନାଗରିକତ୍ୱକୁ ରଦ୍ଦ କରିଦେଇଥିଲେ। ଡାକ୍ତରୀ ରିପୋର୍ଟ ଅନୁଯାୟୀ ତାଙ୍କ ଶିଶୁପୁତ୍ରଙ୍କର ନିମୋନିଆରେ ମୃତ୍ୟୁ ହୋଇଛି। ଏହା ପୂର୍ବରୁ ଶମିମା ଅନ୍ୟ ଦୁଇଟି ସନ୍ତାନଙ୍କୁ ଜନ୍ମ ଦେଇଥିଲେ ମଧ୍ୟ ଅସୁସ୍ଥତା ଏବଂ ଅପପୁଷ୍ଟି ଯୋଗୁ ସେମାନଙ୍କର ମୃତ୍ୟୁ ଘଟିଥିଲା।

ଆମେରିକା ସମର୍ଥିତ ସୈନ୍ୟଙ୍କ ସହ ସଂଘର୍ଷ ବେଳେ ଆଇଏସ୍ କ୍ୟାମ୍ପ ଛାଡି ପଳାଇ ଆସିଥିବା ଶମିମା ବ୍ରିଟେନ ଫେରିବାକୁ ଚାହୁଁଛନ୍ତି। ତେବେ ଏହା ଅନେକ ୟୁରୋପୀୟ ରାଷ୍ଟ୍ରକୁ ଧର୍ମସଙ୍କଟରେ ପକାଇଛି। ଜଣେ ଜେହାଦୀ ଏବଂ ଆଇଏସ୍ ସମର୍ଥକଙ୍କୁ ସ୍ୱଦେଶ ଫେରାଇଆଣି ବିଚାରର ସମ୍ମୁଖୀନ ହେବାକୁ ଦିଆଯିବ ନା ଫେରିବାକୁ ଦିଆଯିବନି ତାକୁ ନେଇ ୟୁରୋପୀୟ ରାଷ୍ଟ୍ରଗୁଡିକ ମଧ୍ୟରେ ମତଭେଦ ସୃଷ୍ଟି ହୋଇଛି।

## '୫ ବର୍ଷରେ ୩ ଥର ସର୍ଜିକାଲ ଷ୍ଟ୍ରାଇକ୍'

ମାଙ୍ଗାଲୁରୁ,୯।୩



ଗତ ୫ ବର୍ଷରେ ଭାରତୀୟ ବାୟୁସେନା ତିନି ଥର ସଫଳତାର ସହ ସୀମା ଅତିକ୍ରମ କରି ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ ଶନିବାର କହିଛନ୍ତି। ଉରି ସେନା କ୍ୟାମ୍ପରେ ଆତଙ୍କବାଦୀ ଆକ୍ରମଣ ପରବର୍ତ୍ତୀ ସର୍ଜିକାଲ ଷ୍ଟ୍ରାଇକ ଏବଂ ଗତ ମାସରେ ହୋଇଥିବା ବାଲାକୋଟ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସମସ୍ତେ ଜାଣିଥିଲେ ହେଁ ବାୟୁସେନାର ତୃତୀୟ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ କେହି ଜାଣି ନାହାନ୍ତି। ଆତଙ୍କବାଦୀଙ୍କୁ ଆଶ୍ରୟ ଓ ସୁରକ୍ଷା ଦେଉଥିବା ପାକିସ୍ତାନକୁ ବହୁମୂଲ୍ୟ ଦେବାକୁ ପଡିବ ବୋଲି ସେ କହିଛନ୍ତି। ଗୁଇନ୍ଦା ସୂଚନା ଆଧାରରେ ବାୟୁସେନା ବାଲାକୋଟରେ ବୋମା ବର୍ଷଣ କରି ସଫଳତାର ସହ ଆତଙ୍କବାଦୀଙ୍କ ଶିବିର ଧ୍ୱଂସ କରିଥିବା ରାଜନାଥ କହିଛନ୍ତି।

## 'ନୂଆ ପାକିସ୍ତାନ ନୂଆ କାର୍ଯ୍ୟାନୁଷ୍ଠାନ ନେଉ'

ନୂଆଦିଲ୍ଲୀ,୯।୩

ଆତଙ୍କବାଦୀଙ୍କ ବିରୋଧରେ ନୂଆ ପାକିସ୍ତାନ ନୂଆ କାର୍ଯ୍ୟାନୁଷ୍ଠାନ ନେଉ ବାଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପ୍ରବକ୍ତା ରବୀଶ କୁମାର ଶନିବାର ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି। ପାକିସ୍ତାନ ମାଟିରେ ଏକାଧିକ ଆତଙ୍କବାଦୀ ଶିବିର ଚାଲିଥିବାବେଳେ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନୂଆ ସରକାର ତାଙ୍କ ଦାୟିତ୍ୱବୋଧତା ଓ ପ୍ରତିବଦ୍ଧତା ଜାହିର୍ କରୁ ବୋଲି କୁମାର ସୂଚାଇଛନ୍ତି।

### ଆତଙ୍କବାଦ ନିରୋଧୀ ଲଢ଼େଇ

ଏଥିସହ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ସଙ୍ଗଠନର ମୁଖ୍ୟ ମାସୁଦ୍ ଆଝାରଙ୍କୁ ଅନ୍ତର୍ଜାତୀୟ ଆତଙ୍କବାଦୀ ଘୋଷଣା କରାଯିବାକୁ ଭାରତ ଜାତିସଂଘ ସୁରକ୍ଷା ପରିଷଦଠାରେ ପୁନର୍ବାର ଦାବି ଉପସ୍ଥାପନ କରିବ ବୋଲି ଜଣାଇଛନ୍ତି। ପାକିସ୍ତାନରେ ଜେଇଏମ୍‌ର ଏକାଧିକ ତାଲିମ ଶିବିର ଆଝାର ପରିଚାଳନା କରୁଛନ୍ତି। ୟୁଏନଏସ୍‌ସିର ସମସ୍ତ ସଦସ୍ୟ ଦେଶ ଏହା ଭଲ ଭାବେ ଜାଣିଛନ୍ତି।



ସାନ୍ ଜୋଶ୍ଠାରେ ଭାରତର ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ କୋଷ୍ଟାରିକା ରାଷ୍ଟ୍ରପତି କାର୍ଲୋସ୍ ଆଲଭାରାଡୋ କ୍ୱେସାଡାଙ୍କ ସହ ସୀମାପାର ଆତଙ୍କବାଦ ଦମନ ଏବଂ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### ଇମ୍ରାନଙ୍କୁ ଅଯୋଗ୍ୟ ଘୋଷଣା ଆବେଦନ ୧୧ରେ ଶୁଣାଣି



**ଲାହୋର,୯।୩(ପି.ଟି.):** ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କୁ ଅଯୋଗ୍ୟ ଘୋଷଣା କରିବା ପାଇଁ ହୋଇଥିବା ଆବେଦନର ଶୁଣାଣି ଲାହୋର ହାଇକୋର୍ଟରେ ଆସନ୍ତା ସୋମବାର ଅନୁଷ୍ଠିତ ହେବ। ଇମ୍ରାନ ସଚ୍ଚୋଟ ଏବଂ ନ୍ୟାୟ ପରାୟଣ ନୁହନ୍ତି। ସେ ୨୦୧୮ ନିର୍ବାଚନ ବେଳେ ଦାଖଲ କରିଥିବା ନାମାଙ୍କନପତ୍ରରେ ତଥ୍ୟ ଲୁଚାଇଥିବା ଅଭିଯୋଗ ହୋଇଛି। ସମ୍ବିଧାନର ଧାରା ୬୨ ଓ ୬୩ର ଉଲ୍ଲଂଘନ କରିଥିବାରୁ ତାଙ୍କୁ ଅଯୋଗ୍ୟ ଘୋଷଣା କରିବା ଲାଗି ହୋଇଥିବା ଆବେଦନକୁ ହାଇକୋର୍ଟ ଶୁଣାଣି ପାଇଁ ଶନିବାର ଗ୍ରହଣ କରିଛନ୍ତି। ଇମ୍ରାନ ତାଙ୍କ ପୂର୍ବତନ ପ୍ରେମିକାଙ୍କ ଝିଅ ତିରିଆନ ଜାଦେଖାନ୍ ହ୍ୱାଇଟଙ୍କ ପିତୃତ୍ୱ ସମ୍ପର୍କରେ ନାମାଙ୍କନପତ୍ରରେ ଉଲ୍ଲେଖ କରି ନାହାନ୍ତି। ତିରିଆନ ଇମ୍ରାନଙ୍କ ଝିଅ ବୋଲି ଅଭିଯୋଗ ହୋଇଥାଏ।

### କାର୍-ଟ୍ରକ୍ ଦୁର୍ଘଟଣା ପରିବାରର ୧୦ ମୃତ

**ରାମଗଡ଼,୯।୩(ପି.ଟି.):** ଝାଡ଼ଖଣ୍ଡର ରାମଗଡ଼ ଜିଲା ୩୩ ନମ୍ବର ଜାତୀୟ ରାଜପଥ ପେଙ୍କି ଗ୍ରାମ ନିକଟରେ ଶନିବାର କାର୍ ଓ ଟ୍ରକ୍ ମଧ୍ୟରେ ଧକ୍କାରେ ୧୦ଜଣଙ୍କ ଜୀବନ ଯାଇଛି। ମୃତକଙ୍କ ମଧ୍ୟରେ ୩ ମହିଳା, ୨ ଶିଶୁ ରହିଛନ୍ତି। ଏକ ମୁଣ୍ଡନ କାର୍ଯ୍ୟକ୍ରମରେ ଯୋଗଦେଇ ପରିବାର ଲୋକେ କାର୍‌ରେ ବିହାରର ଔରଙ୍ଗାବାଦ୍‌ରୁ ରାଞ୍ଚି ଫେରୁଥିଲାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। କୁଜୁ ଆଉଟ୍‌ପୋଷ୍ଟ ଇନ୍-ଚାର୍ଜ ଭାରତ ପାଶୱାନ ଗଣମାଧ୍ୟମକୁ ଏହା ଜଣାଇଛନ୍ତି।

### ଜଗଦୀଶ ମୁଖୀ ମିଜୋରାମ ରାଜ୍ୟପାଳ



**ଆଇଜ୍ୱାଲ,୯।୩ (ପି.ଟି.):** ମିଜୋରାମର ୧୯ତମ ରାଜ୍ୟପାଳ ଭାବେ ଜଗଦୀଶ ମୁଖୀ ଶନିବାର ଶପଥ ନେଇଛନ୍ତି। ମୁଖୀ ବର୍ତ୍ତମାନ ଆସାମର ରାଜ୍ୟପାଳ ରହିଛନ୍ତି। କୁମ୍ମାନମ୍ ରାଜଶେଖରନ୍‌ଙ୍କ ଇସ୍ତଫା ପରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ମିଜୋରାମର ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ରାଜଭବନରେ ଗୁଆହାଟୀ ହାଇକୋର୍ଟର ବିଚାରପତି ନେଲସନ ସାଇଲୋ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଗୁରୁବାର ରାଜଶେଖରନ୍ ଗଭର୍ଣ୍ଣର ପଦବୀରୁ ଇସ୍ତଫା ଦେଇଥିଲେ। ତାଙ୍କ ଇସ୍ତଫାପତ୍ର ରାଷ୍ଟ୍ରପତି ସ୍ୱୀକାର କରିବା ପରେ ରାଜ୍ୟପାଳ ନିଯୁକ୍ତି ଘୋଷଣା କରିଥିଲେ।

ଇତିହାସର ଆଇନାରେ

### ମାର୍ଚ୍ଚ ୧୦ର ପ୍ରମୁଖ ଘଟଣା

୧୯୭୭ ମାର୍ଚ୍ଚ ୧୦ରେ ଜ୍ୟୋତିର୍ବିଜ୍ଞାନୀମାନେ ୟୁରେନସ୍ ଗ୍ରହର ବଳୟ ଆବିଷ୍କାର କରିଥିଲେ। ସେମାନଙ୍କ ମଧ୍ୟରେ ଜେମ୍‌ସ ଏଲ୍. ଏଲିୟଟ୍, ଏଡୱାର୍ଡ ଡବ୍ଲ୍ୟୁ. ଡନହାମ୍ ଏବଂ ଜେସିକା ମିଙ୍କ ଅନ୍ୟତମ।

୨୦୦୬ ମାର୍ଚ୍ଚ ୧୦ରେ ମାର୍ସ ରିକନାଇସାନ୍ସ ଅର୍ବିଟର ମଙ୍ଗଳରେ ପହଞ୍ଚିଥିଲା। ଏହା ଏକ ବହୁମୁଖୀ ସ୍ପେସ୍‌କ୍ରାଫ୍ଟ। ଏହାର ଡିଜାଇନ୍ ଏପରି ପ୍ରସ୍ତୁତ କରାଯାଇଛି ଯାହା ମଙ୍ଗଳ ଗ୍ରହର ଅନୁସନ୍ଧାନ କରିବାକୁ ସମର୍ଥ ହୋଇପାରିବ। ୭୨୦ ନିୟୁତ ଆମେରିକୀୟ ଡଲାର ମୂଲ୍ୟର ଏହି ସ୍ପେସ୍‌କ୍ରାଫ୍ଟ ଜେଟ୍ ପ୍ରପଲସନ୍ ଲାବୋରେଟରିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ମାଣ ହୋଇଥିଲା।

ଫୁର୍‌ସତ

## ପଟିଆଲାରେ ବିବାହ କଲେ ପାକ୍ ଯୁବତୀ



**ପଟିଆଲା(ପଞ୍ଜାବ):** ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନାକୁ ଖାତିର କରିନାହାନ୍ତି ଜଣେ ପାକିସ୍ତାନୀ ଯୁବତୀ। ପାକିସ୍ତାନର ପଞ୍ଜାବ ପ୍ରଦେଶର ଏହି ଯୁବତୀ ସ୍ଥାନୀୟ ଅଞ୍ଚଳର ଜଣେ ଶିଖ୍ ଯୁବକଙ୍କୁ ଶନିବାର ବିବାହ କରିଛନ୍ତି। ପାକିସ୍ତାନୀ ଯୁବତୀ ସରଜିତ୍ ହରିୟାଣା ଅମ୍ବାଲା ଜିଲାର ପରମିନ୍ଦର ସିଂଙ୍କୁ ବିବାହ କରିଛନ୍ତି। ଚଣ୍ଡିଗଡଠାରୁ ପାଖାପାଖି ୮୦ କିଲୋମିଟର ଦୂର ପଟିଆଲାସ୍ଥିତ ଗୁରୁଦ୍ୱାର ଖେଲ୍ ସାହିବଠାରେ ଶିଖ୍ ପରମ୍ପରା ଅନୁଯାୟୀ ଉକ୍ତ ବିବାହ ଅନୁଷ୍ଠିତ ହୋଇଛି। ଗୁରୁଦ୍ୱାର ମୁଖ୍ୟଙ୍କ ଦ୍ୱାରା ଉକ୍ତ ଦମ୍ପତିକୁ ବିବାହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏ ସମ୍ପର୍କରେ ସରଜିତ୍ ଗଣମାଧ୍ୟମକୁ କହିଥିଲେ, ଏଠାରେ ବିବାହ କରି ସେ ବହୁତ ଖୁସି। ଉଭୟ ଦେଶର ଯୁବକଯୁବତୀ ବିବାହ କରିବା ଉଚିତ ହେବ ବୋଲି ସେ ପ୍ରକାଶ କରିଛନ୍ତି। ହିନ୍ଦୁ ସମ୍ପ୍ରଦାୟର ଏହି ଯୁବତୀ ପାକିସ୍ତାନର ସିଆଲ୍‌କୋଟ ଜିଲାରେ ବାସ କରନ୍ତି।

## ଗିନିଜ୍ ୱାର୍ଲଡ ରେକର୍ଡସରେ ଜାପାନର ବୟସ୍କା ମହିଳା



**ଟୋକିଓ:** ବିଶ୍ୱର ସବୁଠୁ ବୟସ୍କା ଜାପାନୀ ମହିଳାଙ୍କୁ ଗିନିଜ୍ ୱାର୍ଲଡ ରେକର୍ଡସ ଦ୍ୱାରା ସମ୍ମାନିତ କରାଯାଇଛି। ସେ ବୋର୍ଡ ଗେମ୍ ଅଥେଲୋ ଖେଳିବାକୁ ବେଶ୍ ପସନ୍ଦ କରନ୍ତି। କାନେ ଟାନାକା ନାମ୍ନୀ ଏହି ବୃଦ୍ଧାଙ୍କୁ ସବୁଠୁ ବୟସ୍କା ଭାବେ ସ୍ୱୀକୃତି ଦିଆଯାଇଛି। ଜାପାନର ଦକ୍ଷିଣ-ପଶ୍ଚିମ ନଗରୀ ଫୁକୁଓକାସ୍ଥିତ ଏକ ନର୍ସିଂହୋମ୍‌ରେ ଆୟୋଜିତ ଉତ୍ସବରେ ତାଙ୍କ ପରିବାର ସଦସ୍ୟ ଏବଂ ମେୟରଙ୍କ ଉପସ୍ଥିତିରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା।

ଟାନାକା ୧୯୦୩ ଜାନୁୟାରୀରେ ଜନ୍ମଗ୍ରହଣ କରିଥିଲେ। ୮ ଭାଇଭଉଣୀଙ୍କ ମଧ୍ୟରେ ସେ ଥିଲେ ସପ୍ତମ ସନ୍ତାନ। ୧୯୨୨ରେ ହାଇଡିଓ ଟାନାକାଙ୍କୁ ସେ ବିବାହ କରିଥିଲେ। ଉକ୍ତ ଦମ୍ପତିଙ୍କର ୪ ସନ୍ତାନ ଏବଂ ଏକ ପୋଷ୍ୟ ସନ୍ତାନ ଥିଲେ। ଟାନାକା ପ୍ରତିଦିନ ସକାଳ ୬ଟାରୁ ଶଯ୍ୟାତ୍ୟାଗ କରି ଗଣିତ କଷିବାକୁ ଭଲ ପାଆନ୍ତି। ଏହା ପୂର୍ବରୁ ସବୁଠୁ ବୟସ୍କା ଅନ୍ୟତମ ଜାପାନୀ ମହିଳା ଥିଲେ ଚିୟୋ ମିୟାକୋ। ସେ ୨୦୧୮ ଜୁଲାଇରେ ୧୧୭ ବର୍ଷ ବୟସରେ ପରଲୋକ ଗମନ କରିଥିଲେ। ମିୟାକୋଙ୍କ ପୂର୍ବରୁ ସବୁଠୁ ବୟସ୍କ ପୁରୁଷ ମଧ୍ୟ ଜଣେ ଜାପାନୀ ଥିଲେ। ବିଶ୍ୱରେ ଜାପାନୀମାନେ ଅଧିକ ବର୍ଷ ବଞ୍ଚିବା ସହିତ ବିଶ୍ୱ ବୟସ୍କ ତାଲିକାର ସର୍ବାଗ୍ରେ ରହି ଆସିଛନ୍ତି।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ଏବଂ ସର୍ବନିମ୍ନ ୨୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୭ | ୧୬.୮ |
| ଚାନ୍ଦବାଲି | ୩୩.୩ | ୧୯.୮ |
| କଟକ | ୩୩.୮ | ୨୦.୦ |
| ପାରାଦ୍ୱୀପ | ୨୯.୬ | ୨୧.୩ |
| ଭୁବନେଶ୍ୱର | ୩୫.୨ | ୨୦.୭ |
| ଗୋପାଳପୁର | ୩୦.୮ | ୨୨.୦ |
| ପୁରୀ | ୩୦.୬ | ୨୨.୫ |
| ଅନୁଗୋଳ | ୩୪.୭ | ୧୩.୬ |
| ବାରିପଦା | ୩୩.୦ | ୧୭.୦ |
| ଝାରସୁଗୁଡ଼ା | ୩୩.୫ | ୧୫.୫ |
| କେନ୍ଦୁଝର | ୩୧.୬ | ୧୪.୮ |
| ସମ୍ବଲପୁର | ୩୫.୦ | ୧୫.୮ |
| ସୁନ୍ଦରଗଡ଼ | ୩୨.୦ | ୧୪.୫ |
| ହୀରାକୁଦ | ୩୪.୧ | ୧୬.୬ |
| ତାଳଚେର | ୩୪.୨ | ୧୯.୫ |
| ଭବାନୀପାଟଣା | ୩୬.୮ | ୧୭.୫ |
| ବଲାଙ୍ଗୀର | ୩୫.୩ | ୧୬.୫ |
| କୋରାପୁଟ | ୩୨.୦ | ୧୭.୨ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୬.୦ |
| ମାଲକାନଗିରି | ୩୯.୦ | ୧୬.୫ |
| ସୋନପୁର | --- | ୧୭.୦ |
| ଦାରିଙ୍ଗିବାଡ଼ି | ୩୨.୫ | ୧୭.୦ |

ଡିଗ୍ରୀ ସେଲ୍‌ସିୟସ୍

## ଆକାଶ-ଶ୍ଲୋକାଙ୍କ ବାହାଘର

**ମୁମ୍ବାଇ:** ଆକାଶ ଅମ୍ବାନୀ ଏବଂ ଶ୍ଲୋକା ମେହେଟାଙ୍କ ହାଇ ପ୍ରୋଫାଇଲ ବିବାହ ଉତ୍ସବ ମୁମ୍ବାଇରେ ଆୟୋଜିତ ହୋଇଛି। ସଂଗୀତର ତାଳେ ତାଳେ ରଙ୍ଗବେରଙ୍ଗର ଝରଣାର ଫୁଆର ଓ ନୃତ୍ୟ ପ୍ରଦର୍ଶନ ଜନମନ ହରଣ କରୁଛି। ଭଗବାନ କୃଷ୍ଣ, ରାଧା ଓ ଗୋପୀଙ୍କ ରାସଲୀଳାର କଥାବସ୍ତୁ ଉପରେ ଆଧାରିତ ସଂଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ ହୋଇଛି। ରବିବାର ହେବାକୁ ଥିବା ନୃତ୍ୟ-ସଂଗୀତ କାର୍ଯ୍ୟକ୍ରମରେ ଦେଶବିଦେଶରୁ ୧୫୦ କଳାକାର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବିବାହ ଉତ୍ସବ ବାନ୍ଦ୍ରା-କୁର୍ଲା କମ୍ପ୍ଲେକ୍ସର ଜିଓ ୱାର୍ଲଡ ସେଣ୍ଟରରେ ଅନୁଷ୍ଠିତ ହେଉଛି।

ଜାତିସଂଘର ପୂର୍ବତନ ମହାସଚିବ ବାନ୍ କି-ମୁନ୍, ବ୍ରିଟେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାର ଓ ତାଙ୍କ ସ୍ତ୍ରୀ ଚେରି ବ୍ଲେୟାର, ଗୁଗଲ୍ ସିଇଓ ସୁନ୍ଦର ପିଚାଇ, ମାଇକ୍ରୋସଫ୍ଟ ସିଇଓ ସତ୍ୟ ନାଡେଲା ଏବଂ ବିଶିଷ୍ଟ ରାଜନେତା ଓ ବଲିଉଡ୍ କଳାକାର ଉକ୍ତ ହାଇ ପ୍ରୋଫାଇଲ୍ ବିଭାଘର ଉତ୍ସବରେ ଯୋଗ ଦେଇଛନ୍ତି। କ୍ରିକେଟର ସଚିନ୍ ତେନ୍ଦୁଲକର, ସ୍ତ୍ରୀ ଅଞ୍ଜଳି ଏବଂ ବଲିଉଡ୍ ଷ୍ଟାର ଆମିର ଖାନ୍ ଏବଂ ତାଙ୍କ ସ୍ତ୍ରୀ କିରନ୍ ରାଓ ଅତିଥିଙ୍କ ଗହଣରେ ଅଛନ୍ତି।



ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଚେୟାରମ୍ୟାନ୍ ମୁକେଶ ଅମ୍ବାନୀଙ୍କ ପୁତ୍ର ଆକାଶ ତାଙ୍କ ବାଲ୍ୟବାନ୍ଧବୀ ତଥା ବିଶିଷ୍ଟ ହୀରା ବ୍ୟବସାୟୀ ରସେଲ ମେହେଟା ଓ ମୋନାଙ୍କ କନ୍ୟା ଶ୍ଲୋକା ମେହେଟାଙ୍କୁ ବିବାହ କରୁଛନ୍ତି। ଆକାଶଙ୍କ ଭଉଣୀ ଏବଂ ତାଙ୍କ ସ୍ୱାମୀ ଆନନ୍ଦ ପିରାମଲଙ୍କ ସମେତ ପିରାମଲ ଗ୍ରୁପ୍ ଚେୟାରମ୍ୟାନ ଅଜୟ ପିରାମଲ ଏବଂ ତାଙ୍କ ସ୍ତ୍ରୀ ସ୍ୱାତୀ ଅତିଥିଙ୍କ ଗହଣରେ ଅଛନ୍ତି।

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..........................


ବିରାଜ୍
ପରିବାରବର୍ଗ


ଆଦିତ୍ୟ
ପରିବାରବର୍ଗ


ତନ୍ମୟ
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମେଡିକାଲରୁ ଚୋରି ନବଜାତ ଶିଶୁପୁତ୍ର ଉଦ୍ଧାର: ୨ ଗିରଫ

**ବଲାଙ୍ଗୀର ଅଫିସ,୯।୩**

ବଲାଙ୍ଗୀର ଜିଲା ପାଟଣାଗଡ ଉପଖଣ୍ଡ ଡାକ୍ତରଖାନାରୁ ମା' କୋଳରୁ ଚୋରି ହୋଇଥିବା ନବଜାତ ଶିଶୁପୁତ୍ରକୁ ଘଟଣାର ୩ ଦିନ ପରେ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରିଛି ପୋଲିସ । ଉଦ୍ଧାର ଶିଶୁକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଚୋରି ଅଭିଯୋଗରେ ଦମ୍ପତିଙ୍କୁ ଗିରଫ କରି ଘଟଣାର ତଦନ୍ତ ଆରମ୍ଭ କରିଛି ବଲାଙ୍ଗୀର ପୋଲିସ । ଉଦ୍ଧାର ଶିଶୁର ସ୍ୱାସ୍ଥ୍ୟ ଅବସ୍ଥା ଠିକ ନ ଥିବାରୁ ତାକୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ଅଭିଯୁକ୍ତ ଦମ୍ପତି ହେଲେ କଳାହାଣ୍ଡି ଜିଲା କେଗାଁ ଅଞ୍ଚଳର ସବିତା ସାହୁ ଓ ତାଙ୍କ ସ୍ୱାମୀ ଶୁକଦେବ ସାହୁ । ଅଭିଯୁକ୍ତ ଦମ୍ପତିଙ୍କୁ ପୋଲିସ ଅଧିକ ତଦନ୍ତ ପାଇଁ ରଖିଥିବା ଯୋଗୁ କ୍ୟାମେରା ସାମ୍ନାକୁ ଆଣିବାକୁ ମନା କରିଛି। ଶନିବାର ଅପରାହ୍ଣରେ ବଲାଙ୍ଗୀରରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍‌ପି କେ.ଶିବା ସୁବ୍ରମଣି।

ପାଟଣାଗଡ ଉପଖଣ୍ଡ ସରକାରୀ ଡାକ୍ତରଖାନାର ସ୍ତ୍ରୀ ଓ ପ୍ରସୂତି ବିଭାଗରୁ ଗତ ୬ ତାରିଖ ଜୟନ୍ତୀ ତାଣ୍ଡି ନାମକ ଜଣେ ପ୍ରସୂତିଙ୍କ ୩ଦିନର ଶିଶୁ ପୁତ୍ରକୁ କେହି ଚୋରାଇ ନେଇଥିବା ଅଭିଯୋଗ ହୋଇଥିଲା। ତଦନ୍ତ ସମୟରେ ପୋଲିସକୁ ମିଳିଥିବା ସିସି ଟିଭି ଫୁଟେଜରୁ ଏକ ବାଇକ ନମ୍ବରକୁ ଆଧାର କରି ଅଭିଯୁକ୍ତଙ୍କ ପାଖରେ ପୋଲିସ ପହଞ୍ଚିଥିଲା। ଶନିବାର ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ଅନ୍ତର୍ଗତ ଗରସରା ଗାଁରେ ଚଢାଉ କରି ସବିତା ସାହୁ ଓ ତାଙ୍କ ସ୍ୱାମୀ ଶୁକଦେବ ସାହୁଙ୍କୁ ପୋଲିସ ଠାବ କରିଥିଲା। ପଚରାଉଚରା ବେଳେ ଅଭିଯୁକ୍ତ ଦମ୍ପତିଙ୍କର ଗୋଟିଏ ଅଢେଇ ବର୍ଷର ଝିଅ ଥିବା ଜଣାପଡିଥିଲା। ଉଭୟେ ଏକ ପୁତ୍ର ସନ୍ତାନ ପାଇବାକୁ ଇଚ୍ଛା କରିଥିଲେ। ତେବେ ସବିତାଙ୍କର ଅନେକ ଥର ଗର୍ଭପାତ ହୋଇଥିବାରୁ ପୁତ୍ର ସନ୍ତାନ ଇଚ୍ଛା ପୂରଣ ହୋଇପାରି ନ ଥିଲା। ଫଳରେ ସେମାନେ କୌଣସିମତେ ଏକ ଶିଶୁପୁତ୍ର ହାସଲ କରିବାକୁ ସ୍ଥିର କରିଥିଲେ। ପ୍ରକାଶ ଯେ, ନବଜାତ ଶିଶୁ ପୁତ୍ର ଚୋରି ପରେ ପାଟଣାଗଡରେ ଚାପା ଉତ୍ତେଜନା ଦେଖା ଦେଇଥିଲା। ଉତ୍ୟକ୍ତ ଲୋକେ ବଲାଙ୍ଗୀର-ପାଟଣାଗଡ ମୁଖ୍ୟରାସ୍ତା ଅବରୋଧ କରିଥିଲେ। ସ୍ଥାନୀୟ ପୋଲିସ ଘଟଣାର ସମାଧାନ କରିବା ପରିବର୍ତ୍ତେ ନିଖୋଜ ଶିଶୁର ବାପା ଓ କାକାଙ୍କୁ ନିସ୍ତୁକ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଏଥିରେ ଶିଶୁର ବାପା ଲହୁଲୁହାଣ ହୋଇ ପାଟଣାଗଡ଼ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏହି ଘଟଣାରେ ଜଣେ ଏଏସ୍‌ଆଇଙ୍କୁ ନିଲମ୍ବନ କରାଯାଇଥିଲା।

# ୟୁପିରେ ବିକ୍ରି ନାବାଳିକା ଉଦ୍ଧାର

- ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଗିରଫ, ଅନ୍ୟ ଜଣେ ଫେରାର
- ୫୨ ରୁ ୬୦ହଜାର ଟଙ୍କାରେ ବିବାହ ପାଇଁ ବିକ୍ରି ହୋଇଥିଲା


ଖବରଦାତା ସମ୍ମିଳନୀରେ ସୁନ୍ଦରଗଡ଼ ଏସ୍‌ପି ସୌମ୍ୟା ମିଶ୍ରା।

**ସୁନ୍ଦରଗଡ଼, ୯।୩ (ଡି.ଏନ୍.ଏ.)**

ଆଦିବାସୀ ବହୁଳ ସୁନ୍ଦରଗଡ ଜିଲାରୁ ନିଯୁକ୍ତି ପ୍ରଲୋଭନ ଦେଖାଇ ନାବାଳିକା, ଯୁବତୀ ଚାଲାଣ ଘଟଣା ବୃଦ୍ଧି ପାଉଛି। ଜିଲାର ଲେଫ୍ରିପଡା ଥାନା ଅଞ୍ଚଳରୁ ଗତ ଫେବୃୟାରୀରେ ଜଣୈକା ନାବାଳିକାଙ୍କୁ ଉତ୍ତରପ୍ରଦେଶ (ୟୁପି)ର ମୁଜାଫରନଗର ଅଞ୍ଚଳରେ ବିକ୍ରି କରାଯାଇଥିବା ଘଟଣାରେ ସୁନ୍ଦରଗଡ ପୋଲିସ ଶନିବାର ୩ଜଣଙ୍କୁ ଗିରଫ କରିଛି। ବିକ୍ରି ହୋଇଥିବା ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ଶନିବାର ସନ୍ଧ୍ୟାରେ ସୁନ୍ଦରଗଡ ଏସ୍‌ପି ସୌମ୍ୟା ମିଶ୍ରା ଜିଲା ପୋଲିସ ମୁଖ୍ୟାଳୟଠାରେ ଖବରଦାତା ସମ୍ମିଳନୀରେ ଏସମ୍ପର୍କରେ ସୂଚନା ଦେଇଛନ୍ତି।

ଏସ୍‌ପିଙ୍କ ସୂଚନା ମୁତାବକ ନାବାଳିକାଙ୍କ ନିଖୋଜ ସମ୍ପର୍କରେ ତାଙ୍କର ମାତାପିତା ଲେଫ୍ରିପଡା ଥାନାରେ ରିପୋର୍ଟ କରିଥିଲେ। ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ଏହି ନାବାଳିକାଙ୍କୁ ତାଙ୍କର ଜଣେ ସମ୍ପର୍କୀୟଙ୍କ ସହାୟତାରେ ହେମଗିର ଥାନା ଗୋପାଳପୁରରେ ରହୁଥିବା ଉତ୍ତରପ୍ରଦେଶ ମୁଜାଫରନଗର ଅଞ୍ଚଳର ଦମ୍ପତିଙ୍କ ନିକଟରେ କାମ କରିବା ପାଇଁ ରଖାଯାଇଥିଲା। ଏହା ପରେ ଏହି ଦମ୍ପତି ନାବାଳିକାଙ୍କୁ ଉତ୍ତରପ୍ରଦେଶର ମୁଜାଫରନଗର ଜିଲା ସାହାପୁର ଥାନା କଦକୀ ଗ୍ରାମରେ ବିକ୍ରି କରିଥିବା ଜଣାପଡିଥିଲା। ଏହା ପରେ ଏସଆଇ ଲକ୍ଷ୍ମୀକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ମୁଜାଫରନଗର ଯାଇ ଏହି ନାବାଳିକାଙ୍କୁ ଗତ ୨୭ ତାରିଖରେ ଉଦ୍ଧାର କରି ସୁନ୍ଦରଗଡ ଆଣିଥିଲେ। ତାଙ୍କୁ କାଉନ୍‌ସେଲିଂ ପରେ ତାଙ୍କର ଜଣେ ସମ୍ପର୍କୀୟଙ୍କ ସହାୟତାରେ ଏହି ଦମ୍ପତି ମୁଜାଫରନଗରର ଜଣେ ବ୍ୟକ୍ତିଙ୍କୁ ବିବାହ ପାଇଁ ୫୨ ରୁ ୬୦ହଜାର ଟଙ୍କା ମଧ୍ୟରେ ବିକ୍ରି କରିଥିବା ଜଣାପଡିଥିଲା। ଏହା ପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ କ୍ରାଇମ ଡିଏସ୍‌ପି ପ୍ରଭାତ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ସୁନ୍ଦରଗଡ ପୋଲିସ ଏହି ଦମ୍ପତିଙ୍କୁ ଧରିବା ପାଇଁ ମୁଜାଫରନଗର ଜିଲା କଦକୀ ଗ୍ରାମରେ ଚଢାଉ କରିଥିଲା। ପରେ ଛତିଶଗଡ଼ ଜିଲା ଚକ୍ରଧରନଗର କଟୁଆଲି ଅଞ୍ଚଳରୁ ଦମ୍ପତି ଚୌଧୁରୀ ପୁଷ୍ପେନ୍ଦ୍ର ସିଂ (୩୬) ଓ ତାଙ୍କ ସ୍ତ୍ରୀ ବିମଳା ଚୌଧୁରୀ (୨୮)ଙ୍କୁ ଗିରଫ କରିଥିଲା। ପରେ ସୁନ୍ଦରଗଡ ଟାଉନଥାନା ଅଞ୍ଚଳରେ ରହୁଥିବା ନାବାଳିକାଙ୍କ ସମ୍ପର୍କୀୟା ପଞ୍ଚମୀ କମାର (୪୮)ଙ୍କୁ ଗିରଫ କରାଯାଇଥିଲା। ଗିରଫ ଏହି ୩ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଥିବା ବେଳେ ମୁଜାଫରନଗରରେ ନାବାଳିକାକୁ ବିବାହ ପାଇଁ କିଣିଥିବା ଅଭିଯୁକ୍ତଙ୍କୁ ଗିରଫ ପାଇଁ ସୁନ୍ଦରଗଡ ପୋଲିସର ସ୍ୱତନ୍ତ୍ର ଟିମ୍ ଉଦ୍ୟମ ଜାରି ରଖିଥିବା ଏସ୍‌ପି ପ୍ରକାଶ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଡିଏସ୍‌ପି କ୍ରାଇମ୍ ପ୍ରଭାତ କୁମାର ବିଶ୍ୱାଳ, ଲେଫ୍ରିପଡା ଥାନା ଅଧିକାରୀ ଦାୟିତ୍ୱରେ ଥିବା ଡିଏସପି ଜ୍ୟୋତ୍ସ୍ନା ପ୍ରଧାନ, ଟାଉନଥାନା ସବଇନ୍‌ସ୍ପେକ୍ଟର ଲକ୍ଷ୍ମୀକାନ୍ତ ପ୍ରଧାନ ଉପସ୍ଥିତ ଥିଲେ।

# ବନ୍ଧୁକ ସହ ଧରାହେଲେ ନବମଶ୍ରେଣୀ ଛାତ୍ର

**ବିରଜାକ୍ଷେତ୍ର,୯।୩(ଡି.ଏନ୍.ଏ)**

ଯାଜପୁର ଥାନା ପୋଲିସ ଜଣେ ନାବାଳକଙ୍କୁ ମୋବାଇଲ ଚୋରି ଉଦ୍ୟମ ଅଭିଯୋଗରେ ଶନିବାର ଯାଜପୁରସ୍ଥିତ ପ୍ରିନ୍‌ସିପାଲ୍ ମାଜିଷ୍ଟ୍ରେଟ୍ ଜୁଭେନାଇଲ ବୋର୍ଡ ନିକଟରେ ହାଜର କରିଥିଲା। ପରେ ତାଙ୍କୁ ଅନୁଗୁଳସ୍ଥିତ ବାଳ ସ୍ୱଧାର ଗୃହକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି। ଏହି ଘଟଣାରେ ପୋଲିସ ଉକ୍ତ ନାବାଳକଙ୍କଠାରୁ ଏକ ଦେଶୀ ବନ୍ଧୁକ ଜବତ କରିଛି। ନାବାଳକ ଜଣକ ଯାଜପୁରସ୍ଥିତ ଏକ ବିଦ୍ୟାଳୟରେ ନବମ ଶ୍ରେଣୀରେ ପାଠ ପଢୁଥିବାବେଳେ ତାଙ୍କ ମା' ଓ ବାପା ଭୁବନେଶ୍ୱରରେ ବ୍ୟବସାୟ କରୁଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଗତ ୭ତାରିଖ ସନ୍ଧ୍ୟାରେ ନାବାଳକ ଓ ଅନ୍ୟ ଜଣେ ଯୁବକ ବାଇକ୍‌ରେ ବିରଜା ରିଙ୍ଗ୍ ବନ୍ଧରେ ବଲ୍ଲଭିଘାଟ ଆଡୁ ଟାଉନ ଅଭିମୁଖେ ଆସୁଥିଲେ। ରାସ୍ତାରେ ଭଣ୍ଡାରିପୋଖରୀ ଥାନା ବଡ଼ନପଙ୍ଗ ଗ୍ରାମର ମଣିଭଦ୍ର ନାୟକ ସେହି ରାସ୍ତାରେ ମୋବାଇଲରେ କଥାହୋଇ ଯାଉଥିବାବେଳେ ପଛରେ ବସିଥିବା ଯୁବକ ମଣିଭଦ୍ରଙ୍କଠାରୁ ମୋବାଇଲ ଛଡ଼ାଇ ନେଇଥିଲେ। ଏହି ସମୟରେ ଜଣେ ଯୁବକ ପିନ୍ଧିଥିବା ଜ୍ୟାକେଟ୍‌କୁ ଟାଣି ଧରିବାରୁ ଉଭୟ ପଡ଼ିଯାଇଥିଲେ। ଭିଡ଼ ହେବା ପୂର୍ବରୁ ଅନ୍ୟ ସାଥୀ ବାଇକ ନେଇ ଫେରାର ହୋଇଯାଇଥିଲେ।



ମଣିଭଦ୍ର ଯାଜପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୫୧/୧୯) ରୁଜୁ କରିଥିଲା। ଥାନାଧିକାରୀ ଆଶିଷ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ପି.ଏନ୍. ସେଠୀ, ହାବିଲଦାର କଳ୍ପତରୁ ସାହୁ, ପ୍ଲାଟୁନ କମାଣ୍ଡର ଉମାକାନ୍ତ ରାଉତ ପ୍ରମୁଖ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ବଡ଼ସୁଆର ପଞ୍ଚାୟତ ବନ୍ଧମୁଣ୍ଡା ଗ୍ରାମସ୍ଥିତ ନାବାଳକଙ୍କ ଘରେ ଚଢ଼ାଉ କରି ତାଙ୍କୁ ଥାନାକୁ ଆଣିବା ସହ ତାଙ୍କଠାରୁ ଏକ ଦେଶୀ ବନ୍ଧୁକ ଜବତ କରିଥିଲେ। ସମ୍ପୃକ୍ତ ନାବାଳକ ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳରେ ବହୁ ଅପରାଧରେ ସମ୍ପୃକ୍ତ ଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

## ନବନିଯୁକ୍ତ ଡାକ୍ତରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

# ନିଷ୍ଠାର ସହ କର୍ତ୍ତବ୍ୟ ପାଳନ କର

ଭୁବନେଶ୍ୱର,୯।୩(ବ୍ୟୁରୋ)-ନିଷ୍ଠାର ସହ କର୍ତ୍ତବ୍ୟ ପାଳନ କର। ରାଜ୍ୟରେ ଜଣେ କେହି ଯେପରି ଉପଯୁକ୍ତ ସେବା ପାଇବାରୁ ବଞ୍ଚିତ ନ ହେବେ ସେଥିପ୍ରତି ଯତ୍ନବାନ ହୁଅ। ନବନିଯୁକ୍ତ ଡାକ୍ତରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଭଳି ପରାମର୍ଶ ଦେଇଛନ୍ତି। ଶନିବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ୧୫୬୦ ଡାକ୍ତରଙ୍କୁ ସମ୍ବର୍ଦ୍ଧିତ କରିବା ସହ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ଗତ ଦୁଇ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ଡାକ୍ତରଖାନା ପାଇଁ ମୁଖ୍ୟମନ୍ତ୍ରୀ ଉକ୍ତ ଡାକ୍ତରମାନଙ୍କ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏତେ ସଂଖ୍ୟକ ଡାକ୍ତରଙ୍କୁ ନିଯୁକ୍ତି ଦେଇଥିବାରୁ ଆତ୍ମସନ୍ତୋଷ ମିଳିଛି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହା ଏକ ଐତିହାସିକ ପଦକ୍ଷେପ। ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଲାଗି କଠିନ ପରିଶ୍ରମ କରିବାକୁ ମୁଖ୍ୟମନ୍ତ୍ରୀ ଡାକ୍ତରମାନଙ୍କୁ ପରାମର୍ଶ ଦେଇଛନ୍ତି। ସ୍ୱାସ୍ଥ୍ୟ ସଚିବ ପ୍ରମୋଦ ମେହେର୍ଦ୍ଧା କହିଛନ୍ତି ଯେ ଏହି ନିଯୁକ୍ତି ଦ୍ୱାରା ରାଜ୍ୟରେ ଡାକ୍ତରମାନଙ୍କ ସଂଖ୍ୟା ୬୩୨୯ରେ ପହଞ୍ଚିଛି। ରାଜ୍ୟରେ ଆବଶ୍ୟକ ହେଉଥିବା ଡାକ୍ତରଙ୍କର ଏହା ହେଉଛି ୯୪ ପ୍ରତିଶତ। ନିକଟରେ ଡାକ୍ତରମାନଙ୍କ ବହୁଦିନର ଦାବି ମେଡିକାଲ ସର୍ଭିସ କ୍ୟାଡର ପୁନର୍ଗଠନ କରିବା ସହ ରାଜ୍ୟ ସରକାର ଦାବି ପୂରଣ କରିଥିବାରୁ ଡାକ୍ତରମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ବୈଠକରେ ଉନ୍ନୟନ କମିଶନର ଅସିତ ତ୍ରିପାଠୀ, ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୧,୦୦୦ କେଜି ବିସ୍ଫୋରକ ଜବତ

**ବାଲେଶ୍ୱରରୁ ପଶ୍ଚିମବଙ୍ଗ ଚାଲାଣ ହେଉଥିଲା: ୨ ଗିରଫ**

**ବସ୍ତା/ରୂପ୍‌ସା, ୯।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅଞ୍ଚଳରୁ ଏକ ଟ୍ରକ ଯୋଗେ ଚାଲାଣ ହେଉଥିବା ପ୍ରାୟ ୧୦ କୁଇଣ୍ଟାଲ ବିସ୍ଫୋରକ ସାମଗ୍ରୀକୁ ପଶ୍ଚିମବଙ୍ଗ ପୋଲିସ ଜବତ କରିଛି। ଶୁକ୍ରବାର ରାତି ୯ଟା ବେଳେ ଓଡ଼ିଶା ସୀମାଠାରୁ ଅନତି ଦୂର ୧୬ ନମ୍ବର ଜାତୀୟ ରାଜପଥ ଜାନ୍ତୁନ ନିକଟସ୍ଥ ଅଞ୍ଚଳରେ ପୋଲିସ ଚଢାଉ କରି ବିସ୍ଫୋରକ ସାମଗ୍ରୀ ବୋଝେଇ ଟ୍ରକ ଧରିବା ସହ ଏହାର ଡ୍ରାଇଭର ଓ ଅନ୍ୟ ଜଣେ ସହଯୋଗୀଙ୍କୁ ଗିରଫ କରିଛି। ଏହି ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ କେଉଁଠାରୁ କେଉଁ ସ୍ଥାନକୁ ଚାଲାଣ ହେଉଥିଲା ତାହା ସ୍ପଷ୍ଟ ହୋଇନାହିଁ।

ପୋଲିସ ସୂଚନା ଅନୁଯାୟୀ ଶୁକ୍ରବାର ଅପରାହ୍ଣରେ ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅଧୀନ ବାମଡ଼ା ଗ୍ରାମରୁ ବିସ୍ଫୋରକ ସାମଗ୍ରୀ ବୋଝେଇ ଟ୍ରକ ପଶ୍ଚିମବଙ୍ଗ ଅଭିମୁଖେ ବାହାରିଥିଲା। ଦାନ୍ତୁନଠାରୁ ୧୨ କି.ମି. ଦୂର ତୁର୍କା ଗ୍ରାମ ନିକଟବର୍ତ୍ତୀ ଅଞ୍ଚଳକୁ ଏହି ସାମଗ୍ରୀ ନିଆଯାଉଥିଲା ବୋଲି ଟ୍ରକ ଚାଳକ ସୂଚନା ଦେଇଥିବା କଥା ପୋଲିସ କହିଛି। ବିସ୍ଫୋରକ ସାମଗ୍ରୀ ଚାଲାଣ ଉପରେ କଡା କଟକଣା ଥିବା ସତ୍ତ୍ୱେ ଏହା ଓଡ଼ିଶା-ପଶ୍ଚିମବଙ୍ଗ ସୀମା ଚେକ୍‌ଗେଟ୍ କିପରି ପାରି ହୋଇଗଲା ତାହା ସନ୍ଦେହର କାରଣ ହୋଇଛି। ପଶ୍ଚିମବଙ୍ଗ ପୋଲିସ ଗିରଫ ଡ୍ରାଇଭର ଓ ତାଙ୍କ ସହଯୋଗୀଙ୍କୁ ପଚରାଉଚୁରା ଚଳାଇଥିଲେ ମଧ୍ୟ ସବିଶେଷ ତଥ୍ୟ ଦେଇନାହିଁ। ବାଣ ତିଆରିରେ ଲାଗୁଥିବା ବାରୁଦ ଟ୍ରକରେ ନିଆଯାଇଥିବା ଚର୍ଚ୍ଚା ହେଉଛି।

ପଶ୍ଚିମବଙ୍ଗ ପୋଲିସ ସୂଚନା ଅନୁଯାୟୀ ଜବତ ବିସ୍ଫୋରକ ବୋଝେଇ ଟ୍ରକର ମାଲିକ ହେଲେ ରୂପସା ଅଞ୍ଚଳର ତପନ ମହାପାତ୍ର । ଟ୍ରକ ଚାଳକ ଇନ୍ଦ୍ରଜିତ୍‌ଙ୍କ ଘର ବସ୍ତା ଥାନା ଅଞ୍ଚଳରେ। ତାଙ୍କ ସହଯୋଗୀ ପଦ୍ମଲୋଚନଙ୍କ ଘର ମଥାନୀ ଗ୍ରାମରେ। ଘଟଣା ସମ୍ପର୍କରେ ଟ୍ରକ ମାଲିକଙ୍କ ସହ ଯୋଗାଯୋଗ କରାଯିବାରୁ ସେଥିରେ ବିସ୍ଫୋରକ ସାମଗ୍ରୀ ନୁହେଁ, ସର୍ଫ ବୋଝେଇ ହୋଇ ଯାଉଥିଲା ବୋଲି କହିଛନ୍ତି। କିନ୍ତୁ ଟ୍ରକ ଚାଳକ ବାରୁଦ ଚାଲାଣ କଥା ସ୍ୱୀକାର କରିବା ସହ ଏହାର କାଗଜପତ୍ର ରହିଥିବା ପଶ୍ଚିମବଙ୍ଗ ପୋଲିସକୁ କୁଆଡେ ସୂଚନା ଦେଇଛନ୍ତି। ଏଭଳି ପରିସ୍ଥିତିରେ ଚୋରା ବିସ୍ଫୋରକ ସାମଗ୍ରୀ ଚାଲାଣ ପଛରେ କାହାର ହାତ ଅଛି ତାହା ରହସ୍ୟ ଘେରରେ ରହିଛି। ଚାଳକଙ୍କ ସହଯୋଗୀ କୁହାଯାଉଥିବା ପଦ୍ମଲୋଚନ ଏକ ଘରୋଇ ଫାଇନାନ୍ସ କମ୍ପାନୀରେ କାମ କରୁଥିବା ତାଙ୍କ ପରିବାରବର୍ଗ ପ୍ରକାଶ କରିଛନ୍ତି। ଟ୍ରକ ଚାଳକ ଇନ୍ଦ୍ରଜିତ ଶୁକ୍ରବାର ଟ୍ରକ ନେଇ ଯିବା ବେଳେ ତାଙ୍କୁ ସାଥୀରେ ଡାକି ନେଇଯାଇଥଲେ। ସ୍ଥାନୀୟ ବସ୍ତା ଥାନା ଆଇଆଇସି ଧନେଶ୍ୱର ସାହୁ, ରୂପ୍‌ସା ଥାନା ଓଆଇସି ସୁଚିନ୍ଦ୍ର ମହାଳିକ ଓ ଏସ୍‌ଡିପିଓ ରଣଜିତ ପୃଷ୍ଟିଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେମାନେ କିଛି ଜାଣିନାହାନ୍ତି ବୋଲି କହିଛନ୍ତି।


ଜବତ ବିସ୍ଫୋରକ ସାମଗ୍ରୀ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଚନ୍ଦ୍ର ମଙ୍ଗଳ ଯୋଗ ଆପଣଙ୍କ ଆଶା ଓ ଅଭିଳାଷକୁ ସମ୍ପୂର୍ଣ୍ଣ କରିବାରେ ସାହାଯ୍ୟ କରିବ। ସ୍ୱାସ୍ଥ୍ୟ, ପରିବାର, ବାଣିଜ୍ୟ, ବ୍ୟବସାୟ, ଯାତ୍ରା ଓ ନୂତନ କର୍ମାରମ୍ଭ ସକାଶେ ଦିନଟି ଖୁବ୍ ଭଲ। ନୂତନ ଯୋଜନା, ଅର୍ଥନୈତିକ ଆଲୋଚନା, ମନୋରଞ୍ଜନ କାର୍ଯ୍ୟକ୍ରମାଦି କ୍ଷେତ୍ରରେ ସାମାନ୍ୟ ଗଡ୍‌ବଡ୍ ହୋଇପାରେ।

**ବୃଷ**
ଚନ୍ଦ୍ର ଓ ବୃହସ୍ପତିଙ୍କ ଷଡ଼ାଷ୍ଟକ ସ୍ଥିତି କାରଣରୁ ନିଜର ଅତି ବିଶ୍ୱସ୍ତ ଲୋକଟି ଆପଣଙ୍କ ବିପକ୍ଷରେ ଯାଇପାରେ। କୌଣସି କାର୍ଯ୍ୟ ସହଜ କିମ୍ବା ଶୃଙ୍ଖଳିତ ଭାବରେ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ। କାର୍ଯ୍ୟ ହାସଲ ପରିପ୍ରେକ୍ଷୀରେ ଅନ୍ୟମାନଙ୍କୁ ମନେଇବାକୁ ବିଭିନ୍ନ ପ୍ରକାର ଚେଷ୍ଟା କରି କିଛି ମାତ୍ରାରେ ସଫଳ ହୋଇପାରନ୍ତି।

**ମିଥୁନ**
ଚତୁର୍ଥକେନ୍ଦ୍ରାଧିପ ସ୍ୱଗୃହକୁ ଅବଲୋକନ କରୁଥିବାରୁ ସଭାସମିତି, ବନ୍ଧୁ ସମ୍ପର୍କ, ପାରିବାରିକ ସୌହାର୍ଦ୍ଦ୍ୟ ଅକ୍ଷୁଣ୍ଣ ରହିବ। କିନ୍ତୁ ଆରଦ୍ରା ନକ୍ଷତ୍ର ସକାଶେ କେତେକ ପ୍ରତିବନ୍ଧକଜନିତ ଅଟକିଥିବା କାମ ପାଇଁ ଅନୁତାପ କରିପାରନ୍ତି। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ଘର ସାଜସଜ୍ଜା ସାଙ୍ଗକୁ ବକେୟା କର୍ମ ସମାପନ ସକାଶେ ବ୍ୟସ୍ତ ରହିବେ।

**କର୍କଟ**
କର୍ମସ୍ଥାନରେ ଶୁଭ ସମ୍ପର୍କ ଆପଣଙ୍କ କାମରେ, ଚିନ୍ତାଧାରା, ଅନୁକୂଳ ବାତାବରଣ ସୃଷ୍ଟି କରିବ। ଆପଣ ଯାହା ଓ ଯେପରି ଭାବୁଛନ୍ତି ତାହା ହିଁ ହେବ ଓ ପାଇବେ ମଧ୍ୟ, କିନ୍ତୁ ପରିଣତ ସମୟକୁ ଅପେକ୍ଷା କରିବାକୁ ପଡ଼ିପାରେ। ଅଶ୍ଳେଷା ନକ୍ଷତ୍ର ଅନ୍ୟଦ୍ୱାରା ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି।

**ସିଂହ**
ସ୍ୱଗୃହରେ ଭାଗ୍ୟାଧିପ ବନ୍ଧୁ ପରିଜନଙ୍କ ସହାୟତାରେ କାମ ହାସଲ କରାଇବ। ପାରିବାରିକ ସମସ୍ୟାର ସରଳ ସମାଧାନ ସକାଶେ ଆପଣଙ୍କ ଚେଷ୍ଟା ବ୍ୟର୍ଥ ହେବନାହିଁ। ଜମିଜମା କିଣାବିକା ବାବଦରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବା ସହ ରାଜନୀତିରେ ଗଠନମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ।

**କନ୍ୟା**
ଅଷ୍ଟମାଧିପତି ସ୍ୱଗୃହରେ ଲାଭାଧିପତିଙ୍କ ସାଙ୍ଗରେ ରହିଥିବାରୁ ଯାହା ପାଇବା ସକାଶେ ଆଶା ବାନ୍ଧି ବସିଛନ୍ତି ତାହା ହରାଇପାରନ୍ତି। ବିବାଦୀୟ ପରିସ୍ଥିତି କ୍ରମଶଃ ଜଟିଳାକାର ଗ୍ରହଣ କରିବାର ଆଶଙ୍କା ରହିଛି। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ଅଥବା ବନ୍ଧୁଙ୍କ ସ୍ୱାସ୍ଥ୍ୟହାନି ଦୁଶ୍ଚିନ୍ତାର କାରଣ ହୋଇପାରେ।

**ତୁଳା**
ଆଜିର ଅନୁକୂଳ ଗ୍ରହସ୍ଥିତି ପ୍ରଭାବରେ କାର୍ଯ୍ୟସିଦ୍ଧି, ଆଶା କରୁଥିବା ଦିଗରୁ ଅର୍ଥ ଓ ବିବାଦର ସମାଧାନ ହୋଇପାରିବ। ନୂତନ ଭାବେ ଯେଉଁ କାମଟି ଆରମ୍ଭ କରିବାକୁ ଯାଉଛନ୍ତି ତାହା ନିର୍ବିଘ୍ନରେ ସମାପନ ହୋଇପାରେ। ବୁଧଙ୍କ ପ୍ରଭାବ ବନ୍ଧୁ ପରିଜନଙ୍କ ସହ ମିତ୍ରତା ଓ ଜନକଲ୍ୟାଣକାରକ କର୍ମରେ ଆପଣଙ୍କୁ ନିଯୁକ୍ତ କରାଇପାରେ।

**ବିଛା**
ଆଜି ଷଷ୍ଠସ୍ଥାନରେ ଚନ୍ଦ୍ର ନୂତନ କର୍ମାରମ୍ଭ, ଦୂରଯାତ୍ରା ପାଇଁ ବହୁତ ଭଲ ରହିବ। କିନ୍ତୁ ଆପଣଙ୍କ ମନକୁ ପାଇଲା ଭଳି କୌଣସି ଆଲୋଚନା କାହା ସହ ମଧ୍ୟ ହୋଇପାରିବ ନାହିଁ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ, କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ପ୍ରଭୃତିରୁ ସୁଫଳ ପାଇବାର ଆଶା ରହିଛି।

**ଧନୁ**
ଚତୁର୍ଥକେନ୍ଦ୍ରସ୍ଥ ଚନ୍ଦ୍ର ଆପଣଙ୍କୁ ଜହ୍ନମାମୁ ଭଳି ନିଜ ପରିବେଶରେ ଲୋକପ୍ରିୟତା ସୃଷ୍ଟି କରିବ। ସଭାସମିତି, ଆନୁଷ୍ଠାନିକ କାମ ଓ ଗବେଷଣାଦି କାର୍ଯ୍ୟରେ ଆଶାନୁରୂପ ଫଳ ପାଇବେ। ଭାଗ୍ୟାଧିପ ରବି ନିଜର ଭାବକୁ ଦେଖୁଥିବାରୁ ପାରିପାର୍ଶ୍ୱିକ ପରିସ୍ଥିତି ବହୁତ ଭଲ ରହିବ। ମନୋରଞ୍ଜନ କାର୍ଯ୍ୟରେ ନିଜକୁ ମଜାଇ ଦେଇପାରନ୍ତି।

**ମକର**
ଶୁକ୍ରଙ୍କ ପ୍ରଭାବରୁ ମନରେ ପ୍ରଫୁଲ୍ଲତା, ଚନ୍ଦ୍ର ଓ ମଙ୍ଗଳ ନୂତନ ବନ୍ଧୁତ୍ୱ ସାଙ୍ଗକୁ କାର୍ଯ୍ୟସାଧନର ହେତୁ ସ୍ୱରୂପ ହୋଇପାରନ୍ତି। ସବୁ ସମୟରେ ନିଜ ପାଖରେ ରହୁଥବା କୌଣସି ବ୍ୟକ୍ତି ଦ୍ୱାରା କାମ ହାସଲ କରିବାର ସୁଯୋଗ ପ୍ରାପ୍ତ ହୋଇପାରେ। ଶିଳ୍ପ, ବ୍ୟବସାୟ, ପରିବହନ, କଳା, ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ**
ବନ୍ଧୁଗହଣରେ ଅପ୍ରିୟସତ୍ୟ ଭାଷଣ ଅଯଥା ସୁସମ୍ପର୍କ ନଷ୍ଟ ହେବାର କାରଣ ହୋଇପାରେ। ପରିବାରର ଖର୍ଚ୍ଚ ବୃଦ୍ଧି ପାଇବା କାରଣରୁ ଚିନ୍ତା ପ୍ରକଟ କରିବେ। ବିଭିନ୍ନ ପ୍ରକାର ସମସ୍ୟାମୂଳକ କାମରେ ପ୍ରବେଶ କରି ବ୍ୟସ୍ତତା ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ।

**ମୀନ**
ଶନିଙ୍କ ସ୍ଥିତିଫଳ ମନ୍ଦ ନ ହୋଇଥିବାରୁ କର୍ମକ୍ଷେତ୍ରରେ ଆପଣଙ୍କର କୌଣସି ବାଧାବିଘ୍ନ, ପ୍ରତିବନ୍ଧକାଦି ରହିବ ନାହିଁ। କିନ୍ତୁ ଶନିଙ୍କ ଦୃଷ୍ଟିଫଳ ଖରାପ ହେତୁ ପରିବାର, ଲୋସମ୍ପର୍କ, ଯାନବାହନ ପ୍ରଭୃତିରେ ସତର୍କତା ରକ୍ଷା କରିବା ଭଲ। ବ୍ୟବସାୟ, ପରିବହନ ଓ ଆନୁଷ୍ଠାନିକ କାମରେ ସଫଳତା ପାଇପାରିବେ।

ଆଜି ଫାଲ୍‌ଗୁନ ଶୁକ୍ଳ ଚତୁର୍ଥୀ ରବିବାର, ମାର୍ଚ୍ଚ ୧୦ ତାରିଖ, ରାଶି ନକ୍ଷତ୍ର-ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୭।୨୭ମି. ଗତେ, ଘ.୮।୫୭ମି. ମଧ୍ୟେ ଅମୃତବେଳା। ଦିବା ଘ.୮।୫୭ମି. ଗତେ ଘ.୧୦।୨୦ମି. ମଧ୍ୟେ, ଘ.୧।୨୪ମି. ଗତେ ଘ.୨।୫୩ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୯।୦୦ମି. ଗତେ ଘ.୧୦।୨୯ମି. ମଧ୍ୟେ ରାହୁକାଳ।

## ଖଣି ଖନନରେ...

ଚୋରିକୁ ସ୍ୱୀକାର କରିଥିଲା। ଏବେକାର ପରିସ୍ଥିତିରେ ଲୁହାପଥର ଠାରୁ ୪ଗୁଣ ଅଧିକ ମୂଲ୍ୟବାନ ମାଙ୍ଗାନିଜ୍ ପଥରର ବେଆଇନ ଖନନ ଓ ଚୋରି ଲାଗି ରହିଛି ବୋଲି ସ୍ଥାନୀୟ ବାସିନ୍ଦା ଧରିତ୍ରୀକୁ ସୂଚନା ଦେଇଛନ୍ତି। ଏହା ବ୍ୟତୀତ ଟାଟା କମ୍ପାନୀ ଏବେ ମଧ୍ୟ ଲୁହାପଥର ଖନନ କରିବା ପାଇଁ ବିଭିନ୍ନ ଠିକାଦାରଙ୍କୁ ବ୍ୟବହାର କରୁଛି। ଏଥିରେ ଅଟୱାଲ୍ କମ୍ପାନୀ, ବ୍ରଜ ମାଇନିଂସ, ଟିପିଏଲ୍ ଏବଂ ଏନ୍.ଏନ୍.ସିଂ ଭଳି ବ୍ୟବସାୟିକ ଠିକା ସଂସ୍ଥା ନିଯୁକ୍ତ ହୋଇଥିବା ପ୍ରମାଣ ଧରିତ୍ରୀ ନିକଟରେ ପହଞ୍ଚିଛି। ଖଣି ଆଇନ ଅନୁଯାୟୀ ଲିଜ୍‌ଧାରୀ ନିଜେ ଖନନ କରିବା ବାଧ୍ୟ। ଅର୍ଥାତ୍ ଠିକାଦାର ବ୍ୟବହାର କରିବା ବେଆଇନ ଅଟେ। ଏହିଭଳି ଟାଟା କମ୍ପାନୀ ଅନେକ ବେଆଇନ କାର୍ଯ୍ୟ କରୁଥିବାର ପ୍ରମାଣ ସ୍ଥାନୀୟ ବାସିନ୍ଦାଙ୍କ ପାଖରେ ଅଛି। କିନ୍ତୁ ରାଜ୍ୟ ସରକାରଙ୍କ ଉପରଠାରୁ ତଳ ପର୍ଯ୍ୟନ୍ତ ଅଧିକାରୀଙ୍କ ମନକୁ ଜିଣି ନେଇପାରିଥିବା ଏହି କମ୍ପାନୀ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ।

## ପୁଣି ଆଲୋଚନା...

ଟ୍ରିବ୍ୟୁନାଲ ଅନ୍ତରୀଣ ରାୟ ଶୁଣାଇବାକୁ ମାର୍ଚ୍ଚ ୩୦କୁ ଧାର୍ଯ୍ୟ କରିଛନ୍ତି।

ଶୁଣାଣି ବେଳେ ଓଡ଼ିଶା ଓ ଛତିଶଗଡ଼ ସରକାରଙ୍କ ପକ୍ଷରୁ ମାମଲା ଲଢୁଥିବା ଆଇନଜୀବୀ କହିଥିଲେ, ୨୦୧୯ ଫେବୃୟାରୀ ୨୫ ଓ ମାର୍ଚ୍ଚ ୫ରେ ବୈଷୟିକ ବିଶେଷଜ୍ଞ ଏବଂ ଅଫିସର ସ୍ତରୀୟ ବୈଠକ ହୋଇଥିଲେ ମଧ୍ୟ ଅନ୍ତରୀଣ ବ୍ୟବସ୍ଥା ଲାଗି ସହମତିରେ ପହଞ୍ଚିପାରି ନ ଥିଲେ। ଫଳରେ ଅଧିକ ଆଲୋଚନା ଆବଶ୍ୟକ ଅନୁଭବ କରି ଟ୍ରିବ୍ୟୁନାଲ ଉଭୟ ରାଜ୍ୟକୁ ନିର୍ଦ୍ଦେଶ ଦେଇଛନ୍ତି। ଆଉ ଥରେ ଆଲୋଚନାରେ ସଫଳତା ମିଳିପାରିବ ବୋଲି ଖଣ୍ଡପୀଠ ଆଶାବ୍ୟକ୍ତ କରିଛନ୍ତି। ଆଲୋଚନା ସଫଳ ନ ହେଲେ ଟ୍ରିବ୍ୟୁନାଲ ଅନ୍ତରୀଣ ଆବେଦନର ଗୁରୁତ୍ୱକୁ ବିଚାରକୁ ନେଇ ରାୟ ପ୍ରକାଶ କରିବେ ବୋଲି ଓଡ଼ିଶାର ପ୍ରତିନିଧିତ୍ୱ କରୁଥିବା ଆଇନଜୀବୀ ମୋହନ କାଟାର୍କି କହିଛନ୍ତି। ଆସନ୍ତା ୧୬ ତାରିଖରେ ଆପାତତଃ ଆଲୋଚନା ଲାଗି ସମୟ ଧାର୍ଯ୍ୟ ହୋଇଥିବା ଓଡ଼ିଶା ଆଡଭୋକେଟ ଜେନେରାଲ ସୂର୍ଯ୍ୟପ୍ରସାଦ ମିଶ୍ର କହିଛନ୍ତି।

ସୂଚନାଯୋଗ୍ୟ ଯେ ଟ୍ରିବ୍ୟୁନାଲ ଓଡିଶା ସରକାରଙ୍କ ଦ୍ୱାରା ଦାଏର କରାଯାଇଥିବା ଅନ୍ତରୀଣ ଆବେଦନର ଶୁଣାଣି ଫେବୃୟାରୀ ୯ରେ ଶେଷ କରିଥିଲେ। ନିଷ୍ପତ୍ତି ଶୁଣାଇବା ପୂର୍ବରୁ ଟ୍ରିବ୍ୟୁନାଲ ଉଭୟ ରାଜ୍ୟକୁ ବିବାଦର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ଯଦି ଏହା ନ ହୁଏ ତେବେ ମାର୍ଚ୍ଚ ୯ ତାରିଖରେ ନିଷ୍ପତ୍ତି ଶୁଣାଇ ଦିଆଯିବ ବୋଲି ଟ୍ରିବ୍ୟୁନାଲ କହିଥିଲେ। ମହାନଦୀ ଉପରେ ଛତିଶଗଡ ବ୍ୟାରେଜ ନିର୍ମାଣ କାର୍ଯ୍ୟ ସ୍ଥଗିତ ରଖିବା ସହ ଅଣ ମୌସୁମୀ ସମୟରେ ଅର୍ଥାତ ନଭେମ୍ବରରୁ ମେ ମାସ ମଧ୍ୟରେ ଦୈନିକ ୧.୭୪ ନିୟୁତ ଏକର ଫିଟ (ଏମ୍‌ଏଏଫ) ପାଣି ଛାଡିବାକୁ ନିର୍ଦ୍ଦେଶ ଦେବା ସକାଶେ ଆବେଦନରେ ରାଜ୍ୟ ସରକାର ଅନୁରୋଧ କରିଥିଲେ।

ପ୍ରଥମ ପୃଷ୍ଠାରୁ...

## ୨୭ ବର୍ଷରେ...

ଉତ୍ତର ପ୍ରଦେଶ, ଓଡ଼ିଶା ଏବଂ ମଧ୍ୟପ୍ରଦେଶ ଏଚଡିଆଇ ର୍ୟାଙ୍କରେ ଦ୍ରୁତ ଅଗ୍ରଗତି କରିଛନ୍ତି। ୧୯୯୦ରୁ ୨୦୧୭ ମଧ୍ୟରେ ଦେଶର ମାନବ ବିକାଶ ସୂଚକାଙ୍କରେ ଦ୍ରୁତ ଅଭିବୃଦ୍ଧି ହୋଇଛି। ଦେଶର ଏଚଡିଆଇ ମୂଲ୍ୟାୟନ ୦.୪୨୭ରୁ ୦.୬୪୦ ରହିଛି ଅର୍ଥାତ ପାଖାପାଖି ୫୦ ପ୍ରତିଶତ ବୃଦ୍ଧି ଘଟିଛି। ଦକ୍ଷିଣ ଓ ପୂର୍ବ ଭାରତ ରାଜ୍ୟଗୁଡିକ ଏ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରିଛନ୍ତି। ବିଶେଷକରି ଓଡ଼ିଶା ଓ ବିହାରର ଆର୍ଥିକ ଅଭିବୃଦ୍ଧି ବହୁମାତ୍ରାରେ ବୃଦ୍ଧି ପାଇଛି। ସାମାଜିକ କ୍ଷେତ୍ରରେ ଅଧିକ ବ୍ୟୟ ଏଚଡିଆଇ ର୍ୟାଙ୍କରେ ସୁଧାର ଆଣିବାରେ ସହାୟକ ହୋଇଥାଏ। ପ୍ରଶାସନିକ ଉଦାସୀନତା, ସଚେତନତା ଅଭାବ ଏବଂ ଯୋଜନା କାର୍ଯ୍ୟକାରିତାରେ ଶିଥିଳତା ଯୋଗୁ ଏଚ୍‌ଡିଆଇ ର୍ୟାଙ୍କରେ ଆଖିଦୃଶିଆ ଉନ୍ନତି ହେଉନାହିଁ। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନା ବିଶ୍ୱର ଏକ ବୃହତ୍ ସରକାରୀ ସ୍ୱାସ୍ଥ୍ୟ ଯୋଜନା । ଏହାକୁ ଜାତୀୟ ଓ ରାଜ୍ୟସ୍ତରରେ ଲାଗୁ କରାଗଲେ ଏଚଡିଆଇ ବିକାଶରେ ସହାୟକ ହେବ ବୋଲି ରିପୋର୍ଟରେ କୁହାଯାଇଛି।





## ସଂକ୍ଷେପରେ

### ଆଜୀବନ କଏଦୀଙ୍କ ମୃତ୍ୟୁ

କଟକ ଅଫିସ/ଚୌଦ୍ୱାର, ୯।୩ (ଡି.ଏନ୍.ଏ.): ଚୌଦ୍ୱାର ମଣ୍ଡଳ କାରାଗାରରେ ଆଜୀବନ ସଜା ଭୋଗୁଥିବା ଜଣେ କଏଦୀଙ୍କ ଶନିବାର ମୃତ୍ୟୁ ଘଟିଛି। ସେ ହେଲେ କଟକ ପୁରୀଘାଟ ଥାନା ଅନ୍ତର୍ଗତ କେଶରପୁର ଅଞ୍ଚଳର ଶୁଭ୍ରାଂଶୁ ଦାସ(୩୫)। ଚୌଦ୍ୱାର ମଣ୍ଡଳ କାରାଗାର ଅଧୀକ୍ଷକ ରବୀନ୍ଦ୍ର ନାଥ ସ୍ୱାଇଁଙ୍କ ସୂଚନା ଅନୁଯାୟୀ, ୨୦୧୩ ମସିହାରେ କଟକ ଦରଘାବଜାର ଅଞ୍ଚଳର କେଶବ ଚନ୍ଦ୍ର ବେହେରାଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ଶୁଭ୍ରାଂଶୁ ଗିରଫ ହୋଇ ଚୌଦ୍ୱାର ମଣ୍ଡଳ କାରାଗାରରେ ଆଜୀବନ ସଜା ଭୋଗୁଥିଲେ । ଶନିବାର ମଧ୍ୟାହ୍ନରେ ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ଜେଲ୍ ପରିସରରେ ଥିବା ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ହେଲେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ସ୍ୱାଇଁ କହିଛନ୍ତି। ଏ ନେଇ ଚୌଦ୍ୱାର ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୬/୧୯) ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି।

# ବିଜେଡିରେ ମିଶିଲେ ହେମାନନ୍ଦଙ୍କ ଝିଅ

- ନବଙ୍କ ନେତୃତ୍ୱରେ ବହୁ ନେତା ସାମିଲ
- ହେମାନନ୍ଦ କହିଲେ, ଝିଅ ଛୋଟ ପିଲା ନୁହେଁ

ଭୁବନେଶ୍ୱର,୯।୩(ବ୍ୟୁରୋ)

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିସିସି ଶୃଙ୍ଖଳା କମିଟି ଅଧ୍ୟକ୍ଷ ହେମାନନ୍ଦ ବିଶ୍ୱାଳଙ୍କ ଝିଅ ସୁନୀତା ଶନିବାର କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ନବୀନ ନିବାସରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ହେମାନନ୍ଦଙ୍କ କନ୍ୟାଙ୍କୁ ବିଜେଡିକୁ ଆଣିବାରେ ଝାରସୁଗୁଡ଼ାର ପୂର୍ବତନ ବିଧାୟକ ନବ ଦାସଙ୍କ ପ୍ରମୁଖ ଭୂମିକା ରହିଥିବା କୁହାଯାଇଛି। ଏହି ମିଶ୍ରଣ ପାଇଁ ନବ ନିଜର ଶତାଧିକ ସମର୍ଥକଙ୍କ ସହ ନବୀନ ନିବାସରେ ଉପସ୍ଥିତ ରହିଥିଲେ।

ସୁନୀତାଙ୍କ ସହ କଳାହାଣ୍ଡିର କଂଗ୍ରେସ ନେତା ସଚ୍ଚିଦାନନ୍ଦ ମହାକୁଡ଼, ସୁଜିତ କୁମାର ନାୟକ, ରାଜକିଶୋର ଦାସ, ଦେବେନ୍ଦ୍ର କିଶୋର ପତି, ମୋତିଲାଲ ତନ୍ତି, ରୀନା ତନ୍ତି, ଫନିନ୍ଦ୍ର ପଟ୍ଟନାୟକ, ଶକ୍ତିପ୍ରସାଦ ପଣ୍ଡା ମଧ୍ୟ କଂଗ୍ରେସ ଛାଡି ବିଜେଡିରେ ସାମିଲ ହୋଇଛନ୍ତି। ସେହିପରି କୁଚିଣ୍ଡା ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ଭାଜପା ନେତା କିଶୋର ନାଏକ, କଟକର ରୀତା ଶତପଥୀ ମଧ୍ୟ ବିଜେଡିରେ ମିଶିଛନ୍ତି।

ବିଜେଡିରେ ସାମିଲ ହୋଇଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ଦଳର ସଭାପତି ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି। ବିଶେଷକରି ସୁନୀତାଙ୍କ ଯୋଗଦାନ ସୁନ୍ଦରଗଡ଼ ଜିଲାରେ ଦଳର ଶକ୍ତି ବୃଦ୍ଧି କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମିଶ୍ରଣ ପରେ ସୁନୀତା କହିଛନ୍ତି ଯେ, ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଚେଷ୍ଟା କରୁଛନ୍ତି। ତାଙ୍କ ଇଚ୍ଛାଶକ୍ତି ଓ ରାଜନୈତିକ ପ୍ରତିବଦ୍ଧତା ଅନ୍ୟମାନଙ୍କ ପାଇଁ ଉଦାହରଣ। ରାଜନୀତିରେ ମହିଳାମାନଙ୍କ ନିମନ୍ତେ ୩୩ ପ୍ରତିଶତ ସଂରକ୍ଷଣ ଏବଂ ମିଶନ ଶକ୍ତି କାର୍ଯ୍ୟକ୍ରମ ତାଙ୍କୁ ପ୍ରଭାବିତ କରିଛି। ବାପା ହେମାନନ୍ଦ କଂଗ୍ରେସ ଶୃଙ୍ଖଳା କମିଟିରେ ଅଛନ୍ତି, ଏହି ସମୟରେ ଝିଅ ସୁନୀତା ଦଳ ଛାଡିବା ଏକ ନକାରାତ୍ମକ ବାର୍ତ୍ତା ଦେବ କି ବୋଲି ଖବରଦାତାମାନେ ତାଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ସେ କହିଛନ୍ତି ଯେ, ନିରଞ୍ଜନ ପଟ୍ଟନାୟକ କଂଗ୍ରେସର ପିସିସି ସଭାପତି ଅଛନ୍ତି। ତାଙ୍କ ଭାଇ(ସୌମ୍ୟରଞ୍ଜନ) ବିଜେଡିରେ ଅଛନ୍ତି। ଏପରି ବହୁତ ଉଦାହରଣ ରହିଛି। ତେଣୁ ଏଥିରେ ନୂଆ କିଛି ନାହିଁ ବୋଲି ସୁନୀତା କହିଛନ୍ତି। ଝିଅ କଂଗ୍ରେସ ଛାଡ଼ିବା ପରେ ହେମାନନ୍ଦ କହିଛନ୍ତି ଯେ, ସୁନୀତା ଛୋଟପିଲା ନୁହଁନ୍ତି। ନିଜ ନିଷ୍ପତ୍ତି ନିଜେ ନେବାର ଅଧିକାର ତାଙ୍କର ରହିଛି। ସେ ବିଜେଡିରେ ଯୋଗଦେଇଥିବାରୁ ସେହି ଦଳର ପ୍ରଚାର କରିବେ। ନିଜେ ଆଜୀବନ କଂଗ୍ରେସ ସଦସ୍ୟ ହୋଇଥିବାରୁ କଂଗ୍ରେସର ପ୍ରଚାର କରିବେ ବୋଲି ହେମାନନ୍ଦ କହିଛନ୍ତି। ସୁନୀତାଙ୍କୁ ସୁନ୍ଦରଗଡ଼ ଲୋକ ସଭା କିମ୍ବା ବିଧାନସଭାରୁ ପ୍ରାର୍ଥୀ କରାଯିବା ନେଇ ଚର୍ଚ୍ଚା ଜୋର୍ ଧରିଛି। କିଛିଦିନ ତଳେ ସୁନ୍ଦରଗଡ଼ କଂଗ୍ରେସ ବିଧାୟକ ଯୋଗେଶ ସିଂ ବିଜେଡିରେ ସାମିଲ ହୋଇଛନ୍ତି। ସେଠାରେ କୁସୁମ ଟେଟେ ମଧ୍ୟ ଆଶାୟୀ ଅଛନ୍ତି। ତେଣୁ ସୁନୀତାଙ୍କୁ ସୁନ୍ଦରଗଡ଼ ଲୋକ ସଭା ଆସନରୁ ପ୍ରାର୍ଥୀ କରାଯିବାର ସମ୍ଭାବନା ବେଶି ବୋଲି ରାଜନୈତିକ ସମୀକ୍ଷକ କହିଛନ୍ତି।


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ସୁନୀତା ବିଶ୍ୱାଳ।

# କଂଗ୍ରେସ ରାଜନୀତି: ପରିବାର ପିଛା ମିଳିବ ଏକାଧିକ ଟିକେଟ

ଭୁବନେଶ୍ୱର,୯।୩(ବ୍ୟୁରୋ)

କଂଗ୍ରେସର ବରିଷ୍ଠ ନେତାଙ୍କ ପୁତ୍ରମାନଙ୍କୁ ଆଗାମୀ ସାଧାରଣ ନିର୍ବାଚନରେ ଟିକେଟ ମିଳିବ। କେତେଜଣ ବରିଷ୍ଠ ନେତାମାନଙ୍କ କ୍ଷେତ୍ରରେ 'ଗୋଟିଏ ପରିବାର ଗୋଟିଏ ଟିକେଟ' ଫର୍ମୁଲା କାମ କରିବ ନାହିଁ । ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏ ସମ୍ପର୍କରେ ଶନିବାର ଦେଇଥିବା ମନ୍ତବ୍ୟରୁ ଏହା ସ୍ପଷ୍ଟ ହୋଇଛି। ଦୁଇଦିନ ତଳେ ପ୍ରଭାରୀ ଜିତେନ୍ଦ୍ର ସିଂ ପରିବାର ପିଛା ଗୋଟିଏ ଟିକେଟ ଦିଆଯିବ ବୋଲି କହିଥିଲେ। ଏହା କଂଗ୍ରେସ ରାଜନୀତିରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ହେଲେ ପିସିସି ସଭାପତିଙ୍କ ମନ୍ତବ୍ୟ ସେଥିରେ ପୂର୍ଣ୍ଣଚ୍ଛେଦ ଟାଣିଛି। ପିସିସି ସଭାପତି ନିରଞ୍ଜନ କହିଛନ୍ତି ଯେ, ଜିତେନ୍ଦ୍ର ସିଂଙ୍କ କଥା ଠିକ୍। ହେଲେ ପୂର୍ବରୁ ରାଜନୀତିରେ ଥିବା ପରିବାରଙ୍କ କ୍ଷେତ୍ରରେ ଏହି ନିୟମ ଲାଗୁ ହେବନାହିଁ ।

ଏହାର ଅର୍ଥ ପିସିସି ସଭାପତି ନିରଞ୍ଜନ ତାଙ୍କ ପୁଅ ନବଜ୍ୟୋତି, ବିରୋଧୀ ଦଳ ନେତା ନରସିଂହ ମିଶ୍ର ଏବଂ ତାଙ୍କ ପୁତ୍ର ସମରେନ୍ଦ୍ର ମିଶ୍ର, ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତଚରଣ ଦାସ ଏବଂ ତାଙ୍କ ପୁତ୍ର ସାଗର ଦାସଙ୍କୁ ଟିକେଟ ମିଳିବାରେ କୌଣସି ବାଧା ଉପୁଜିବ ନାହିଁ। ସେହିପରି ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ପୁଅ ସଂଗ୍ରାମ ଜେନା ପୂର୍ବରୁ ନିର୍ବାଚନ ଲଢ଼ିସାରିଥିବାରୁ ତାଙ୍କୁ ମଧ୍ୟ ଅଲଗା ଭାବେ ଟିକେଟ ଦିଆଯାଇପାରିବ। ସେହିପରି ଉପସଭାପତି ଅନନ୍ତ ସେଠୀଙ୍କ ପୁତ୍ର ତଥା ଭଣ୍ଡାରିପୋଖରୀର ପୂର୍ବତନ ବିଧାୟକ କୁମାର ଚିରଞ୍ଜୀବ ମଧ୍ୟ ଟିକେଟ ପାଇପାରିବେ। ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ ଏବଂ ରାଜ୍ୟ ସଭା ସଦସ୍ୟ ରଞ୍ଜୀବ ବିଶ୍ୱାଳଙ୍କ କ୍ଷେତ୍ରରେ ମଧ୍ୟ 'ପରିବାର ପିଛା ଗୋଟିଏ ଟିକେଟ' ଲାଗୁ ହେବନାହିଁ। ତେଣୁ ପରିବାର ପିଛା କଂଗ୍ରେସ ପକ୍ଷରୁ ଏକାଧିକ ଟିକେଟ ମିଳିବା ଏକପ୍ରକାର ନିଶ୍ଚିତ ହୋଇ ଯାଇଥିବା ରାଜନୈତିକ ସମୀକ୍ଷକମାନେ ମତ ରଖିଛନ୍ତି।

**ପରୋକ୍ଷ ମନ୍ତବ୍ୟ ରଖିଲେ ନିରଞ୍ଜନ**



# ବିଜେଡି ଛାଡ଼ିଲେ ବାବୁ ସିଂ

ଭୁବନେଶ୍ୱର,୯।୩(ବ୍ୟୁରୋ)

ଯୁବ ବିଜେଡି ନେତା ତଥା ଭୁବନେଶ୍ୱର ସାଙ୍ଗଠନିକ ଜିଲା ସଭାପତି ବାବୁ ସିଂ ନିଜ ପଦ ଏବଂ ଦଳରୁ ଶନିବାର ଇସ୍ତଫା ଦେଇଛନ୍ତି। ବିଜେଡି ସଭାପତି ତଥା ନବୀନ ପଟ୍ଟନାୟକଙ୍କୁ ଚିଠି ମାଧ୍ୟମରେ ସେ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ଜନତା ଦଳ ସମୟରୁ ବାବୁ ଦଳରେ ରହିଆସିଥିଲେ। ଦୀର୍ଘଦିନ ରହିବା ପରେ ଏକାମ୍ର ଭୁବନେଶ୍ୱର ବିଧାନସଭା ଆସନରୁ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିଲେ। ହେଲେ ସେହି ଆସନରୁ ୨୦୦୯ରୁ ମନ୍ତ୍ରୀ ଅଶୋକ ପଣ୍ଡା ପ୍ରତିନିଧିତ୍ୱ କରି ଆସୁଛନ୍ତି। ଅଶୋକ ଭୁବନେଶ୍ୱର ସାଙ୍ଗଠନିକ ଜିଲା କମିଟିର ସଭାପତି ଅଛନ୍ତି। ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ତାଙ୍କୁ ଚଳିତ ଥର ମଧ୍ୟ ପ୍ରାର୍ଥୀ କରାଯିବା ନେଇ ସଙ୍କେତ ଦିଆଯାଇଛି। ତେଣୁ ଟିକେଟ ସମ୍ଭାବନା ନ ଥିବାରୁ ବାବୁ ବିଜେଡି ଛାଡିଥିବା ସ୍ପଷ୍ଟ ହୋଇଛି।

ଏ ସମ୍ପର୍କରେ ବାବୁ କହିଛନ୍ତି ଯେ, ଜନତା ଦଳରୁ ବିଜେଡି। ଦୀର୍ଘ ୩୦ ବର୍ଷର ଯାତ୍ରା ଏବଂ ସାଙ୍ଗଠନିକ କାର୍ଯ୍ୟ। ଏହାପରେ ମଧ୍ୟ ପ୍ରାର୍ଥୀ ହେବା ପାଇଁ ଦଳ ସୁଯୋଗ ଦେଉନାହିଁ। ଜିଲା ସଭାପତି ତଥା ମନ୍ତ୍ରୀ ଅଶୋକ ପଣ୍ଡା କୌଣସି ସାଙ୍ଗଠନିକ କାର୍ଯ୍ୟରେ ତାଙ୍କୁ ସାମିଲ କଲେନାହିଁ। ନିକଟରେ ବିଜୁବାବୁଙ୍କ ଜୟନ୍ତୀ କାର୍ଯ୍ୟକ୍ରମ ଓ ଏହା ପୂର୍ବରୁ ହୋଇଥିବା ପ୍ରସ୍ତୁତି ବୈଠକକୁ ମଧ୍ୟ ଡାକି ନ ଥିଲେ। ତାଙ୍କୁ ସମର୍ଥନ କରୁଥିବା ପିଲାମାନଙ୍କୁ ନାନା ଉପାୟରେ ଅଶୋକ ହଇରାଣ କରିଥିବା ବାବୁ ଅଭିଯୋଗ କରିଛନ୍ତି। ଭାଜପା ବ୍ୟତୀତ ଅନ୍ୟ କେତେକ ଛୋଟ ଦଳ ସହ ଆଲୋଚନା କରୁଥିବା ବାବୁ କହିଛନ୍ତି।



## ଦିଲ୍ଲୀରୁ ଫେରିଲେ ଦାମ

# 'ଭାଜପାରେ ମିଶିବା ପାଇଁ ପ୍ରସ୍ତାବ ଆସିଛି'

ଭୁବନେଶ୍ୱର,୯।୩(ବ୍ୟୁରୋ)

ଭାଜପାରେ ମିଶିବା ପାଇଁ ପ୍ରସ୍ତାବ ଆସିଛି। ହେଲେ ହଁ କରିନାହିଁ, କି ନାହିଁ କରିନାହିଁ। ନବୀନ ସରକାରଙ୍କୁ ଯିଏ ହରାଇ ପାରିବ, ତାଙ୍କୁ ନୈତିକ ସମର୍ଥନ ଦେବି। କଂଗ୍ରେସ ଦଳ ସହ ମଧ୍ୟ ଆଲୋଚନା କରିଛି। ହେଲେ କୌଣସି ନିଷ୍ପତ୍ତି ନେଇନାହିଁ ବୋଲି ବିଜେଡିରୁ ବହିଷ୍କୃତ ନେତା ଡାକ୍ତର ଦାମୋଦର ରାଉତ କହିଛନ୍ତି। ଶନିବାର ରାତିରେ ନୂଆଦିଲ୍ଲୀରୁ ଫେରିବା ପରେ ଦାମ କହିଛନ୍ତି, ଦିନେରୁ ଦୁଇ ଦିନ ମଧ୍ୟରେ ସମର୍ଥକମାନଙ୍କ ସହ ଆଲୋଚନା କରି ନିଷ୍ପତ୍ତି ନେବେ ।

ବରିଷ୍ଠ ନେତା ଦାମୋଦର ରାଉତ ଭାଜପାରେ ମିଶିବା ନେଇ ସାରା ରାଜ୍ୟରେ ଚର୍ଚ୍ଚା ଜୋର୍ ଧରିଛି। ଶୁକ୍ରବାର ଦାମ ଚିକିତ୍ସା ପାଇଁ ଦିଲ୍ଲୀ ଗସ୍ତ କରିଥିଲେ। ଗସ୍ତ ସମୟରେ ସେ ଚିକିତ୍ସା ବ୍ୟତୀତ ଭାଜପାର କେତେଜଣ ତୁଙ୍ଗ ନେତାଙ୍କ ସହ ଆଲୋଚନା କରିଥିବା ସୂତ୍ରରୁ ପ୍ରକାଶ।

## ଶହୀଦନଗର ଥାନା ଭଙ୍ଗାରୁଜା, ପୋଲିସକୁ ମାଡ଼ ମାମଲା

# ପ୍ରକାଶ ଗିରଫ, ବିଜେଡିରୁ ନିଲମ୍ବିତ

ଭୁବନେଶ୍ୱର,୯।୩ (ବ୍ୟୁରୋ)

ଶହୀଦନଗର ଥାନା ଭଙ୍ଗାରୁଜା ଓ ପୋଲିସକୁ ମାଡ଼ ଘଟଣାର ମାଷ୍ଟରମାଇଣ୍ଡ୍ ପ୍ରକାଶ ତ୍ରିପାଠୀଙ୍କୁ ଶନିବାର ସକାଳେ ଗିରଫ କରାଯାଇଛି। ତାଙ୍କୁ ଭିଏସ୍‌ଏସ୍ ନଗର ଅଞ୍ଚଳରୁ ଗିରଫ କରାଯାଇଥିବା ପୋଲିସ କହିଛି। ଆଇପିସି ଦଫା ୪୫୧, ୧୪୭, ୨୯୪, ୩୩୬, ୩୩୨, ୩୩୩, ୩୦୭, ୪୨୭, ୧୪୯ ଓ ସେକ୍ସନ ୩ ପିଡିପି ଏବଂ ୮ ସିଆର୍‌ଏଲ୍ ଅନୁଯାୟୀ ମାମଲା ନଂ.୧୧୨/୧୯ରେ ପ୍ରକାଶଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ପ୍ରକାଶ ଗିରଫ ହେବା ପରେ ତାଙ୍କୁ ବିଜେଡି ଓ ବିଜୁ ଯୁବ ଜନତା ଦଳର ଉପସଭାପତି ପଦରୁ ନିଲମ୍ବିତ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ପ୍ରକାଶଙ୍କ ଉପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଅମରେଶ ପତ୍ରୀ ପ୍ରେସ୍ ଇସ୍ତାହାରରେ କହିଛନ୍ତି। ପୂର୍ବରୁ ଏହି ମାମଲାରେ ବିଜୁ ଛାତ୍ର ଜନତା ଦଳ(ବିଜେଡି)ର ରାଜ୍ୟ ସାଧାରଣ ସମ୍ପାଦକ ଅମିତ ଜେନାଙ୍କ ସମେତ ୮ଜଣ ଗିରଫ ହୋଇଛନ୍ତି।


ପ୍ରକାଶ ତ୍ରିପାଠୀ

## ଗଛରେ ପିଟିହୋଇ ଜଳିଗଲା କାର

# ଯୋଗେଶ ସିଂ ଗୁରୁତର

ଅନୁଗୋଳ ଅଫିସ/ବଅଁରପାଳ/ସୁନ୍ଦରଗଡ, ୯।୩

ଅନୁଗୋଳ ଉପକଣ୍ଠ ମହୀଧରପୁର ଅଞ୍ଚଳର ଖନ୍ଦାନାଳୀଠାରେ ଶୁକ୍ରବାର ବିଳମ୍ବିତ ରାତିରେ ସୁନ୍ଦରଗଡ ପୂର୍ବତନ ବିଧାୟକ ଯୋଗେଶ ସିଂଙ୍କ କାର୍ ଏକ ଗଛରେ ପିଟିହୋଇ ଜଳିଯାଇଛି। ଏଥିରେ ବିଧାୟକଙ୍କ ସମେତ ମୋଟ ୪ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ପିଏସ୍‌ଓ ବିକ୍ରମ ରାଉତ, ଗାଡ଼ି ମାଲିକ ସୁନ୍ଦରଗଡ ଜିଲା ବଡବଙ୍ଗା ଗ୍ରାମର ପ୍ରଦୀପ ସାହୁ ଓ ଡ୍ରାଇଭର ସରଗିପାଲି ଫାଣ୍ଡି ଲଖନପୁରର ଟଙ୍କଧର ବାଗ। ସମସ୍ତଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡିକାଲ ଓ ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ଘଟଣାରୁ ପ୍ରକାଶ, ପୂର୍ବତନ ବିଧାୟକ ସିଂ ବ୍ୟକ୍ତିଗତ କାମରେ ପୁରୁଣା ସମ୍ବଲପୁର-କଟକ ରାଜପଥରେ କାର୍ (ଓଡ଼ି-୧୬-ଇ-୭୬୧୦) ଯୋଗେ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ରାତି ପ୍ରାୟ ୩ଟା ବେଳେ ମହୀଧରପୁର ନିକଟରେ ସାମ୍ନାରୁ ଏକ ଟ୍ରକ ତାଙ୍କ ଗାଡି ଆଡ଼କୁ ମାଡି ଆସିବାରୁ କାର୍ ଡ୍ରାଇଭର ଦୁର୍ଘଟଣାରୁ ବଞ୍ଚିବାକୁ ଚେଷ୍ଟା କରିଥିଲେ। ହେଲେ ଭାରସାମ୍ୟ ହରାଇ କାର୍‌ଟି ରାସ୍ତା କଡ଼ରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। କାର୍‌ଟିରୁ ପ୍ରବଳ ଧୂଆଁ ବାହାରିବାରେ ଲାଗିଥିଲା। ସେହି ବାଟ ଦେଇ ବିବାହ ଭୋଜିରୁ କୁଲାଡ଼ ଫେରୁଥିବା ଏକ ବରଯାତ୍ରୀ ଦଳ ସମସ୍ତଙ୍କୁ ଗାଡ଼ିରୁ ବାହାର କରିଥିଲେ। ପରେ କାର୍‌ଟି ହୁତୁହୁତୁ ହୋଇ ଜଳିବାରେ ଲାଗିଥିଲା। ମହୀଧରପୁର ଫାଣ୍ଡି ପୋଲିସ ସହାୟତରେ ସିଂ ଓ ବିକ୍ରମଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅନ୍ୟ ଏକ ଗାଡ଼ିରେ ପ୍ରଦୀପ ଓ ଟଙ୍କଧର ଡାକ୍ତରଖାନା ଆସିଥିଲେ। ଘଟଣାସ୍ଥଳରୁ ପୋଡ଼ି ହୋଇଯାଇଥିବା ଏକ ବନ୍ଧୁକ ପୋଲିସ ଉଦ୍ଧାର କରିଥିବା ସୂଚନା ମିଳିଛି। ଏ ସମ୍ପର୍କରେ ବଅଁରପାଳ ଥାନାରେ ନଂ. ୭୩/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ କନକ ମାଝି ସୂଚନା ଦେଇଛନ୍ତି।


ଦୁର୍ଘଟଣାରେ କାର୍‌ଟି ଜଳିଯାଉଛି।

# ଜୟପୁରରେ ଡବଲ ମର୍ଡର

**ଅବସରପ୍ରାପ୍ତ ପୋଲିସ ଅଫିସର, ସ୍ତ୍ରୀଙ୍କୁ ହତ୍ୟା**

- ବନ୍ଦ ଘରୁ ମିଳିଲା ୨ ମୃତଦେହ
- ପୁଅ-ବୋହୂ ଅଟକ
- ସମ୍ପତ୍ତି ପାଇଁ ହତ୍ୟା ସନ୍ଦେହ

ଜୟପୁର,୯।୩(ନି.ପ୍ର./ଡି.ଏନ୍.ଏ.)

ଜୟପୁର ଜୟନଗରରେ ଡବଲ ମର୍ଡର ଘଟିଛି। ଅବସରପ୍ରାପ୍ତ ପୋଲିସ ଆଇଆଇସି ଏମ୍.କେ. ରହମନ (୮୨) ଓ ତାଙ୍କ ସ୍ତ୍ରୀ ହାଫିଜା ବିବି (୭୦)ଙ୍କୁ ନିର୍ମମ ଭାବେ ହତ୍ୟା କରାଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇଦେଇଛି। ମୃତ ରହମନଙ୍କ ପୁଅ ଲତିଫ୍ ଓ ବୋହୂଙ୍କୁ ପୋଲିସ ତଦନ୍ତ ପରିସରକୁ ଆଣି ଅଟକ ରଖିଛି। ଏସ୍‌ପି କନୱର ବିଶାଳ ସିଂଙ୍କ ନିର୍ଦ୍ଦେଶରେ ଅପରାଧୀଙ୍କୁ ଧରିବା ପାଇଁ ୨ଟି ଟିମ୍ ଗଠନ କରାଯାଇଛି।

ସୂଚନା ଅନୁଯାୟୀ, ଜୟପୁର ସହରର ଜୟନଗର ବରଗଛ ଛକରେ ମହମ୍ମଦ କରିମ୍‌ଉଦ୍ଦିନ ରହମନ ଓ ତାଙ୍କ ସ୍ତ୍ରୀ ରହୁଥିଲେ। ପୁଅ ଲତିଫ (୪୦) ଓ ବୋହୂ ସେମାନଙ୍କଠାରୁ ଅଲଗା ରହୁଥିଲେ। ଲତିଫ୍‌ଙ୍କ କହିବା ଅନୁଯାୟୀ, ଶନିବାର ସକାଳ ୮ଟାରେ ସେ ମା'ବାପାଙ୍କ ପାଖକୁ ଆସିଥିବାବେଳେ ଘର ଭିତର ପଟୁ ବନ୍ଦ ଥିଲା। ବାଡ଼ିପଟ କବାଟର ବାହାରୁ ତାଲା ପଡ଼ିଥିଲା। ସେ ତାଲା ଭାଙ୍ଗି ଘରେ ପଶିବା ପରେ ଗୋଟିଏ କୋଠରିର ଖଟ ଉପରେ ପିତା ରହମନଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଓ ଅନ୍ୟ ଏକ କୋଠରି ଚଟାଣରେ ମା' ହାଫିଜାଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀ କୁକୁର ଓ ଜିଲା ପୋଲିସର ସାଇବର ସେଲ୍ ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। କେସ୍ ନଂ ୪୯/୧୯ରେ ହତ୍ୟା ମାମଲା ରୁଜୁ କରାଯାଇଛି। ଏଏସ୍‌ପି ଉତ୍କଳ ରଞ୍ଜନ ଦାସ, ଜୟପୁର ଏସ୍‌ଡିପିଓ ସାଗରିକା ନାଥ, ବୋରିଗୁମ୍ମା ଏସ୍‌ଡିପିଓ ହରେକୃଷ୍ଣ ମାଝି ଓ ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଧି ତଦନ୍ତ ଚଳାଇଛନ୍ତି। ଲତିଫ୍‌ଙ୍କ ବୟାନ ଆଧାରରେ ତଦନ୍ତ ଚାଲିଥିବା ବେଳେ ଡକାୟତି ପାଇଁ ଏଭଳି ଜଘନ୍ୟ କାଣ୍ଡ ଘଟି ନ ଥିବା ପୋଲିସ ଅନୁମାନ କରୁଛି। ରହମନ ଓ ହାଫିଜାଙ୍କ ମୃତଦେହ ପୃଥକ୍ କୋଠରିରୁ ମିଳିଥିବା ବେଳେ ସେମାନଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ଭାଗରେ କ୍ଷତଚିହ୍ନ ରହିଛି। ଘରୁ ଗୋଟିଏ ଟାଙ୍ଗିଆ ଜବତ କରାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ରହମନଙ୍କ ଏକମାତ୍ର ପୁଅ ଲତିଫ୍ କିଛି କାମଦାମ କରୁ ନଥିଲେ। ପୂର୍ବରୁ କେତୋଟି ଅପରାଧରେ ଟାଉନଥାନାରେ ତାଙ୍କ ନାଁରେ ମାମଲା ରହିଥିଲା। ଏନେଇ ବାପା-ପୁଅଙ୍କ ଭିତରେ ବିବାଦ ରହିଥିଲା। ଅନ୍ୟପକ୍ଷରେ ବାପାଙ୍କ ସମ୍ପତ୍ତିରୁ ଭାଗ ନେବା ପାଇଁ ଲତିଫ୍ ସବୁବେଳେ ପାଟିତୁଣ୍ଡ କରୁଥିବା ପଡ଼ୋଶୀ କହିଛନ୍ତି। ପୋଲିସର ସନ୍ଦେହ ହେବାରୁ ଲତିଫ ଏବଂ ତାଙ୍କ ସ୍ତ୍ରୀଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। କୋରାପୁଟ ସାଇଣ୍ଟିଫିକ ଟିମ୍‌ର କର୍ମଚାରୀ ଛୁଟିରେ ଥିବା ଯୋଗୁ ବ୍ରହ୍ମପୁର ସାଇଣ୍ଟିଫିକ ଏବଂ ଫୋରେନ୍ସିକ ଟିମ୍ ରବିବାର ଏଠାରେ ପହଞ୍ଚି ତଦନ୍ତ କରିବ। ଅନ୍ୟପକ୍ଷରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ଚିକିତ୍ସାଳୟକୁ ପଠାଯାଇଛି।


ମୃତ ରହମନଙ୍କ ପୁଅ ଲତିଫ।




## ସଂକ୍ଷେପରେ

### କାହ୍ନୁଚରଣ, ଲଲାଟ ଯୁବ ବିଜେଡି ସାଧାରଣ ସମ୍ପାଦକ




**ଢେଙ୍କାନାଳ ଅଫିସ, ୯।୩:** ଢେଙ୍କାନାଳ ଜିଲା ବିଜେଡିର ନୂତନ ସାଧାରଣ ସମ୍ପାଦକ ଭାବେ ଯୁବନେତା କାହ୍ନୁଚରଣ ସାହୁ ଏବଂ ଲଲାଟ ରଞ୍ଜନ ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି। ରାଜ୍ୟ ସଭାପତି ଅମରୀଶ ପତ୍ରୀଙ୍କ ପରାମର୍ଶକ୍ରମେ ଉଭୟଙ୍କୁ ଏହି ପଦବୀ ମିଳିଛି। ଏଥିଲାଗି ଉଭୟେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ନୃସିଂହ ଚରଣ ସାହୁ, ଏମ୍‌ପି ତଥାଗତ ସତପଥୀ, ବିଧାୟକ ସରୋଜ କୁମାର ସାମଲ, ବିଧାୟିକା ସୀମାରାଣୀ ନାୟକ, ଜିଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ାଙ୍କୁ ଧନ୍ୟବାଦ ଦେଇଛନ୍ତି। ମିଳିଥିବା ଗୁରୁଦାୟିତ୍ୱକୁ ସୁଚାରୁରୂପେ ତୁଲାଇବେ ବୋଲି ସେମାନେ ନିଜ ପ୍ରତିକ୍ରିୟାରେ କହିଛନ୍ତି।

### ଦୁର୍ଘଟଣାରେ ଯୁବକଙ୍କ ଗୋଡ଼ ଭାଙ୍ଗିଲା

**ପରଜଙ୍ଗ, ୯।୩(ଡି.ଏନ୍.ଏ.):** ପରଜଙ୍ଗ ଥାନା ଅନ୍ତର୍ଗତ ୫୫ନଂ. ଜାତୀୟ ରାଜପଥର ମୁଣ୍ଡେଇଲୋ ଛକ ନିକଟରେ ଶନିବାର ସକାଳେ 'ସୋନି' ନାମକ ଘରୋଇ ମିନିବସ୍ (ଓଡ଼ି ୧୯ଡି ୩୭୭୭) ସହ ଧକ୍କା ହୋଇ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ଶୁଣ୍ଡିତଇଲା ଗ୍ରାମର କୁନା ସାହୁ। ତାଙ୍କ ଗୋଡ଼ ଦୁଇଖଣ୍ଡ ହୋଇଯାଇଛି। ତାଙ୍କୁ ପ୍ରଥମେ ପରଜଙ୍ଗ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ସରାଙ୍ଗ ଫାଣ୍ଡି ଅଧିକାରୀ ରାମଚନ୍ଦ୍ର ମହାଳିକ ଜବତ କରିଛନ୍ତି। କୁନା ଜଣେ ଯୁବକଙ୍କ ବାଇକ୍ ପଛରେ ବସି ସରାଙ୍ଗରୁ ଘରକୁ ଫେରୁଥିଲେ। ବସ୍‌ଟି ସମ୍ମୁଖ ପଟୁ ଆସୁଥିବାବେଳେ ବାଇକ୍‌ଟି ଭାରସାମ୍ୟ ହରାଇ ଗାଡ଼ିର ପାର୍ଶ୍ୱରେ ପିଟି ହୋଇଯାଇଥିଲା।

### ତ୍ରିନାଥ ମନ୍ଦିର ବାର୍ଷିକ ଉତ୍ସବ

**ଢେଙ୍କାନାଳ ଅଫିସ, ୯।୩:** ଢେଙ୍କାନାଳ ସହର ରେଙ୍ଗାଳି କଲୋନୀସ୍ଥିତ ତ୍ରିନାଥ ମନ୍ଦିରର ବାର୍ଷିକ ଉତ୍ସବ ଶନିବାର ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ନଗର କୀର୍ତ୍ତନ, ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଉପଦେଷ୍ଟା ରବି ନାରାୟଣ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଡା. ମନୋରଞ୍ଜନ ଜେନା, ସଭାପତି କୃଷ୍ଣଚନ୍ଦ୍ର ପଟ୍ଟନାୟକ, ଉପସଭାପତି ସୌମ୍ୟରଞ୍ଜନ ଭୂତିଆ, କୀର୍ତ୍ତନ ମଣ୍ଡଳୀ ସଭାପତି ଜ୍ଞାନରଞ୍ଜନ ଯାଦବ, ବିଜୟ ସାହୁ, ପ୍ରଦୀପ ବ୍ରହ୍ମ, ବିଶ୍ୱନାଥ ବାହାଦୁର, ଲିଙ୍ଗରାଜ ମହାନ୍ତି, ପୂର୍ଣ୍ଣ ସାହୁ, ଅନିଲ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ଅଷ୍ଟପ୍ରହର ନାମଯଜ୍ଞ ପ୍ରସ୍ତୁତି

**ଭୁବନ, ୯।୩(ଡି.ଏନ୍.ଏ.):** ଭୁବନ ବଡ଼ହାଟ ମଉଡ଼ମଣି ମହାଲକ୍ଷ୍ମୀ ଯୁବକ ସଂଘ ପକ୍ଷରୁ ମାର୍ଚ୍ଚ ୨୩ ତାରିଖରୁ ୩ ଦିନ ବ୍ୟାପୀ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ। ଏ ନେଇ ଶ୍ରୀ ଚୈତନ୍ୟ ପୂଜା କମିଟିର ଗୁରୁ ପଣ୍ଡିତ ବେହେରାଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଅଷ୍ଟପ୍ରହର ନାମଯଜ୍ଞକୁ ୧୨ ବର୍ଷ ପୂରଣ ହେଉଛି। ଏହାକୁ ଆଡ଼ମ୍ବର ସହକାରେ ପାଳନ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ଜିଲାର ବିଭିନ୍ନ ସ୍ଥାନରୁ ୩୦ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେବାକୁ ସହମତି ଜଣାଇଛନ୍ତି। ବୈଠକରେ ବରିଷ୍ଠ କର୍ମକର୍ତ୍ତା ଗୋପୀନାଥ ମହାନ୍ତି, ସୁବ୍ରତ ସାହୁ, କୈଳାସ ପାତ୍ର, ବିନୋଦ ମହାରଣା, ବିଳାସ ସାମଲଙ୍କ ସମେତ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ଚାଷୀଙ୍କୁ ଦଳିଦେଲା ନରହନ୍ତା ଦନ୍ତା

**ପରଜଙ୍ଗ, ୯।୩(ଡି.ଏନ୍.ଏ.)**

- ସନ୍ଧ୍ୟା ହେଲେ ରାସ୍ତାଘାଟ ଶୂନଶାନ
- ଚେତାବନୀ ଦେଲେ ଅଞ୍ଚଳବାସୀ
- ତୁରନ୍ତ ଘଉଡ଼ାଅ ନଚେତ୍ ଆନ୍ଦୋଳନ

ଢେଙ୍କାନାଳ ବନଖଣ୍ଡ ମହାବିରୋଡ଼ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନରେ ନରହନ୍ତା ଦନ୍ତାହାତୀ ଉତ୍ପାତ ଚରମସୀମାରେ ପହଞ୍ଚିଛି। ଶନିବାର ଭୋର ସମୟରେ ରୋଡ୍ ପଞ୍ଚାୟତ ଗଇଲୋ ଗ୍ରାମର ଚାଷୀ କୁମୁଦ ସାହୁ (୫୫)କୁ ଦନ୍ତା ଦଳି ମାରିଦେଇଛି। ଦନ୍ତାକୁ କାବୁ କରିବାରେ ବନ ବିଭାଗ ଫେଲ୍ ମାରିଛି। ଏହାକୁ ନେଇ କ୍ଷୋଭବ୍ୟକ୍ତ କରିଛନ୍ତି ଅଞ୍ଚଳବାସୀ। ଦନ୍ତାକୁ ଅନ୍ୟତ୍ର ଘଉଡ଼ାଇବା ବ୍ୟବସ୍ଥା ନ କଲେ ଆନ୍ଦୋଳନ ତୀବ୍ର କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

କୁମୁଦ ଭୋର୍ ସମୟରେ ଗାଁ ନିକଟ ବିଲକୁ କଣ୍ଟାଗଛ ସଫା କରିବାକୁ ଯାଇଥିଲେ। ଘନ କୁହୁଡ଼ି ଭିତରୁ ବାହାରି ହଠାତ୍ ଉକ୍ତ ଦନ୍ତା ତାଙ୍କୁ ଦଳି ଦେଇଥିଲା। ଘଟଣାସ୍ଥଳରେ ହିଁ ପ୍ରାଣବାୟୁ ଉଡ଼ିଯାଇଥିଲା। କୁମୁଦ ଘରକୁ ଫେରିବାରେ ବିଳମ୍ବ ହେବାରୁ ତାଙ୍କ ସାନ ଭାଇ ପବିତ୍ର ସାହୁ ମୋବାଇଲ୍‌କୁ ଫୋନ୍ କରିଥିଲେ। ଫୋନ୍ ନ ଉଠାଇବାରୁ ବିଲକୁ ଆସିଥିଲେ। ସେତେବେଳକୁ କୁମୁଦଙ୍କ ମୃତଦେହ ପଡ଼ିଥିଲା। ଏନେଇ ସାଆନ୍ଦା ଫାଣ୍ଡି ଏବଂ ଫରେଷ୍ଟରଙ୍କୁ ଅବଗତ କରାଯାଇଥିଲା। ତେବେ ଅଧିକାରୀମାନେ ବହୁ ବିଳମ୍ବରେ ପହଞ୍ଚିବାରୁ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ରେଞ୍ଜର ହରମୋହନ ନାୟକ, ଏସ୍‌ଆଇ ସମରଜିତ୍ ନାୟକ, ସାଆନ୍ଦା ଫାଣ୍ଡି ଅଧିକାରୀ ସୁରେଶ ମହାପାତ୍ର, ଡିହଡୋଳ ଫରେଷ୍ଟର ରାମଚନ୍ଦ୍ର ରାଉତ ସଦଳବଳ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା ନଂ. ୬/୧୯ ରୁଜୁ କରାଯାଇଛି। ମୃତଚାଷୀଙ୍କ ପରିବାରକୁ ବନ ବିଭାଗ ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ୪୦ ହଜାର ଟଙ୍କାର ସହାୟତା ଚେକ୍ ପ୍ରଦାନ କରାଯାଇଛି। ଅବଶିଷ୍ଟ ୩ଲକ୍ଷ ୬୦ ହଜାର ଟଙ୍କା କାଗଜପତ୍ର ଦାଖଲ ପରେ ପ୍ରଦାନ କରାଯିବ ବୋଲି ରେଞ୍ଜର କହିଛନ୍ତି।

ସେହିପରି ଶୁକ୍ରବାର ବିଳମ୍ବିତ ରାତିରେ ପାଣିଭଣ୍ଡାର, ଚଷାରୋଡ଼ ଗ୍ରାମରେ ମଧ ଦନ୍ତା ଉପଦ୍ରବ ସୃଷ୍ଟି କରିଛି। ଦନ୍ତା ନୃସିଂହ ସାହୁଙ୍କ ଶଗଡ଼, ମାନସ ସାହୁଙ୍କ କୁକୁଡ଼ା ଫାର୍ମ ଭାଙ୍ଗିଦେଇଛି। ସେହିପରି ଫକୀର ସାହୁଙ୍କ ୨ବସ୍ତା ଚାଉଳ ବୋହିନେଇଛି। ହାତୀ ଉତ୍ପାତରେ ଚଷାରୋଡ ଗ୍ରାମର କରୁଣାକର ସାହୁ, ଜମ୍ନେଶ୍ୱର ଦେହୁରୀ, ନୃସିଂହ ସାହୁଙ୍କ ବାସଗୃହ କ୍ଷତିଗ୍ରସ୍ତ ହୋଇଛି। ତୁରନ୍ତ କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦିଆଯିବ ବୋଲି ଫରେଷ୍ଟର ସୂଚନା ଦେଇଛନ୍ତି।


ମୃତ ଚାଷୀଙ୍କ ପରିବାରକୁ ସହାୟତା ସମ୍ପର୍କିତ ଚେକ୍ ପ୍ରଦାନ କରାଯାଉଛି।

### ୪ ମାସରେ ୫ ଜଣଙ୍କୁ ମାରିଲାଣି

କମର, ଲୋଧଣୀ, ପାଳସାହି, କନ୍ଦରସିଂହା, ମଝିକା, ଡମୋଳ, ଖଣ୍ଡୁଆଳମୁଣ୍ଡା, ଜହ୍ନାପଡ଼ା, ଭାଲୁମୁଣ୍ଡା, ସରାଙ୍ଗ, ନାଉପାଳକାଟେଣୀ, ଗଉଡ଼କାଟେଣୀ, ପରମହଂସପୁର, ଖାଲପାଳ ଅଞ୍ଚଳରେ ନରହନ୍ତା ଦନ୍ତା ସର୍ବାଧିକ କ୍ଷତି ଘଟାଇଛି। ହାତୀ ଆକ୍ରମଣରେ ଗତ ୪ମାସ ମଧ୍ୟରେ ୫ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦ରୁ ଊର୍ଦ୍ଧ୍ୱ ଗୁରୁତର ହୋଇଛନ୍ତି। ବିଲରୁ ଧାନ ସରିଯିବା ପରେ ଏବେ ଦନ୍ତା ଜନବସତି ମୁହାଁହେଉଛି। ଦିନସାରା ଜଙ୍ଗଲରେ ରହିବା ପରେ ଅପରାହ୍ନ ଏବଂ ଭୋର୍ ସମୟରେ ଆତଙ୍କ ସୃଷ୍ଟି କରୁଛି। ଦନ୍ତା ଅଧିକରୁ ଅଧିକ ହିଂସ୍ର ହେଉଛି। ଲୋକଙ୍କୁ ଦେଖିଲେ ମାରିବାକୁ ଗୋଡ଼ାଉଛି। ହାତୀର ଏପରି ରୂପ ଦେଖି ଅଞ୍ଚଳବାସୀ ସନ୍ଧ୍ୟାପରେ ଘରୁ ବାହାରକୁ ବାହାରିବାକୁ ସାହସ ଜୁଟାଇପାରୁନାହାନ୍ତି। ହାତୀ ଘଉଡ଼ାଇବାକୁ ଯାଇ ବନ କର୍ମଚାରୀ ନୟାନ୍ତ ହୋଇଗଲେଣି। ଦନ୍ତାଙ୍କୁ ଅନ୍ୟତ୍ର ଘଉଡ଼ାଇବା ସହ ରାତ୍ରିକାଳୀନ ପାଟ୍ରୋଲିଂ ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି।



■ ପ୍ରତୀକ୍ଷାର ଅନ୍ତ

# ଅଟକିଲା ରାଜଧାନୀ

**ଢେଙ୍କାନାଳ ଅଫିସ,୯।୩**

ଦୀର୍ଘଦିନ ପ୍ରତୀକ୍ଷାର ଅନ୍ତ ଘଟିଛି। ବହୁପ୍ରତୀକ୍ଷିତ ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ ଶନିବାର ପ୍ରଥମଥର ଲାଗି ଅଟକିଛି ଢେଙ୍କାନାଳ ଷ୍ଟେଶନରେ। ଜିଲାବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଥିବାରୁ ଏହାକୁ ନେଇ ଯାତ୍ରୀଙ୍କ ମହଲରେ ଖେଳିଯାଇଛି ଖୁସିର ମାହୋଲ।

ରାଜଧାନୀ ଏକ୍ସପ୍ରେସ୍ ୨୦୧୮ ଫେବୃୟାରୀ ୧୦ରୁ ଢେଙ୍କାନାଳ ଦେଇ ଗଡ଼ିଥିଲା। ହେଲେ ଢେଙ୍କାନାଳ ଷ୍ଟେଶନରେ ଏହାର ରହଣି ସୁବିଧା ନ ଥିଲା। ଜିଲାର ଯାତ୍ରୀମାନେ ଭୁବନେଶ୍ୱର, କଟକ କିମ୍ବା ଅନୁଗୋଳ ଷ୍ଟେଶନରୁ ଚଢୁଥିଲେ। ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପ୍ରତିବାଦରେ ଜିଲା ଓକିଲ ସଂଘ ସମେତ ବିଭିନ୍ନ ଅନୁଷ୍ଠାନ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିଥିଲେ। ଏ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯିବା ପରେ ମାର୍ଚ୍ଚ ୪ରେ ଟ୍ରେନ ରହଣି ସମ୍ପର୍କରେ କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀ ମନୋଜ ସିହ୍ନା ଭୁବନେଶ୍ୱରରେ ଘୋଷଣା କରିଥିଲେ। ତଦନୁଯାୟୀ ଶନିବାର ପୂର୍ବାହ୍ନ ୮ଟା ୪୬ରେ ରାଜଧାନୀ ଏକ୍ସପ୍ରେସ ଢେଙ୍କାନାଳ ଷ୍ଟେଶନର ୧ନଂ. ପ୍ଲାଟଫର୍ମରେ ପ୍ରାୟ ୨ ମିନିଟ୍ ଅଟକିଥିଲା। ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଯାତ୍ରା କରିଥିଲେ। ଏହି ଅବସରରେ ରେଳଯାତ୍ରୀ ସଂଘର ଉପଦେଷ୍ଟା ରୁଦ୍ରମାଧବ ମହାପାତ୍ରଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

■ ରାଷ୍ଟ୍ରୀୟ ଲୋକ ଅଦାଲତ

# ୨୬୬ ମାମଲା ଫଇସଲା


ଲୋକ ଅଦାଲତରେ ମାମଲାର ବିଚାର କରାଯାଉଛି।

**ଢେଙ୍କାନାଳ ଅଫିସ, ୯।୩**

ଢେଙ୍କାନାଳ ଜିଲାର ବିଭିନ୍ନ ଅଦାଲତରେ ଶନିବାର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨୬୬ ମାମଲାର ଫଇସଲା କରାଯାଇଛି। ସେଥିରୁ ୫୫ ଦୁର୍ଘଟଣାଜନିତ, ୭ ପାରିବାରିକ, ୧୭୫ ଦେୱାନି, ୨୯ ଫୌଜଦାରି ସମେତ ବ୍ୟାଙ୍କ ମାମଲା ରହିଛି। ଆପୋସ ବୁଝାମଣା ମାଧ୍ୟମରେ ଏସବୁର ସମାଧାନ କରାଯାଇଛି। ମୋଟରଯାନ ଦୁର୍ଘଟଣା ପ୍ରାପ୍ୟ ବାବଦକୁ ୨୧ ଲକ୍ଷ ୭୪ହଜାର ୧୦୦, ବ୍ୟାଙ୍କ ଋଣ ବାବଦକୁ ୨କୋଟି ୫୮ଲକ୍ଷ ୯୮ହଜାର ୯୦୭ ଟଙ୍କା ଆଦାୟ କରାଯାଇଛି।

ସ୍ଥାନୀୟ ସିଭିଲ କୋର୍ଟ ପରିସରରେ ଜିଲା ଦୌରାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧକ୍ଷ ଗଜେନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସ୍ଥାୟୀ ଲୋକ ଅଦାଲତ ଅଧକ୍ଷ ବିରଞ୍ଚି କୁମାର ରଥ, ପାରିବାରିକ ଅଦାଲତ ବିଚାରପତି ପ୍ରତିମା ପଣ୍ଡା, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୋନାଲି ପଟ୍ଟନାୟକ, ବରିଷ୍ଠ ଦେୱାନି ବିଚାରପତି ଅଲ୍ପନା ସ୍ୱାଇଁ, ଅତିରିକ୍ତ ବରିଷ୍ଠ ଦେୱାନି ବିଚାରପତି ସୁଜାତା ପ୍ରିୟମ୍ବଦା ସ୍ୱାଇଁ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀମତୀ ଶିବାନୀ, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ବିବେକ ସାସମଲ, ସୋନାଲି ଅପରାଜିତା ପ୍ରମୁଖ ମାମଲା ପରିଚାଳନା କରିଥିଲେ।

ଅତିରିକ୍ତ ଜିଲା ଜଜ୍ କ୍ଷୀରୋଦ କୁମାର ଦାସ, ରେଜିଷ୍ଟ୍ରାର ସଞ୍ଜିତ ବେହେରା, ବରିଷ୍ଠ ଦେୱାନି ବିଚାରପତି (ମହିଳା ଅଦାଲତ) ଗୀତାଞ୍ଜଳି ନନ୍ଦ, ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ବିଚାରପତି ଅରୁଣ ପଟ୍ଟନାୟକ, ସରକାରୀ ଆଇନଜୀବୀ ପତିତପାବନ ମହାପାତ୍ର, କନସିଲିଏଟର ସୁବାସିନୀ ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ।

## ଚାଷୀଙ୍କୁ ଭୁଆଁ ବୁଲାଉଛନ୍ତି ରାଜ୍ୟ ସରକାର

**କାମାକ୍ଷାନଗର, ୯।୩(ଡି.ଏନ୍.ଏ.)**

ପିଏମ୍ କିଷାନ ଯୋଜନାରୁ ରାଜ୍ୟର ୨୧ ଲକ୍ଷ ଚାଷୀ ବାଦ୍ ପଡ଼ିବା ନେଇ ଉଦ୍‌ବେଗ ବ୍ୟକ୍ତ କରିଛି ଭାଜପା କୃଷକ ମୋର୍ଚ୍ଚା। ଏହାର ପ୍ରତିବାଦରେ କାମାକ୍ଷାନଗରରେ ବିଶାଳ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଦଳୀୟ ନେତୃବୃନ୍ଦ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ଭାଜପା କୃଷକ ମୋର୍ଚ୍ଚା ନେତା ଦେବାଶିଷ ହୋତାଙ୍କ ନେତୃତ୍ୱରେ ଆୟୋଜିତ ପ୍ରତିବାଦ ସଭାରେ କେନ୍ଦ୍ରୀୟ କୃଷକ ନେତା ରାକେଶ ଶର୍ମା ଯୋଗଦେଇ ନବୀନ ସରକାରଙ୍କ ଚାଷୀମାରଣ ନୀତିକୁ ତୀବ୍ର ବିରୋଧ କରିଥିଲେ। ସେ ନିଜ ବକ୍ତବ୍ୟରେ କହିଲେ, ପିଏମ୍ କିଷାନ ଯୋଜନାରେ ସାମିଲ କରିବାକୁ କେନ୍ଦ୍ର ସରକାର ୩୫ ଲକ୍ଷ ଚାଷୀଙ୍କ ତାଲିକା ମାଗିଥିଲେ। ହେଲେ ରାଜ୍ୟ ସରକାର ଜାଣିଶୁଣି ସେଥିରୁ ୨୧ ଲକ୍ଷ ଚାଷୀଙ୍କୁ ବାଦ୍ ଦେଇଛନ୍ତି। ବିଜେଡି ସରକାର ଚାଷୀଙ୍କୁ ଭୁଆଁ ବୁଲାଉଛି। ଆଗାମୀ ନିର୍ବାଚନରେ ଏହାର ଜବାବ ଦିଆଯିବ ବୋଲି ସେ କହିଥିଲେ। ଜିଲା ଭାଜପା ଉପସଭାପତି ଶତ୍ରୁଘ୍ନ ଜେନା, ସନ୍ଦୀପ ପଟ୍ଟନାୟକ, ସାମଲ, ଅନିଲ ପାଣିଗ୍ରାହୀଙ୍କ ସମେତ ୨ହଜାରରୁ ଊର୍ଦ୍ଧ୍ୱ କର୍ମୀ ସାମିଲ ହୋଇଥିଲେ।

# ଝଲସିବ ୨ ସେତୁ



**ଢେଙ୍କାନାଳ ଅଫିସ, ୯।୩**

- ଆଲୋକୀକରଣ ଭିତ୍ତିପ୍ରସ୍ତର ସ୍ଥାପନ କଲେ ମନ୍ତ୍ରୀ
- ବ୍ୟୟ ଅଟକଳ ୯୪ ଲକ୍ଷ ଟଙ୍କା
- ୨ମାସରେ ଶେଷ ହେବ କାର୍ଯ୍ୟ

ଉଜ୍ଜ୍ୱଳ ଆଲୋକରେ ଝଲସିବ ବ୍ରାହ୍ମଣୀ ନଦୀ ଉପରେ ନିର୍ମିତ ସାରଙ୍ଗଧର ସେତୁ ଏବଂ ବାଜି ରାଉତ ସେତୁ। ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଶନିବାର ସେତୁ ଆଲୋକୀକରଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ଢେଙ୍କାନାଳ-କାମାକ୍ଷାନଗର ରାସ୍ତାର ବ୍ରାହ୍ମଣୀ ନଦୀ ଉପରେ ନିର୍ମିତ ହୋଇଛି ସାରଙ୍ଗଧର ବ୍ରିଜ୍। ଏହାର ଦୈର୍ଘ୍ୟ ୧୩୩୫ ମିଟର। ଉକ୍ତ ସେତୁ ଆଲୋକୀକରଣ ଲାଗି ବ୍ୟୟ ଅଟକଳ ରହିଛି ୪୮ ଲକ୍ଷ। ସେହିପରି ମନ୍ଦାର-ଭୁବନ ମଧ୍ୟରେ ଥିବା ୧୨୨୫ ମିଟର ଦୈର୍ଘ୍ୟ ବିଶିଷ୍ଟ ବାଜି ରାଉତ ସେତୁ ଆଲୋକୀକରଣରେ ଖର୍ଚ୍ଚ ହେବ ୪୬ ଲକ୍ଷ। ୩ମାସ ମଧ୍ୟରେ ଏହି କାମ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ, ସହକାରୀ ନିର୍ବାହୀ ଯନ୍ତ୍ରୀ ନିର୍ମଳ କୁମାର ସ୍ୱାଇଁ, ଜିଇଡି ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରିୟଙ୍କା ନାଥ, କାମାକ୍ଷାନଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରତାପ କୁମାର ହରିପାଲ, ଭୁବନ ସହକାରୀ ଯନ୍ତ୍ରୀ ନିରଞ୍ଜନ ସ୍ୱାଇଁ, ଢେଙ୍କାନାଳ ଡିଭିଜନ ସହକାରୀ ଯନ୍ତ୍ରୀ ଦୀପ୍ତିରଞ୍ଜନ ମଲ୍ଲିକ, ସ୍ଥିତପ୍ରଜ୍ଞା ରଥ, ଜିଲା ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର, ଜିଲା ପରିଷଦ ସଭ୍ୟ ହୃଦାନନ୍ଦ ପରିଡ଼ା, ରାୟନୃସିଂହପୁର ସରପଞ୍ଚ ଶିଶିରକାନ୍ତ ବେହେରା, କୋଟଗରା ସରପଞ୍ଚ ଲଳିତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳାଙ୍କ ଲାଗି ରହୁ ଏକତୃତୀୟାଂଶ ସ୍ଥାନ

**ଢେଙ୍କାନାଳ ଅଫିସ, ୯।୩**

ସ୍ଥାନୀୟ ରଥଗଡ଼ାସ୍ଥିତ ଉଫୁନା କାର୍ଯ୍ୟାଳୟରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ରାଜ୍ୟ ଅଧକ୍ଷ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧକ୍ଷତାରେ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ ବିଚାରପତି ଭିକାରିଚରଣ ରାଉତ କହିଲେ, ଲୋକସଭା, ରାଜ୍ୟସଭା ଏବଂ ବିଧାନସଭା ନିର୍ବାଚନରେ ମହିଳାଙ୍କ ଲାଗି ଏକ ତୃତୀୟାଂଶ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରାଯିବା ଆବଶ୍ୟକ। ସବୁ ରାଜନୈତିକ ଦଳ ଏଥିପ୍ରତି ଗୁରୁତ୍ୱ ଦେଲେ ନାରୀ ନେତୃତ୍ୱ ବୃଦ୍ଧି ପାଇବ ବୋଲି ସେ ମତବ୍ୟକ୍ତ କରିଥିଲେ। ଅଧାପକ ମଞ୍ଜୁଶ୍ରୀ ମୁଖୀ, ଅକ୍ଷୟ ଶତପଥୀ, ନିରାକାର ସାହୁ, ଦୈତାରୀ ପରିଡ଼ା, ବାହାଦୁର ପାଟସାହାଣୀ, ଦିଲୀପ ନନ୍ଦ, ଉପେନ୍ଦ୍ର ରାଉତ, ସରୋଜ ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ପ୍ରସାଦ ପଟ୍ଟନାୟକ, ଦୀପ୍ତିମୟ ପଟ୍ଟନାୟକ, ବିଚିତ୍ରାନନ୍ଦ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**REGIONAL PLANT RESOURCE CENTRE**
Ekamra Kanan, Nayapalli, Bhubaneswar - 751015, Odisha
FOREST & ENVIRONMENT DEPARTMENT, GOVERNMENT OF ODISHA
Tel no. 0674-2557925, 2552002, Email : rprcbbsr@gmail.com, Website : www.rprcbbsr.in

Advertisement No. 800/RPRC Dated : 08.03.2019

**WALK-IN-INTERVIEW**

Eligible candidates may attend Walk-in-Interview in P.K. Parija Hall in the premises of RPRC, Bhubaneswar on 16.3.2019 at 11.00 A.M. for selection of Senior Research Fellows, Junior Research Fellows and Field Assistants/ Lab. Asst. under different research projects to be implemented in the Centre. Details about the research projects, eligible criteria, emoluments, tenure of the projects etc. can be obtained from RPRC website (www.rprcbbsr.in) or from the notice board of RPRC, Bhubaneswar.

Sd/-
Chief Executive

# ୧୩ ଘଣ୍ଟା ପରେ ଟଳିଲା ବିପଦ

**ଭଦ୍ରକ ଅଫିସ, ୯।୩**

ଏକ ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କରରୁ ଗ୍ୟାସ୍ ଲିକ୍ ହେବା ଯୋଗୁ ୧୬ ନମ୍ବର ଜାତୀୟ ରାଜପଥରେ ଚଳାଚଳ ଦୀର୍ଘ ୧୩ ଘଣ୍ଟା ଧରି ବନ୍ଦ ରହିଥିଲା। ଶୁକ୍ରବାର ସନ୍ଧ୍ୟା ୭ଟାରୁ ଶନିବାର ସକାଳ ୮ଟା ପର୍ଯ୍ୟନ୍ତ ଗ୍ୟାସ୍ ଲିକ୍ ବନ୍ଦ କରିବାକୁ ଚାଲିଥିଲା ଅପରେଶନ। ଟ୍ରାଫିକ ନିୟନ୍ତ୍ରଣ କରିବାକୁ ପୋଲିସକୁ ସାରାରାତି ନାକେଦମ୍ ହେବାକୁ ପଡ଼ିଥିଲା। ଅନ୍ୟପକ୍ଷେ ଗ୍ୟାସ୍ ପ୍ରଭାବ ସ୍ଥାନୀୟ ଅଞ୍ଚଳକୁ ବ୍ୟାପିବାର ଆଶଙ୍କା ଯୋଗୁ ଲୋକେ ଭୟଭୀତ ହୋଇପଡ଼ିଥିଲେ। ସୁରକ୍ଷା ଦୃଷ୍ଟିକୋଣରୁ ଜାତୀୟ ରାଜପଥକୁ ବନ୍ଦ କରାଯାଇ ପୋଲିସ ମୁତୟନ କରାଯାଇଥିଲା। ଏହାଛଡ଼ା ଗ୍ୟାସ ଲିକ୍ କାରଣରୁ କାଳେ ଅଗ୍ନିକାଣ୍ଡ ଘଟିବ ସେଥିସକାଶେ ଲୋକଙ୍କୁ ଘରେ ଚୁଲି ନ ଜଳାଇବାକୁ ପ୍ରଶାସନ ପକ୍ଷରୁ ପ୍ରଚାର କରାଯାଇଥିଲା। ଆଖପାଖ ଗାଁରେ ମଧ୍ୟ ବିଦ୍ୟୁତ୍ ସରବରାହ ବନ୍ଦ କରିଦିଆଯାଇଥିଲା। ବାଲେଶ୍ୱର ଆଇଓସିଏଲ୍‌ର ୮ ଜଣିଆ ଟେକ୍ନିକାଲ ଟିମ୍ ପହଞ୍ଚିବା ପରେ ଲିକ୍ ହେଉଥିବା ଟ୍ୟାଙ୍କରରୁ ଗ୍ୟାସ୍‌କୁ ଅନ୍ୟ ୨ଟି ଟ୍ୟାଙ୍କରକୁ ଖଲାସ କରାଯାଇଥିଲା। ଶୁକ୍ରବାର ରାତିସାରା ଏଭଳି ଅପରେଶନ ଚାଲିଥିଲା। ଏଥିରେ ଭଦ୍ରକ ଓ ଅଡାର ୧୫ ଜଣ ଅଗ୍ନିଶମ କର୍ମଚାରୀ ଏବଂ କଟକରୁ ଆସିଥିବା ୨୦ ଜଣିଆ ଓଡ୍ରାଫ୍ ଟିମ୍ ନିୟୋଜିତ ହୋଇଥିଲେ। ଘଟଣାସ୍ଥଳରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଥିଲେ। ଜିଲାପାଳ ଜ୍ଞାନରଞ୍ଜନ ଦାସ, ଏସ୍‌ପି ରାଜେଶ ପଣ୍ଡିତ, ଅତିରିକ୍ତ ଏସ୍‌ପି କୈଳାସ ଚନ୍ଦ୍ର ପରିଡ଼ା, ଏସ୍‌ଡିପିଓ ଜଳନ୍ଧର ଜାଲି, ୩ ଥାନାଧିକାରୀ ଦୟାନିଧି ଦାସ, ପ୍ରଜ୍ଞା ମହାନ୍ତି, ସରୋଜିନୀ ସିଂ ପ୍ରମୁଖ ଉପସ୍ଥିତ ରହି ପରିସ୍ଥିତି ତଦାରଖ କରିଥିଲେ। ଦୀର୍ଘ ୧୩ଘଣ୍ଟାର ଉଦ୍ୟମ ପରେ ବିପଦ ଟଳିବାରୁ ଜାତୀୟ ରାଜପଥରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

**ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କରରୁ ଗ୍ୟାସ୍ ଲିକ୍ ଘଟଣା**



- ନିଆଁ ଲାଗିବା ଭୟରେ କଟାଗଲା ବିଜୁଳି
- ସାରାରାତି ଚାଲିଲା ଅପରେଶନ
- ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୋଲିସ ନାକେଦମ୍

## ମା’ ମଙ୍ଗଳାଙ୍କ ଅଳଙ୍କାର ଚୋରି

**ପୁରୀ ଅଫିସ, ୯।୩**

କୁମ୍ଭାରପଡ଼ା ଥାନା ଅଧୀନ ବସ୍‌ଷ୍ଟାଣ୍ଡ ପରିସର ମା’ ମଙ୍ଗଳା ମନ୍ଦିର ଗ୍ରିଲ୍ ତାଡ଼ି ଦୁର୍ବୃତ୍ତ ଶୁକ୍ରବାର ବିଳମ୍ବିତ ରାତିରେ ମା’ଙ୍କ ଲକ୍ଷାଧିକ ଟଙ୍କାର ରୁପା ଅଳଙ୍କାର ଚୋରି କରିଛନ୍ତି। ଦୁର୍ବୃତ୍ତମାନେ ମା’ଙ୍କ ରୁପାର ଆଖି, କାନ, ନାକ ସମେତ ମୁକୁଟ ଓ ଅନ୍ୟାନ୍ୟ ଅଳଙ୍କାର ନେଇଯାଇଛନ୍ତି। ଏ ନେଇ ଶନିବାର ଥାନାରେ ଅଭିଯୋଗ ହୋଇଛି। ପୂର୍ବରୁ ମଧ୍ୟ ମନ୍ଦିର ହୁଣ୍ଡିରୁ ଲକ୍ଷାଧିକ ଟଙ୍କା ଲୁଟ୍ ହୋଇଥିଲା। ଦୁଇଥର ମନ୍ଦିରରୁ ଚୋରି ହୋଇଥିବା ବେଳେ ପୋଲିସ କେବଳ ଅଭିଯୋଗକୁ ରଖି ନୀରବ ସାଜିଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ବସ୍‌ଷ୍ଟାଣ୍ଡ ପରିସରରେ ସିସିଟିଭି ଖଞ୍ଜାଯାଇଛି। ତଥାପି ପୋଲିସକୁ କୌଣସି ସଫଳତା ମିଳିନାହିଁ। ସୂଚନା ମୁତାବକ, ପୂଜକ ଶନିବାର ଭୋର ୫ଟା ବେଳେ ମନ୍ଦିରକୁ ଆସିଥିଲେ। ମନ୍ଦିର ମୁଖ୍ୟ ଫାଟକ ତାଲା ଭଙ୍ଗାଯାଇଥିବା ଏବଂ ମା’ଙ୍କ ଅଳଙ୍କାର ନ ଥିବା ଦେଖି ସ୍ଥାନୀୟ ବାସିନ୍ଦାଙ୍କୁ ଜଣାଇଥିଲେ। ଖବର ପାଇ ପୋଲିସ ପହଞ୍ଚି ତଦନ୍ତ କରିଥିଲା।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୁଃଖେ ସଞ୍ଚିତ ଯେତେ ଧନ**
**ସେ ନୁହେଁ ସୁଖେ ପ୍ରୟୋଜନ,**

ଯିଏ ଗୃହରେ ବାସ କରି କେବଳ ଫଳ ଆଶାରେ କର୍ମକରେ ସେ ଦୁଃଖ ଭୋଗ କରେ। ଧନ ଅର୍ଜନ ପାଇଁ ମନ ତା’ର ସବୁବେଳେ ବ୍ୟାକୁଳିତ ହୁଏ। ଯେତେ ସମ୍ପଦ ଅର୍ଜନ କଲେ ବି ସେଥିରୁ ସେ ଆନନ୍ଦ ରୂପକ ସୁଖ ପାଇ ପାରି ନ ଥାଏ। ଦୁଃଖ ବେଳରେ ସଞ୍ଚିତ ଧନ ସୁଖ ବେଳେ କାମରେ ଲାଗି ପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦେଖିଲେ କଥା ନ କହି**
**ନ ଦେଖିଲେ କାନ୍ଦୁଥାଇ,**
**ମୋରି ପିଣ୍ଡାରେ ବସି**
**ମୋତେ କରୁ ପରିହାସୀ ।**

ଉପର ଠାଉରିଆ ଭଲ ପାଇବା। ସମ୍ପୂର୍ଣ୍ଣ ଆନ୍ତରିକତା ନ ଥାଇ ଆନ୍ତରିକତା ଅଛି ବୋଲି ପ୍ରକାଶ କରିବା। ମନରେ ଛନ୍ଦ କପଟ ରଖି ଉପରକୁ ଭଲ ବୋଲି ଦେଖେଇହେବା। ଛଳନା ଏବଂ କପଟର ଇଏ ବି ଏକ ରୂପ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ୩୭୭ ଚିଟ୍‌ଫଣ୍ଡ ସଂସ୍ଥାର ଠିକଣା ମିଳୁନି

**କଟକ ଅଫିସ, ୯।୩**

୩୭୭ଟି ଚିଟଫଣ୍ଡ ସଂସ୍ଥାର ଠିକଣା ମିଳୁନାହିଁ। ଫଳରେ ଏହି ସଂସ୍ଥାଗୁଡିକୁ ନେଇ ସମସ୍ୟା ଉପୁଜିଛି। କାରଣ ଠିକଣା ନ ଥିବାରୁ କମିଶନଙ୍କ ପକ୍ଷରୁ ଏମାନଙ୍କ ପାଖକୁ ନୋଟିସ ଯାଇପାରୁନାହିଁ। ତେଣୁ ଏଭଳି ସ୍ଥିତିରେ ଗଣମାଧ୍ୟମ ଜରିଆରେ ଠିକଣା ନଥିବା ଏବଂ ପୂର୍ବରୁ ଜାରି କରାଯାଇଥିବା ନୋଟିସର ଉତ୍ତର ରଖି ନ ଥିବା ମୋଟ ୫୭୬ଟି ଚିଟଫଣ୍ଡ ସଂସ୍ଥା ନିକଟକୁ ସାନି ନୋଟିସ ଜାରି କରାଯାଇଛି। ସେପ୍ଟେମ୍ବର ୨୯ ମଧ୍ୟରେ ଏହାର ଉତ୍ତର ରଖିବାକୁ କୁହାଯାଇଛି। ବହୁ କୋଟି ଟଙ୍କାର ଚିଟଫଣ୍ଡ ଦୁର୍ନୀତିର ନ୍ୟାୟିକ ତଦନ୍ତ କରୁଥିବା ଜଷ୍ଟିସ ମଦନ ମୋହନ ଦାସଙ୍କ କମିଶନ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଉପରୋକ୍ତ ସମୟସୀମା ମଧ୍ୟରେ ସଂସ୍ଥାଗୁଡିକ ନୋଟିସର ଜବାବ ନ ରଖିଲେ କମିଶନ ଏକପାଖିଆ ଭାବେ ଶୁଣାଣି କରି ରାୟ ଶୁଣାଇବେ ବୋଲି ଜଣାପଡିଛି।

## ୨୩ ଗ୍ରାମର ବ୍ରାଉନ୍‌ସୁଗାର ଜବତ, ବ୍ୟବସାୟୀ ଗିରଫ

**ଭୁବନେଶ୍ୱର, ୯।୩ (ବ୍ୟୁରୋ)**

ନୟାପଲ୍ଲୀ ଥାନା ସାଲିଆସାହିସ୍ଥିତ ଇନ୍ଦିରାଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ନିକଟରେ ବ୍ରାଉନସୁଗାର ବ୍ୟବସାୟ କରୁଥିବା ଜଣେ ବ୍ୟକ୍ତିଙ୍କୁ କୁଇକ୍ ଆକ୍ସନ ଟିମ୍ (କ୍ୟୁଏଟି) ଶନିବାର ଧରିଛି। ସେ ହେଲେ ସାଲିଆସାହିର ରିଙ୍କୁ ନାୟକ (୨୩)। ତାଙ୍କ ନିକଟରୁ ୨୩ ଗ୍ରାମ ବ୍ରାଉନ ସୁଗାର, ୧୪୬୦ ଟଙ୍କା, ଗୋଟିଏ ମୋବାଇଲ ଫୋନ୍ ଓ ଏକ ବାଇକକୁ ଜବତ କରିଛି। ଏନେଇ କେସ୍ ନଂ.୧୨୪/୧୯ ଦଫା ୨୧(ବି) ଏନ୍‌ଡିପିଏସ୍‌ରେ ମାମଲା ରୁଜୁ କରାଯାଇଛି। ସୂଚନାନୁଯାୟୀ, ରିଙ୍କୁ ସାଲିଆସାହିରେ କିଛିଦିନ ହେବ ବ୍ରାଉନ ସୁଗାର ବେପାର କରୁଥିଲେ। ସେ ବାଲେଶ୍ୱରରୁ ବ୍ରାଉନ ସୁଗାର ଆଣି ଏଠାରେ ବିକ୍ରି କରନ୍ତି। ଏହି ଖବର ମିଳିବା ପରେ କ୍ୟୁଏଟି ରିଙ୍କୁ ଉପରେ ନଜର ରଖିଥିଲା। ଶନିବାର ମଧ୍ୟାହ୍ନରେ ସେ ବାଇକରେ ବସି ବ୍ରାଉନସୁଗାର ବେପାର କରୁଥିଲେ। କ୍ୟୁଏଟି ସେଠାରେ ଚଢାଉ କରି ତାଙ୍କୁ ଗିରଫ କରିଥିଲା। ସେ ମଧ୍ୟ ପୂର୍ବରୁ ପୋଲିସ ହାତରେ ଧରାପଡିଥିଲେ।

# ଘାଟିରୁ ଓଲଟିଲା ବସ୍, ଚାଳକ ମୃତ

**କ.ନୂଆଗାଁ, ୯।୩ (ଡି.ଏନ୍.ଏ.)**



କନ୍ଧମାଳ ଜିଲା କ.ନୂଆଗାଁ ୫୯ ନଂ. ଜାତୀୟ ରାଜପଥ କନ୍ଦିବାନ୍ଦାରେ ଶୁକ୍ରବାର ରାତି ପ୍ରାୟ ୨ଟାରେ ସିଟି ବସ୍ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଏଥିରେ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଛତ୍ରପୁର ଗ୍ରାମର ଚିତ୍ତ ରଞ୍ଜନ ନାୟକ। ଏ ନେଇ ନଂ.୧୩/୧୯ରେ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଥାନା ଅଧିକାରୀ ଚାନ୍ଦମଣି ସିଂ କହିଛନ୍ତି। ବସ୍‌ଟି ବ୍ରହ୍ମପୁରରୁ ବାଲିଗୁଡ଼ାକୁ ମୁଖ୍ୟମନ୍ତ୍ରୀଙ୍କ କୃଷକ ସମାବେଶ ପାଇଁ ଆସୁଥିଲା। କନ୍ଦିବାନ୍ଦା ଘାଟିରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

**ODISHA STATE BEVERAGES CORPORATION LTD.**
(A Government of Odisha Undertaking)
2nd Floor, Fortune Towers, Chandrasekharpur, Bhubaneswar - 751023 (Odisha)
CIN: U51228OR2000SGC006372
Tel.: 0674-2303972 (O), E-mail: osbcltd@gmail.com
Website: www.osbc.co.in
File No.: 2593/OSBC/893 Date: 08.03.19

**CORRIGENDUM**

No.: CAD-1574: It is for information of all concerned that the period of availability of tender notice mentioned in the advertisement on 15.02.2019 for intending godown/ warehouse owners for leasing out their existing godown/ warehouses situated in and around Khurda to Odisha State Beverages Corporation Ltd. for storing of India Made Foreign Liquor/Beer/Country Liquor is hereby revised and the last date and time of submission of sealed tender is **28.03.2019** at 3.00 P.M. instead of 11.03.2019. All other terms and conditions of the advertisement in website of the corporation i.e. **https://osbc.co.in** remain unchanged.

36003/11/0009/1819 Sd./- General Manager (Admn.)

**Government of Odisha, e- Procurement Notice**
**INVITATION FOR BIDS (IFB)**
Bid Identification No. S.E.Dkl.(R&B) 21/2018-19
Email Id-sedklpwd@gmail.com

Letter No /Dt.

No.1392-B:- The Superintending Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Road and Building works as detailed in the table below:

| | | | |
|---|---|---|---|
| 1. | Name of the work | : | Road and Building works |
| 2. | No of works | : | 3 (Three) Nos |
| 3. | Estimated Cost | : | Rs.2,06,55,875/- to Rs. 2,72,96,405/- |
| 4. | Cost of tender paper | : | Rs 10,000.00 |
| 5. | Class of contractor | : | "B" & "A" Class |
| 6. | Period of Completion of work | : | 5 (Five) to 9 (Nine) Calendar months |
| 7. | Date and time of availability of bid Document in the website | : | From Dt.14.03.2019 to 16.00 hours of Dt.28.03.2019 |
| 8. | Date of opening of bid | : | Dt.29.03.2019 at 11.30 hours. |

The bidders have to participate in ONLINE bidding only. Further details can be seen in the e-Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Superintending Engineer Dhenkanal(R&B) Circle, Dhenkanal
34132/11/0031/1819

**GOVERNMENT OF ODISHA**
**DEPARTMENT OF TOURISM** No.R

No. 3181 /TSM. Bhubaneswar, the 08.03.2019
T.Cord-II(S)-68/2019

**1. REQUEST FOR PROPOSAL (RFP) FOR SELECTION OF AGENCY FOR OPERATION & MANAGEMENT OF YATRI NIWAS AT LINGARAJ TEMPLE IN BHUBANESWAR THROUGH PUBLIC PRIVATE PARTNERSHIP**

Department of Tourism, Government of Odisha invites proposals from the intended firms for Operation & Management of Yatrinivas at Lingaraj Temple in Bhubaneswar through Public Private Partnership (PPP). The last date for receipt of application is 12.04.2019 upto 3 PM. The technical proposal shall be opened on the same date at 4 PM in the presence of the bidder's representative.

**2. REQUEST FOR PROPOSAL (RFP) FOR SELECTION OF AGENCY FOR OPERATION & MANAGEMENT OF PARKING AREA, PUBLIC TOILETS AND GOLFCARTS AT LINGARAJ TEMPLE IN BHUBANESWAR UNDER PUBLIC PRIVATE PARTNERSHIP**

Department of Tourism, Government of Odisha invites proposals from the intended firms for Operation & Management of parking area, public toilets and Golf Carts at Lingaraj Temple in Bhubaneswar under Public Private Partnership (PPP). The last date for receipt of application is 13.04.2019 upto 3 PM. The technical proposal shall be opened on the same date at 4 PM in the presence of the bidder's representative.

**3. EXPRESSION OF INTEREST (EOI) FOR EMPANELMENT OF PROFESSIONAL ARCHITECTURE FIRMS/ CONSULTING FIRMS FOR DEVELOPMENT OF TOURISM PROJECTS IN ODISHA.**

Department of Tourism, Government of Odisha invites proposals from the intended firms for Empanelment of Professional Architecture Firms/ Consulting Firms for Development of Tourism Projects in Odisha. The last date for receipt of application is 23.03.2019 upto 3 PM. The proposal shall be opened on the same date at 4 PM in the presence of the bidder's representative.

The above RFP/ EOI documents can be seen and downloaded from the Department's website https://dot.odishatourism.gov.in/?q=tender. The authority reserves the right to reject all or any of the proposals without assigning any reason whatsoever and cancel the entire bidding process.

37001/11/0103/1819 Sd./- Deputy Director, Tourism

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳଦ୍ୱାରଫାଟ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

**OFFICE OF THE SUPERINTENDING ENGINEER BALANGIR (R&B) CIRCLE, BALANGIR**
Email : sepwdbalangir@gmail.com, Phone No. (06652) 231866

**OFFICE ORDER**
Bid Identification No. SE(R&B) BGR/18/2018-19
No. 648/Date: 07.03.2019

No.1389-B: Tender for the Work : "Improvement to Road from NH-57 (Hotel Progress Inn) to Sonepur-Sardhapali road from 0/0 KM to 0/800 KM in the District of Subarnapur for the year 2018-19" in Bid Identification No. SE(R&B) BGR/18/2018-19 is hereby cancelled on technical ground.

Sd./- Superitending Engineer, Balangir (R&B) Circle, Balangir
34131/11/0051/1819

**ODISHA STATE HOUSING BOARD**
SACHIVALAYA MARG, BHUBANESWAR-751001, Phones EPABX: (0674) 2393524, 2390141, 2391542, 2393277, Fax: (0674) 2393952, Visit us at: http://www.oshb.org

No. 205/OSHB Dated 07.03.2019

**BID IDENTIFICATION NO-12/ CE/OSHB/2018-19**
**E-procurement notice for online bidding**
Chief Engineer, OSHB invites online bids as per the following schedule

| Sl. No. | Name of the work | Value of the Work (Rs. lakh) | Con-cerned T.I.A | Secu-rity Amount (Rs. lakh) (Online) | Cost of Bid Docment (Rs.) (Online) | Class of Bidder | Period of completion |
|---|---|---|---|---|---|---|---|
| 1 | Supply, installation, testing and commissioning of 03 Nos. of 10 (ten) passenger lifts, 01 No. of 13 (thirteen) passenger lift and 02 Nos. of Goods lifts including supply and installation of Servo stabilizers and comprehensive annual maintenance (CMC) for two years excluding the OEM provided warranty period to the Lift for the work "Multi-Storied residential apartment at Jagamara, Bhubaneswar | 142 | Chief Engineer, OSHB | 1.42 | 10000 + GST (18%) = 11800.00 | Manufacturer | 06 (Six) Calendar months |

1. Other details.

| Procurement Officer | Bid Identification No. | Availability of Bids for online bidding | |
|---|---|---|---|
| Chief Engineer, OSHB, Bhubaneswar | 12/CE/OSHB/2018-19 | From Dt. 19.03.2019 at 1.00 PM | To Dt. 08.04.2019 upto 3.00 PM |

2. Place and date of opening of the bids- Office of the Chief Engineer, OSHB, Bhubaneswar at 12.00 noon on Dt. 10.04.2019.

Further details can be seen from the website **www.tendersodisha.gov.in.**
Any Corrigendum/ addendum shall be published in the website **www.tendersodisha.gov.in** only.

Sd./- Chief Engineer

# CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add.: T-51, Gali No. 8, Gautampuri, Delhi

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

JAGANNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Jagannath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
Address: Baniadiha, Langaleswar, Baniadiha, Baleswar, Odisha-756024
Mob: 9911417134, 9911417461

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now 8570062731

FINANCE
ବାଲାଜୀ ଫାଇନାନ୍ସ କମ୍ପାନୀ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ। ୨% ସୁଧ ୫୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8765611461
7839995611

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପାଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Bank Finance
Regd No.- (BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ ସବୁ ଋଣ ମାତ୍ର 24 ଘଣ୍ଟାରେ
9499135756
(ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି)
BALIKUDA, JAGATSINGHPUR

ଡିଜିଟାଲ ଉପକରଣ -କମ୍ପାନୀ-
SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
6205322038
7488802117
Bukaro malepur, jamui Bihar-811313

ଋଣ
ସିଟି ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ 10 ବର୍ଷରେ ଫେରସ୍ତ
1% ସୁଧ, 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
9205075808
9205047642
citifinanceindialtd@gmail.com
Add : - 41/14, Sec.1, Pushp Vihar, Delhi

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ। ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକକୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663

**ପାଠକଙ୍କ ପାଇଁ ସୂଚନା** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆଦିବାସୀ, ବଙ୍ଗୀୟ ଭୋଟ ଉପରେ ନଜର

**ଦୁର୍ଯ୍ୟୋଧନ ପାତ୍ର**
**ମାଲକାନଗିରି, ୯।୩**

| **୨୦୧୪ ନିର୍ବାଚନ ଫଳାଫଳ** | | |
|---|---|---|
| ବିଜେଡି | ମାନସ ମାଡକାମି | ୪୭,୭୭୩ |
| କଂଗ୍ରେସ | ମାଳା ମାଢି | ୪୪,୪୨୬ |
| ଭାଜପା | ଆଦିତ୍ୟ ମାଢି | ୩୬,୨୧୨ |

**ମୋଟ ଭୋଟର ସଂଖ୍ୟା**
୨,୨୫,୫୭୫

**ଅନ୍ୟାନ୍ୟ ଭୋଟର**
୮

**ପୁରୁଷ ଭୋଟର**
୧,୧୧,୮୦୧

**ମହିଳା ଭୋଟର**
୧,୧୩,୭୬୬




ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି ମାଲକାନଗିରି ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରମୁଖ ରାଜନୈତିକ ଦଳଗୁଡିକରେ ଟିକେଟ ଆଶାୟୀମାନଙ୍କ ମଧ୍ୟରେ ସେତେ ତତ୍ପରତା ପରିଲକ୍ଷିତ ହେଉଛି। ସେମାନେ ସମର୍ଥକମାନଙ୍କ ସହ ନିଜ ସପକ୍ଷରେ ଲବି ଚଳାଇଛନ୍ତି। ରାଜନୈତିକ ଦଳଗୁଡିକ ଆଦିବାସୀ ଓ ବଙ୍ଗୀୟ ଭୋଟରଙ୍କ ଉପରେ ନଜର ରଖିଛନ୍ତି। ତଦନୁଯାୟୀ ସେମାନେ ସଙ୍ଗଠନ ଚଳାଇଛନ୍ତି। ବିଶେଷକରି ଯୁବ ବଙ୍ଗୀୟ ଓ ଆଦିବାସୀ ଭୋଟରଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ କରାଯାଉଥିବା ଦେଖିବାକୁ ମିଳୁଛି। ଏହି ନିର୍ବାଚନମଣ୍ଡଳୀରେ ୨୦୧୪ରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଥିଲା ବେଳେ ବର୍ତ୍ତମାନ ସ୍ଥିତିରେ ଅନେକ ପରିବର୍ତ୍ତନ ଆସିଛି। ଗୋଷ୍ଠୀ କନ୍ଦଳ ଯୋଗୁ ଆଗାମୀ ଦିନରେ ଦଳ ପାଇଁ ସମସ୍ୟା ସୃଷ୍ଟି ହୋଇପାରେ ବୋଲି କୁହାଯାଉଛି।

୨୦୧୪ ବିଧାନସଭା ନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ନିର୍ବାଚନ ମଇଦାନରେ ନିଜ ସପକ୍ଷରେ ଜନମତ ନେବାକୁ ଉଦ୍ୟମ କରିଥିଲେ। ତେବେ ବିଜେଡି ପ୍ରାର୍ଥୀ ମାନସ ମାଡକାମି ବିଜୟୀ ହୋଇଥିଲେ। ସେ ୪୭,୭୭୩ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ମାଳା ମାଢି ୪୪,୪୨୬ ଖଣ୍ଡ ଭୋଟ ପାଇଥିଲେ। ଭାଜପା ପ୍ରାର୍ଥୀ ଆଦିତ୍ୟ ମାଢି ୩୬,୨୧୨ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ସେତେବେଳେ ଏହି ନିର୍ବାଚନମଣ୍ଡଳୀରେ ୧୧ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ବର୍ତ୍ତମାନର ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି ଓଡିଶା ଜନ ମୋର୍ଚ୍ଚାରୁ ପ୍ରତିଦ୍ୱନ୍ଦ୍ୱିତା କରି ୩,୨୧୯ ଖଣ୍ଡ ଭୋଟ ପାଇଥିଲେ।

କୁହାଯାଉଛି ଯେ, ମାଲକାନଗିରି ବିଜେଡିରେ ଗୋଷ୍ଠୀ କନ୍ଦଳ ନ ଥିଲା। ୩ମାସ ତଳେ ହଠାତ୍ ବିଧାୟକ ମାଡକାମି ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାକର ପ୍ରଧାନ ଏବଂ ଜିଲ୍ଲା ପର୍ଯ୍ୟବେକ୍ଷକ ରାଜେନ୍ଦ୍ର ପଣ୍ଡାଙ୍କୁ କୌଣସି କାରଣରୁ ନିଲମ୍ବିତ କରିଥିଲେ। ଏହା ପରଠାରୁ ଦଳରେ ଗୋଷ୍ଠୀ କନ୍ଦଳ ଆରମ୍ଭ ହୋଇଥିଲା। ଗତ ଫେବୃୟାରୀ ୨୧ରେ ମାଲକାନଗିରି ସଦର ମହକୁମା ସତୀଗୁଡାଠାରେ ବିଜେଡିର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ହୋଇଥିଲା। ଏଠାରେ ଦଳର କର୍ମକର୍ତ୍ତା ଓ କର୍ମୀମାନେ ଆଗାମୀ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ବିଜୟ ଉପରେ ଆଲୋଚନା କରୁଥିବା ବେଳେ ସେହିଦିନ ସମାନ୍ତରାଳ ଭାବେ ଶିଖପାଲ୍ଲୀଠାରେ ବିଜୁ କୃଷକ ମୋର୍ଚ୍ଚା ପକ୍ଷରୁ ଜିଲ୍ଲା ବାହାରୁ ଆସିଥିବା ପର୍ଯ୍ୟବେକ୍ଷକ ସମାନ୍ତରାଳ ବୈଠକ କରିଥିଲେ। ଗତ ୨୭ତାରିଖରେ ମଧ୍ୟ ଏକ ବଡଧରଣର ସମାବେଶ ହେବାକୁ ନିଷ୍ପତ୍ତି ନିଆଯାଇ ସେହିଦିନ ସମାବେଶ ହୋଇଥିଲା। ଏଥିରେ କ୍ରୀଡାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ବିଧାୟକ ମାନସ ମାଡକାମି ଏବଂ ଅଭିନେତ୍ରୀ ପିଙ୍କି ପ୍ରିୟଦର୍ଶିନୀ ଯୋଗ ଦେଇଥିଲେ। ଏହାର ଦିନକ ପରେ ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି ବିଜେଡିରେ ଯୋଗ ଦେଇଥିଲେ। ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ସୋଡି ଦଳରେ ମିଶିବା ପାଇଁ ମାଲକାନଗିରିରୁ ନିଜ ସମର୍ଥକମାନଙ୍କୁ ନେଇ ଯାଇଥିଲେ। ସେହିପରି ମାଡକାମିଙ୍କ ସମର୍ଥକମାନେ ମଧ୍ୟ ଭୁବନେଶ୍ୱର ଯାଇ ଟିକେଟ୍ ପାଇଁ ମାଡକାମିଙ୍କ ସପକ୍ଷରେ ବିଭିନ୍ନ ମନ୍ତ୍ରୀ ଏବଂ ଦଳର ନେତାମାନଙ୍କୁ ସାକ୍ଷାତ୍ କରି ଫେରିଥିଲେ। ଅନ୍ୟ ପକ୍ଷରେ ମୁକୁନ୍ଦ ସୋଡିଙ୍କୁ ଟିକେଟ ଦେବାପାଇଁ ମଧ୍ୟ ଅନ୍ୟ ଏକ ଗୋଷ୍ଠୀ ସେମାନଙ୍କ ପ୍ରୟାସ ଜାରି ରଖିଛନ୍ତି। ତେଣୁ ଏହି ଉଭୟ ଗୋଷ୍ଠୀ ଭୋଟ ବିଭାଜନ କରିପାରନ୍ତି ଏହି ସମ୍ଭାବନାକୁ ଏଡାଯାଇ ନ ପାରେ।

ମାନସ ମାଡକାମି କହିଛନ୍ତି ଯେ, ସେ ୫ ବର୍ଷ ବିଧାୟକ ରହି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସବୁ ଜନହିତକର ଯୋଜନା ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇ ନିର୍ବାଚନ ମଣ୍ଡଳୀର ଉନ୍ନତି କରିଛନ୍ତି। ଆସନ୍ତା ନିର୍ବାଚନରେ ଯଦି ତାଙ୍କୁ ପୁଣି ଥରେ ମୁଖ୍ୟମନ୍ତ୍ରୀ ସୁଯୋଗ ଦିଅନ୍ତି, ତେବେ ଅବଶିଷ୍ଟ ଜନହିତକର କାର୍ଯ୍ୟକୁ ସମ୍ପୂର୍ଣ୍ଣ କରି ମାଲକାନଗିରି ନିର୍ବାଚନମଣ୍ଡଳୀକୁ ସବୁ କ୍ଷେତ୍ରରେ ଏକ ନମ୍ବରକୁ ଆଣିବେ। ଯଦି ଟିକେଟ ନ ମିଳେ ତେବେ ସେ ଦଳରେ ରହି କାର୍ଯ୍ୟ କରିବେ ବୋଲି କହିଛନ୍ତି। ମୁକୁନ୍ଦ ସୋଡି କୁହନ୍ତି, ସେ ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ମାଲକାନଗିରି ନିର୍ବାଚନମଣ୍ଡଳୀରେ ବିଜେଡି ବିଧାୟକ ଭାବେ କାର୍ଯ୍ୟ କରି ଲୋକଙ୍କ ସେବା କରିଛନ୍ତି। କେତେକ କାରଣରୁ ସେ ଦଳ ତ୍ୟାଗ କରି ଭାଜପାରେ ମିଶିଥିଲେ ବି ମୁଖ୍ୟମନ୍ତ୍ରୀଙ୍କ ଜନହିତକର କାର୍ଯ୍ୟ ତାଙ୍କୁ ଆକୃଷ୍ଟ କରିବାରୁ ସେ ପୁଣି ବିଜେଡିକୁ ଫେରିଆସିଛନ୍ତି। ମୁଖ୍ୟମନ୍ତ୍ରୀ ଟିକେଟ ଦେଲେ ସେ ଲୋକଙ୍କ ସେବା କରିବା ସହ ଦଳକୁ ସୁଦୃଢ କରିବେ। ଯଦି ଟିକେଟ ନ ମିଳେ ଦୁଃଖ କରିବାର କିଛି ନାହିଁ, ଦଳରେ ରହି ଦଳପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି।

ଭାଜପା ଗତ ପଞ୍ଚାୟତ ନିର୍ବାଚନରେ ଏଠାରେ ଆଶାନୁରୂପ ସଫଳତା ହାସଲ କରି ଉଭୟ କଂଗ୍ରେସ ଏବଂ ବିଜେଡିକୁ ପଛରେ ପକାଇଛି। ଦଳରେ ଆଶାୟୀ ପ୍ରାର୍ଥୀ ଭାବେ ଆଦିତ୍ୟ ମାଢି, ଦଶରଥ ପଡିଆମି ରହିଛନ୍ତି। ଆଦିତ୍ୟ ଟିକେଟ ପାଇ ନିଶ୍ଚିତ ବିଜୟୀ ହେବେ ବୋଲି ଆଶା ରଖିଛନ୍ତି। ଦଶରଥ ପଡିଆମି କହିଛନ୍ତି, ଗତ ପଞ୍ଚାୟତ ନିର୍ବାଚନରେ ମାଲକାନଗିରି ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପାର ବିଜୟ ପାଇଁ ତାଙ୍କର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। ପଦପଦବୀ ପ୍ରତି ତାଙ୍କର ଲୋଭ ନ ଥିଲେ ମଧ୍ୟ ଜନସାଧାରଣ ତାଙ୍କୁ ବିଧାୟକ ଭାବେ ଦେଖିବାକୁ ଚାହୁଁଛନ୍ତି। ସେଥିପାଇଁ ଟିକେଟ ପାଇବା ନେଇ ଆଶା ରଖିଛନ୍ତି। ଟିକେଟ ନ ମିଳିଲେ ବି ଦଳ ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି।

କଂଗ୍ରେସର ପ୍ରାର୍ଥୀ ହେବାକୁ କାଲିମେଲା ବ୍ଲକ ଅଧ୍ୟକ୍ଷ ମାଳା ମାଢି ଦାବିଦାର ଅଛନ୍ତି। ସେ କଂଗ୍ରେସର ଏକମାତ୍ର ଆଶାୟୀ ଥିବା ଜଣାପଡିଛି। ଏପରିକି କେବଳ ତାଙ୍କ ନାମ କଂଗ୍ରେସର ସମ୍ଭାବ୍ୟ ପ୍ରାର୍ଥୀ ତାଲିକାରେ ଥିବା କୁହାଯାଉଛି। ସେ କହିଛନ୍ତି, ଗତ ସାଧାରଣ ନିର୍ବାଚନରେ ସେ ଅଳ୍ପ ବ୍ୟବଧାନରେ ବିଜେଡି ପ୍ରାର୍ଥୀଙ୍କଠାରୁ ହାରିଥିଲେ। ବର୍ତ୍ତମାନ ମାଲକାନଗିରି ନିର୍ବାଚନ ମଣ୍ଡଳୀର ଭୋଟର ପରିବର୍ତ୍ତନ ଚାହୁଁଛନ୍ତି। ସେ ଟିକେଟ୍ ପାଇଲେ ନିଶ୍ଚିତ ବିଜୟୀ ହେବାକୁ ଆଶା ରଖିଛନ୍ତି। ଯଦି ଟିକେଟ୍ ନ ମିଳେ ତାହାହେଲେ ଦଳରେ ରହି କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି। ସୂଚନାଥାଉକି, ପୂର୍ବତନ ଏମପି ପ୍ରଦୀପ ମାଝି ମାଲକାନଗିରି ଜିଲ୍ଲାକୁ ବାରମ୍ବାର ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମ କରୁଛନ୍ତି। କଂଗ୍ରେସ ସପକ୍ଷରେ ପଡୋଶୀ ଛତିଶଗଡ, ସୁକୁମା, ଦାନ୍ତେୱାଡା ଓ ବସ୍ତର ଜିଲ୍ଲାର କଂଗ୍ରେସ ନେତାମାନେ ମାଲକାନଗିରି ଆଦିବାସୀ ଅଞ୍ଚଳରେ କଂଗ୍ରେସ ସପକ୍ଷରେ ଭୋଟ ପ୍ରଚାର କରିବା ଲାଗି ଯୋଜନା ପ୍ରସ୍ତୁତ ହୋଇଛି। ସେମାନେ ଜିଲ୍ଲାରେ ପ୍ରଚାର କରି ଆଦିବାସୀ ଭୋଟକୁ ହାତେଇବା ଲାଗି ଉଦ୍ୟମ କରିବେ।

ମାଲକାନଗିରି ଜିଲ୍ଲାରେ ବର୍ତ୍ତମାନ ଏହି ୩ଟି ଦଳକୁ ବାଦ୍ ଦେଲେ ଅନ୍ୟ କେତେଜଣ ପ୍ରାର୍ଥୀ ହୋଇ ଭୋଟ ବିଭାଜନ କରିବେ। ତେବେ ଭୋଟର କାହା ମୁଣ୍ଡରେ ସୁନାକଳସ ଢାଳିବେ ତାହା ନିର୍ବାଚନ ପରେ ସ୍ପଷ୍ଟ ହୋଇଯିବ।


ମାନସ ମାଡ଼କାମି


ମୁକୁନ୍ଦ ସୋଡ଼ି


ଆଦିତ୍ୟ ମାଢ଼ି


ମାଳା ମାଢ଼ି


ଦଶରଥ ପଡ଼ିଆମି

# ହ୍ୟାଟ୍ରିକ ଲକ୍ଷ୍ୟରେ ପିନାକୀ, ଚର୍ଚ୍ଚାରେ ସମ୍ବିତ୍

| **୨୦୧୪ ନିର୍ବାଚନ ଫଳାଫଳ** | | |
|---|---|---|
| ପିନାକୀ ମିଶ୍ର | ବିଜେଡି | ୫,୨୩,୧୬୧ |
| ସୁଚରିତା ମହାନ୍ତି | କଂଗ୍ରେସ | ୨,୫୯,୮୦୦ |
| ଅଶୋକ ସାହୁ | ଭାଜପା | ୨,୧୫,୭୬୩ |




**ମୋଟ ଭୋଟର ସଂଖ୍ୟା**
୧୫,୨୫,୬୯୮

**ନୟାଗଡ଼**
୨,୧୮,୮୧୨

**ବ୍ରହ୍ମଗିରି**
୨,୧୪,୩୦୫

**ରଣପୁର**
୨,୦୬,୨୪୫

**ସତ୍ୟବାଦୀ**
୨,୦୪,୦୭୧

**ଚିଲିକା**
୨,୧୯,୩୪୦

**ପିପିଲି**
୨,୨୩,୪୯୪

**ପୁରୀ**
୨,୩୯,୪୩୧


ପିନାକୀ ମିଶ୍ର


ଅରୂପ ପଟ୍ଟନାୟକ


ସମ୍ବିତ୍ ପାତ୍ର


ଯୋଗେଶ୍ୱର ମହାପାତ୍ର

**ହେମନ୍ତ ନାୟକ**
**ପୁରୀ ଅଫିସ, ୯।୩**


ଅମିୟ କୁମାର ପଟ୍ଟନାୟକ


ସୁଚରିତା ମହାନ୍ତି

ପୁରୀ ଲୋକ ସଭା ଆସନକୁ କଂଗ୍ରେସ ଅଧିକାଂଶ ସମୟ ନିଜ କବ୍‌ଜାରେ ରଖୁଥିଲା। ହେଲେ ବିଜେଡି ପ୍ରତିଷ୍ଠା ହେବା ପରଠାରୁ କଂଗ୍ରେସ ଆଉ ଖାତା ଖୋଲିପାରୁ ନାହିଁ। ୧୯୯୬ରେ ଶେଷଥର ପାଇଁ କଂଗ୍ରେସ ଏଠାରେ ଜିତିଥିଲା। ବର୍ତ୍ତମାନର ଏମ୍‌ପି ପିନାକୀ ମିଶ୍ର ସେତେବେଳେ କଂଗ୍ରେସରୁ ଜିତିଥିଲେ। ହେଲେ ପରେ କଂଗ୍ରେସ ଛାଡି ବିଜେଡିରେ ମିଶିଥିବା ପିନାକୀ ଗତ ଦୁଇଟି ନିର୍ବାଚନରେ ଜିତି ଆସୁଛନ୍ତି। ଆସନ୍ତା ସାଧାରଣ ନିର୍ବାଚନରେ ଏଠାରେ କାହାର ସ୍ଥିତି କ'ଣ ରହିବ ସେନେଇ ସାଧାରଣରେ ଅଙ୍କକଷା ଚାଲିଛି। ପ୍ରଥମଥର ଭାଜପା ଖାତା ଖୋଲିବ ନା କଂଗ୍ରେସ ପୂର୍ବପରି ଏଠାରେ ତା' ସ୍ଥିତି ଜାହିର କରିବ ନା ପୁଣି ଜିତି ପିନାକୀ ହ୍ୟାଟ୍ରିକ କରିବେ ତାକୁ ନେଇ ଚାଲିଛି ଚର୍ଚ୍ଚା।

ପୁରୀ ଜିଲ୍ଲାର ପୁରୀ, ସତ୍ୟବାଦୀ, ବ୍ରହ୍ମଗିରି, ପିପିଲି ଓ ନୟାଗଡ଼ ଜିଲ୍ଲାର ରଣପୁର, ନୟାଗଡ଼ ଏବଂ ଖୋର୍ଦ୍ଧା ଜିଲ୍ଲାର ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀକୁ ନେଇ ପୁରୀ ଲୋକ ସଭା ନିର୍ବାଚନ ମଣ୍ଡଳୀ ଗଠିତ। ୧୯୯୧ରୁ ଜନତା ଦଳରୁ ପ୍ରାର୍ଥୀ ହୋଇ ଜିତିଥିବା ବ୍ରଜକିଶୋର ତ୍ରିପାଠୀ ୧୯୯୮, ୧୯୯୯ ଏବଂ ୨୦୦୪ରେ ବିଜେଡିରୁ ପ୍ରାର୍ଥୀ ହୋଇ ଜିତିଥିଲେ। ୨୦୦୯ରେ ଦଳ ତାଙ୍କୁ ଚାହିଁ ନ ଥିଲା। କଂଗ୍ରେସରୁ ଆସିଥିବା ପିନାକୀଙ୍କୁ ପ୍ରାର୍ଥୀ କରି ଦଳ ସଫଳତା ପାଇଥିଲା। ସେହିପରି ୨୦୧୪ରେ ଦ୍ୱିତୀୟଥର ପ୍ରାର୍ଥୀ ହୋଇ ପିନାକୀ କଂଗ୍ରେସର ସୁଚରିତା ମହାନ୍ତିଙ୍କୁ ୨ଲକ୍ଷ ୬୩ ହଜାର ୩୬୧ ଭୋଟରେ ପରାସ୍ତ କରିଥିଲେ। ପିନାକୀ ୫,୨୩,୧୬୧ ଖଣ୍ଡ ଭୋଟ ପାଇଥିବା ବେଳେ ସୁଚରିତା ୨,୫୯,୮୦୦ ଏବଂ ଭାଜପାର ଅଶୋକ ସାହୁ ୨,୧୫,୭୬୩ ଖଣ୍ଡ ଭୋଟ ପାଇଥିଲେ। ବିଜେଡିକୁ ୫୦.୩୩ ପ୍ରତିଶତ ଭୋଟ ମିଳିଥିବା ବେଳେ କଂଗ୍ରେସକୁ ୨୫ ପ୍ରତିଶତ ଏବଂ ଭାଜପାକୁ ୨୦.୭୬ ପ୍ରତିଶତ ଭୋଟ ମିଳିଥିଲା।

୨୦୧୪ ନିର୍ବାଚନରେ ପୁରୀ ଲୋକ ସଭା ଅଧୀନ ୭ଟି ବିଧାନସଭା ମଧ୍ୟରୁ ୬ଟି ବିଜେଡି କବ୍‌ଜାରେ ରହିଛି। ପୁରୀର ୪ଟି, ନୟାଗଡ଼ର ୨ଟି ନିର୍ବାଚନମଣ୍ଡଳୀରେ ବିଜେଡି ବିଜୟୀ ହୋଇଥିବା ବେଳେ କେବଳ ଚିଲିକା ଆସନଟି ଭାଜପା ଦଖଲରେ ରହିଛି। ତେଣୁ ବିଜେଡି ଗଠନ ପରଠାରୁ ପୁରୀ ଲୋକ ସଭା ଆସନ ବିଜେଡିର ଏକ ଅଭେଦ୍ୟ ଦୁର୍ଗ ଭାବେ ପରିଗଣିତ ହୋଇଆସୁଛି। ହେଲେ ଏଥର ଏହି ନିର୍ବାଚନଣ୍ଡଳୀ ଉପରେ ସବୁ ଦଳର ରହିଛି କଡ଼ା ନଜର। ପ୍ରତ୍ୟେକ ରାଜନୈତିକ ଦଳ ପୁରୀର ଗୁରୁତ୍ୱକୁ ଉପଲବ୍ଧି କରି ଏଠାରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଠାରୁ ପ୍ରାର୍ଥୀ ହେଉଥିବା ନେଇ ଗତବର୍ଷ କଥା ଉଠିବା ପରେ ପୁରୀ ରାଜନୀତି ଚର୍ଚ୍ଚାର ପରିଧିକୁ ଆସିଯାଇଥିଲା। ହେଲେ ଏନେଇ ଆଉ କୌଣସି କଥା ଆଗକୁ ବଢ଼ି ନ ଥିବାବେଳେ ବର୍ତ୍ତମାନ ଭାଜପାର ପ୍ରାର୍ଥୀ ଭାବେ ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ୍ ପାତ୍ର, ଗୁଜରାଟର ପୂର୍ବତନ ପୋଲିସ ଡିଜି ତଥା ପୁରୀର ମୂଳବାସିନ୍ଦା ଯୋଗେଶ୍ୱର ମହାପାତ୍ର ଏବଂ ଡା. ବସନ୍ତ ପତିଙ୍କ ନାଁ ଚର୍ଚ୍ଚା ହେଉଛି।

ବିଜେଡିରୁ ପିନାକୀ ମିଶ୍ର ହ୍ୟାଟ୍ରିକ ଲକ୍ଷ୍ୟରେ ରହିଥିବା ବେଳେ ବମ୍ବେର ପୂର୍ବତନ ପୋଲିସ କମିଶନର ଅରୂପ ପଟ୍ଟନାୟକଙ୍କ ନାଁକୁ ନେଇ ବି ଚର୍ଚ୍ଚା ଚାଲିଛି। ସେହିପରି ଗତଥର ପିନାକୀଙ୍କଠାରୁ ପରାସ୍ତ ହୋଇଥିବା ସୁଚରିତା ମହାନ୍ତି, ପିସିସି କିଷାନ ସେଲ୍ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ପ୍ରାର୍ଥୀ ହେଉଥିବା ଦଳୀୟ ମହଲରେ ଆଲୋଚନା ହେଉଛି।

ଟିକେଟ ସମ୍ପର୍କରେ ଏମ୍‌ପି ପିନାକୀ ମିଶ୍ର କହିଛନ୍ତି, ଟିକେଟ ବାବଦରେ ଦଳର ନେତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାହା ନିଷ୍ପତ୍ତି ନେବେ ତାହାକୁ ସମସ୍ତେ ମାନିନେବେ। ଯଦି ଦଳ ଚାହିଁବ ସେ ଲଢ଼ିବେ। ଦଳ ନ ଚାହିଁଲେ ସେ ଲଢିବେନି। ସେହିପରି ବମ୍ବେର ପୂର୍ବତନ ପୋଲିସ କମିଶନର ଅରୂପ ପଟ୍ଟନାୟକଙ୍କ ନାଁ ବି ଶୁଣିବାକୁ ମିଳୁଛି। ବିଜୁ ଯୁବ ବାହିନୀର ଦାୟିତ୍ୱ ବୁଝୁଥିବା ଅରୂପ ଡେଲାଙ୍ଗ ଅଞ୍ଚଳର ବାସିନ୍ଦା। ତେଣୁ ତାଙ୍କୁ ନିଜ ଜିଲ୍ଲାର ସେବା କରିବାକୁ ଦଳ ଚିନ୍ତା କରୁଥିବା ମଧ୍ୟ ଚର୍ଚ୍ଚା ହେଉଛି।

କଂଗ୍ରେସର ସୁଚରିତା ମହାନ୍ତି କହିଛନ୍ତି, କଂଗ୍ରେସ ଏକ ଜାତୀୟ ଦଳ। ଯେ କୌଣସି ନିଷ୍ପତ୍ତି ହେବ ଦଳର ସଭାପତି ରାହୁଲ ଗାନ୍ଧୀ ହିଁ ନେବେ। ଗତ ନିର୍ବାଚନରେ ଦଳ ପକ୍ଷରୁ ନିର୍ବାଚନ ଲଢି ଦ୍ୱିତୀୟ ସ୍ଥାନରେ ଥିଲେ। ତେଣୁ ଏଥର ଯଦି ରାହୁଲ ଗାନ୍ଧୀ ଚାହିଁବେ ନିଶ୍ଚିତ ଲଢିବେ। ସେହିପରି କଂଗ୍ରେସର ଅନ୍ୟତମ ଆଶାୟୀ ଅମିୟ କୁମାର ପଟ୍ଟନାୟକ କହିଛନ୍ତି, ବର୍ତ୍ତମାନ କୃଷକଙ୍କୁ ଫୋକସରେ ରଖି ସବୁ ରାଜନୈତିକ ଦଳ ଆଗାମୀ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରୁଛନ୍ତି। ବିଶେଷକରି ଚାଷ ଓ ଚାଷୀର ବିକାଶ ପାଇଁ କଂଗ୍ରେସ ସଂକଳ୍ପିତ। ସେ କୃଷକମାନଙ୍କ ପ୍ରତିନିଧି ଭାବେ ୨୦୦୬ରୁ ପିସିସି କୃଷକ ସେଲ୍‌ର ଅଧ୍ୟକ୍ଷ ରହିଆସିଛନ୍ତି। ଏଥିସହ ଏଆଇସିସି ସଭ୍ୟ ରହିଛନ୍ତି। ଦଳର ହାଇକମାଣ୍ଡଙ୍କ ଉପରେ ତାଙ୍କର ବିଶ୍ୱାସ ରହିଛି। ନିଶ୍ଚିତ ସେ ତାଙ୍କୁ ଏଥର ସୁଯୋଗ ଦେବେ ବୋଲି ଆଶା ରଖିଛନ୍ତି।

ଯୋଗେଶ୍ୱର ମହାପାତ୍ର କହିଛନ୍ତି, ପୁରୀ ହେଉଛି ତାଙ୍କ ଜନ୍ମଭୂମି। ହେଲେ ଏଠାରେ ବେଶି ସମୟ ରହିବାର ସୁଯୋଗ ପାଇନାହାନ୍ତି। ଯଦି ଭାଜପା ଜନ୍ମଭୂମିର ସେବା କରିବାର ସୁଯୋଗ ଦେବ ନିଶ୍ଚିତ ତାହାକୁ ଗ୍ରହଣ କରିବେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଜାତୀୟ ସ୍ତରରେ ଭାଜପାର ମୁଖପାତ୍ର ଭାବେ ବେଶ୍ ଚର୍ଚ୍ଚିତ ସମ୍ବିତ ପାତ୍ରଙ୍କୁ ଦଳ ଏଥର ପୁରୀରୁ ପ୍ରାର୍ଥୀ କରୁଥିବା ଚର୍ଚ୍ଚା ହେଉଛି। ଇତିମଧ୍ୟରେ ସମ୍ବିତ ପୁରୀ ଆସି ବିଭିନ୍ନ ନିର୍ବାଚନମଣ୍ଡଳୀର ପ୍ରମୁଖ ଦଳୀୟ ନେତାଙ୍କୁ ସାକ୍ଷାତ୍ କରିଥିବା ବେଳେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ତେଣୁ ତାଙ୍କୁ ନେଇ ପୁରୀ ଭାଜପା ବେଶ୍ ଉତ୍ସାହିତ ହୋଇପଡିଛି।

# 'ମାଟିର ପୁଅକୁ ଚାହୁଁଛନ୍ତି ମୋରଡ଼ାବାସୀ'

**ଏଥର ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତାର ସମ୍ଭାବନା ଅଧିକ**

**ଭୁବନେଶ୍ୱର, ୯।୩ (ବ୍ୟୁରୋ)**




ରାଜ୍ୟର ୩୪ନଂ ବିଧାନସଭା ନିର୍ବାଚନ ମଣ୍ଡଳୀ ଭାବେ ପରିଚିତ ମୋରଡ଼ା। ମୟୂରଭଞ୍ଜ ଜିଲ୍ଲାର ବଣପାହାଡ ଘେରା ରାସଗୋବିନ୍ଦପୁର, ମୋରଡ଼ା ଏବଂ ଶୁଳିଆପଦା ବ୍ଲକକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ। ୨୦୦୯ରେ ବିଧାନସଭା କ୍ଷେତ୍ର ପୁନର୍ଗଠନ ପରେ ଏହି ଆସନ ସାଧାରଣବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ରହିଥିଲା। ବାରିପଦାର ରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ବିଜେଡି ପକ୍ଷରୁ ୨ଥର ବିଧାୟକ ଭାବେ ନିବାଚନ ଜିତିଥିଲେ। ଅଞ୍ଚଳର ବହୁବିଧ ବିକାଶ ହେବ ବୋଲି ଲୋକେ ଚାହିଁ ବସିଥିବା ବେଳେ ନୂତନ ଶିଳ୍ପାୟନ, ଜଙ୍ଗଲଜାତ ଦ୍ରବ୍ୟର କ୍ରୟ ଓ ବିକ୍ରୟ ପାଇଁ ନୂତନ ବଜାର ସୃଷ୍ଟି କରିବା, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ବିଦ୍ୟୁତ୍ ଭଳି ଅତ୍ୟାବଶ୍ୟକ ସୁବିଧାର ଭିତ୍ତିଭୂମି ବିକାଶ ହୋଇ ନ ଥିଲା। ଏ ପରି କି ଅନ୍ୟ ବିଧାନସଭା କ୍ଷେତ୍ର ତୁଳନାରେ ଏହା ବହୁ ପଛରେ ପଡ଼ିଥିବାରୁ ବିଭିନ୍ନ ସମୟରେ ବିରୋଧୀ ରାଜନୈତିକ ଦଳ ଏବଂ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରି ଧାରଣା ସହ ଆନ୍ଦୋଳନ କରିଥିଲେ। ଏଣୁ ଏହି ନିର୍ବାଚନମଣ୍ଡଳୀରେ ବାହାର ଅଞ୍ଚଳର ନେତାଙ୍କୁ ଲଦି ନ ଦେଇ ମାଟିର ପୁଅକୁ ନେତା କରିବା ସକାଶେ ଭୋଟରମାନେ ଚାହୁଁଥିବାର ଏବେ ଚର୍ଚ୍ଚା ଜୋର ଧରିଛି।

୨୦୧୪ ବିଧାନସଭା ନିର୍ବାଚନରେ ବିଜେଡି ପ୍ରାର୍ଥୀ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ୫୨ ହଜାରରୁ ଅଧିକ ଭୋଟ ପାଇ ନିର୍ବାଚିତ ହୋଇଥିଲେ। ଭାଜପା ପ୍ରାର୍ଥୀ ରାଜକିଶୋର ଦାସ ୪୭ ହଜାର, କଂଗ୍ରେସ ପ୍ରାର୍ଥୀ ପ୍ରଭାସ କର ମହାପାତ୍ର ୨୬ ହଜାର ଏବଂ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ପ୍ରାର୍ଥୀ ମନୋରଞ୍ଜନ ଧଳ ୧୮ ହଜାରରୁ ଅଧିକ ଭୋଟ୍ ପାଇଥିଲେ। ତେବେ ଭଞ୍ଜଦେଓ ବିଧାୟକ ଭାବରେ ଦୁଇଥର ବିଜୟୀ ହୋଇ ସରକାରରେ ସାମିଲ ହୋଇଥିଲେ ବି ସ୍ଥାନୀୟ ସମସ୍ୟା ସୁଧୁରି ନ ଥିବା ଅଭିଯୋଗ ହୋଇଆସୁଛି। କେବଳ ନିର୍ବାଚନ ସମୟରେ ତାଙ୍କର ଦେଖା ମିଳିବା କଥା ସ୍ଥାନୀୟ ଭୋଟରମାନେ ଖୋଲାଖୋଲି କହୁଛନ୍ତି। ୨୦୧୯ ବିଧାନସଭା ନିର୍ବାଚନରେ ଦଳଗତ ନିର୍ବିଶେଷରେ ଆଞ୍ଚଳିକ ନେତୃତ୍ୱକୁ ଗୁରୁତ୍ୱ ଦେବା ସପକ୍ଷରେ ସ୍ଥାନୀୟ ଲୋକେ ରହିଥିବା ଭୋଟରମାନେ ଚର୍ଚ୍ଚା କରୁଛନ୍ତି। ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ଏଠାରୁ କଂଗ୍ରେସ ପ୍ରାର୍ଥୀ ଭାବେ ପ୍ରକାଶ କିଶୋର ନାୟକ, ହେମନ୍ତ ଦାସ ଓ ପ୍ରଭାସ କର ମହାପାତ୍ର ଲବିରେ ଥିବାବେଳେ ଭାଜପାରେ ରାଜକିଶୋର ଦାସ ଓ କୃଷ୍ଣଚନ୍ଦ୍ର ଦାସ ଏବଂ ସେହିପରି ବିଜେଡିରେ ବିଧାୟକ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଏବଂ ଆଦିତ୍ୟ ପଣ୍ଡା ଟିକଟ ଆଶାୟୀ ଥିବାର ଏବେଠାରୁ ସୂଚନା ମିଳୁଛି। କେବଳ ପ୍ରକାଶଙ୍କ ବ୍ୟତୀତ ଅନ୍ୟ ସମସ୍ତ ଆଶାୟୀ ପ୍ରାର୍ଥୀ ନିର୍ବାଚନମଣ୍ଡଳୀର ବାହାର ଅଞ୍ଚଳର ଲୋକ ହୋଇଥିବା ଚର୍ଚ୍ଚା ହେଉଛି।

## ଏମାନେ ଯାହା କୁହନ୍ତି

- ଏଠି ମାଟିର ପୁଅକୁ ଚାହୁଁଛି ମୋରଡ଼ା ନିର୍ବାଚନ ମଣ୍ଡଳୀ। ନିର୍ବାଚନ ସମୟରେ ନେତାମାନେ ମାଳମାଳ ହୋଇ ଆସନ୍ତି। ନିର୍ବାଚନ ଶେଷ ହେଲେ ସେମାନଙ୍କର ଦର୍ଶନ ମିଳେ ନାହିଁ। ସ୍ଥାନୀୟ ଲୋକ ପ୍ରତିନିଧି ହେଲେ ଲୋକଙ୍କ ଦୁଃଖସୁଖର ସାଥୀ ହୋଇପାରିବେ। ରାସଗୋବିନ୍ଦପୁର ବ୍ଲକ ତୋଟାପଡ଼ା ପଞ୍ଚାୟତ ପାଇକସାହିର ପ୍ରକାଶ କିଶୋର ନାୟକ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କଲେ ଆମେ ସ୍ୱାଗତ କରିବୁ।

**-ଗୋପୀନାଥ ମହାନ୍ତି (ଚାଷୀ), ମହୁଲିଆ, ରାସଗୋବିନ୍ଦପୁର**

- ବିଜେଡି, ଭାଜପା, କଂଗ୍ରେସ ମଧ୍ୟରେ ଏଠାରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବା ସମ୍ଭାବନା ଅଧିକ। ବିଜେଡିକୁ 'କାଳିଆ' ଯୋଜନା ଅଡୁଆରେ ପକାଇବ। ସେହିପରି ବାହାର ଅଞ୍ଚଳର ପ୍ରାର୍ଥୀଙ୍କୁ ଭୋଟରମାନେ ନିଶ୍ଚିତ ବର୍ଜନ କରିବେ।

**-ଉତ୍ତମ କୁମାର ମହାନ୍ତି, ଚା' ଦୋକାନୀ, ବଡାମପୁର, ରାସଗୋବିନ୍ଦପୁର**

- ସ୍ଥାନୀୟ ନେତୃତ୍ୱର ଅଭାବ କାରଣରୁ ମୋରଡ଼ା ବିଧାନସଭା କ୍ଷେତ୍ର ଅବହେଳିତ ହୋଇ ରହି ଆସିଛି। ଅଞ୍ଚଳର ୬୦% ଲୋକ ବୋବେଇ ଚାଷ ଏବଂ ବାଉଁଶ ବ୍ୟବସାୟ ଉପରେ ନିର୍ଭର କରି ପରିବାର ଭରଣପୋଷଣ କରିଥାନ୍ତି। ବୋବେଇ କିଣାବିକା ପାଇଁ ସତନ୍ତ୍ର ବଜାର ଏବଂ ବାଉଁଶ ଶିଳ୍ପ ପ୍ରତିଷ୍ଠା ନ ହେବା ଏ ଅଞ୍ଚଳ ପାଇଁ ଦୁର୍ଭାଗ୍ୟଜନକ।

**-ଗୌରହରି ସେନାପତି, ବୁଦ୍ଧିଜୀବୀ, ଅସନଖାଲି**


ଗୋପୀନାଥ ମହାନ୍ତି


ଉତ୍ତମ କୁମାର ମହାନ୍ତି


ଗୌରହରି ସେନାପତି

## ସାପ୍ତାହିକ କାର୍ଯ୍ୟକ୍ରମ

୧୦।୩।୧୯

■ ଅନୁଗୋଳ
ଇଭିଏମ୍ ଓ ଭିଭିପାର୍ଟ ସଚେତନତା କାର୍ଯ୍ୟକ୍ରମ
ସ୍ଥାନ: ଜିଲା କାର୍ଯ୍ୟାଳୟ
ସମୟ: ପୂର୍ବାହ୍ନ ୧୧ଟା।

■ ଛେଣ୍ଡିପଦା
ଜୀବନବିନ୍ଦୁ ରକ୍ତଦାନ ଶିବିର
ସ୍ଥାନ:ପିସିଆଇଟି ସଭାଗୃହ
ସମୟ: ପୂର୍ବାହ୍ନ ୮ଟା।

୧୧।୩।୧୯

■ ଅନୁଗୋଳ
ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ
ସ୍ଥାନ: ତାଳଚେର ବ୍ଲକ କାର୍ଯ୍ୟାଳୟ
ସମୟ: ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ନବାହ୍ନ ପାରାୟଣ ମହାଯଜ୍ଞ ପାଇଁ କଳସଯାତ୍ରା



**ଢେଙ୍କାନାଳ ଅଫିସ, ୯।୩:** ଢେଙ୍କାନାଳର ଐତିହ୍ୟସମ୍ପନ୍ନ ଯାଉଁଳିପୋଖରୀ ମଠରେ ରବିବାରଠାରୁ ଆରମ୍ଭ ହେଉଛି ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ। ଏହି ଆଧାତ୍ମିକ କାର୍ଯ୍ୟକ୍ରମ ଅବ୍ୟବହିତ ପୂର୍ବରୁ ଶନିବାର ମଠାଧୀଶ ମୋହନ ଚରଣ ଦାସଜୀ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଳସ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ବ୍ରାହ୍ମଣୀ ନଦୀ କମଗରା ଘାଟରୁ ଜଳପୂର୍ଣ୍ଣ କଳସ ଧରି ଶ୍ରଦ୍ଧାଳୁମାନେ ସହର ପରିକ୍ରମା କରି ମଠରେ ପହଞ୍ଚିଥିଲେ। ଏହାପରେ ନୀତି ଅନୁଯାୟୀ ପାରାୟଣ ମଞ୍ଚ ସ୍ଥାପନ କରାଯାଇଥିଲା। ସନ୍ଧ୍ୟାରେ ଅଖଣ୍ଡ ପ୍ରଦୀପ ପ୍ରଜ୍ୱଳନ କାର୍ଯ୍ୟ ଯଥାବିଧି ଶେଷ ହୋଇଛି। ଏହି ଅବସରରେ ସାଧୁସନ୍ଥମାନେ ଭଜନକୀର୍ତ୍ତନ, ହନୁମାନ ଚାଳିଶା ପାଠ କରିଥିଲେ। ରବିବାରଠାରୁ ୧୮ ତାରିଖ ଯାଏ ସନ୍ଧ୍ୟା ୭ଟାରୁ ରାମଚରିତ ମାନସ ପାଠ ହେବ। ଏହି କାର୍ଯ୍ୟକ୍ରମ ୪୧ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଅନୁଷ୍ଠିତ ହୋଇ ଆସୁଥିବା ମଠ କାର୍ଯ୍ୟକର୍ତ୍ତା ସୂଚନା ଦେଇଛନ୍ତି।

### ଚାନ୍ଦା ମାଗି ଯୁବକ ଗିରଫ

**ଅନୁଗୋଳ ଅଫିସ, ୯।୩:** ଅନୁଗୋଳରେ ରେଲୱେ କାର୍ଯ୍ୟ କରୁଥିବା କଣ୍ଟ୍ରାକ୍ଟରଙ୍କୁ ଚାନ୍ଦା ମାଗିବା ଅଭିଯୋଗରେ ରାଣୀଗୋଡ଼ାର ନିଲୁ ସାହୁଙ୍କୁ ପୋଲିସ ଶନିବାର ଗିରଫ କରିଛି। ଏ ନେଇ ଅନୁଗୋଳ ଥାନାରେ ନଂ.୧୬୧/୧୯ରେ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି।

### ଆକ୍ରମଣ ଅଭିଯୋଗରେ ୨ କୋର୍ଟଚାଲାଣ

**ଅନୁଗୋଳ ଅଫିସ, ୯।୩:** ଆକ୍ରମଣ ଅଭିଯୋଗରେ ଅନୁଗୋଳ କୁଶାସିଂହାର ସୁଧାକର ବେହେରା ଓ ସୁମନ୍ତ ବେହେରାଙ୍କୁ ଅନୁଗୋଳ ପୋଲିସ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ପୂର୍ବ ଶତ୍ରୁତାକୁ ନେଇ ଗତ ମାସରେ ସେହି ଗ୍ରାମର ମଣ୍ଟୁ ରାଉତଙ୍କୁ ୨ ଅଭିଯୁକ୍ତ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ନଂ. ୧୧୭/୧୯ରେ ମାମଲା ରୁଜୁ ହୋଇଥିଲା। ସେହିଦିନରୁ ଉଭୟେ ଫେରାର ଥିଲେ।

### ଚୋରି ଅଭିଯୁକ୍ତଙ୍କୁ ଛେଚିଲେ ବ୍ୟବସାୟୀ

**ଅନୁଗୋଳ ଅଫିସ, ୯।୩:** ଅନୁଗୋଳ ସ୍ଥିତ ଶୀତଳପ୍ଲାଜାରେ ଗାଡ଼ି ଚୋରି କରୁଥିବା ଜଣେ ଯୁବକଙ୍କୁ ବ୍ୟବସାୟୀମାନେ କାବୁ କରି ନିର୍ଘୂମ ମାଡ଼ ମାରିବା ସହ ଅନୁଗୋଳ ପୋଲିସ ଜିମା ଦେଇଛନ୍ତି। ଶନିବାର ରାତିରେ ଯୁବକ ଜଣକ ଶୀତଳପ୍ଲାଜାର ଜଣେ ବ୍ୟବସାୟୀଙ୍କ ଗାଡ଼ି ଚୋରି ଉଦ୍ୟମ କରୁଥିବା ସମୟରେ ୩/୪ ଜଣ ବ୍ୟବସାୟୀ ତାଙ୍କୁ କାବୁ କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି।

# ୨ ପାନୀୟ ଜଳ ପ୍ରକଳ୍ପ ଶିଳାନ୍ୟାସ

**ପରଜଙ୍ଗ, ୯।୩(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ପଞ୍ଚାୟତରେ ଶନିବାର ୯୧ ଲକ୍ଷ ଟଙ୍କା ବ୍ୟୟରେ ପ୍ରସ୍ତାବିତ ୨ଟି ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ ହୋଇଛି। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଡା. ନୃସିଂହ ଚରଣ ସାହୁ ଯୋଗଦେଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଗଣ୍ଡତଇଲା, ବାରବାଙ୍କ ଲାଗି ୪୯ ଲକ୍ଷ ଏବଂ ଖଣ୍ଡୁଆଳମୁଣ୍ଡା ଲାଗି ୪୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି ଅବସରରେ ମନ୍ତ୍ରୀ ଉଦ୍‌ବୋଧନ ଦେଇ କହିଲେ, ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ସମ୍ପୃକ୍ତ ୩ ଗ୍ରାମର ବାସିନ୍ଦା ଉପକୃତ ହେବେ। ରାଜ୍ୟ ସରକାର ଚାଷୀ, ଚାଷ, ଶିକ୍ଷା, ସ୍ୱାସ୍ଥ୍ୟର ଉନ୍ନତି ଲାଗି ଗୁରୁତ୍ୱ ଦେଉଛନ୍ତି। ସେହିପରି ନାରୀ ସଶକ୍ତୀକରଣକୁ ପ୍ରାଧାନ୍ୟ ଦିଆଯାଉଛି। ସାମାଜିକ ସୁରକ୍ଷା ଯୋଜନାରେ ବହୁ ଗରିବ ପରିବାର ଉପକୃତ ହୋଇଛନ୍ତି। ସରକାରଙ୍କ ଜନହିତକର କାର୍ଯ୍ୟର ସୁଫଳ ନେବାକୁ ମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।




ପାନୀୟ ଜଳ ପ୍ରକଳ୍ପ ଶିଳାନ୍ୟାସ ଅବସରରେ ମନ୍ତ୍ରୀଙ୍କ ସମେତ ଅନ୍ୟମାନେ।

■ ବ୍ୟୟ ହେବ ୯୧ ଲକ୍ଷ ଟଙ୍କା

■ ଉପକୃତ ହେବ ୩ ଗ୍ରାମ

କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା, ସରପଞ୍ଚ ପ୍ରିୟଜିତ ସାମଲ, ସମିତିସଭ୍ୟ ମୀନକେତନ ସାମଲ, ବ୍ଲକ ଯୁବ ବିଜେଡି ସଭାପତି ଇଂ.ସୁବ୍ରତ ଦାସ, ବ୍ଲକ ବିଜେଡି ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ଯୁବ ବାହିନୀ ସଭାପତି ଅଜିତ ସାମଲ, ପରମାନନ୍ଦ ନାୟକ, ମାନସ ସାମଲ, ବିଭୂତି ସାମଲଙ୍କ ସମେତ ବହୁ କର୍ମୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

## ପରିବେଶ ସୁରକ୍ଷାରେ ଇକୋ କ୍ଲବ ଭୂମିକା ଗୁରୁତ୍ୱପୂର୍ଣ୍ଣ




**ଢେଙ୍କାନାଳ ଅଫିସ, ୯।୩**

ଢେଙ୍କାନାଳ ଜିଲା ବନଖଣ୍ଡ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଇକୋ କ୍ଲବ୍ ମାର୍ଗଦର୍ଶୀ ଶିକ୍ଷକଶିକ୍ଷୟିତ୍ରୀଙ୍କ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଡିଏଫ୍ଓ ସୁଦର୍ଶନ ପାତ୍ର ଉଦ୍‌ବୋଧନ ଦେଇ କହିଲେ, ପରିବେଶ ସୁରକ୍ଷାରେ ଇକୋ କ୍ଲବ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଇକୋ କ୍ଲବ୍ ସହାୟତା ରାଶି ୫୦୦ ଟଙ୍କାରୁ ଆରମ୍ଭ ହୋଇ ୫୦୦୦ ଟଙ୍କାରେ ପହଞ୍ଚିଲାଣି। ଇକୋ କ୍ଲବ ମାଧ୍ୟମରେ ବିଦ୍ୟାଳୟ ପରିବେଶକୁ ସୁସ୍ଥ ରଖାଯାଇପାରିବ। ପିଲାଙ୍କୁ ପରିବେଶର ଗୁରୁତ୍ୱ ବିଷୟରେ ଅବଗତ କରାଗଲେ ପ୍ରକୃତି ସୁରକ୍ଷିତ ରହିପାରିବ ବୋଲି ଡିଏଫ୍ଓ କହିଥିଲେ।

ପରିବେଶ କ୍ଲବ୍ ସମୂହ ମାଷ୍ଟର୍ ଟ୍ରେନର ପ୍ରଦ୍ୟୁମ୍ନ ରଥ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କହିଲେ, ଅବକ୍ଷୟମୁଖୀ ପରିବେଶ ସୁରକ୍ଷା ଦିଗରେ ଛାତ୍ରୀଛାତ୍ର କାର୍ଯ୍ୟ କରିବା ଉଚିତ। ବିଦ୍ୟାଳୟ, ଗ୍ରାମ ପରିବେଶକୁ ସ୍ୱଚ୍ଛ, ସବୁଜ, ସୁନ୍ଦର କରିବାରେ ଇକୋ କ୍ଲବର ଛାତ୍ରୀଛାତ୍ର, ମାର୍ଗଦର୍ଶୀ ଶିକ୍ଷୟିତ୍ରୀଶିକ୍ଷକଙ୍କ ଭୂମିକା ମହତ୍ତ୍ୱପୂର୍ଣ୍ଣ ବୋଲି ସେ ମତବ୍ୟକ୍ତ କରିଥିଲେ।

ମାଷ୍ଟର ଟ୍ରେନର ଦୀପ୍ତିମୟୀ ଲେଙ୍କା, ଦେବରାଜ ରାଉତ, ଜିଲା ଶିକ୍ଷା କାର୍ଯ୍ୟାଳୟ ବିଜ୍ଞାନ ସୁପରଭାଇଜର ସୁକାନ୍ତ ଚରଣ ସାହୁ, ମାର୍ଗଦର୍ଶୀ ଶିକ୍ଷକ ବୀରେନ୍ଦ୍ର କୁମାର ସାମନ୍ତ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଜିଲା ବନ ବିଭାଗ କାର୍ଯ୍ୟାଳୟର ଷ୍ଟେନୋ ପ୍ରଦୀପ୍ତ କୁମାର କାନୁନ୍‌ଗୋ ସ୍ୱାଗତ ଭାଷଣ ଏବଂ ସହକାରୀ ବନ ସଂରକ୍ଷକ ଜିତେନ୍ଦ୍ର ନାଥ ଦାସ ଧନ୍ୟବାଦ ଦେଇଥିଲେ। ଏଥିରେ ୩୫ଟି ବିଦ୍ୟାଳୟର ଇକୋ କ୍ଲବର ଶିକ୍ଷୟିତ୍ରୀଶିକ୍ଷକ ଅଂଶଗ୍ରହଣ କରିଥିଲେ।

## ■ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

# 'ସଶକ୍ତ ହେଲେ ଆତ୍ମନିର୍ଭରଶୀଳ ହେବ'



ମହିଳା ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଇନରହ୍ୱିଲ କ୍ଲବ ସଦସ୍ୟ, ଆମେଚର ଟାଏକୋଣ୍ଡୋ ଆସୋସିଏଶନର କର୍ମକର୍ତ୍ତାଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୯।୩**

ଇନରହ୍ୱିଲ କ୍ଲବ ଏବଂ ଆମେଚର ଟାଏକୋଣ୍ଡୋ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଢେଙ୍କାନାଳ ରୋଟାରି କ୍ଲବ ସଭାଗୃହରେ ଶୁକ୍ରବାର ମହିଳା ଦିବସ ପାଳିତ ହୋଇଯାଇଛି। କ୍ଲବ ସମ୍ପାଦିକା ଆଇ. ରୂପାରାଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଏସ୍‌ପି ଅନୁପମା ଜେମ୍‌ସ, ସମ୍ମାନିତ ଅତିଥି ସାମାଜିକ କର୍ମୀ ପୁଷ୍ପାଞ୍ଜଳି ଜେନା ଯୋଗଦେଇ ମହିଳା ଦିବସର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଦେଶର ବିକାଶରେ ମହିଳାମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛନ୍ତି। ଏବେ ସରକାର ନାରୀସଶକ୍ତୀକରଣ ଉପରେ ଗୁରୁତ୍ୱ ଦେଉଛନ୍ତି। ସେମାନଙ୍କ ସୁରକ୍ଷା, ମହିଳା ହିଂସା ରୋକିବାକୁ ବହୁ ପଦକ୍ଷେପ ହାତକୁ ନିଆଯାଉଛି। ମହିଳା ଏବଂ କନ୍ୟାମାନେ ସଶକ୍ତ ହେଲେ ଆତ୍ମନିର୍ଭରଶୀଳ ହୋଇପାରିବେ। ଏଥିଲାଗି ସବୁକ୍ଷେତ୍ରରେ ଦୃଢ଼ମନା ହୋଇ ଆଗକୁ ବଢ଼ିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ମହିଳାଙ୍କ ସୁରକ୍ଷା ଲାଗି ଆମେଚର ଟାଏକୋଣ୍ଡୋ ଆସୋସିଏଶନ ପକ୍ଷରୁ ମିଶନ ସୁରକ୍ଷା ଲୋଗୋ ଓ ଅଫିସିଆଲ ଫେସ୍‌ବୁକ୍ ପେଜ୍ ଲୋକାର୍ପିତ ହୋଇଥିଲା। ସମ୍ପାଦକ ସୌମ୍ୟବ୍ରତ ସାହୁ ଆଲୋଚନାରେ ଭାଗ ନେଇ ମିଶନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମହିଳା ହିଂସା ରୋକିବାକୁ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଆଜିକାର ସମୟରେ ନିତାନ୍ତ ଆବଶ୍ୟକ ବୋଲି ସେ କହିଥିଲେ।

ଏହି ଅବସରରେ ଚାର୍ଟର ସଦସ୍ୟା ପ୍ରୋତିମା ସିହ୍ନା, ସୌମ୍ୟବ୍ରତ ସାହୁ, ପୁଷ୍ପାଞ୍ଜଳି ଜେନା, ଲିଟିଲରାଣୀ ଜେନା, ଜ୍ୟୋତିର୍ମୟୀ ସାହୁ, ପ୍ରଭାତ ନଳିନୀ ସାହୁ, କ୍ରୀଡ଼ାବିତ ଜୟନ୍ତୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ରୋଜାଲିନ ସ୍ୱାଇଁ, ଅମ୍ରିତା ଜୟସ୍ୱାଲ, ତୃପ୍ତି ନନ୍ଦ, ରୋଟାରି କ୍ଲବ ସଭାପତି ବିନୋଦ ଅଗ୍ରୱାଲ, ଅଖିଳ ପଣ୍ଡା, ରାଜେନ୍ଦ୍ର ଦାସ, ଗାୟିତ୍ରୀ ହିଣ୍ଡୋଚା, ଶ୍ରଦ୍ଧା ଅଗ୍ରୱାଲ, ସୁଲଗ୍ନା ଆଚାର୍ଯ୍ୟ, ପ୍ରିୟତମା ମିଶ୍ର, ସରିତା ଅଗ୍ରୱାଲ, ସସ୍ମିତା ଶତପଥୀ, ସ୍ନେହାଂଶୁ ବିଶୋଇ, ଡାର୍ଲିନ ଡାଲଟନ, ପ୍ରତାପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ପୋଖରୀରେ ବୁଡ଼ି ଛାତ୍ର ମୃତ

**ଆଠଗଡ଼,୯।୩(ସ୍ୱ.ପ୍ର.)**

ପୋଖରୀରେ ବୁଡ଼ି ଶନିବାର ଜଣେ ୫ମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଲେ ଢେଙ୍କାନାଳ ସଦର ଥାନା ଅଧୀନ ପର୍ବତୀୟା ଗ୍ରାମର ଶିଖର ରାଉତଙ୍କ ପୁଅ ଶ୍ରୀଧର ରାଉତ(୧୦)। ସକାଳୁଆ ସ୍କୁଲ ଥିବାରୁ ଶ୍ରୀଧର ସ୍କୁଲ ଯାଇ ୧୧ଟାରେ ଫେରିଥିଲେ। ତାଙ୍କ ପରିବାରରେ ଏକାଦଶାହ ଥିବାରୁ ସେ ଘର ନିକଟ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ହେଲେ ଦୀର୍ଘ ସମୟ ଧରି ଫେରି ନ ଥିଲେ। ଘିଅ, ମହୁ ପାଇବା ପାଇଁ ପରିବାର ଲୋକେ ତାଙ୍କୁ ଖୋଜିଲାବେଳକୁ ସେ ଘରେ ନ ଥିଲେ। ପରେ ସନ୍ଦେହ ହେବାରୁ ପରିବାର ସଦସ୍ୟ ଓ ଗ୍ରାମବାସୀ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଏହି ସମୟରେ ଘର ନିକଟ ପୋଖରୀ ହୁଡ଼ାରେ ତାଙ୍କ ସାଇକଲେ ଥୁଆ ହୋଇଥିବା ଦେଖିବାକୁ ମିଳିଥିଲା। ଫଳରେ ସନ୍ଦେହରେ ପରିବାର ଲୋକେ ପୋଖରୀରେ ଖୋଜାଖୋଜି କରିଥିଲେ ଏବଂ ସେଠାରୁ ଶ୍ରୀଧରଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରିଥିଲେ। ଏହାପରେ ତାଙ୍କୁ ଆଠଗଡ଼ ଉପଖଣ୍ଡ ସରକାରୀ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଆଠଗଡ଼ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଶ୍ରୀଧର ଜଣେ ଭିନ୍ନକ୍ଷମ ହୋଇଥିଲେ ମଧ୍ୟ ମେଧାବୀ ଛାତ୍ର ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ■ ରେଣୁବାଳା ସ୍ମୃତି ସଂସଦର ସାରସ୍ୱତ ସମାରୋହ

# 'ସାମାଜିକ ପରିବର୍ତ୍ତନ ଆଣିବା ଲେଖକଙ୍କ ଧର୍ମ'




ଅତିଥିମାନେ ପୁସ୍ତକ 'ସିଦ୍ଧକ୍ଷେତ୍ର'କୁ ଉନ୍ମୋଚନ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୯।୩**

ସାମ୍ପ୍ରତିକ ସମୟରେ ସୁଦୃଢ଼ ଗଣତନ୍ତ୍ର ପ୍ରତିଷ୍ଠା ଲାଗି ପ୍ରାର୍ଥୀମାନେ ସତ୍ୟ ଓ ନିର୍ଭୀକ ହୋଇ ଆଗକୁ ବଢ଼ିବା ଉଚିତ। ସାମାଜିକ ପରିବର୍ତ୍ତନ ଆଣିବା ଲେଖକଙ୍କ ମୌଳିକ ଧର୍ମ ହେବା ଆବଶ୍ୟକ ବୋଲି କହିଛନ୍ତି ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ମନୋରଞ୍ଜନ ନନ୍ଦ। ଶୁକ୍ରବାର ସ୍ଥାନୀୟ ଅମଲାପଡ଼ାରେ ଆୟୋଜିତ ରେଣୁବାଳା ସ୍ମୃତି ସଂସଦ ସାରସ୍ୱତ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏପରି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଉମେଶ ଚନ୍ଦ୍ର ଦାସଙ୍କ ଲିଖିତ ପୁସ୍ତକ 'ସିଦ୍ଧକ୍ଷେତ୍ର' ଉନ୍ମୋଚିତ ହୋଇଥିଲା।

ସଂସଦର ରାଜ୍ୟ ସଭାନେତ୍ରୀ ସଂଯୁକ୍ତା ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମହିଳା ଦକ୍ଷତା ସମିତି ଶାଖା ସଭାନେତ୍ରୀ ନିରୁପମା ଦାସ, ସାମାଜିକ କର୍ମୀ ଶାନ୍ତି ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହିଳାଙ୍କ ଅଧିକାର, ଦାୟିତ୍ୱ, କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅର୍ଚ୍ଚନା ରଥଙ୍କ ସଂଯୋଜନାରେ ନମିତା ମାହେଶ୍ୱରୀ, ମୈତ୍ରୀ ସୁଭଦା, ସୁକନ୍ୟା ମିଶ୍ର, ମନୋଜ ମଞ୍ଜରୀ ଦାସ, ସୁଶୀଲ କୁମାର ନନ୍ଦ, ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରାରମ୍ଭରେ ଶହୀଦ ଯବାନଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ମାନସ ନନ୍ଦ, ଶିଳ୍ପୀ ପରେଶ କୁମାର ପଟ୍ଟନାୟକ କାର୍ଯକ୍ରମ ପରିଚାଳନା କରିଥିଲେ।

# ପଥପ୍ରାନ୍ତ ନାଟକରେ ବାଣ୍ଟିଲେ ସଚେତନତା



ମହିଳା ଦିବସରେ ବାହାରିଥିବା ସଚେତନତା ଶୋଭାଯାତ୍ରା।

**ଢେଙ୍କାନାଳ ଅଫିସ, ୯।୩**

ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁର ଗ୍ରାମସ୍ଥିତ ନିଶାଦ୍ରୀ ସେବା କଲେଜ ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ସେବା, ଭିଜନ ଟେକ୍ନିସିଆନ ବିଭାଗ ଛାତ୍ରୀଛାତ୍ରମାନେ ସଚେତନତା ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ଏଥିରେ ସାମିଲ ହୋଇଥିଲେ ବହୁ ଏସ୍‌ଏଚ୍‌ଜି ସଦସ୍ୟ ଏବଂ ବନ ସୁରକ୍ଷା ସମିତି କର୍ମକର୍ତ୍ତା। ଏହି ଅବସରରେ ମହିଳା ହିଂସା, ମାନବ ଚାଲାଣ, ଭ୍ରୂଣହତ୍ୟା, ଯୌତୁକ ନିର୍ଯାତନା ବିଷୟବସ୍ତୁକୁ କେନ୍ଦ୍ରକରି ପରିବେଷଣ କରାଯାଇଥିଲା ପଥପ୍ରାନ୍ତ ନାଟକ। ନାରୀକୁ ସମ୍ମାନ, ଅଧିକାର ସୁରକ୍ଷା, ସ୍ୱାଭିମାନ ରକ୍ଷା ଦିଗରେ ସମସ୍ତେ ସଜାଗ ହେବା ଉଚିତ ବୋଲି ସଚେତନ କରାଯାଇଥିଲା।

ଅନୁଷ୍ଠାନ ନିର୍ଦ୍ଦେଶକ ଡ. ସାରଙ୍ଗଧର ସାମଲଙ୍କ ତତ୍ତ୍ୱାବଧାନରେ ଅଧିକାରୀ ଧୀରେନ୍ଦ୍ର କୁମାର ମହାନ୍ତି, ଅଧ୍ୟକ୍ଷ ସୁନୀଲ କୁମାର ମିଶ୍ରଙ୍କ ସମେତ କଲେଜର ସମସ୍ତ ଅଧ୍ୟାପିକାଅଧ୍ୟାପକ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

## ବେଆଇନ କରତକଳ ଠାବ

**ଭଦ୍ରକ ଅଫିସ, ୯।୩**

ଭଦ୍ରକ ବନ ବିଭାଗ ପକ୍ଷରୁ ଶନିବାର ଭୋର ସମୟରେ ପୁରୁଣାବଜାର ଥାନା ଅନ୍ତର୍ଗତ କାଜିସାହିରେ ବେଆଇନ ଭାବେ ଚାଲୁଥିବା ଏକ କରତକଳରେ ଚଢ଼ାଉ କରାଯାଇଥିଲା। ସେଠାରୁ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଓ କାଠ ବନ ବିଭାଗ ଜବତ କରିଛି। ଚଢ଼ାଉ ବେଳେ କାଠ ମାଫିଆମାନେ ଏହାକୁ ବିରୋଧ କରିଥିଲେ। ଭଦ୍ରକ ସହରରେ ବେଆଇନ ଭାବେ ଚାଲୁଥିବା ୭ରୁ ଊର୍ଦ୍ଧ୍ୱ କରତକଳରେ ଏକା ସମୟରେ ଚଢ଼ାଉ ପରେ ଏହି କରତକଳକୁ ଆସିବାକୁ ସେମାନେ ଜିଦ୍ ଧରିଥିଲେ। ଘଟଣାସ୍ଥଳରେ ପୁରୁଣାବଜାର ଥାନାଧିକାରୀ ପ୍ରଜ୍ଞା ମହାନ୍ତି ପହଞ୍ଚି କାଠମାଫିଆଙ୍କୁ ତାଗିଦ୍ କରିବା ପରେ ବନ ବିଭାଗ କର୍ମଚାରୀମାନେ କାଠ ଓ ଯନ୍ତ୍ରାଂଶ ଜବତ କରିଥିଲେ। ମାଜିଷ୍ଟ୍ରେଟ ଭାବେ ବସନ୍ତ କୁମାର ଲେଙ୍କା, ସହକାରୀ ବନ ସଂରକ୍ଷକ ବିରାଜ ମୋହନ ମହାନ୍ତି ଓ ଭଦ୍ରକ ରେଞ୍ଜର ରଞ୍ଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଘଟଣାରେ କାହାରିକୁ ଗିରଫ କରାଯାଇ ନାହିଁ। ସହରରେ ଚାଲୁଥିବା ସମସ୍ତ ବେଆଇନ କରତକଳରେ ଚଢାଉ କରାଯିବା ପାଇଁ ଦାବି ଜୋର ଧରିଛି।

# ଆର୍ଥିକ ବିକାଶରେ ଅନ୍ତରାୟ ନିଶା



ବୈଠକରେ ଏକାଠି ହୋଇଥିବା ମହିଳାମାନେ।

**ଢେଙ୍କାନାଳ ଅଫିସ, ୯।୩**

ଢେଙ୍କାନାଳ ସଦର ବ୍ଲକ ବାରଦା ଅଞ୍ଚଳକୁ ନିଶାମୁକ୍ତ କରିବାକୁ ଅଣ୍ଟା ଭିଡ଼ିଛନ୍ତି ମହିଳା। ଅନ୍ତର୍ଜାତୀୟ ମହିଳା ଦିବସରେ ସେମାନେ ଗ୍ରାମକୁ ମଦମୁକ୍ତ କରିବାକୁ ନେଇଛି ବଜ୍ର ଶପଥ। ଏପରି ଅଭିନବ ପଦକ୍ଷେପକୁ ସମର୍ଥନ ଜଣାଇଛନ୍ତି ଅଞ୍ଚଳର ବହୁ ଜନପ୍ରତିନିଧି ଏବଂ ସାମାଜିକ କର୍ମୀ।

ଏହି ପରିପ୍ରେକ୍ଷୀରେ ସାମାଜିକ କର୍ମୀ ରସାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।

■ ମଦମୁକ୍ତି ଶପଥ ନେଲେ ମହିଳା

■ ସମର୍ଥନ ଜଣାଇଲେ ଜନପ୍ରତିନିଧି

ସମ୍ପ୍ରତି ଗ୍ରାମାଞ୍ଚଳରେ ମଦ, ଗଞ୍ଜେଇ ଭଳି ନିଶା ଦ୍ରବ୍ୟର ବେଆଇନ କାରବାର ବଢ଼ିବାରେ ଲାଗିଛି। ନିଶା ହିଁ ପାରିବାରିକ ହିଂସାର ପ୍ରମୁଖ କାରଣ। ଏହା ମହିଳାଙ୍କ ଆର୍ଥିକ ବିକାଶରେ ଅନ୍ତରାୟ ସାଜିଛି। ଯେତେ ରୋଜଗାର କଲେ ମଧ୍ୟ ସବୁ କଷ୍ଟାର୍ଜିତ ଟଙ୍କା ମଦରେ ଚାଲିଯାଉଛି। ସମାଜ ମଦମୁକ୍ତ ହେଲେ ପ୍ରଗତି ସମ୍ଭବ ବୋଲି ମତ ପ୍ରକାଶ ପାଇଥିଲା।

| 271 | Radix Securties Ltd. | 243-F | 10 | 20.8.19 at 2 PM |
| 272 | Rage Consultants & Services Pvt. Ltd. | 403-F | 1 | 20.8.19 at 2 PM |
| 273 | Rajdhani Systems & Estates Pvt. Ltd./Hi-Tech Estates & Promoters Pvt. Ltd. | 380-F | 1 | 20.8.19 at 2 PM |
| 274 | Rakshak Agro Projects Ltd. | 521-F | 1 | 20.8.19 at 2 PM |
| 275 | Ramakrishna Trust | 823-F | 1 | 20.8.19 at 2 PM |
| 276 | Rapaj Alliance Buildings & Estates Pvt. Ltd./ Rapaj Group | 229-F | 4 | 21.8.19 at 2 PM |
| 277 | Real Bond Building & Land Developers Pvt. Ltd./Rhine & Raavi Credits & Holdings Ltd./ Real Bond Group of Companies | 44-F | 264 | 21.8.19 at 2 PM |
| 278 | Real Estate & Land Bank India Ltd. | 45-F | 26 | 21.8.19 at 2 PM |
| 279 | Real Value Trade Link Pvt. Ltd. | 684-F | 1 | 21.8.19 at 2 PM |
| 280 | Real Vision Services India Ltd. | 381-F | 2 | 21.8.19 at 2 PM |
| 281 | Recent Strategy Developers Ltd. | 824-F | 1 | 22.8.19 at 2 PM |
| 282 | Reliance Life Insurance Company Ltd. | 155-F | 1 | 22.8.19 at 2 PM |
| 283 | Rigal International | 825-F | 4 | 22.8.19 at 2 PM |
| 284 | Right Capital Management Pvt. Ltd./ Right Infra Properties Pvt. Ltd. | 245-F | 4 | 22.8.19 at 2 PM |
| 285. | Rising Moon Marketing Services Ltd. | 244-F | 12 | 22.8.19 at 2 PM |
| 286. | Roofers Capital Management Ltd./ Roofers Infra Project Ltd./ Roofers Group | 157-F | 622 | 26.8.19 at 2 PM |
| 287 | Rose Valley Industries Ltd./ Rose Valley Hotel & Entertainment Ltd./ Rose Valley Real Estate & Constructions Ltd./ Rose Valley Group of Companies | 48-F | 1140 | 26.8.19 at 2 PM |
| 288 | Rubi Star Marketing Pvt. Ltd. | 826-F | 1 | 26.8.19 at 2 PM |
| 289 | Sahara Credit Cooperative Society Ltd./ Sahara India Financial Corporation Ltd./ Sahara Q Shop Unique Projects Range Ltd./ Sahara Group | 279-F | 6 | 26.8.19 at 2 PM |
| 290 | Sai Gayatri India Ltd./ Sai Gayatri Macroskycraper India Ltd./ Sai Gayatri Multi State Credit Co-operative Society Ltd. | 161-F | 180 | 26.8.19 at 2 PM |
| 291 | Sai Pragati Assets & Properties Pvt. Ltd./ Sai Associates/ S. Virgin Worldwide Concepts Ltd./ Sai Pragati Group | 50-F | 195 | 27.8.19 at 2 PM |
| 292 | Sai Prakash Organic Food Ltd./ Sai Prakash properties Development Ltd. | 530-F | 46 | 27.8.19 at 2 PM |
| 293. | Sai Prava Infrastructure Ltd. | 163-F | 33 | 27.8.19 at 2 PM |
| 294 | Samriddhi Micro Finance | 531-F | 2 | 27.8.19 at 2 PM |
| 295 | Samruddha Jeevan Foods India Ltd. | 166-F | 9 | 27.8.19 at 2 PM |
| 296 | Samruddhi Shree Infra Pvt. Ltd. | 828-F | 1 | 28.8.19 at 2 PM |
| 297 | Sansar Mart Retails Pvt. Ltd. | 829-F | 1 | 28.8.19 at 2 PM |
| 298 | Saradha Garden Resort & Hotel Pvt. Ltd/ Saradha Reality India Ltd./ Saradha Tours & Travels Pvt. Ltd./ Saradha Hosuing Pvt. Ltd./ Sharadha Group | 51-F | 944 | 28.8.19 at 2 PM |
| 299 | Sastra Enterprisers Ltd./ Sastra Finance Ltd. | 52-F | 146 | 28.8.19 at 2 PM |
| 300 | Sastri Securities & Management Ltd. | 690-F | 1 | 28.8.19 at 2 PM |
| 301 | Satyam Assets & Securities Pvt. Ltd. | 830-F | 2 | 29.8.19 at 2 PM |
| 302 | SBI Life Insurance Ltd. | 831-F | 1 | 29.8.19 at 2 PM |
| 303 | Seashore Group of Companies / Seashore Securities Ltd./ Sanket Investment & Marketing Ltd./ Seamanchal Multipurpose Cooperative Ltd. | 1-F | 2123 | 29.8.19 at 2 PM |
| 304 | Sedil Development Ltd./ Sedil Multipurpose Cooperative Ltd. | 167-F | 767 | 29.8.19 at 2 PM |
| 305 | Semax Builders Pvt. Ltd. | 252-F | 3 | 29.8.19 at 2 PM |
| 306 | Seven Hills Estate Ltd./ Seven Hills Stallfed Farms Ltd. | 168-F | 3 | 30.8.19 at 2 PM |
| 307 | Seven Star Trader | 832-F | 1 | 30.8.19 at 2 PM |
| 308 | Shree Sai Finance Ltd. | 833-F | 1 | 30.8.19 at 2 PM |
| 309 | Shreebhumi Constructions Ltd./ Shreebhumi Group of Companies | 53-F | 83 | 30.8.19 at 2 PM |
| 310 | Shrivallis Securities Ltd./ Shrivallis land of Construction Pvt. Ltd. | 169-F | 3 | 30.8.19 at 2 PM |
| 311 | Siddhi Binayak Agro Ltd. | 253-F | 5 | 5.9.19 at 2 PM |
| 312 | Silicon Projects India Ltd. | 170-F | 142 | 5.9.19 at 2 PM |
| 313 | SKM India Wealth Venture Ltd./ SKM Management & Services (P) Ltd. | 254-F | 6 | 5.9.19 at 2 PM |
| 314 | SLC Realty Company Ltd. | 834-F | 1 | 5.9.19 at 2 PM |
| 315 | Sneha Electronics & Power Project Pvt. Ltd. | 387-F | 13 | 5.9.19 at 2 PM |
| 316 | Subarna Marketing Group Ltd./ Subarna Multi Agro Projects India Ltd. | 389-F | 9 | 6.9.19 at 2 PM |
| 317 | Subha Jyoti Realcon Services Ltd./ Subha Jyoti Marketing Cooperative Ltd. | 172-F | 4 | 6.9.19 at 2 PM |
| 318 | Sunmarg/ Sunmarg Micro Finance/ Sunmarg Welfare Society | 173-F | 1194 | 6.9.19 at 2 PM |
| 319 | Sunshine Infraproperties Pvt. Ltd./ Sunshine group | 282-F | 5 | 6.9.19 at 2 PM |
| 320 | Sunshine Market Plus Ltd. | 536-F | 1 | 6.9.19 at 2 PM |
| 321 | Super Evergreen Agro Foods Ltd./ Evergreen Insurance Advisory Pvt. Ltd. | 267-F | 5 | 10.9.19 at 2 PM |
| 322 | Surya Life Care | 835-F | 2 | 10.9.19 at 2 PM |
| 323 | Swaviman Developers Ltd./ Swaviman Consultancy. | 77-F | 354 | 10.9.19 at 2 PM |
| 324 | Swastik India Multi State Credit Cooperative Society Ltd. | 199-F | 32 | 10.9.19 at 2 PM |
| 325 | Systematics Fund Management Pvt. Ltd. | 390-F | 164 | 10.9.19 at 2 PM |
| 326 | The National Credit Cooperative Society Ltd./ Mamata Enterprises/ Mamata Foods | 62-F | 2 | 11.9.19 at 2 PM |
| 327 | The Urban Cooperative Merchantile Finance Ltd. | 837-F | 1 | 11.9.19 at 2 PM |
| 328 | Top Flow Procon (India) Ltd. | 326-F | 29 | 11.9.19 at 2 PM |
| 329 | Toubro Holdings Ltd. | 175-F | 1 | 11.9.19 at 2 PM |
| 330 | Tower Group/ Tower Infotech Ltd. | 79-F | 807 | 11.9.19 at 2 PM |
| 331 | Tradecom India Pvt. Ltd. | 838-F | 1 | 12.9.19 at 2 PM |
| 332 | Treepura Multi Services Pvt. Ltd. | 258-F | 1 | 12.9.19 at 2 PM |
| 333 | TRS Commercial & Services Ltd./ TRS Commercial & Services Ltd./ TRS Trading & Service Co. Ltd. | 202-F | 19 | 12.9.19 at 2 PM |
| 334 | Tulip Global Pvt. Ltd. | 547-F | 5 | 12.9.19 at 2 PM |
| 335 | Uran Infrastructures Ltd./ Uran Projects (India) Ltd./ Uran Group of Companies | 394-F | 13 | 12.9.19 at 2 PM |
| 336 | UTI Infrastructure Technology & Services Ltd. | 839-F | 1 | 13.9.19 at 2 PM |
| 337 | Utkal Bharati Realcon Ltd. | 89-F | 190 | 13.9.19 at 2 PM |
| 338 | Utkal Financial & Consultancy Services (P) Ltd./ Utkal Urban & Rural Cooperative Ltd. | 87-F | 6 | 13.9.19 at 2 PM |
| 339 | Utkala Bharati Trading House | 55-F | 1 | 13.9.19 at 2 PM |
| 340 | Vaastav ALR International Ltd. | 262-F | 10 | 13.9.19 at 2 PM |
| 341 | Valuable Financial Solutions Pvt.Ltd. | 263-F | 1 | 16.9.19 at 2 PM |
| 342 | Vamshi Exports Ltd. | 177-F | 12 | 16.9.19 at 2 PM |
| 343 | Variety Consultancy | 636-F | 1 | 16.9.19 at 2 PM |
| 344 | Vasundhara Realcon Ltd. | 550-F | 5 | 16.9.19 at 2 PM |
| 345 | Verona Commercial Credit & Investment Company Ltd. | 471-F | 1 | 16.9.19 at 2 PM |
| 346 | Vibgyor Allied Industries Ltd./ Vibgyor Allied Infrastructure Ltd./ Gibgyor Gold Ltd. | 82-F | 33 | 17.9.19 at 2 PM |
| 347 | Vinson Industries Pvt. Ltd. | 264-F | 2 | 17.9.19 at 2 PM |
| 348 | Vision India Multi Development Ltd. | 395-F | 9 | 17.9.19 at 2 PM |
| 349 | Waris Capital Finance Ltd./ Waris Finance/ Waris Finance & Investment Ltd./ Waris Industries Ltd./ Waris Group | 397-F | 40 | 17.9.19 at 2 PM |
| 350 | Wave Projects India Ltd. | 398-F | 24 | 17.9.19 at 2 PM |
| 351 | Way2 Life | 472-F | 1 | 18.9.19 at 2 PM |
| 352 | Weird Industries Ltd./ Weird Instructures Corporation Ltd. | 101-F | 3865 | 18.9.19 at 2 PM |
| 353 | Wellfare Buildings & Estates Pvt. Ltd. | 88-F | 46 | 18.9.19 at 2 PM |
| 354 | Ynet Techno Solution (P) Ltd. | 399-F | 1 | 18.9.19 at 2 PM |
| 355 | Accresent Way Marketing Pvt. Ltd. | 792-F | 3 | 18.9.19 at 2 PM |
| 356 | Anand Merchantile Pvt. Ltd. | 793-F | 4 | 19.9.19 at 2 PM |
| 357 | Anubhav Plantation Ltd. | 794-F | 1 | 19.9.19 at 2 PM |
| 358 | Apex Holidays Club | 795-F | 2 | 19.9.19 at 2 PM |
| 359 | Arghya Praswasti | 796-F | 1 | 19.9.19 at 2 PM |
| 360 | Associate Cooperative Ltd. | 797-F | 4 | 19.9.19 at 2 PM |
| 361 | BS Samridhee Trade Link Ltd. | 494-F | 1 | 20.9.19 at 2 PM |
| 362 | Business Partners Investment Solution | 798-F | 1 | 20.9.19 at 2 PM |
| 363 | Cosmo Infrastructure Pvt. Ltd. | 799-F | 1 | 20.9.19 at 2 PM |
| 364 | Digal International | 800-F | 1 | 20.9.19 at 2 PM |
| 365 | Digstar Projects Ltd. | 801-F | 1 | 20.9.19 at 2 PM |
| 366 | Dream India | 802-F | 4 | 23.9.19 at 2 PM |
| 367 | Falak City Mart | 803-F | 1 | 23.9.19 at 2 PM |
| 368 | Fine Consultancy | 804-F | 5 | 23.9.19 at 2 PM |
| 369 | Focus Commercial Ltd. | 805-F | 5 | 23.9.19 at 2 PM |
| 370 | G-Next Management & Services Pvt. Ltd. | 806-F | 1 | 23.9.19 at 2 PM |
| 371 | Garima Real Estate & Allied Ltd. | 807-F | 4 | 24.9.19 at 2 PM |
| 372 | Green Valley India Ltd. | 808-F | 3 | 24.9.19 at 2 PM |
| 373 | Ravi Kiran Reality India Ltd./ Ravi Kiran Group of Companies | 452-F | 4 | 24.9.19 at 2 PM |
| 374 | Riju Cement Pvt. Ltd. | 67-F | 11 | 24.9.19 at 2 PM |
| 375 | Magnox Infraprojects Ltd. | 139-F | 135 | 24.9.19 at 2 PM |
| 376 | SFM Ltd. | 827-F | 1 | 24.9.19 at 2 PM |
| 377 | Systematix Group Investment Redefined | 836-F | 2 | 24.9.19 at 2 PM |

Failing to comply with the aforesaid direction, the Commission shall constrained to proceed in their absence.

Given under my hand and seal of the Commission, this day the 6th March, 2019.

*By Order*
*(D. Rout)*
*Secretary to Commission*

12091/11/0005/1819

## ଏ ସପ୍ତାହର ପ୍ରଶ୍ନ

* ବେଷ୍ଟ ଶର୍ଟ ଡକ୍ୟୁମେଣ୍ଟାରି ଫିଲ୍ମ ବିଭାଗରେ --------ଭାରତୀୟ କ୍ଷୁଦ୍ର ଚଳଚ୍ଚିତ୍ର ନିକଟରେ ଓସ୍କାର ଆୱାର୍ଡ ଲାଭ କରିଛି ?
* ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୃଥିବୀର ସର୍ବବୃହତ୍ ଭଗବଦ୍ ଗୀତା ବହିର ଉନ୍ମୋଚନ କରିଥିଲେ । ଏହାର ଓଜନ--------- ?
* ମୋବାଇଲଡାଟା ଚୋରି ଭୟ ହେତୁ ନିକଟରେ ଆରବିଆଇ --------ମୋବାଇଲ ଆପ୍ ଡାଉନ୍‌ଲୋଡ କରିବା ପାଇଁ ବାରଣ କରିଛନ୍ତି ?
* ମିଜାଇଲ୍ ସିଷ୍ଟମ୍ସ୍ ଆୱାର୍ଡ ୨୦୧୯ ଜିତିବାରେ ପ୍ରଥମ ଭାରତୀୟ---------- ?
* ନିକଟରେ------- ଭାରତୀୟ ଉତ୍ସବ ଗିନିଜ୍ ୱାଲ୍ଡ ରେକର୍ଡରେ ସ୍ଥାନ ପାଇବାର ଗୌରବ ଅର୍ଜନ କରିଛି ?

## ଗତ ସପ୍ତାହର ଉତ୍ତର

୧ ୧୬୬୫
୨ ସେଲ୍ ମାଛ
୩ ଏସ୍ ଏସ୍ ଟେରାନୋଭା
୪ ଉଇଲିୟମ ୱାର୍ଡସୱର୍ଥ
୫ ଭିଏତ୍‌ନାମ

## ଉତ୍ତରଦାତା

ଶୁଭଶ୍ରୀ ଦାସ, ବାଲିକୁଦା, ଜଗତ୍‌ସିଂହପୁର



ସଚିନ୍ କୁମାର ପଟ୍ଟନାୟକ, ନିଆଳି, କଟକ



## ଟପ୍ 10

### ଭାରତର ସୁନ୍ଦରତମ ଜଳପ୍ରପାତ

୧. ଜଗ୍ ଫଲ୍------------------------ସିମୋଗା, କର୍ନାଟକ
୨. ଦୁଧ୍‌ସାଗର ଫଲ୍--------------------------ଗୋଆ
୩. ଇରୁପୁ ଫଲ୍------------------------------କୁର୍ଗ
୪. ନୋହ୍‌କାଲିକାଇ ଫଲ୍--------------------ମେଘାଳୟ
୫. ଜଙ୍ଗଫଲ୍-----------------ତାୱାଙ୍ଗ, ଅରୁଣାଚଳପ୍ରଦେଶ
୬. କୁନେଫଲ୍-------------------------- ମହାରଷ୍ଟ୍ର
୭. ଭିମ୍‌ଲାତ୍ ଫଲ୍------------------------ରାଜସ୍ଥାନ
୮. ଅଥିରାପଲ୍ଲୀ ଫଲ୍------------------ଥ୍ରୀସୁର, କେରଳ
୯. ହୋଗେନାକାଲ ଫଲ୍--------------------ତାମିଲନାଡୁ
୧୦ ଶିବସମୁଦ୍ରମ୍ ଫଲ୍-------------------- କର୍ନାଟକ

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
E.H.T. (O&M) Division, Jayanagar-764005 CIN: U40102OR2004SGC007553

NOTICE INVITING TENDER

Sealed Tenders are invited by the undersigned from Contractors having valid Licence, I.T PAN No and GST Registration Certificate for **Tender call No. - 24:** Construction of concrete guard wall from main entrance gate to C.C TV Pole back of SDO Office at Grid S/S, Jayanagar. **Cost of tender papers :** are of Rs.2,240.00 ( non-refundable) in shape of Cash . **EMD @** 1% of quoted value. **Sale of tender documents** : from Dt. 08.03.2019 to upto 11:30 AM of Dt.19.03.2019. **Last date of submission of tender :** on or before Dt.19.03.2019 upto 5:00PM. **Tenders will be opened :** on Dt.20.03.2019 at 04:30 PM.
Sd/-
**Corrigendum if any will be published in the website only.** **DGM (Ele.)**
Please connect us: optcl.odisha optcl_odisha energyodisha

**ଶ୍ରୀ ଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀ**
ବିଜ୍ଞାପନ ସଂଖ୍ୟା: **2513** ତା **08.03.19**
ଫୋନ ନଂ: **06752-222002**, ଇ.ମେଲ: **jagannath.or@nic.in**

**ଲଘୁଖଣିଜ ମାଙ୍କଡ଼ା ପଥର ଓ ମୋରମ ଖଣିର ଦୀର୍ଘମିଆଦୀ ଲିଜ ଜନିତ ନିଲାମ ଇସ୍ତାହାର**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଶ୍ରୀ ଜଗନ୍ନାଥ ମହାପ୍ରଭୁ ବିଜେ, ପୁରୀଙ୍କ ଅଧୀନସ୍ଥ ଖୋରଧା ଜିଲ୍ଲା ଅନ୍ତର୍ଗତ ଲଘୁ ଖଣିଜ ମାଙ୍କଡ଼ା ପଥର ଓ ମୋରମ ଖଣିଗୁଡ଼ିକ ୫ ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ୍‌ସୂତ୍ରେ ନିଲାମ ସ୍ଥିର କରାଯିବ। ଏହି ନିଲାମ ପ୍ରକ୍ରିୟାର ସମସ୍ତ ସବିଶେଷ ବିବରଣୀ ଓ ନିୟମାବଳୀ **www.khordha.nic.in** ଓ **www.jagannath.nic.in** websiteରେ ଉପଲବ୍ଧ ଅଟେ। ଏଣୁ ଇଚ୍ଛୁକ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ନିଜ ନିଜର ଲିଜ ଦରଖାସ୍ତ ଶ୍ରୀମନ୍ଦିର କାର୍ଯ୍ୟାଳୟ, ପୁରୀରେ କେବଳ ରେଜିଷ୍ଟ୍ରି ଡାକ/ସ୍ପିଡ ପୋଷ୍ଟ ଦ୍ୱାରା ଧାର୍ଯ୍ୟ ତାରିଖ ମଧ୍ୟରେ ପଠାଇବାକୁ ଜଣାଇ ଦିଆଗଲା। ଧାର୍ଯ୍ୟ ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ।

ମୁଦ୍ରିତ ଟେଣ୍ଡର (Sealed Tender) ଗ୍ରହଣ କରିବାର ଶେଷ ତାରିଖ ତା ୧୦।୦୪।୧୯ରିଖ ଅପରାହ୍ନ ୫.୦୦ ଘଟିକା ଅଟେ।

**ସ୍ୱା./- ଉପ-ଜିଲ୍ଲାପାଳ, ଖୋର୍ଦ୍ଧା-ତଥା-କ୍ଷମତାସମ୍ପନ୍ନ ଅଧିକାରୀ**

**TENDER CALL NOTICE**

**GOVT. AYURVEDIC PHARMACY, BOLANGIR**
**(Under Directorate of AYUSH, Department Health & Family Welfare, Govt. of Odisha)**
**Sagarpara (In front of Sale Tax Office) Circuit House Lane, Bolangir-767001**
**Tel : 06652-232036, Email Id: gapblgr028@gmail.com**
**Web : www.ayushodisha.nic.in**
**No.300/GAP** **Dated:07.03.2019**

Inviting Expression of interest for selection of Consultancy Firms / Agencies for providing manpower on outsourcing basis for implementation of different activities in Govt. Ayurvedic Pharmacy, Bolangir under National Ayush Mission (NAM).

Expression of Interest is invited from Consultancy Firms / Agencies having requisite expression in the field as detailed in the Website **(www.ayushodisha.nic.in).** The last date and time for submission of the Expression of Interest is 02.04.2019 at 5.00 PM. The Expression of Interest may be submitted in a sealed envelope through Speed Post / Registered Post / Courier or by hand in the above address.

**Sd./- Superintendent, Govt. Ayurvedic Pharmacy, Bolangir**

## ବେଲିର ଫ୍ୟାଟ୍ କମାଇବା ପାଇଁ ୧୫ମିନିଟ୍ ସମୟ ଯଥେଷ୍ଟ। ୧୫ମିନିଟ୍ ଏକ୍ସରସାଇଜ୍ ଦ୍ୱାରା ବେଲିର ଫ୍ୟାଟ୍ କମାଇବା ସହ ଫିଟ୍ ବି ରହିବେ। ଏଥିଲାଗି ରହିଛି ଉପାୟ । ଜାଣନ୍ତୁ ସେ ସମ୍ପର୍କରେ....




ମଡର୍ନ ଲାଇଫ୍ ଷ୍ଟାଇଲ୍ ଯୋଗୁ ଆମର ଖାଦ୍ୟପେୟ ସନ୍ତୁଳିତ ରୁହେ ନାହିଁ। ଏହାବ୍ୟତୀତ ଅନବରତ ବସରହି କାମ କରିବା ଦ୍ୱାରା ସ୍ୱାସ୍ଥ୍ୟ ପ୍ରଭାବିତ ହେବାର ମଧ୍ୟ ଆଶଙ୍କା ରହିଛି। ଅଧିକ ସମୟ ପର୍ଯ୍ୟନ୍ତ ବସ ରହିବା ଦ୍ୱାରା ପେଟରେ ଚର୍ବି ବଢ଼ିବାକୁ ଲାଗେ। ସୁନ୍ଦର ଓ ଫିଟ୍ ଦେଖାଯିବାକୁ ସମସ୍ତେ ତ ଚାହାନ୍ତି । ଠିକ୍ ୱାର୍କଆଉଟ୍ ଓ ସମୟର ଅଭାବରୁ ଏକ୍ସରସାଇଜ୍ କରିବା ସମ୍ଭବ ହୁଏନାହିଁ। ଏଥିଲାଗି ସର୍ବ ପ୍ରଥମେ ପେଟରେ ଚର୍ବି ବାହାରକୁ ଦେଖାଯାଏ। ଏକ ଗବେଷଣା ଅନୁଯାୟୀ ଆଜି ପ୍ରାୟ ୪୫ପ୍ରତିଶତ ମହିଳା ବେଲି ଫ୍ୟାଟ୍ ସମସ୍ୟା ଦ୍ୱାରା ଜଡିତ। ପେଟକୁ ସୁନ୍ଦର ଓ ଫ୍ଲାଟ ଦେଖାଯିବାକୁ ଚାହୁଁଥିଲେ କେତୋଟି ଟିପ୍ସ ଆପଣେଇ ପାରନ୍ତି..

**ବାଇସାଇକେଲ କ୍ରଞ୍ଚ:** କେତେ ସମୟ କରିବେ: ପ୍ରତିଦିନ ଏହି ଏକ୍ସରସାଇଜ୍‌ର ୩ଟି ସେଟ୍ କରନ୍ତୁ। ପ୍ରତ୍ୟେକ ସେଟ୍ ଏକ ମିନିଟ୍ ପର୍ଯ୍ୟନ୍ତ କରନ୍ତୁ।

କିପରି କରିବେ: ତଳେ ପିଠି ରଖି ଶୋଇପଡନ୍ତୁ। ନିଜ ହାତକୁ ମୁଣ୍ଡର ପଛପଟେ ରଖି କ୍ରସ କରନ୍ତୁ। ଏବେ ଆପଣଙ୍କ ଡାହାଣ ଗୋଡ ଉପର ଆଡକୁ ଛାତି ପାଖକୁ ଆଣି ମୋଡନ୍ତୁ। ବାମଗୋଡକୁ ସିଧା ରଖନ୍ତୁ। ଏବେ ଶରୀରର ଉପର ଭାଗକୁ ଏହିପରି ଉଠାନ୍ତୁ, ଯେପରି ବାମ କହୁଣୀ ଡାହାଣ ଆଣ୍ଠୁକୁ ଛୁଇଁବ। କିଛି ସେକେଣ୍ଡ ରହିବା ପରେ ପୁନର୍ବାର ବାମଗୋଡକୁ ଏହିପରି କରନ୍ତୁ। ଏହିପରି ବାମ ଡାହାଣ ଗୋଡ ଦ୍ୱାରା ୧୦ଥର ଲେଖାଏଁ କରନ୍ତୁ।

**ଡାଉନ୍‌ୱାର୍ଡ ଫେସିଙ୍ଗ ଡଗ୍:** କେତେ ସମୟ କରିବେ: ଏହାକୁ ପାଞ୍ଚଥର କରନ୍ତୁ। ପ୍ରତ୍ୟେକ ଥରକୁ ୧୦ସେକେଣ୍ଡ ଲେଖାଏଁ ସମୟ ନିଅନ୍ତୁ।

କିପରି କରିବେ: ଦୁଇଟି ଗୋଡ ମଧ୍ୟରେ ବ୍ୟବଧାନ ରଖି ସିଧା ଠିଆ ହୋଇ ଯାଆନ୍ତୁ। ଏବେ ଶରୀର ସାମ୍ନା ଆଡକୁ ନୁଆଇଁ ଦୁଇ ହାତକୁ ତଳେ ରଖନ୍ତୁ। ମୁଣ୍ଡକୁ ସିଧା ଓ ଆଣ୍ଠୁଦୁଇଟିକୁ ସମାନ୍ତରଭାଗରେ ରଖନ୍ତୁ। ଦୁଇହାତକୁ ଟିକେ ଆଗକୁ ନେଇ ରଖନ୍ତୁ। ଯାହାଦ୍ୱାରା ପ୍ରେସର ହିପ୍ସ ଉପରେ ପଡିବ। ଶରୀର ଯେପରି ଡଗ୍ ପୋଜିଶନ୍‌ରେ ରହିବ।

**ବୋଟ୍ ଏକ୍ସରସାଇଜ୍:** କେତେ ସମୟ କରିବେ: ଏହାକୁ ଦଶଥର ଲେଖା ୩-୪ଥର କରନ୍ତୁ।

କିପରି କରିବେ : ମ୍ୟାଟ୍ ଉପରେ ଗୋଡକୁ ଆଗ ଆଡକୁ କରି ବସନ୍ତୁ। ଏବେ ହିପ୍ସକୁ ଟିକେ ଆଗ ଆଡକୁ କରି ବେଣ୍ଡ କରନ୍ତୁ। ଗୋଡକୁ ଧୀରେ ଧୀରେ ଉପରକୁ ଉଠାଇବାକୁ ଚେଷ୍ଟା କରନ୍ତୁ। ଦୁଇ ହାତକୁ ସାମ୍ନା ଆଡକୁ ନେଇ ଗୋଡକୁ ହାତର ସପୋର୍ଟ ଦିଅନ୍ତୁ। ଏହି ଅବସ୍ଥାରେ ଶରୀରକୁ ଭି ପୋଜିସନ୍‌ରେ ରଖନ୍ତୁ। ନିଃଶ୍ୱାସ ପ୍ରଶ୍ୱାସ କିଛି ସମୟ ପର୍ଯ୍ୟନ୍ତ ନିଅନ୍ତୁ ନାହିଁ ପୁଣି ଧୀରେ ଧୀରେ ପୂର୍ବ ଅବସ୍ଥାକୁ ଫେରି ଆସନ୍ତୁ।

**ଫ୍ଲଟର କିକ୍ସ:** କେତେ ସମୟ କରିବେ: ଏହାକୁ ୨୦ରୁ ୨୨ଥର ଲେଖାଏଁ ତିନିଥର କରନ୍ତୁ। ଏମିତି କରନ୍ତୁ: ତଳେ ପୂରା ସିଧା ପିଠି କରି ଶୁଅନ୍ତୁ। ହାତକୁ ସିଧା ଷ୍ଟ୍ରେଚ୍ କରନ୍ତୁ। ଦୁଇଗୋଡକୁ ଉପର ଆଡକୁ ଉଠାଇ ୪୫ଡିଗ୍ରୀ ପର୍ଯ୍ୟନ୍ତ ରଖନ୍ତୁ। ୧୦ସେକେଣ୍ଡ ପର୍ଯ୍ୟନ୍ତ ଏହି ପୋଜିସନ୍‌ରେ ରଖି ପୁଣି ତଳ ଆଡକୁ ରଖନ୍ତୁ। ପ୍ରଥମଥର କରୁଥିଲେ ଏଥିରେ କମ୍ଫଟେବଲ ନ ହେଉଥିଲେ ଗୋଟେ ଗୋଟେ ଗୋଡରେ ବାରମ୍ବାର ଏପରି କରିପାରନ୍ତି।

**ଷ୍ଟାବିଲିଟି ବଲ୍ ପାସ୍:** କେତେ ସମୟ କରିବେ : ଏହାକୁ ୧୦ଥର କରନ୍ତୁ।

କିପରି କରିବେ : ତଳେ ମ୍ୟାଟ୍ ବିଛାଇ ପିଠି ବଳରେ ଶୁଅନ୍ତୁ। ଗୋଡ ମଝିରେ ଏକ୍ସରସାଇଜ୍ ବଲ୍ ରଖନ୍ତୁ। ଧୀରେ ଧୀରେ ତାକୁ ଧରି ଗୋଡକୁ ଉପରକୁ ଟେକିବାକୁ ଚେଷ୍ଟା କରନ୍ତୁ। ଏହି ପୋଜିସନରେ ଗୋଡକୁ ବାମ ଡାହାଣ ଆଡକୁ ଆଣିବାକୁ ଚେଷ୍ଟା କରନ୍ତୁ। ଧ୍ୟାନ ରଖନ୍ତୁ ଯେ ଯେପରି ବଲ୍ ଖସି ନ ଯାଏ।

**ପାର୍ସିଆଲ୍ ସିଟ୍ ଅପ୍ସ:** କେତେ ସମୟ କରିବେ : ୩୦ଥର କରନ୍ତୁ।

କିପରି କରିବେ : ତଳେ ସିଧା ପଛ କରି ଶୋଇପଡନ୍ତୁ। ଆଣ୍ଠୁକୁ ଟିକେ ମୋଡନ୍ତୁ। ଏବେ ତଳେ ଲାଗିଥିବା ଭାଗକୁ ଉପର ଆଡକୁ ରଖନ୍ତୁ। ହାତ ସାହାଯ୍ୟରେ ଆଣ୍ଠୁକୁ ଛୁଇଁବାକୁ ଚେଷ୍ଟା କରନ୍ତୁ। ଅଳ୍ପ ଟିକେ ତଳ ଆଡକୁ ଆସି କିଛି ସେକେଣ୍ଡ ଗୋଡକୁ ହୋଲ୍ଡ କରି ରଖନ୍ତୁ। ପୁନର୍ବାର ହାତକୁ ଉପରକୁ କରି ଆଣ୍ଠୁ ସପୋର୍ଟ ଦିଅନ୍ତୁ।

**ଅପୱାର୍ଡ ବ୍ୟାକ୍ ବେଣ୍ଡ:** କେତେ ସମୟ କରିବେ : ୧୦ ସେକେଣ୍ଡରେ ପାଞ୍ଚଥର କରନ୍ତୁ ଏହି ଏକ୍ସରସାଇଜ୍।

ଏମିତି କରନ୍ତୁ : ପେଟ ସାହାଯ୍ୟରେ ଶୋଇ ପଡନ୍ତୁ। ଏବେ ଅଣ୍ଟା ସାହାଯ୍ୟରେ ଉପର ଭାଗକୁ ଧୀରେ ଧୀରେ ଉଠାନ୍ତୁ। ଏହି କ୍ରମରେ ହାତକୁ ଧୀରେ ଫୋଲ୍ଡ କରନ୍ତୁ । ଏହି ଅବସ୍ଥାରେ ରହି ହାତକୁ ତଳେ ଭରା ଦିଅନ୍ତୁ।

### ଏମାନେ ଯାହା କୁହନ୍ତି



ଲକ୍ଷ୍ମୀପ୍ରିୟା



ଜିତେନ୍ଦ୍ର



ଇନ୍ଦୁ

**ଫିଟ ରହିବା ପାଇଁ ଖେଳାଖେଳି କରେ:** ଆଜିକାଲି ଲାଇଫ୍‌ଷ୍ଟାଇଲ ବଦଳି ଗଲାଣି। ସମସ୍ତେ ଚାହୁଁଛନ୍ତି ଫିଟ ଆଣ୍ଡ ଫାଇନ୍ ରହିବା ପାଇଁ। ମୁଁ ବି ଏଥିରେ ନିଜକୁ ସାମିଲ କରିଛି। ପ୍ରତିଦିନ କିଛି ସମୟ ଫୁଟବଲ ଏବଂ କ୍ରିକେଟ ଖେଳେ।

*- ଜିତେନ୍ଦ୍ର କୁମାର ସାହୁ(ଛାତ୍ର)*
*ବଳାସିଙ୍ଘା, ଅନୁଗୋଳ*

**ଫିଟ ରହିବା ସହ ମାନସିକ ଶାନ୍ତି ବି ଜରୁରୀ:** ଫିଟ ରହିବାକୁ କିଏ ବା ନ ଚାହେଁ। ତେଣୁ ଉତ୍ତମ ଖାଦ୍ୟ ସହ ଏକ୍ସରସାଇଜ୍ ମଧ୍ୟ ଜରୁରୀ। ଏଥିଲାଗି ମୁଁ ସକାଳେ ଯୋଗ ସହ କରାଟେ ମଧ୍ୟ ପ୍ରାକ୍ଟିସ୍ କରେ। ଏଥିଯୋଗୁ ମୁଁ ଫିଟ ରହିବା ସହ ମାନସିକ ଶାନ୍ତି ମଧ୍ୟ ପ୍ରାପ୍ତ କରିଥାଏ।

*-ଇନ୍ଦୁ ବୋଇନା*
*କଲ୍ୟାଣୀ ରେସିଡେନ୍ସ, ସମ୍ବଲପୁର*

**ଫିଟ ରହିବା ଲାଗି ଜିମ୍ ଯାଏ:** ଶରୀର ସୁସ୍ଥ ରହିଲେ ସବୁ କାର୍ଯ୍ୟ ସୁଚାରୁରୂପେ ସମ୍ପାଦିତ ହୋଇଥାଏ। ଶରୀର ସୁସ୍ଥ ରହିବା ଲାଗି ବ୍ୟାୟାମ ଜରୁରୀ। ମୁଁ ଫିଟ ରହିବା ଲାଗି ଜିମ୍ ଯାଏ। ଏହାସହିତ ବ୍ୟାଡମିଣ୍ଟନ ଖେଳେ। ଏଥିପାଇଁ ପ୍ରତ୍ୟହ ଘଣ୍ଟାଏ ସମୟ ଦିଏ।

*-ଲକ୍ଷ୍ମୀପ୍ରିୟା ସ୍ୱାଇଁ (ଛାତ୍ରୀ)*
*ପାଇକସାହି, ସୋରଭା, ପୁରୀ*

## ସଜାଗ ବିୟୁଟି ଟିପ୍ସ...

**ଖରାଦିନେ ସାଧାରଣତଃ ତ୍ୱଚା ମଳିନ ପଡିଥାଏ। ଏହିଦିନେ ତ୍ୱଚାର କିପରି ଯତ୍ନ ନେବେ ଜାଣନ୍ତୁ ସେ ସମ୍ପର୍କରେ...**

* ଖରାଦିନେ ଭଲ ଆୟୁର୍ବେଦିକ ଫେସ୍‌ୱାଶ ଦ୍ୱାରା ଦିନକୁ ୨ରୁ ୩ ଥର ମୁହଁ ଧୁଅନ୍ତୁ।
* ଏହାପରେ ଟୋନର ଲଗାଇବାକୁ ଭୁଲନ୍ତୁ ନାହିଁ।
* ବାହାରକୁ ଯିବାବେଳେ ମଇଶ୍ଚରାଇଜରଯୁକ୍ତ ସନ୍‌ସ୍କ୍ରିନ୍ ଲୋଶନ ଲଗାନ୍ତୁ।
* ରାତିରେ ଶୋଇବା ପୂର୍ବରୁ ମୁହଁକୁ ଫେସ୍‌ୱାଶରେ ଧୋଇ ଟୋନର ଏବଂ ନାଇଟ୍ କ୍ରିମ୍ ଲଗାଇବାକୁ ଭୁଲନ୍ତୁ ନାହିଁ। ପ୍ରତିଦିନ ଏପରି କଲେ ମୁହଁରେ ଟ୍ୟାନିଂ ରହିବ ନାହିଁ।
* କଞ୍ଚାକ୍ଷୀରକୁ କିଛି ସମୟ ତୁଳା ଦ୍ୱାରା ମୁହଁରେ ମାଲିସ କରନ୍ତୁ। ଏପରି କରିବା ଦ୍ୱାରା ତ୍ୱଚାରେ ଥିବା ଲୋମଛିଦ୍ର ଦୂର ହୋଇଥାଏ।
* କ୍ଷୀର ଓ ଲେମ୍ବୁରସର ମିଶ୍ରଣକୁ ମୁହଁରେ ଲଗାଇ ମାଲିସ କଲେ ତ୍ୱଚାରେ ଚମକ ଆସିଥାଏ।



DSPL-439

**ରାଷ୍ଟ୍ରୀୟ ଆମ୍ବୁଲାନ୍ସ ସେବା '୧୦୮' ଏବଂ '୧୦୨'ର ଉପଯୋଗ ସମ୍ପର୍କରେ ସୂଚନା**

**ଏହାର ସୁବିଧା :**

* ୨୪ ଘଣ୍ଟିଆ ଦିନରାତି ଆମ୍ବୁଲାନ୍ସ ସେବା
* ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ (କଲ୍ ସେଣ୍ଟର)ରେ ୨୪ ଘଣ୍ଟିଆ ଫୋନ୍ କଲ୍ ଗ୍ରହଣ ସହ ଆମ୍ବୁଲାନ୍ସ ଯୋଗାଇ ଦେବାର ବ୍ୟବସ୍ଥା
* ଏହି ଆମ୍ବୁଲାନ୍ସରେ ରୋଗୀ ସହ ଜଣେ ବ୍ୟକ୍ତି ସହାୟକରୂପେ ଯାଇପାରିବେ
* ଏହି ସେବା ବିନା ମୂଲ୍ୟରେ ଉପଲବ୍ଧ

**ଜରୁରୀକାଳୀନ ୧୦୮ ଆମ୍ବୁଲାନ୍ସ ସେବା**

* ୧୦୮ ଆମ୍ବୁଲାନ୍ସ ଦ୍ୱାରା ରୋଗୀଙ୍କୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ଡାକ୍ତରଖାନାକୁ ନିଆଯାଇଥାଏ ।
* ଏହି ସେବା ନିମନ୍ତେ '୧୦୮' ନମ୍ବରକୁ ବିନା କୋଡ୍‌ରେ ଫୋନ୍ କରନ୍ତୁ ।
* ଏଥିରେ ଡାକ୍ତରଖାନା ପହଞ୍ଚିବା ପର୍ଯ୍ୟନ୍ତ ରୋଗୀକୁ ଆବଶ୍ୟକୀୟ ମୌଳିକ ଚିକିତ୍ସା ଯୋଗାଇଦେବାର ବ୍ୟବସ୍ଥା ରହିଛି ।







**ରାଷ୍ଟ୍ରୀୟ ଆମ୍ବୁଲାନ୍ସ ସେବା (୧୦୨)**

* ଡ଼ାକ୍ତରଖାନାରେ ପ୍ରସବ ପାଇଁ ସମସ୍ତ ଗର୍ଭବତୀ, ପ୍ରସୂତି ଓ ୧ ବର୍ଷ ପର୍ଯ୍ୟନ୍ତ ଅସୁସ୍ଥ ଶିଶୁମାନଙ୍କର ଜରୁରୀ ଚିକିତ୍ସା ନିମନ୍ତେ ଡ଼ାକ୍ତରଖାନାକୁ ନେବା ପାଇଁ ୧୦୨ ଆମ୍ବୁଲାନ୍ସ ସେବାର ପ୍ରଚଳନ କରାଯାଇଛି ।
* ଏହି ସୁବିଧା ପାଇବା ପାଇଁ ଦେୟମୁକ୍ତ ନମ୍ବର **୧୦୨**କୁ ବିନା କୋଡ୍‌ରେ ଫୋନ୍ କରନ୍ତୁ ।

10003/13/0108/1819

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha http://www.health.odisha.gov.in/ @HFWOdisha

## ସଂକ୍ଷେପରେ

### ୨୪୦ ମାମଲାର ହେଲା ଶୁଣାଣି

ଚମ୍ପୁଆ,୯।୩(ଡି.ଏନ.ଏ.): ଚମ୍ପୁଆ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ପ୍ରାକ୍ ମକଦ୍ଦମା, କୋର୍ଟରେ ବିଚାରାଧୀନ ଥିବା ବ୍ୟାଙ୍କ ମକଦ୍ଦମା, ଅନୁସୂଚିତ ମାମଲାର ବିଚାର କରାଯାଇଛି। ମୋଟ ୨୪୦ଟି କେସ୍‌ରୁ ୯ ଗୋଟିର ଫଇସଲା କରାଯାଇ ୫ ଲକ୍ଷ ୧୨ ହଜାର ଟଙ୍କା ଆଦାୟ କରାଯାଇଛି। ଅତିରିକ୍ତ ଜିଲା ଦୌରାଜଜ୍ ଦୋଳଗୋବିନ୍ଦ ବାରିକ, ସବ୍‌ଜଜ୍ ରଞ୍ଜୁଲତା ଲେଙ୍କା ଓ ଏସ୍‌ଡିଜେଏମ ସ୍ୱୟଂପ୍ରଭା ଆଚାର୍ଯ୍ୟ ଉପସ୍ଥିତ ଥିଲେ। ପ୍ରାକ୍ ମକଦ୍ଦମା ୨୧୪ଟିରୁ ୩ଟିର ଫଇସଲା କରାଯାଇ ୫୧,୭୫୫ ଟଙ୍କା ଆଦାୟ କରାଯାଇଥିବା ବେଳେ ବ୍ୟାଙ୍କ ମକଦ୍ଦମା ୫୦ଟିରୁ ଗୋଟିକର ବିଚାର କରାଯାଇ ୨ ଲକ୍ଷ ୪୭ ହଜାର, ଅନୁସୂଚିତ ମାମଲା ବାବଦକୁ ୨ଲକ୍ଷ ୧୫ହଜାର ଟଙ୍କା ସ୍ଥିର କରାଯାଇଥିଲା ଏବଂ ଅନ୍ୟାନ୍ୟ କେସ୍ ୯ଟିର ଫଇସଲା କରାଯାଇଥିଲା। ଏହି ଲୋକ ଅଦାଲତକୁ ଅବ୍‌ଦୁଲ ସୁରାଜ ଖାନ୍ ପରିଚାଳନା କରିଥିଲେ।

### ବ୍ଲକସ୍ତରୀୟ ଯୁଥ ପାର୍ଲାମେଣ୍ଟ କାର୍ଯ୍ୟକ୍ରମ

ହାଟଡିହୀ, ୯।୩(ଡି.ଏନ୍.ଏ.)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଚାପୁଣ୍ଡିଆଠାରେ ବ୍ଲକ ସ୍ତରୀୟ ଯୁଥ ପାର୍ଲାମେଣ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟର ନେହେରୁ ଯୁବ କେନ୍ଦ୍ର କେନ୍ଦୁଝର ଓ ଚାପୁଣ୍ଡିଆ ଜାତୀୟ ପରିଷଦର ମିଳିତ ସହ ଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଚଡିଏଫସିର ସଂଯୋଜକ ଅରୁଣ କୁମାର ସାହା ୧୮ ରୁ ୩୫ ବର୍ଷ ବେକାର ଯୁବତୀ ଯୁବକମାନେ କିପରି ନିର୍ଭରଶୀଳ ହୋଇପାରିବେ ସେନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ସରକାରୀ ସ୍ତରରେ ବିଭିନ୍ନ ସ୍ଥାନରେ ନିଯୁକ୍ତି ମେଳା କରାଯାଇ ବେକାର ଯୁବତୀ ଯୁବକଙ୍କ ଲାଗି ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଉଥିବା ସୂଚନା ଦିଆଯାଇଥିଲା।

### ଶାଳଣିଆରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ହାଟଡିହୀ, ୯।୩(ଡି.ଏନ୍.ଏ.)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକ କଲିଗାଁ ପଞ୍ଚାୟତ ଶାଳକଣିଆ ଗ୍ରାମରେ ବିଧାୟକ ମାୟାଧର ଯେନା ଅତିଥି ଭାବେ ଯୋଗଦେଇ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ଏହିକ୍ରମରେ ବିଧାୟକ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରିବା ସହିତ ଘରେ ଘରେ ଶଙ୍ଖଚିହ୍ନ ଲଗାଇଥିଲେ। ଏଥିରେ ଜିଲା ବିଜେଡି ସଭାପତି ବିମ୍ବାଧର ବିଶ୍ୱାଳ, ସରପଞ୍ଚ ଅମରେନ୍ଦ୍ର ଧଳ, ଜିଲା ପରିଷଦ ସଦସ୍ୟ ସୁରେନ୍ଦ୍ର ଜେନା, ପୂର୍ବତନ ଅଧକ୍ଷ ସାବିତ୍ରୀ ସେଠୀ, ଯୁବ ନେତା ଅଭିମନ୍ୟୁ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# 'ଆଜି ବି ଜଙ୍ଗଲ ଦେଉଛି ଦାନା'

କେନ୍ଦୁଝର, ୯।୩ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଣପାହାଡ ମୁଲକରେ ଆଜି ବି ଦ୍ୱାରିଦ୍ର୍ୟ ବସାବାନ୍ଧି ରହିଛି। ଗୁରୁବାର ସବୁଠି ଆନ୍ତର୍ଜାତିକ ମହିଳା ଦିବସ ପାଳନ ହେଉଥିବା ବେଳେ ନିତିଦିନ ଭଳି ଗରିବ, ଅସହାୟ ପରିବାରର ମହିଳା ବଣପାହାଡରୁ ଜାଳକାଠ ସଂଗ୍ରହ ଏହାକୁ ମୁଣ୍ଡରେ ଲଦି ଚାଲି ଚାଲି ଆସି କେନ୍ଦୁଝର ସହର ରାସ୍ତା କଡରେ ଗ୍ରାହକ ଅପେକ୍ଷାରେ ଅପେକ୍ଷା କରିଥିବା ଦେଖିବାକୁ ମିଳିଥିଲା। ଏଭଳି ଅଭାବୀ, ଅସହାୟ ମହିଳାଙ୍କ ପ୍ରତି କାହାରି ନଜର ନ ଥିଲା। ସବୁଠି ମହିଳାମାନଙ୍କ ଲାଗି ଦିବସ ପାଳନ ହେଉଥିବା କଥା ପଚାରିବାରୁ ସେମାନେ ଏ ବିଷୟରେ ଅଜ୍ଞ ଥିବା ଜଣାପଡିଥିଲା। ପେଟ ଓ ପରିବାର ପୋଷିବା ଲାଗି ଏହି ବନବାସୀ ମହିଳାମାନେ ଖରା ତାତିକୁ ଖାତିର ନ କରି ଜାଳକାଠ ଆଣି ବିକୁଥିବା କହିଥିଲେ। ବିକ୍ରି ପଇସାରେ ସେମାନେ ତେଲଲୁଣ କିଣି ଫେରିବେ ବୋଲି ପ୍ରକାଶ କରିଥିଲେ।

ବଣପାହାଡ ମୁଲକରେ ଆଜି ବି ଅନେକ ଗରିବ ବନବାସୀ ଜଙ୍ଗଲ ଉପରେ ନିର୍ଭର କରି ଚଳୁଛନ୍ତି। ସେମାନେ ଜାଳକାଠ ସାଙ୍ଗକୁ ବିଭିନ୍ନ ଋତୁକାଳୀନ ଫଳ ସଂଗ୍ରହ କରି ବିକ୍ରି କରିଥାନ୍ତି। ଆବଶ୍ୟକ ଜମିବାଡି ନ ଥିବା ଓ କାମ ଧନ୍ଦା ମିଳୁ ନ ଥିବାରୁ ସେମାନେ ଏହାକୁ



ଜାଳକାଠ ବିକ୍ରି ପାଇଁ ଗ୍ରାହକଙ୍କ ଅପେକ୍ଷାରେ।

ପାରମ୍ପରିକ ବୃତ୍ତି କରି ଚଳୁଛନ୍ତି । ଜଙ୍ଗଲ ଓ ପରିବେଶ ସୁରକ୍ଷା ଲାଗିକଟକଣା ହେବା ପରେ ସେମାନଙ୍କ ଜୀବନଜୀବିକା ଏକପ୍ରକାର ବିପର୍ଯ୍ୟସ୍ତ ହୋଇପଡିଛି। ଗଛ କାଟିବା ବେଆଇନ ବୋଲି ଜାଣିଥିଲେ ମଧ୍ୟ କାମଧନ୍ଦା ନପାଇ ଅନେକ ଲୋକ ଜଙ୍ଗଲକୁ ଯାଇ ଶୁଖିଲା କାଠ ସଂଗ୍ରହ କରି ଚଳୁଛନ୍ତି। ଏପରିକି କେତେକ ମହିଳା କାଠ ସଂଗ୍ରହ କରିବା ପରେ ଦୀର୍ଘ ୧୦ରୁ ୧୫ କି.ମି. କାଠବୋଝ ମୁଣ୍ଡରେ ବୋହି ପାହାଡିଆ ରାସ୍ତାରେ ସହରକୁ ଆସୁଥିବା କହିଥିଲେ। ଏହା ବହୁ କଷ୍ଟକର ହୋଇ ଥିଲେ ମଧ୍ୟ ସେମାନେ ପେଟ ପାଇଁ ଏହି କାମ କରୁଥିବା କହିଥିଲେ।

ରାସ୍ତାକଡରେ ଠିଆ ହୋଇ ବନବାସୀ ମହିଳାମାନେ କାଠ ବୋଝ ପିଛା ୧୫୦ ରୁ ୨୦୦ ଟଙ୍କାରେ ବିକୁଥିବା ଦେଖାଯାଇଥିଲା। ଅଧିକାଂଶ ଦିନ ଯାହା ଅର୍ଥ ମିଳେ ତାହା ପରିଶ୍ରମ ତୁଳନାରେ ତୁଚ୍ଛ। ଜଣେ ମହିଳା କହିଥିଲେ ଆମେ କାଠ ସଂଗ୍ରହ କରି ଏହାକୁ ଖରାରେ ୨ରୁ ୩ ଦିନ ଶୁଖାଇ ବିକିବାକୁ ଆଣିଥାଉ। ପ୍ରତି ସପ୍ତାହରେ ପ୍ରାୟ ୨ରୁ ୩ ଥର କାଠ ବୋଝ ଧରି ସହରକୁ ଆସିଥାଉ। ଅନେକ ସମୟରେ ଗ୍ରାହକ ନ ମିଳିଲେ ବାଧହୋଇ ହୋଟେଲରେ କମ ଦାମରେ ବିକିଥାଉ। କାଠ ସେମାନେ ସକାଳୁ ଘରୁ ବାହାରି ଆସନ୍ତି। ଏଠାରେ ପହଞ୍ଚିବା ପରେ ସାଙ୍ଗରେ ଆଣିଥିବା ଦାନ୍ତକାଠିରେ ଦାନ୍ତ ଘସିଥାନ୍ତି। କାଠ ବିକ୍ର ହେଲେ ଯାଇ ଜଳଖିଆ ଖାଇ ପୁଣି ଚାଲିଚାଲି ଘରକୁ ଫେରିଥାନ୍ତି । ରାସ୍ତାକଡରେ କାଠ ବିକୁଥିବା ରଡୁଆଁ ଗ୍ରାମର ଫୁଲମଣୀ ଜୁଆଙ୍ଗ କହିଥିଲେ, ଗାଁରେ କାମ ମିଳୁଥିଲେ ଆମେ ବହୁ ପରିଶ୍ରମ କରି ଏଠାକୁ ଆସୁ ନ ଥାନ୍ତୁ । ଆମ ଭଳି ଗରିବ ଅସହାୟ ମହିଳାଙ୍କୁ ମଧ୍ୟ କୌଣସି ସରକାରୀ ସହାୟତା ମିଳୁନାହିଁ। ରତନୀ ଜୁଆଙ୍ଗ ନାମ୍ନୀ ଜଣେ ମହିଳା କହିଥିଲେ, ତାଙ୍କ ଘର ସାରୁକୁଦରେ । ୫ ବର୍ଷ ତଳେ ତାଙ୍କ ସ୍ୱାମୀଙ୍କର ମୃତ୍ୟୁ ଘଟିବା ପରେ ୨ ଛୁଆ ଙ୍କୁ ଆଶ୍ରମ ସ୍କୁଲରେ ଛାଡିଛନ୍ତି। ଅଦ୍ୟାବଧି ତାଙ୍କୁ ଭତ୍ତା ମିଳି ନାହିଁ । ଆମ ଅଞ୍ଚଳରେ କାମଧନ୍ଦା ମିଳୁ ନ ଥିବାରୁ ଚଳିବା ପାଇଁ ବୃଦ୍ଧା ବୟସରେ ଏଭଳି କଷ୍ଟକର କାମ କରିବାକୁ ପଡୁଛି। ରଡୁଆ ଗାଁରୁ ଆସିଥିବା ଚମ୍ପା ମୁଣ୍ଡା ଅନୁରୂପ ପ୍ରତିକ୍ରିୟା ପ୍ରକାଶ କରି ତାଙ୍କ ସ୍ୱାମୀ ମରିବା ପରେବହୁକଟେ କରି ତାଙ୍କୁ ୨ ଛୋଟ ପୁଅଙ୍କ ପେଟକୁ ଦାନା ଯୋଗାଉଛନ୍ତି। ତାଙ୍କ ମଧ୍ୟ ଭତ୍ତା ମିଳିନାହିଁ । କାଠ ବିକିଲେ ଘରେ ଚୁଲି ଜଳୁଛି ବୋଲି ସେ କହିଥିଲେ।

# ବିଦ୍ୟୁତ ନ ଥିବାରୁ ୨୬ ଘର ଅନ୍ଧାରରେ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀ।

କେନ୍ଦୁଝର, ୯।୩ (ସ୍ୱ.ପ୍ର.)

**ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ**

ସମସ୍ତଙ୍କୁ ବିଦ୍ୟୁତ ଆଲୋକ ମିଳିବ। କେହି ଅନ୍ଧାରରେ ରହିବେ ନାହିଁ ବୋଲି କେନ୍ଦ୍ର ଓ ରାଜ୍ୟ ସରକାର ପ୍ରଚାର ପ୍ରସାର କରିବାରେ ଲାଗୁଥିବା ବେଳେ ବାସ୍ତବରେ କେନ୍ଦୁଝର ଭଳି ଆଦିବାସୀ ବହୁଳ ଜିଲାରେ ବହୁ ବିପିଏଲ ପରିବାର ଏବେ ମଧ ଅନ୍ଧାରରେ ରହିଥିବାରୁ ଅସନ୍ତୋଷ ବୃଦ୍ଧିପାଇବାରେ ଲାଗୁଛି । ଏଭଳି ରାଣୀପୁର ଗ୍ରାମର ଆଦିବାସୀ ମାନେ ବହୁ ବର୍ଷ ହେଲା ବିଦ୍ୟୁତ ଆଲୋକ ନ ଥିବାରୁ ଅନ୍ଧାରରେ ରାତି କାଟୁଥିବାରୁ ଜିଲାପାଳଙ୍କ ପାଖକୁ ଅଭିଯୋଗ କରିବାକୁ ଆସିଛନ୍ତି। ଏହି ଗ୍ରାମରେ ୫୦୦ ଘର ଥିବା ବେଳେ ବିପିଏଲ ଶ୍ରେଣୀର ୨୬ ଘରକୁ ବିଦ୍ୟୁତ ସଂଯୋଗ ହୋଇ ନ ଥିବା ଅଭିଯୋଗ କରିଛନ୍ତି। ଏଣୁ ପିଲାମାନଙ୍କ ପାଠ ପଢାରେ ବହୁ ସମସ୍ୟା ଭୋଗୁଥିବା କହିଛନ୍ତି। ପାଖରେ ଜଙ୍ଗଲ ଥିବାରୁ ଏବଂ ହାତୀ ଉପଦ୍ରବ ଅଞ୍ଚଳ ହୋଇଥିବାରୁ ରାତି ହେଲେ ହାତୀ, ସାପ ଆଦି ଭୟ ରହୁଥିବା କହିଛନ୍ତି। ବିଦ୍ୟୁତ ପାଇଁ ଆବେଦନ କରିଥିଲେ ହେଁ କାହିଁକି ମିଳୁନାହିଁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ବିଦ୍ୟୁତ କାମ କରୁଥିବା ଠିକା ସଂସ୍ଥାକୁ ଜଣାଇଲେ ମୋ ଇଚ୍ଛା ହେଲେ ଲାଇନ ଦେବି କହି ବିଭିନ୍ନ ପ୍ରକାରର ଧମକ ଚମକ କରୁଥିବା ଅଭିଯୋଗ କରିଛନ୍ତି। ଏଣୁ ୨୬ ଘର ଅନ୍ଧାରରେ କାଟୁଥିବାରୁ ତୁରନ୍ତ ବିଦ୍ୟୁତ ବ୍ୟବସ୍ଥା କରିବାକୁ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଗୟାମଣୀ ନାୟକ, ତନୟା ନାୟକ, ରୀନା ନାୟକ, ଝରଣା ନାୟକ, ସୁଷମା ନାଏକ, ଲକ୍ଷ୍ମୀ ନାଏକଙ୍କ ସମେତ ବହୁ ଲୋକ ସାମିଲ ଥିଲେ।

# ଡମ୍ପିଂୟାର୍ଡରୁ ଅତଡ଼ା ଧସି ଜଣେ ମୃତ



ଅତଡା ତଳେ ପୋତିହୋଇଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଉଛି।

ବଡବିଲ, ୯।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲ ଥାନା ମାଟକାମବେଡାସ୍ଥିତ କଳିଙ୍ଗ ଲୌହ କାରଖାନା(ଇଡକଲ କଳିଙ୍ଗ ଆଇରନ ୱାର୍କ୍ସ ଲିମିଟେଡ୍)ର ବିପଦପୂର୍ଣ୍ଣ ଡମ୍ପିଂ ୟାର୍ଡରୁ ଚାରକୋଲ ସଂଗ୍ରହ କରୁଥିବାବେଳେ ଅତଡା ଧସିଯିବାରୁ ସେଥିରେ ପୋତି ହୋଇ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ତପ୍ପୋ ହଟିଂ ଅଞ୍ଚଳର ରଘୁନାଥ ଦାସ(୫୦)। ଶନିବାର ପୂର୍ବାହ୍ନରେ ରଘୁ ଓ ତାଙ୍କ ସହ ଅନ୍ୟ କେତେକ ଲୋକ ଶାବଳ ସାହାଯ୍ୟରେ ଖୋଳି ଚାରକୋଲ ସଂଗ୍ରହ କରୁଥିଲାବେଳେ ହଠାତ୍ ଅତଡା ଧସିଯାଇଥିଲା। ଫଳରେ ଶାବଳ ସହ ରଘୁ ଅତଡା ତଳେ ପୋତି ହୋଇଯାଇଥିଲାବେଳେ ଅନ୍ୟମାନେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଏ ନେଇ ସ୍ଥାନୀୟ ପୋଲିସ ଓ ଅଗ୍ନି ଶମ ବିଭାଗକୁ ଖବର ଦେଇଥିଲେ। ପୋଲିସ ଓ ଅଗ୍ନିଶମ ବିଭାଗର ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ଅସୁରକ୍ଷିତ ଡମ୍ପିଂ ୟାର୍ଡକୁ ପୋତିହୋଇଥିବା ରଘୁଙ୍କୁ ଉଦ୍ଧାର ନିମନ୍ତେ ଏକ ପ୍ରୋକଲେନ ମେଶିନର ସହାୟତା ନେଇଥିଲେ। ଦୀର୍ଘ ଘଣ୍ଟା ଧରି ଅତଡାକୁ ହଟାଇବା ପରେ ଦମକଳବାହିନୀ ପୋତିହୋଇଥିବା ରଘୁଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ ଯେ, ବଡବିଲସ୍ଥିତ ଇଡକଲ କଳିଙ୍ଗ ଲୌହ କାରଖାନା ଦୀର୍ଘ ବର୍ଷରୁ ବନ୍ଦ ପଡିଥିଲାବେଳେ ଚାରକୋଲ ଡମ୍ପିଂ ୟାର୍ଡକୁ କାରଖାନା କର୍ତ୍ତୃପକ୍ଷ ଆବଦ୍ଧ କରି ରଖୁନାହାନ୍ତି। କାରଖାନାରେ ସପ୍ଲାଇରେ କାର୍ଯ୍ୟ କରୁଥିବା ଶ୍ରମିକ ମାନେ କାର୍ଯ୍ୟହରା ହୋଇଛନ୍ତି। ଜିବୀକା ନିର୍ବାହ ପାଇଁ ସ୍ଥାନୀୟ ଲୋକେ କାରଖାନାର ଡମ୍ପିଂ ୟାର୍ଡକୁ ଖୋଳି ଚାରକୋଲ ସଂଗ୍ରହ କରିବା ସହ କୋଇଲା ସହ ମିଶାଇ ଜାଳେଣୀ ଭାବେ ବ୍ୟବହାର କରୁଥିବା ଜଣାପଡିଛି। ତେବେ ସେହି ଚାରକୋଲ ସଂଗ୍ରହବେଳେ ଏକାଧିକବାର ଅତଡା ଧସି ଜନଜୀବନ ହାନି ଘଟୁଥିଲେହେଁ କାରଖାନା କର୍ତ୍ତୃପକ୍ଷ ଏ ନେଇ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହୋଇଥିବାବେଳେ ଦୁର୍ଘଟଣା ନେଇ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଦାୟୀ କରି ଆଇନ ଅନୁଯାୟୀ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

### ଟ୍ରକ୍-ଡମ୍ପର ମୁହାଁମୁହିଁ ଧକ୍କା, ଜଣେ ଗୁରୁତର

ଯୋଡା, ୯।୩(ଡି.ଏନ.ଏ.)

ଯୋଡା ସହରର କମାର ଯୋଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟରେ ତଥା ଯୋଡା-ବାମେବାରୀ ମୁଖ୍ୟ ରାସ୍ତାରେ ଶନିବାର ଟ୍ରକ ଓ ଡମ୍ପର ମୁହାଁମୁହିଁ ଧକ୍କା ହୋଇ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି । ଘଟଣାସ୍ଥଳରୁ ଜଣାପଡିଛି ଯେ, ଅପରାହ୍ନ ପ୍ରାୟ ୨ଟା ୩୦ରେ ଏକ ଟ୍ରକ ଖଣିଜ ପଦାର୍ଥ ବୋଝେଇ କରି ଯୋଡା ଅଭିମୁଖେ ଆସୁଥିବା ବେଳେ ବିପରୀତ ଦିଗରୁ ଯାଉଥିବା ଆଉ ଏକ ଟ୍ରକ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ଏଥିରେ ଟ୍ରକ ଡ୍ରାଇଭର ଗୁରୁତର ଆହତ ହୋଇଥିବା ବେଳେ ତାଙ୍କୁ ଟାଟାଷ୍ଟିଲ ଡାକ୍ତରଖାନାକୁ ନିଆଯାଇଥିବା ଜଣାପଡିଛି । ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଏହି ଦୁର୍ଘଟଣା ପରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇ ଶହ ଶହ ଯାନବାହାନ ରାସ୍ତାରେ ଅଟକି ରହିଥିଲେ । ଫଳରେ ଯୋଡା - ବାମେବାରୀ ରାସ୍ତା ଯାତାୟତ ସମ୍ପୂର୍ଣ୍ଣ ଠପ୍ ହୋଇଥିଲା । ଲୋକେ ନାହିଁ ନଥିବା ଅସୁବିଧାର ସମୁଖୀନ ହେଉଥିବା ଦେଖିବାକୁ ମିଳିଥିଲା ।

# ବ୍ୟାଙ୍କରେ ଅଗ୍ନିକାଣ୍ଡ, ୫ଲକ୍ଷ ଟଙ୍କା କ୍ଷତି

ଭୋଗରାଇ, ୯।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଚନ୍ଦନେଶ୍ୱରସ୍ଥିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରେ ଶନିବାର ଭୋର୍‌ରୁ ଅଗ୍ନିକାଣ୍ଡ ଘଟିଥିଲା। ବିଦ୍ୟୁତ୍ ଶର୍ଟସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ଶନିବାର ସକାଳେ ସ୍ଥାନୀୟ ଲୋକେ ବ୍ୟାଙ୍କରୁ ଧୂଆଁ ବାହାରୁଥିବା ଦେଖିଥିଲେ। ବ୍ୟାଙ୍କରେ ଅଗ୍ନିକାଣ୍ଡ ଆଶଙ୍କା କରି ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ଅଧିକାରୀ ପଞ୍ଚାନନ ସରେନଙ୍କ ନେତୃତ୍ୱରେ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବ୍ୟାଙ୍କର ୩ଟି କମ୍ପ୍ୟୁଟର, ଏସି, ୪ଟି କୁଲର, ୩ଟା ପ୍ରିଣ୍ଟର ମେଶିନ, ଗୋଟିଏ ଅପଡେଟ୍ ମେଶିନ, ୨ଟି ସ୍କାନର, ୮ଟା ଫ୍ୟାନ୍ ସହ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡ଼ି ଛାର୍‌ଖାର ହୋଇଛି। ଆନୁମାନିକ ୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ କ୍ଷତି ହୋଇଥିବା ମ୍ୟାନେଜର ନଳିନୀକାନ୍ତ ପାଳ ସୂଚନା ଦେଇଛନ୍ତି।

# ପ୍ରକଳ୍ପ ଥାଇ ମିଳୁନି ଟୋପାଏ ପାଣି

ତେଲକୋଇ, ୯।୩(ଡି.ଏନ.ଏ.)

**ଗୋଳାବନ୍ଧରେ ଜଳକଷ୍ଟ**

ଖରାଦିନ ଆରମ୍ଭରୁ କେନ୍ଦୁଝର ଜିଲା ତେଲକୋଇ ବ୍ଲକ ଛାମୁଣ୍ଡା ପଞ୍ଚାୟତର ଗୋଳାବନ୍ଧ ଗ୍ରାମରେ ଜଳକଷ୍ଟ ଦେଖାଦେଇଛି। ଲୋକେ ହଇରାଣ ହୋଇ ଦୂର ସ୍ଥାନରୁ ପିଇବା ପାଣି ସଂଗ୍ରହ କରି ଚଳୁଛନ୍ତି। କେତେକ ନାଳ ପୋଖରୀରୁ ଦୂଷିତ ଜଳ ବ୍ୟବହାର କରୁଛନ୍ତି। ଏହି ଗାଁରେ ତେବେ ୨୦୧୨ରେ ବସିଥିବା ପାନୀୟଜଳ ପ୍ରକଳ୍ପ ୨୦୧୫ ପରଠାରୁ ଅଚଳ ହୋଇ ପଡି ରହିଛି। ମରାମତି ଅଭାବ ଯୋଗୁଁ ବିଭିନ୍ନ ସ୍ଥାନରେ ପାଣି ପାଇପ ଫାଟି ଅଚଳ ହୋଇପଡିଛି। । ୨୦୧୫-୧୬ରୁ ୨୦୧୮-୧୯ ଆର୍ଥିକ ବର୍ଷରେ ଉକ୍ତ ପ୍ରକଳ୍ପ ମରାମତି ସକାଶେ ପଞ୍ଚାୟତର ସିଏଫସି ପାଣ୍ଠିରୁ ୬ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିଲା । ଉକ୍ତ ଅର୍ଥରେ ଅଳ୍ପ କେତେକ ସ୍ଥାନରେ ପାଇପ ବିଛା କାର୍ଯ୍ୟ କରାଯାଇଥିଲା ହେଲେ ମଧ ଅଦ୍ୟାବଧି ପ୍ରକଳ୍ପରୁ ଲୋକଙ୍କୁ ଟୋପାଏ ପାଣି ମିଳୁ ନାହିଁ । ପ୍ରଶାସନିକ କର୍ତ୍ତୃପକ୍ଷ ସମସ୍ୟା ପ୍ରତି ଅଣଦେଖା କରୁଥିବାରୁ ଗୋଳାବନ୍ଧ ଗ୍ରାମବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ପ୍ରକଳ୍ପ ନିର୍ମାଣ କାମରେ ବହୁ ଅନିୟମିତତା ହୋଇଥିବା ଗ୍ରାମର ୱାର୍ଡମେମ୍ବର ଚହଟ ସାହୁ, ନିରୂପମା ବିଶ୍ୱାଳ, କେଶବ ପ୍ରଧାନ, ରବି ନାୟକ , ତପନ ସାହୁଙ୍କ ସମେତ ବହୁ ଗ୍ରାମବାସୀ ଅଭିଯୋଗ କରି ଏହାର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି । ଏସମ୍ପନ୍ଧରେ ସ୍ଥାନୀୟ ସରପଞ୍ଚ କଳ୍ପତରୁ ନାୟକଙ୍କୁ ପଚାରିବାରୁ ଉକ୍ତ ପ୍ରକଳ୍ପକୁକାର୍ଯ୍ୟକ୍ଷମ କରିବା ସକାଶେ ଅଧିକ ଅର୍ଥର ଆବଶ୍ୟକତା ରହିଛି। ଏ ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି।

# ଲକ୍ଷାଧିକ ଟଙ୍କା, ଗହଣା ଚୋରି

ଯୋଡା, ୯।୩(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ସହରସ୍ଥିତ ବନେଇକଳା ବସ୍ତିଠାରେ ଭଡାଘରେ ରହୁଥିବା ଦୀପକ କୁମାର ରାଏଙ୍କ ଘରୁ ଏକ ବଡ ଧରଣର ଚୋରି ହୋଇଥିବା ଖବର ହସ୍ତଗତ ହୋଇଛି। ଖବର ନେବାରୁ ଜଣାପଡିଛି ଯେ, ଏକ ଘରୋଇ ଖଣିରେ ରେଲୱେ ସାଇଡିଂ ଇନଚାର୍ଜ ଭାବେ ଦୀପକ କୁମାର ରାଏ କାର୍ଯ୍ୟ କରନ୍ତି। ଗୁରୁବାର ସେ ନିଜ ଗାଁକୁ ଯାଇଥିବା ବେଳେ ବିଳମ୍ବିତ ରାତିରେ ଦୁର୍ବୃତ୍ତ ମାନେ ଚାବି ଭାଙ୍ଗି କବାଟ ତାଡି ଲକ୍ଷାଧିକ ଟଙ୍କା ନଗଦ ଓ ସୁନା, ରୂପା ଅଳଙ୍କାର ଚୋରି କରିନେଇଥିବା ପୋଲିସ ସୂଚନା ଦେଇଛି । ପୋଲିସ ଘଟଣାସ୍ଥଳରେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏନେଇ ଦୀପକ ଯୋଡା ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିଲେ ହେଁ କେତେ ଟଙ୍କା ଓ ଗହଣା ଚୋରି ହୋଇଛି ଅଭିଯୋଗକାରୀ ତଥ୍ୟ ଲୁଚାଉଥିବା ବେଳେ ପୋଲିସ ମଧ ଘଟଣା ସମ୍ପର୍କରେ ତଥ୍ୟ ଦେବାକୁ କୁଣ୍ଠାବୋଧ କରୁଛି। ଏତାଲାକାରୀଙ୍କ ବୟାନକୁ ଭିତ୍ତି କରି ପୋଲିସ ସନ୍ଧାନରେ ଲାଗିଛି। ଏନେଇ ଦୀପକ କୁମାର ରାୟଙ୍କ ସହ ଟେଲିଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ ସେ କୌଣସି ତଥ୍ୟ ଦେବାକୁ ମନା କରି ପ୍ରଶ୍ନଟିକୁ ଏଡେଇ ଦେଇଥିଲେ ।

### ବିଶ୍ୱ ମହିଳା ଦିବସ ପାଳିତ

ଚମ୍ପୁଆ, ୯।୩(ଡି.ଏନ.ଏ.)

ଚମ୍ପୁଆ ତାଲୁକ ଆଇନ ସେବା କମିଟି ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ କୋର୍ଟ ସଭାଗୃହଠାରେ ଅନୁଷ୍ଠିତ ହୋଇଛି । ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲା ଦୌରାଜଜ୍ ତଥା ତାଲୁକ ଆଇନସେବା କମିଟି ଅଧକ୍ଷ ଦୋଳଗୋବିନ୍ଦ ବାରିକ ସଭାପତିତ୍ୱ କରିଥିବା ବେଳେ ସବ୍‌ଜଜ୍ ରଞ୍ଜୁଲତା ଲେଙ୍କା, ଏସଡିଜେଏମ ସ୍ୱୟଂପ୍ରଭା ଆଚାର୍ଯ୍ୟ, ଆଇନଜୀବୀ ପଦ୍ମିନୀ ମିଶ୍ର, ବିଷ୍ଣୁଚରଣ ରାଠର ଓ ପିଏଲ୍‌ଭି ରାମକୃଷ୍ଣ ଜିତ୍‌ପ୍ରମୁଖ ଯୋଗ ଦେଇଥିଲେ। ମହିଳାମାନଙ୍କ ଅଧିକାର, କର୍ତ୍ତବ୍ୟ ଓ ଆଇନ ସମ୍ପନ୍ଧରେ ଅତିଥିମାନେ ମତବ୍ୟକ୍ତ କରିଥିଲେ ।

# କାଳିମାଟିରେ ବିଜୟ ସଙ୍କଳ୍ପ ସମାବେଶ

ଯୋଡା, ୯।୩(ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡା ବ୍ଲକ ୨୭ ନଂ ଜୋନ୍ ବାମେବାରୀ ମଣ୍ଡଳ ଭାଜପା ପକ୍ଷରୁ କାଳିମାଟି ଠାରେ ଶୁକ୍ରବାର ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଥିଲା। ମହିଳା ଦିବସ ଉପଲକ୍ଷେ ଆୟୋଜିତ ଏହି ସମାବେଶରେ ବରିଷ୍ଠ ଭାଜପା ନେତା ପ୍ରତାପ ଷଡଙ୍ଗୀ ମୁଖ୍ୟ ଅତିଥି ଏବଂ ଓଡିଆ ଚଳଚ୍ଚିତ୍ର ଅଭିନେତ୍ରୀ ତଥା ଭାଜପା ନେତ୍ରୀ ଅନୁ ଚୌଧୁରୀ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦ୍ରରେ ଭାଜପା ଶାସନ ସମ୍ପର୍କରେ ବକ୍ତାମାନେ ଅଭିଭାଷଣ ରଖି ଜନସାଧାରଣ ପାଖରେ କେନ୍ଦ୍ରୀୟ



ଯୋଡାରେ ଭାଜପା ସମାବେଶ।

ଯୋଜନାର ବାର୍ତ୍ତା ପହଞ୍ଚାଇବା ସକାଶେ ଉପସ୍ଥିତ କର୍ମକର୍ତ୍ତାଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ । ଭାଜପା ଜିଲା ସଭାପତି ରାଧାକାନ୍ତ ମହାନ୍ତ, ବିସ୍ତାରକ ଗୋପିନାଥ ଗଜପତି ଭୂୟାଁ, ମଣ୍ଡଳ ସଭାପତି ଦୁଲାଲ ସୋରେନ୍, ସାଧାରଣ ସମ୍ପାଦକ ମନୋଜ କୁମାର ବଳବନ୍ତରାୟ, ବଡବିଲ ପୌରପାଳିକାର ପୂର୍ବତନ ନଗରପାଳ ଦିଲୀପ ମିଶ୍ରା , ସହସାଧାରଣ ସମ୍ପାଦକ କୁଳମଣି ମହାନ୍ତ ଉପସ୍ଥିତ ଥିଲେ। ସମାବେଶରେ ୯ଟି ଶକ୍ତିକେନ୍ଦ୍ରର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# କେନ୍ଦୁଝରରେ ଦିବାରାତ୍ର କ୍ରିକେଟ ଆରମ୍ଭ



ଖେଳାଳିଙ୍କ ଗହଣରେ ଉପସ୍ଥିତ ଅତିଥି।

କେନ୍ଦୁଝର, ୯।୩(ସ୍ୱ.ପ୍ର.)

ଶଙ୍କର ସ୍ପୋର୍ଟିଂ କ୍ରିକେଟ ଏକାଡେମୀ ପକ୍ଷରୁ ଦିତୀୟ ସର୍ବ ଭାରତୀୟ ସତ୍ୟ ପ୍ରସନ୍ନ ସ୍ମାରକୀ ଦିବାରାତ୍ର କ୍ରିକେଟ ମ୍ୟାଚ୍ ପ୍ରତିଯୋଗିତା କେନ୍ଦୁଝର ସରକାରୀ ମେଡିକାଲ କଲେଜ ପଡିଆରେ ଶୁକ୍ରବାର ରାତିରେ ଆରମ୍ଭ ହୋଇଛି। ଏହି ଦିବା ଓ ରାତ୍ରି ଟି -୨୦ କ୍ରିକେଟ ମ୍ୟାଚକୁ ବିଦ୍ୟାଳୟ ଓ ଗଣ ଶିକ୍ଷାମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ଉଦ୍‌ଘାଟନ କରିଛନ୍ତି। ପ୍ରତିଯୋଗିତାରେ ରାଜ୍ୟର ୮ ଟି ଓ ରାଜ୍ୟ ବାହାରୁ ମହାରାଷ୍ଟ୍ର, ଛତିଶଗଡ଼, ଝାରଖଣ୍ଡ, ୱେଷ୍ଟବେଙ୍ଗଲ ମିଶାଇ ସମୁଦାୟ ୧୨ଟି ଟିମ ଅଂଶ ଗ୍ରହଣ କରୁଥିବା ସୌମ୍ୟଶଙ୍କର ଚକ୍ର ଆୟୋଜକ କହିଛନ୍ତି। ୧୪ ତାରିଖରେ ମ୍ୟାଚ୍ ଉଦଯାପନୀ ହେବ ବୋଲି ଜଣା ପଡ଼ିଛି। ଉଦଘାଟନୀ ଉତ୍ସବରେ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପର କଳାକାର ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ। ପ୍ରତିଦିନ ଓଲିଉଡର କଳାକାର ଓ ଗାୟକ ଗାୟିକାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି। ଏହି ପ୍ରତିଯୋଗିତାରେ ବିସିସିଆଇ ସ୍ୱୀକୃତିପ୍ରାପ୍ତ ତୃତୀୟ ଅମ୍ପାୟାର, ଓସିଏ ପ୍ୟାନେଲ ରହି ଖେଳ ପରିଚାଳନା କରିବେ ବୋଲି ଜଣାପଡିଛି । ପ୍ରଥମ ଦିନରେ ଭୁବନେଶ୍ୱର ଓ ଝାରସୁଗୁଡାରୁ ଆସିଥିବା କ୍ରିକେଟ କ୍ଲବ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଖେଳ ଦେଖିବାକୁ ବହୁ ସଂଖ୍ୟାରେ ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

# ୧୮୭୪୩୧ ଶିଶୁ ନେବେ ପୋଲିଓ ଟିକା

କେନ୍ଦୁଝର, ୯।୩(ସ୍ୱ.ପ୍ର.)

ଚଳିତ ମାସ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ କେନ୍ଦୁଝର ଜିଲାରେ ପଲ୍‌ସ ପୋଲିଓ ଟିକାଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ଜନ୍ମରୁ ୫ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ଶିଶୁ ଯେପରି ପୋଲିଓ ଟିକା ପାଇପାରିବେ, ସେଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ତରଫରୁ ବ୍ୟାପକ ପ୍ରାକ୍ ପ୍ରସ୍ତୁତି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିବାକୁ ଜିଲାପାଳ ଆଶିଷ ଠାକରେ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ ସମୁଦାୟ ୧୮୭୪୩୧ ଜଣ ଶିଶୁଙ୍କୁ ପୋଲିଓ ଟିକା ଦିଆଯିବାର ଧାର୍ଯ୍ୟଲକ୍ଷ୍ୟ କରାଯାଇଛି ବୋଲି ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଚୌଧୁରୀ ସ୍ୱରୂପ ମିଶ୍ର କହିଛନ୍ତି। ୧୦ ତାରିଖରେ ଜିଲାର ୮୪୦ଟି ବୁଥ୍‌ରେ ପୋଲିଓ ଟିକାଦାନ କରାଯିବ ଏବଂ ସେହିଦିନ ବାକି ରହିଯାଇଥିବା ଶିଶୁଙ୍କୁ ମାର୍ଚ୍ଚ ୧୧ ଓ ୧୨ ତାରିଖ ଦୁଇଦିନ ଘରକୁ ଘର ବୁଲି ଚିହ୍ନଟ କରି ଟିକାକରଣ କରିବାର ବ୍ୟବସ୍ଥା କରାଯାଇଛି । ଏହି କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ କେନ୍ଦୁଝର ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩୧ଟି ଟ୍ରାନ୍‌ଜିଟ୍ ଟିମ୍‌ରେ ୬୨ଜଣ ଟ୍ରାନ୍‌ଜିଟ୍ ମେମ୍ବର, ୧୪ଟି ମୋବାଇଲ୍ ଟିମ୍, ୧୭୩ ଜଣ ସୁପରଭାଇଜର, ୩୩୬୦ଜଣ ଭ୍ୟାକ୍‌ସିନେଟରଙ୍କୁ ନିୟୋଜିତ କରାଯାଇଛି। ରବିବାର ନିକଟସ୍ଥ ଅଙ୍ଗନୱାଡି କେନ୍ଦ୍ର, ଏଏନ୍‌ଏମ୍ ସେଣ୍ଟର ଓ ପ୍ରାଥମିକ ବିଦ୍ୟାଳୟରେ ଖୋଲାଯାଇଥିବା ବୁଥ୍‌ରେ ନିଜ ନିଜ ଶିଶୁଙ୍କୁ ପୋଲିଓ ଟିକା ଖୁଆଇବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି । ଜିଲାରେ ପଲ୍‌ସ ପୋଲିଓ ଟିକାଦାନ କାର୍ଯ୍ୟକ୍ରମର ସଫଳତା ପାଇଁ ଜିଲା ପ୍ରଶାସନ ତରଫରୁ ସମସ୍ତଙ୍କ ସକ୍ରିୟ ସହଯୋଗ କାମନା କରାଯାଇଛି। ସୂଚନାଯୋଗ୍ୟ ଯେ, ବାଂଶପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୧୫୯୩୦ ଜଣ, ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୧୬୮୭୦ ଜଣ, ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୯୩୮୪ ଜଣ, ଫକୀରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୧୦୮୩୪ ଜଣ, ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୧୨୨୮୧ ଜଣ, ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୧୬୦୧୩ ଜଣ, ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୧୧୬୯୨ ଜଣ, ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୧୩୪୮୫ ଜଣ, ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୧୦୧୫୧ ଜଣ, ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୧୩୭୨୦ ଜଣ, ଶାଳନିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୧୪୭୫୨ ଜଣ, ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୧୦୬୫୫ ଜଣ, ଉଦୟପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୮୮୧୭ ଜଣ, ଯୋଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୫୨୭୬ ଜଣ, ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୭୨୪୦ ଜଣ, କେନ୍ଦୁଝର ସହରର ୫୭୭୮ ଜଣ, ଆନନ୍ଦପୁର ଉପଖଣ୍ଡର ୩୦୩୯ ଜଣ ଓ ଚମ୍ପୁଆ ଉପଖଣ୍ଡର ୧୫୧୪ ଜଣ ଶିଶୁଙ୍କୁ ପୋଲିଓ ଟିକା ପ୍ରଦାନ କରାଯିବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ।

| Dollar | Sensex | Nifty | Gold | Silver |
|---|---|---|---|---|
| 70.14 (↑14) | 36,671.43 (↓53.99) | 11,035.40 (↓22.80) | 33,170.00 (↓₹100) | 39,900.00 (↑₹800) |

“୨୦୨୦ ବେଳକୁ ଭାରତ ୧୦୦ ବିଲିୟନ ଡଲାର ଏଫ୍‌ଡିଆଇ ଲାଭ କରିବା ନେଇ ଆଶାବାଦୀ।

–ସୁରେଶ ପ୍ରଭୁ, ବାଣିଜ୍ୟ ମନ୍ତ୍ରୀ



“ଏମ୍‌ସିଏଲ୍‌ଆର୍‌କୁ ବିଚାର କରି କ୍ଷୁଦ୍ର ଜମା ଏବଂ ଋଣ ହାର ଉପରେ ନିଷ୍ପତ୍ତି ନିଆଯିବ।

–ରଜନୀଶ କୁମାର, ଏସ୍‌ବିଆଇ ଅଧ୍ୟକ୍ଷ



## ସଂକ୍ଷେପରେ

### ବଢ଼ିବ ଅନିଲଙ୍କ ଅଡୁଆ



ନୂଆଦିଲ୍ଲୀ,୯-୩: ମାନହାନି ମକଦ୍ଦମାରେ ଛନ୍ଦି ହୋଇ ଜେଲ୍ ଯିବାର ଦ୍ୱାରଦେଶରେ ପହଞ୍ଚିଥିବା ରିଲାଏନ୍ସ କମ୍ୟୁନିକେଶନ୍ସ(ଆର୍‌କମ୍) ମାଲିକ ଅନିଲ ଅମ୍ବାନୀଙ୍କ ଅଡୁଆ କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି। ଏରିକସନକୁ ବକେୟା ବାବଦରେ ଦେବାକୁ ଥିବା ୪୫୩ କୋଟି ଟଙ୍କା ଯୋଗାଡ଼ କରିବାକୁ ଅନିଲ ଉଦ୍ୟମ କରୁଥିବା ବେଳେ ମରିସସ୍‌ସ୍ଥିତ ଏଚ୍‌ଏସ୍‌ବିସି ଡେଜି ଇନ୍‌ଭେଷ୍ଟମେଣ୍ଟସ ନେତୃତ୍ୱରେ ଛୋଟ ନିବେଶକମାନେ ବକେୟା ପାଇବା ଲାଗି ସୁପ୍ରିମକୋର୍ଟରେ ମାମଲା ଦାଏର କରିଛନ୍ତି। ଆସନ୍ତା ୨୦ରେ ଜଷ୍ଟିସ ରୋହିନଟନ ନରିମାନଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ହେବ। ଏହି ଖଣ୍ଡପୀଠ ହିଁ ଏରିକସନ ମାମଲାର ରାୟ ଶୁଣାଇଥିଲେ। ଅନିଲଙ୍କ ବ୍ୟତୀତ ଅନ୍ୟ ପକ୍ଷଭୁକ୍ତମାନେ ହେଲେ ଆର୍‌କମ୍ ନିର୍ଦ୍ଦେଶକ ଦୀପକ ସୌରୀ, ରାଜ ନାରାୟଣ ଭରଦ୍ୱାଜ, ପୁନିତ ଗର୍ଗ, ଏ.କେ.ପୁରୱାର, ଜୟରାମନ ରାମଚନ୍ଦ୍ରନ, ମଞ୍ଜରୀ କାକର, ମନିକାନ୍ତନ ବିଶ୍ୱନାଥନ, ରାଏନା କରନି,ଛାୟା ଭିରାନୀ, ସୁରେଶ ରଙ୍ଗାଚାର ଏବଂ କମ୍ପାନୀ ସେକ୍ରେଟାରୀ ପ୍ରକାଶ ସେନଏ।

### ଏପ୍ରିଲରୁ ଓଡ଼ିଆ ଲିପିରେ ଟ୍ରେନ ଟିକେଟ୍



ଭୁବନେଶ୍ୱର, ୯-୩
ଇଂରାଜୀ ଓ ହିନ୍ଦୀ ଲିପି ବ୍ୟତୀତ ଓଡ଼ିଆ ସହିତ ଅନ୍ୟାନ ଆଞ୍ଚଳିକ ଭାଷା ବା ଲିପିରେ ଟ୍ରେନ ଟିକେଟ ଉପଲବ୍ଧ କରିବାକୁ ରେଲୱେ ପକ୍ଷରୁ ନିଷ୍ପତ୍ତି ହୋଇଛି। ଓଡ଼ିଆ ଲିପିରେ ଟ୍ରେନ ଟିକେଟ ପ୍ରଚଳନକୁ ଆସନ୍ତା ଏପ୍ରିଲ ମାସ ପହିଲା (ଓଡିଶା ଦିବସ)ଠାରୁ ଲାଗୁ କରିବାକୁ ରେଳବାଇ ପକ୍ଷରୁ ସ୍ଥିର ହୋଇଛି। ଓଡିଶାରେ ଥିବା ପୂର୍ବତଟ, ଦକ୍ଷିଣ ପୂର୍ବ ଓ ଦକ୍ଷିଣ ପୂର୍ବ ମଧ ରେଳପଥର ସମସ୍ତ ୩୧୭ ଷ୍ଟେଶନରେ ଓଡ଼ିଆ ଲିପିରେ ଟ୍ରେନ ଟିକେଟ ବ୍ୟବସ୍ଥା ସହ ଯୋଡି ହେବ। ସେହିଭଳି ଦେଶର ୮ ହଜାରରୁ ଉର୍ଦ୍ଧ ରେଳଷ୍ଟେଶନ ନାମକୁ ଓଡ଼ିଆ ଲିପି ସହିତ ସଂଯୋଗ ନେଇ ବ୍ୟବସ୍ଥା ହୋଇଛି। ଦେଶର ବିଭିନ୍ନ ଷ୍ଟେଶନଗୁଡିକର ଭାଷାଗତ ଉଚ୍ଚାରଣକୁ ଦୃଷ୍ଟିରେ ରଖି ପ୍ରାନ୍ତୀୟ ରେଳ ଷ୍ଟେଶନ ଗୁଡିକର ଓଡ଼ିଆ ଲିପିରେ ନାମକରଣ କରାଯାଇଛି। ଓଡିଶାରେ ଥିବା ରେଳ ଷ୍ଟେଶନର ଟିକେଟ କାଉଣ୍ଟରରୁ ଅଣସଂରକ୍ଷିତ ଟିକେଟ ପାଇଁ ପ୍ରଥମେ ଏହାକୁ ଉପଲବ୍ଧ କରାଯାଉଛି। ଇଂଲିସ କିମ୍ବା ହିନ୍ଦୀ ଲିପିରେ ଥିବା ଟ୍ରେନ ଟିକେଟ ପଢିବାକୁ ସକ୍ଷମ ନ ଥିବା ରେଳଯାତ୍ରୀଙ୍କ ଲାଗି ଓଡ଼ିଆ ଲିପି ସହାୟକ ହେବ ବୋଲି ରେଲୱେ ପକ୍ଷରୁ ସୂଚନା ରହିଛି।

### ସମ୍ପତ୍ତି ବିକ୍ରି କେନ୍ଦ୍ରକୁ ମିଳିଛି ୫୭ ହଜାର କୋଟି

ନୂଆଦିଲ୍ଲୀ,୯-୩: କେନ୍ଦ୍ର ସରକାର ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡ଼ିକୁ ବିକ୍ରି କରି ୫୭,୫୨୩.୩୨ କୋଟି ଟଙ୍କା ହାସଲ କରିଛନ୍ତି। ସରକାର ଡ୍ରେଜିଂ କର୍ପୋରେଶନ ଅଫ୍ ଇଣ୍ଡିଆର ସମ୍ପୂର୍ଣ୍ଣ ଅଂଶଧନକୁ ୧୦୫୦ କୋଟିରେ ବିକିଛନ୍ତି। ଚଳିତ ବର୍ଷ ଅଂଶଧନ ବିକ୍ରିରୁ ୮୦ ହଜାର କୋଟି ଟଙ୍କା ଆଦାୟ ଲକ୍ଷ୍ୟ ରଖାଯାଇଥିଲା, ଯାହା ପୂରଣ ହେବା ଅସମ୍ଭବ ଲାଗୁଛି।

# ଲଣ୍ଡନର ଲକ୍‌ଜୁରି ଫ୍ଲାଟ୍‌ରେ ରହୁଛନ୍ତି ନୀରବ

ଲଣ୍ଡନ/ନୂଆଦିଲ୍ଲୀ,୯-୩

- ୭୨ କୋଟିର ଘରେ ଭଡ଼ାରେ ରହୁଛନ୍ତି
- ମାସକୁ ଭଡ଼ା ୧୭ ହଜାର ପାଉଣ୍ଡ(ପ୍ରାୟ ୧୫.୫୦ଲକ୍ଷ ଟଙ୍କା)
- ପୁଣି ଆରମ୍ଭ କଲେ ହୀରା ବ୍ୟବସାୟ



ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ରୁ ୧୩,୭୦୦ କୋଟି ଟଙ୍କାର ଋଣଠକି ଫେରାର ହୋଇଥିବା ହୀରା ବ୍ୟବସାୟୀ ନୀରବ ମୋଦି ଏବେ ଲଣ୍ଡନରେ ଲକ୍ସରୀ ଫ୍ଲାଟରେ ବସବାସ କରୁଛନ୍ତି। ରେଡ୍‌କର୍ନର ନୋଟିସ ଜାରି ସତ୍ତ୍ୱେ ବ୍ୟସ୍ତବହୁଳ ରାସ୍ତାରେ ସେ ବୁଲୁଥିବା ଦେଖି ସ୍ଥାନୀୟ ଇଂଲିଶ୍ ଦୈନିକ ଖବରକାଗଜ ‘ ଦି ଟେଲିଗ୍ରାଫ୍’ର ଖବରଦାତା ତାଙ୍କୁ ଘେରି ଯାଇଥିଲେ। ଏ ସମ୍ପର୍କରେ ଏହି ଖବର କାଗଜ ଏକ ରିପୋର୍ଟ ସହ ଭିଡିଓ ପ୍ରକାଶ କରିବା ପରେ ଭାରତରେ ହଇଚଇ ସୃଷ୍ଟି ହୋଇଛି। ଟେଲିଗ୍ରାଫ୍ ରିପୋର୍ଟରେ କୁହାଯାଇଛି ଯେ, ନୀରବ ବର୍ତ୍ତମାନ ଅକ୍ସଫୋର୍ଡ ଷ୍ଟ୍ରିଟ୍‌ରେ ଅବସ୍ଥିତ ୮୦ ଲକ୍ଷ ପାଉଣ୍ଡ( ପ୍ରାୟ ୭୨ କୋଟି ଟଙ୍କା) ମୂଲ୍ୟର ଏକ ଆପାର୍ଟମେଣ୍ଟର ୩ ବେଡ୍‌ରୁମ୍ ଥିବା ଏକ ଫ୍ଲାଟ୍‌ରେ ବାସ କରୁଛନ୍ତି। ଏହି ଫ୍ଲାଟ୍‌ଟି ପ୍ରସିଦ୍ଧ ସେଣ୍ଟର ପଏଣ୍ଟ ଟାୱାର ନିକଟରେ ରହିଛି। ଏହାର ମାସିକ ଭଡ଼ା ୧୭ ହଜାର ପାଉଣ୍ଡ(ପ୍ରାୟ ୧୫.୫୦ଲକ୍ଷ ଟଙ୍କା) ବୋଲି ଅନୁମାନ କରାଯାଉଛି। ଭାରତୀୟ ଯାଞ୍ଚ ଏଜେନ୍ସିମାନେ ନୀରବଙ୍କ ବ୍ୟାଙ୍କ ଆକାଉଣ୍ଟ ସିଜ୍ କରିଥିବା ବେଳେ ସେ ଲଣ୍ଡନର ସୋହୋଠାରେ ପୁନରାୟ ହୀରା ବ୍ୟବସାୟ ଆରମ୍ଭ କରିବା ଆଶ୍ଚର୍ଯ୍ୟର ବିଷୟ ବୋଲି ରିପୋର୍ଟରେ କୁହାଯାଇଛି। ନୀରବ ତାଙ୍କ ବ୍ୟବସାୟକୁ ଘଣ୍ଟା ଓ ଗହଣାର ହୋଲସେଲର ଏବଂ ରିଟେଲର ଭାବେ କମ୍ପାନୀଜ ହାଉସରେ ତାଲିକାଭୁକ୍ତ କରିଛନ୍ତି। ଭାରତୀୟ ହୀରା ବ୍ୟବସାୟୀଙ୍କୁ ବ୍ରିଟେନ ସରକାରଙ୍କ ପକ୍ଷରୁ ନ୍ୟାଶନାଲ ଇନସ୍ୟୁରାନ୍ସ ନମ୍ବର ଦିଆଯାଇଛି। ଏହାର ଅର୍ଥ ସେ ସେଠାରେ ବୈଧ ଭାବେ ବ୍ୟବସାୟ ଏବଂ ବ୍ରିଟେନର ବ୍ୟାଙ୍କ ଆକାଉଣ୍ଟକୁ ବ୍ୟବହାର କରିପାରିବେ।

**ନୀରବ ପିନ୍ଧୁଛନ୍ତି ୯ ଲକ୍ଷର ଜ୍ୟାକେଟ**

ନୀରବ ମୋଦିଙ୍କ ବେଶଭୂଷା ବଦଳି ଯାଇଛି। ସେ ହ୍ୟାଣ୍ଡେଲ ବାର୍ ନିଶ ସହ ଦାଢ଼ି ରଖିଥିବା ବେଳେ ୧୦ ହଜାର ପାଉଣ୍ଡ (ପ୍ରାୟ ୯ ଲକ୍ଷ ଟଙ୍କା) ମୂଲ୍ୟର ଅଷ୍ଟ୍ରିଚ୍ ହାଇଡ ଜ୍ୟାକେଟ୍ ପିନ୍ଧିଥିବା ଭିଡିଓରୁ ଜଣାପଡିଛି। ବିଭିନ୍ନ ପ୍ରସଙ୍ଗରେ ଖବରଦାତାମାନେ ତାଙ୍କୁ ପ୍ରଶ୍ନ କରିବାରୁ ସେ କେବଳ ‘ ମୁରୁକି ହସ ଦେଇ ସରି, ନୋ କମେଣ୍ଟସ’କହି ଏଡ଼ାଇ ଯାଇଥିଲେ।

**ଗିରଫ ହେବା ସମ୍ଭାବନା**

ନୀରବ ମୋଦି ଲଣ୍ଡନରେ ଥିବା ଜାଣିବା ପରେ ଭାରତର ଅନୁରୋଧ କ୍ରମେ ତାଙ୍କୁ ପ୍ରତ୍ୟର୍ପଣ ଲାଗି ବ୍ରିଟେନ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ବ୍ରିଟେନ ଗୃହ ସଚିବ ସାଜିଦ ଜାଭିଦ ଭାରତର ପ୍ରତ୍ୟର୍ପଣ ଅନୁରୋଧ ପତ୍ରରେ ସ୍ୱାକ୍ଷର କରିବା ପରେ ଏହାକୁ ବିଚାର ଲାଗି ୱେଷ୍ଟମିନିଷ୍ଟର କୋର୍ଟକୁ ପଠାଇ ଦେଇଛନ୍ତି। ସୂଚନାଥାଉ କି, ଭାରତ ଓ ବ୍ରିଟେନ ମଧ୍ୟରେ ହୋଇଥିବା ପ୍ରତ୍ୟର୍ପଣ ଚୁକ୍ତି ଅନୁଯାୟୀ, ୱେଷ୍ଟ ମିନିଷ୍ଟର ମାଜିଷ୍ଟ୍ରେଟ କୋର୍ଟର ଜିଲା ଜଜ୍ ନୀରବ ମୋଦିଙ୍କ ବିରୋଧରେ ପ୍ରତ୍ୟର୍ପଣ ୱାରେଣ୍ଟ ଜାରି କରିବେ, ଯାହାକୁ ସ୍କଟ୍‌ଲାଣ୍ଡ ୟାର୍ଡ କାର୍ଯ୍ୟକାରୀ କରିବ। ଅର୍ଥାତ୍ ସେ ଗିରଫ ହେବେ। ପରେ ତାଙ୍କୁ ଜାମିନ ମିଳିପାରେ। ଅନ୍ୟପକ୍ଷରେ ଭାରତର ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରବିଶ କୁମାର ଟେଲିଗ୍ରାଫ୍ ରିପୋର୍ଟ ଉପରେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ନୀରବ ଲଣ୍ଡନରେ ଥିବା କେନ୍ଦ୍ର ସରକାର ଜାଣିଛନ୍ତି। ଏହି କାରଣରୁ ତାଙ୍କୁ ପ୍ରତ୍ୟର୍ପଣ ପାଇଁ ଭାରତ ଅନୁରୋଧ କରିସାରିଛି। ତେବେ ବ୍ରିଟେନ ସରକାର ଅଦ୍ୟାବଧି ଏ ସମ୍ପର୍କରେ କିଛି ଜଣାଇ ନାହାନ୍ତି। ଅନ୍ୟପକ୍ଷରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ କୁହାଯାଇଛି ଯେ, ହୀରା ବ୍ୟବସାୟୀଙ୍କୁ ଭାରତକୁ ପ୍ରତ୍ୟର୍ପଣ ଲାଗି ଗତ ବର୍ଷ ଜୁଲାଇରେ ବ୍ରିଟେନ ସରକାରଙ୍କୁ ଅନୁରୋଧ କରାଯାଇସାରିଛି। ୱେଷ୍ଟ ମିନିଷ୍ଟର କୋର୍ଟରେ ତାଙ୍କ ମାମଲାର ବିଚାର ଲାଗି ଅନୁରୋଧ ପଠାଯାଇଛି ବୋଲି ୟୁକେ ଗୃହ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି।

**ସରକାର-ବିରୋଧୀ ବାକ୍‌ଯୁଦ୍ଧ**

ନୀରବ ମୋଦି ଲଣ୍ଡନରେ ବାସ କରୁଥିବା ଟେଲିଗ୍ରାଫ୍‌ରେ ରିପୋର୍ଟ ପ୍ରକାଶ ପାଇବା ପରେ ଭାରତରେ ରାଜନୀତି ଜୋର୍ ଧରିଛି। ବିରୋଧୀ ଦଳ ଓ ଶାସକ ଭାଜପା ମଧ୍ୟରେ ଏହି ପ୍ରସଙ୍ଗରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଛି। ଏନ୍‌ଡିଏ ସରକାରଙ୍କୁ ତାସଲ୍ୟ କରି କଂଗ୍ରେସ ନେତା ରଣଦୀପ ସୁରଜେୱାଲା କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୀରବ ମୋଦିଙ୍କ ଭଳି ‘ଠକଙ୍କ ଲାଗି ଥଇଥାନ ଯୋଜନା’ ଆରମ୍ଭ କରିଛନ୍ତି। ଭାଜପା ମଧ୍ୟ ଏହାର କଡ଼ା ଜବାବ ଦେଇଛି। ଦଳ ପକ୍ଷରୁ କୁହାଯାଇଛି ଯେ, ନୀରବ ଉପା ସରକାର ବେଳେ ୨୦୧୧ରେ ପିଏନ୍‌ବି ଠକେଇ କରିଥିଲେ। ମୋଦି ସରକାର ଏହାକୁ ଜାଣିବା ପରେ ଘଟଣା ସାମ୍ନାକୁ ଆସିଲା ଓ ସେ ଫେରାର ହୋଇଗଲେ। ତେବେ କାହାକୁ ଛଡ଼ାଯିବ ନାହିଁ। ଉପା ସରକାର ଅମଳରେ ଠକିଥିବା ବ୍ୟକ୍ତିଙ୍କୁ ଭାରତ ଅଣାଯାଇଛି। ନୀରବଙ୍କ ସମେତ ଅନ୍ୟମାନଙ୍କୁ ଅଣାଯିବ ବୋଲି ଭାଜପା ଟୁଇଟ୍ କରିଛି। ଅନ୍ୟପକ୍ଷରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମଧ୍ୟ ଟୁଇଟ୍ କରି ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରିଛନ୍ତି। ନୀରବ ଓ ପ୍ରଧାନମନ୍ତ୍ରୀ ମୋଦିଙ୍କ ମଧ୍ୟରେ ଅନେକ ସମାନତା ରହିଛି ବୋଲି ସେ କହିଛନ୍ତି।

**ମାମଲା କ’ଣ**

ହୀରା ବ୍ୟବସାୟୀ ନୀରବ ମୋଦି ଓ ତାଙ୍କ ମାମୁଁ ମେହୁଲ ଚୋକ୍‌ସି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର କିଛି ଅଧିକାରୀଙ୍କୁ ହାତବାରିସି କରି ବ୍ୟାଙ୍କରୁ ପ୍ରାୟ ୧୩,୭୦୦କୋଟି ଟଙ୍କାର ଋଣ ନେଇ ବିଦେଶ ପଳାଇଛନ୍ତି। ମେହୁଲ ଏବେ ଆଣ୍ଟିଗୁଆ ନାଗରିକ ହୋଇଥିବା ବେଳେ ନୀରବ ଲଣ୍ଡନରେ ରହୁଛନ୍ତି। ସେମାନଙ୍କ ବିରୋଧରେ ଇଣ୍ଟରପୋଲ ପକ୍ଷରୁ ରେଡକର୍ନର ନୋଟିସ ଜାରି କରାଯାଇଛି।

## ଫୋର୍ଡର ବ୍ୟବସାୟ ଅଭିବୃଦ୍ଧି ଲକ୍ଷ୍ୟ



ଭୁବନେଶ୍ୱର ୯-୩
ଫୋର୍ଡ ଇଣ୍ଡିଆ ଓଡିଶାରେ ନିଜର ବ୍ୟବସାୟିକ ଅଭିବୃଦ୍ଧିକୁ ଗୁରୁତ୍ୱ ଦେଉଛି। ଏହାକୁ ଧ୍ୟାନରେ ରଖି କମ୍ପାନୀ ବିଭିନ୍ନ ଆକର୍ଷଣୀୟ ଯୋଜନା ହାତକୁ ନେଉଥିବା ଏହାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିନୟ ରାଇନା କହିଛନ୍ତି। ସେ କଟକ ଉପକଣ୍ଠ ପ୍ରତାପ ନଗରୀସ୍ଥିତ କମ୍ପାନୀର ଅଧିକୃତ ବିକ୍ରେତା ‘ଓଡିଶା ଫୋର୍ଡ’ ପରିଦର୍ଶନ କରିଛନ୍ତି। ଆସିବାକୁ ଥିବା ନୂତନ ମଡେଲର ଯାନ, ଚାହିଦା ଓ ଗ୍ରାହକଙ୍କ ପସନ୍ଦ ଭଳି ପ୍ରସଙ୍ଗରେ ଏହି ଅବସରରେ ଆଲୋଚନା କରିଥିଲେ । ‘ଓଡିଶା ଫୋର୍ଡ’ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ଏଥିରେ ବର୍ତ୍ତମାନର ବ୍ୟବସାୟ ସ୍ଥିତି ଉପରେ ଆଲୋକପାତ କରିଥିଲେ । କମ୍ପାନୀର ଡିଭିଜିନାଲ ମ୍ୟାନେଜର କିଶଳୟ ଚୌଧୁରୀ, ରାଜେଶ କାନନ, ପୂର୍ବାଞ୍ଚଳ ସର୍ଭିସ ମ୍ୟାନେଜର ଆୱାନିଶ ଶ୍ରୀବାସ୍ତବ, ସେଲସ ମ୍ୟାନେଜର ଅଙ୍କିତ ଗୁପ୍ତା, ନିର୍ବାହୀ ନିର୍ଦ୍ଦେଶକ ମିଥୁନ ନାମ୍ବିଆର, ଚନ୍ଦ୍ରକାନ୍ତ ଫାଉଦର, ଅଶୋକ ମହାନ୍ତି ପ୍ରମୁଖ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

## ସେଣ୍ଟ୍ରାଲ ବ୍ୟାଙ୍କର ସାଧାରଣ ବୈଠକ




ମୁମ୍ବାଇ, ୯-୩
ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଏହାର ଅଂଶୀଦାରଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରିଫରେନ୍ସିଆଲ ଭିତ୍ତିରେ ଇକ୍ୟୁଟି ଶେୟାର ଜାରି କରିବା ପାଇଁ ବୋର୍ଡ ଅଫ୍ ଡାଇରେକ୍ଟର ଏବଂ ପୁଞ୍ଜି ଉଠାଣକାରୀ କମିଟିକୁ କ୍ଷମତା ପ୍ରଦାନ କରାଯାଇଛି। ୧୦ ଟଙ୍କା ଫେସ୍ ଭାଲ୍ୟୁରେ ଏହାକୁ ଇସ୍ୟୁ କରାଯିବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। ସେହିଭଳି ନୂଆ ଇକ୍ୟୁଟି ଶେୟାର ପାରିପାର୍ଶ୍ୱ ବ୍ୟାଙ୍କ ସହ ଇସ୍ୟୁ କରାଯିବ। ଏହା ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ନିର୍ବାହୀ ଅଧିକାରୀଙ୍କୁ ଇସ୍ୟୁ ହେବ। ବୈଠକରେ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସ୍ଥାନିତ ହୋଇଛି। ଏଥିରେ ବ୍ୟାଙ୍କ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଲୋକ ଶ୍ରୀବାସ୍ତବ, ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ପଲ୍ଲବ ମହାପାତ୍ର, ଅଧ୍ୟକ୍ଷ ତପନ ରାୟ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବି.ଏସ୍.ଶେଖାୱତ ପ୍ରମୁଖ ଉପସ୍ଥିତ ଥିଲେ।

## ଚଣ୍ଡିଗଡ଼ରେ ‘ମିଲନ ଟକିଜ’ର ପ୍ରମୋଶନ



ଚଣ୍ଡିଗଡ, ୯-୩
ବହୁ ପ୍ରତିକ୍ଷିତ ସିନେମା ‘ମିଲନ ଟକିଜ’ର ପ୍ରମୋଶନ କାର୍ଯ୍ୟକ୍ରମ ଚଣ୍ଡିଗଡଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଭିନେତା ଅଲି ଫାଜଲ, ଶ୍ରଦ୍ଧା ଶ୍ରୀନାଥ, ସିକନ୍ଦର ଖେର, ନିର୍ଦ୍ଦେଶକ ତିଗମାଂଶୁ ଧୁଲିଆ ଏବଂ ପ୍ରଯୋଜକ ପି.ଏସ୍.ଛଟୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ଦେଶୀ ରୋମାଣ୍ଟିକ ସେଟ୍‌ପ ସ୍ଥାପନା କରାଯାଇଥିଲା। ସାଇକେଲ୍ ରିକ୍ସା, ଢୋଲ, ପଞ୍ଜାବୀ ଷ୍ଟାଇଲର ପ୍ରପକୁ ସାଜସଜ୍ଜାରେ ବ୍ୟବହାର କରାଯାଇଥିଲା। ଅଲି ସିକନ୍ଦର ଏବଂ ଶ୍ରଦ୍ଧା ପଞ୍ଜାବୀ ଖାଦ୍ୟ ଏବଂ ଡ୍ୟାନ୍ସର ତାଳରେ ଝୁମିଥିଲେ। ନୂଆ ସିନେମା ସମସ୍ତଙ୍କ ମନୋରଞ୍ଜନ ପ୍ରଦାନ କରିବା ଦିଗରେ ସକ୍ଷମ ହେବ ବୋଲି ପ୍ରଯୋଜକ ଛୋଟୱାଲ ଏଥିରେ ସୂଚନା ଦେଇଛନ୍ତି। ସିନେମାର କାହାଣୀ,ସ୍କ୍ରିନପ୍ଲେ, ସଂଳାପ ତିଗମାଂଶୁ ଧୂଳିଆ, କମଳ ପାଣ୍ଡେ ଲେଖିଥିବା ବେଳେ ସହ ପ୍ରଯୋଜକ ଭାବେ ଓମପ୍ରକାଶ ଭଟ୍ଟ କାର୍ଯ୍ୟ କରୁଛନ୍ତି। ଅନ୍ୟ ଷ୍ଟାର କାଷ୍ଟରେ ଆଶୁତୋଷ ରାଣା, ସଞ୍ଜୟ ମିଶ୍ର, ରିଚା ସିହ୍ନା ପ୍ରମୁଖ ଅଛନ୍ତି।

## ୧୨ଟି ଟ୍ରେନର ନୂତନ ରହଣି ସୁବିଧା

ଭୁବନେଶ୍ୱର, ୯-୩
ଯାତ୍ରୀ ସୁବିଧା ଏବଂ ଲୋକଙ୍କ ଦୀର୍ଘ ଦିନର ଦାବିକୁ ବିଚାର କରି ପୂର୍ବତଟ ରେଳପଥ ପକ୍ଷରୁ ୧୨ଟି ଟ୍ରେନର ପରୀକ୍ଷାମୂଳକ ଭାବେ ନୂତନ ରହଣି ସୁବିଧା ଏବଂ ୨ଟିର ଚଳାଚଳ ଦିବସ ବୃଦ୍ଧି ସୁବିଧା କରାଯାଇଛି। ଏହି ଷ୍ଟେଶନଗୁଡ଼ିକ ମଧ୍ୟରେ କାଲୁପଡାଘାଟ, କେନ୍ଦୁପଡା, ନରାଜ ମାର୍ଥାପୁର,ବାମୁର, ଡୁଙ୍ଗ୍ରୀପାଲି, ସୋର, ବେଲପାହାଡ, ଆନ୍ଧ୍ର ପ୍ରଦେଶର ବୋବିଲି ରହିଥିବା ରେଳପଥ ପକ୍ଷରୁ ସୂଚନା ରହିଛି। ଏହି ସ୍ଥାନଗୁଡ଼ିକରେ ଅଧିକ ଟ୍ରେନ ରହଣି ସୁବିଧା ଲାଗି ବଛାଯାଇଛି। ଭାୟା ଭଦ୍ରକ ଦେଇ ସମ୍ବଲପୁର ଏବଂ ସାଲିମାର ମଧ୍ୟରେ ଏକ ସ୍ୱତନ୍ତ୍ର ଟ୍ରେନ ଚଳାଇବାକୁ ନିଷ୍ପତ୍ତି ହୋଇଛି। ସେହିଭଳି ରାଉରକେଲା-ଗୁଣପୁର-ରାଉରକେଲା ଏକ୍ସପ୍ରେସ ଏବଂ ଭିଲୁପୁରମ-ପୁରୁଲିଆ-ଭିଲୁପୁରମ ଏକ୍ସପ୍ରେସର ଚଳାଚଳ ଦିବସକୁ ବୃଦ୍ଧି କରାଯାଇଛି।

## ଜେରଥ୍‌ର ଆଲର୍ଜି ପରୀକ୍ଷା ଆଜିଠାରୁ




ଭୁବନେଶ୍ୱର, ୯-୩
ଜେରଥ୍ ପାଥ୍ ଲ୍ୟାବ୍ ପକ୍ଷରୁ ରବିବାର ଏବଂ ସୋମବାର ରାଜ୍ୟର ବଛାବଛା ସ୍ଥାନରେ ସମ୍ପୂର୍ଣ୍ଣ ଆଲର୍ଜି ପରୀକ୍ଷା ସମ୍ପର୍କରେ ଘୋଷଣା କରାଯାଇଛି। ଫୁଡ, ସ୍କିନ ଏବଂ ଇନହେଲାଣ୍ଟ ବର୍ଗରେ ଏହି ପରୀକ୍ଷଣ କରାଯିବ। ଜେରଥର କଲେକ୍ସନ ସେଣ୍ଟରଗୁଡ଼ିକରେ ସକାଳ ୯ରୁ ୫ ଯାଏ ରୋଗୀ ଆଲର୍ଜି ପରୀକ୍ଷା କରାଇ ପାରିବେ। କଟକ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡା, କେନ୍ଦୁଝର, ଖୋର୍ଦ୍ଧା, ପୁରୀ, ପଟିଆ, ଗଜପତି, ଖଣ୍ଡଗିରି, ଭୁବନେଶ୍ୱର, ନବରଙ୍ଗପୁର, କୋରାପୁଟ, ରାୟଗଡା, ଭବାନୀପାଟଣା, ବଲାଙ୍ଗୀର, ସୋନପୁର, ସୋହେଲା, ଝାରସୁଗୁଡା, ମୋଦି ପଡା, ସମ୍ବଲପୁର, ବୁର୍ଲା, ଦେବଗଡ, ବରଗଡ, ରାଉରକେଲା, ବ୍ରହ୍ମପୁର, ପୁରୀ, ଗଜପତି, ଢେଙ୍କାନାଳ, କାମାକ୍ଷାନଗର, ଅନୁଗୋଳ, ଭଦ୍ରକ, ବାଲେଶ୍ୱର ଏବଂ ବାରିପଦାରେ ଏହି ପରୀକ୍ଷା ହେଉଛି। ରିହାତି ଦରରେ ପରୀକ୍ଷଣ ସୁବିଧା ପ୍ରଦାନ କରାଯାଉଥିବା ଜେରଥ ପକ୍ଷରୁ କୁହାଯାଇଛି।

**ODISHA HYDRO POWER CORPORATION LIMITED**
BALIMELA HYDRO ELECTRIC PROJECT, POST: BALIMELA, DIST: MALKANGIRI (ODISHA), PIN: 764051, Phones: 06861-232581(O) / 232659 (O), Fax: 06861-232541, E-mail: unit.head_balimela@yahoo.com, CIN: U40101OR1995SGC003963

TENDER CALL NOTICE NO: BHEP-49/2018-19; DATE- 08.03.2019

No.: CAD-1781: Sealed Tenders are invited in two part i.e. (i) Techno Commercial bid & (ii) Price bid from the registered Firms having valid Registration Certificate issued by Govt. Authority & fulfilling the eligibility criteria as per the tender specification for the work as mentioned below.

| Sl. No. | Description of Services | Cost of tender paper in Rs. | EMD in shape of DD only (Refundable) | Period of availability of tender at OHPC website | Last date & Time of receipt of Tender | Date & Time of opening of Techno Commercial bid |
|---|---|---|---|---|---|---|
| 1 | AMC Services of 4X60 MW + X75 MW Hydro Generating Units and other Equipments with their Auxillaries, turbine and Turbine Auxillary systems, Illumination systems, Generator Transformers, oil purifier and all equipments of Valve house of Balimela Hydro Electric Project, Balimela for a period of one year on Job contract Basis. | Rs. 11800/- (RS. 10000/- + GST @ 18%) (Non Refundable) | Rs. 88000/- | 23.03.2019 to 13.00 hrs of 08.04.2019 | 16.00 hrs of 08.04.2019 | 16.30 hrs of 08.04.2019 |

The due date of opening of price bid will be intimated later on to the technically qualified bidders.
For details of the tender documents, terms & conditions please visit our website www.ohpcltd.com.
04019/11/0125/1819 Sd./- SR. GENERAL MANAGER (EL), BHEP, BALIMELA

राष्ट्रीय इस्पात निगम लिमिटेड
RASHTRIYA ISPAT NIGAM LIMITED
(A Government of India Enterprise)
VISAKHAPATNAM STEEL PLANT
ମ୍ୟାଟେରିଆଲ୍ସ ମ୍ୟାନେଜମେଣ୍ଟ :: କ୍ରୟ ୱିଙ୍ଗ
ଫୋନ୍: +୯୧ ୮୯୧ ୨୫୧୮୬୮୩ ଫାକ୍ସ: +୯୧ ୮୯୧ ୨୫୧୮୭୫୩/୭୫୬
ଇମେଲ୍: vinodh_mm@vizagsteel.com/vvsomaraju@vizagsteel.com
ଖୋଲା ଟେଣ୍ଡର ନଂ. ପିୟୁଆର୍.୯.୭୬.ଆଇଓଏଫ୍/୦୦୬ ତା:୦୭।୦୩।୨୦୧୯
କାର୍ଯ୍ୟ: ସଂଲଗ୍ନ ଏନ୍‌ଆଇଟିରେ ଦର୍ଶାଯାଇଥିବା ସ୍ୱତନ୍ତ୍ରତା, ନିୟମ ଓ ସର୍ତ୍ତାବଳୀ ଇତ୍ୟାଦି ଅନୁଯାୟୀ ପ୍ରତ୍ୟେକ ୫୦,୦୦୦ଡବ୍ଲ୍ୟୁଏମ୍‌ଟି+/-୧୦% ଲେଖାଏଁ ୧,୦୦,୦୦୦ଡବ୍ଲ୍ୟୁଏମ୍‌ଟି+/-୧୦% ଆଇରନ୍ ଓର୍ ଫାଇନ୍ସ (ଦେଶଜ) ଶିପମେଣ୍ଟ ଯୋଗାଣ ପାଇଁ।
♦ ଟେଣ୍ଡର ଗ୍ରହଣର ଶେଷ ତାରିଖ ଓ ସମୟ: ୨୯।୦୩।୨୦୧୯, ୧୦.୩୦ ଘଟିକା (ଆଇଏସ୍‌ଟି) ସୁଦ୍ଧା ଇଡି (ଏମ୍‌ଏମ୍)
ଅଧିକ ବିବରଣୀ ଏବଂ ଶୁଦ୍ଧିପତ୍ର ପାଇଁ ଦୟାକରି ନିୟମିତ ଭାବେ www.vizagsteel.com, http://www.eprocure.gov.in/epublish ପରିଦର୍ଶନ କରନ୍ତୁ

**NEELACHAL ISPAT NIGAM LIMITED**
Kalinga Nagar Industrial Complex, At/PO-Duburi, Dist-Jajpur, Odisha - 755026
TENDER NOTICE
NIT NO.: NINL/CM/AKS/CLO TRANS/2019-20/NIT-797 DT. 05.03.2019
Sealed tenders are invited from reputed transporters for Loading & Transportation of 2,00,000 MT (+/-10%) of CLO from OMC, Gandhamardan to NINL Plant site and Unloading at designated site within Plant premises. Last Date, Time of Submission & Opening of Tender: 20.03.2019, 3.00 PM. For detailed tender documents, please visit www.ninl.in. Corrigendum, extension etc shall be notified on website only.
Dy. General Manager I/C (Commercial)

CHC DUNGURIPALI, DIST- SONEPUR
Tender Call Notice for Hiring of Vehicle
No.05 Date:08.03.2019
Sealed tenders are invited from Travel Agencies / Transporters / Tour Operator / individuals / Private Organization / NGOs situated within CHC Dunguripali for supply of vehicle on monthly hiring basis to be used in CHC Dunguripali for BPMU of CHC Dunguripali. Last date for submitting the documents is 23.03.2019 to 11 AM. For detail information and documents, please visit www.subarnapur.nic.in. The authority has reserve the right to cancel the whole process without any notice.
Sd./- Medical Officer I/C CHC Dunguripali, Dist-Subarnapur

**Government of Odisha, e-Procurement Notice**
**INVITATION FOR BIDS (IFB)**
Bid Identification No. S.E. Dkl. (R&B) 22/2018-19
Email Id: sedklpwd@gmail.com
Letter No. 560 Dt. 08.03.2019
No.1395-B:- The Superintending Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Road works as detailed in the table below:

| | | | |
|---|---|---|---|
| 1. | Name of the work | : | Road works |
| 2. | No. of works | : | 2 (Two) Nos. |
| 3. | Estimated Cost | : | Rs. 3,77,08,194/- to Rs. 3,28,18,599/- |
| 4. | Cost of tender paper | : | Rs. 10,000.00 |
| 5. | Class of contractor | : | "A" & "Special" Class |
| 6. | Period of Completion of work | : | 7 (Seven) Calendar months |
| 7. | Date and time of availability of bid Document in the website | : | From Dt. 15.03.2019 to 16.00 hours of Dt. 29.03.2019. |
| 8. | Date of opening of bid | : | Dt. 30.03.2019 at 11.30 hours. |

The bidders have to participate in ONLINE bidding only. Further details can be seen from the e-Procurement Portal: www.tendersodisha.gov.in. Any addendum/ corrigendum/ cancellation of tender can also be seen in the said website.
Sd./- Superintending Engineer
34132/11/0032/1819 Dhenkanal (R&B) Circle, Dhenkanal

O/o- Chief District Medical & Public Health Officer, Puri
Tender No. 955 Date: 08.03.2019
TENDER NOTICE FOR Equipments (DISPOSABLE GOWN, DISPOSABLE DRAW SHEET & STRETCHER) for SAMMPurNA & inverter for ILR Points, Puri
No.970-E:- Sealed tenders are invited from interested bidders/ suppliers to quote thier lowest rate for Equipments (DISPOSABLE GOWN, DISPOSABLE DRAW SHEET & STRETCHER) for SAMMPurNA & INVERTER for ILR Points, Puri. The tender need to reach on or before 19.03.2019 (by 4.00 PM) by Regd. Post/ Speed Post/ Courier only and the tender will be opened on date 19.03.2019 (by 5.00 PM) in presence of the quotationers or their authorized representatives. For details please visit www.puri.nic.in. The tender is to be sealed and superscribed "Bid Document for "Equipments (DISPOSABLE GOWN, DISPOSABLE DRAW SHEET & STRETCHER) for SAMMPurNA" & "Inverter for ILR Points, Puri". The authority has every right to accept or reject the tender without assigning any reason thereof.
10021/11/0048/1819 Sd./- CDM & PHO, Puri

idco ODISHA NEW OPPORTUNITIES
ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022
OFFICE OF THE CHIEF GENERAL MANAGER (CIVIL) IDCO, IDCO TOWER, BHUBANESWAR.
Tender Call Notice No. Civil/EST-77/2018-19/4833 Date: 07.03.2019
NOTICE INVITING TENDER UNDER NATIONAL COMPETITIVE BIDING THROUGH e-Procurement
1. Name of the Work : Construction of Central Store for Medicines & Biological at ADRI, Phulnakhara, Cuttack

| Procurement Officer | Bid Identification No. | Period of completion | Value of work (Approx). | Availability of Tender on-Line for Bidding | |
|---|---|---|---|---|---|
| | | | | From | To |
| 1 | 2 | 3 | 4 | 5 | 6 |
| CGM (Civil), IDCO, IDCO Towers, Janpath, Bhubaneswar | Bid ID. No. Civil-EST-77 / 2018-19 | 09 (Nine) Calendar Months | Rs.2,39,52,000/- | 18.00 Hours of 20.03.18 | 17.00 Hours of 05.04.19 |

Further details can be seen from the e - procurement portal. www.tendersodisha.gov.in. Corrigendum or Addendum if any will not be published in newspapers and can only be seen in e-procurement portal as well as in IDCO website.
Sd/-
Chief General Manager (Civil), I/C, IDCO, Bhubaneswar

idco ODISHA NEW OPPORTUNITIES
ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022
OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, BHUBANESWAR
Tender Call Notice No. H.O./P&C/EST/E-5122/04/2016/4781 Date: 06.03.2019
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement
1. Name of the Work : Supply, Installation, Testing & Commissioning of Vertical Turbine Pump assembly in pump house at Pankapal, Jajpur.
2. Estimated Cost : Rs.38.73 Lakh (Apprx.)
3. Period of Completion : 04(Four) Calendar Months.
4. Other details

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar-751022 | Bid Id. No.PC-EST-E-96/2018-19 | 16.03.2019 at 16.00 Hrs. | 02.04.2019 up to 17.00 Hrs. |

Further details can be seen from the e - Procurement Portal. www.tendersodisha.gov.in. Corrigendum or addendum if any will not be published in newspapers and can only be seen in e-procurement portal www.tenderodisha.gov.in as well as IDCO website www.idco.in.
Sd/-
Chief General Manager (P&C), I/C
IDCO, Bhubaneswar

“ଏଥର ଆଇସିସି ଦିନିକିଆ ବିଶ୍ୱକପ୍ ସିଙ୍ଗଲ ଗ୍ରୁପ୍ ଫର୍ମାଟରେ ଖେଳାଯାଉଥିବାରୁ ପାକିସ୍ତାନ ଭଳି ଅସ୍ଥିର ପ୍ରଦର୍ଶନ କରୁଥିବା ଦଳ ଏଥିରୁ ଉପକୃତ ହେବେ।

– ଇଞ୍ଜାମାମ୍ ଉଲ୍ ହକ୍, ପାକିସ୍ତାନ ମୁଖ୍ୟ ଚୟନକର୍ତ୍ତା



“ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୨ରେ ମହିଳା ଟି୨୦ କ୍ରିକେଟ ପ୍ରତିଯୋଗିତାକୁ ସାମିଲ କରାଯାଇ ପାରିଲେ ଏହା ଅଧିକ ଆକର୍ଷଣୀୟ ହୋଇପାରିବ।

–ଶେନ୍ ୱ୍ୱର୍ନ, ଏମ୍‌ସିସି ୱାର୍ଲ୍ଡ କ୍ରିକେଟ କମିଟିର ସଦସ୍ୟ



## ସଂକ୍ଷେପରେ

### ଫାଓ ମହିଳା ଲିଗ୍: ସାଇ ଚାମ୍ପିୟନ

କଟକ ଅଫିସ,୯।୩: ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ଆନୁକୂଲ୍ୟରେ ବିଡ଼ାନାସୀ ଗ୍ରାଉଣ୍ଡରେ ଚାଲିଥିବା ଫାଓ ମହିଳା ଲିଗରେ ଚାମ୍ପିୟନ ହୋଇଛି ସାଇ ଦଳ। ସାଇ ଓ ଓଡ଼ିଶା ପୋଲିସ ଉଭୟ ପ୍ରତିଯୋଗିତାରେ ୮ ପଏଣ୍ଟ ଲେଖାଏ ହାସଲ କରିଥିଲେ ମଧ ଗୋଲ ବ୍ୟବଧାନ ଦୃଷ୍ଟିରୁ ସାଇ ଚାମ୍ପିୟନ ଟାଇଟଲ ହାସଲ କରିଥିଲା। ଓଡ଼ିଶା ପୋଲିସ ରନର୍ସଅପ ହୋଇଛି। ଚାମ୍ପିୟନ ସାଇ ଦଳ ଟ୍ରଫି ସମେତ ୨୫ ହଜାର ଟଙ୍କା ଓ ଓଡ଼ିଶା ପୋଲିସ ଟ୍ରଫି ଓ ୧୫ହଜାର ଟଙ୍କା ପୁରସ୍କାର ରାଶି ହାସଲ କରିଛି। ଅନ୍ୟପକ୍ଷରେ ଶନିବାର ଖେଳାଯାଇଥିବା ଅନ୍ତିମ ମ୍ୟାଚ୍‌ରେ ଓଡ଼ିଶା ପୋଲିସ ୨-୧ ଗୋଲରେ ସ୍ପୋର୍ଟସ ହଷ୍ଟେଲକୁ ହରାଇଥିଲା ।

### ଅନ୍ତର୍ଜାତୀୟ କାନୋଇଂ ସ୍ପ୍ରିଣ୍ଟ ଚାମ୍ପିୟନଶିପ ପରିଚାଳନା କମିଟିରେ ବିପିନ

କଟକ ଅଫିସ,୯।୩: ଇଣ୍ଡିଆନ କାୟାକିଂ ଓ କାନୋଇଂ ଆସୋସିଏଶନ ଆନୁକୂଲ୍ୟରେ ଆସନ୍ତା ୨୩ରୁ ଭୋପାଳଠାରେ ଅନ୍ତର୍ଜାତୀୟ କାନୋଇଂ ସ୍ପ୍ରିଣ୍ଟ ଚାମ୍ପିୟନଶିପ ଆରମ୍ଭ ହେବ। ପ୍ରତିଯୋଗିତାପରିଚାଳନା କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଭାବେ ଓଡ଼ିଶା କାୟାକିଂ ଓ କାନୋଇଂ ସଂଘ ସମ୍ପାଦକ ବିପିନ ଦାସଙ୍କୁ ନିଯୁକ୍ତ କରାଯାଇଛି। ଚାମ୍ପିୟନଶିପରେ କେନିୟା, ସ୍ୱିଡେନ, ପର୍ତ୍ତୁଗାଲ, ନାଇଜେରିଆ ସମେତ ୧୩ଟି ଦେଶ ଏଥିରେ ଅଂଶଗ୍ରହଣ କରିବେ। ଏକ ଅନ୍ତର୍ଜାତୀୟ ପ୍ରତିଯୋଗିତା ପରିଚାଳନା କମିଟିର ସଦସ୍ୟ ହୋଇଥିବା ବିପିନଙ୍କୁ ବିଭିନ୍ନ ବର୍ଗରୁ ଶୁଭେଚ୍ଛାର ସୁଅ ଛୁଟିଛି।

### ବାବା ପ୍ରହଲ୍ଲାଦ ସ୍ମାରକୀ କ୍ରିକେଟ: ଫାଇନାଲରେ ଜାରକା

ଭୁବନେଶ୍ୱର, ୯।୩(ସ୍ପୋର୍ଟ୍ସ ବ୍ୟୁରୋ): ଡି.ଏସ୍.ସି. ଜାରକା ଟିମ୍ ବଡ଼ଚଣା ବ୍ଲକ ବିଜଘୁମୁରି ପଞ୍ଚାୟତ ଭୁବନପୁ ଖେଳ ପଡ଼ିଆଠାରେ ମିଳନ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ବାବା ପ୍ରହଲ୍ଲାଦ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ଶନିବାର ଖେଳାଯାଇଥିବା ୨ୟ ସେମିଫାଇନାଲ ମ୍ୟାଚ୍‌ରେ ଜାରକା ୮୪ ରନରେ ବି.ଏସ.ସି. ବଡ଼ଚଣାକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଜାରକା ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୨୦୮ ରନ କରିଥିଲା। ଜବାବରେ ବଡ଼ଚଣା ୧୯.୪ ଓଭରରେ ୧୨୪ ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ପ୍ରଦୀପ ରାଉତ ଓ ପ୍ରଦୀପ୍ତ ବିଶ୍ୱାଳ ଉଭୟେ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଗୋଦାବରୀ ବାରିକ ମ୍ୟାଚ୍‌ରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ମ୍ୟାଚ୍‌କୁ ରମେଶ ଚନ୍ଦ୍ର ବଳ ଓ ନୀମଳମଣି ମହାରଣା ପରିଚାଳନା କରିଥିଲେ। ଆୟୋଜକ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ଆଜିଠାରୁ ଜାତୀୟ ସିନିୟର ତୀରନ୍ଦାଜୀ

କଟକ ଅଫିସ,୯।୩





ଜାତୀୟ ସିନିୟର ତୀରନ୍ଦାଜୀ ପ୍ରତିଯୋଗିତା ପୂର୍ବରୁ ଶନିବାର ବାରବାଟୀ ଷ୍ଟାଡ଼ିୟମରେ ବିଭିନ୍ନ ରାଜ୍ୟର ତୀରନ୍ଦାଜ୍‌ମାନଙ୍କ ଅଭ୍ୟାସ।

ରବିବାରଠାରୁ ବାରବାଟୀ ଷ୍ଟାଡିୟମରେ ଆରମ୍ଭ ହେବ ୩୯ତମ ସିନିୟର ଜାତୀୟ ତୀରନ୍ଦାଜୀ ଚାମ୍ପିୟନଶିପ। ଦୀର୍ଘ ୨୬ ବର୍ଷ ପରେ ରାଜ୍ୟରେ ହେଉଥିବା ଏହି ଜାତୀୟ ସିନିୟର ତୀରନ୍ଦାଜୀ ଚାମ୍ପିୟନଶିପ ନିମନ୍ତେ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ। ଉଭୟ ପୁରୁଷ ଓ ମହିଳା ବର୍ଗରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ସମସ୍ତ ରାଜ୍ୟ, କେନ୍ଦ୍ର ଶାସିତ ଅଞ୍ଚଳ ଓ ଅନୁବନ୍ଧିତ ୟୁନିଟରୁ ପ୍ରାୟ ୧୧୦୦ଜଣ ତୀରନ୍ଦାଜ ଅଂଶଗ୍ରହଣ କରିବେ। ପ୍ରତିଯୋଗୀମାନେ କଟକରେ ପହଞ୍ଚି ସାରିଲେଣି। ଅନ୍ତର୍ଜାତୀୟ ତଥା ଅର୍ଜୁନ ପୁରସ୍କାର ବିଜେତା ଖେଳାଳିମାନଙ୍କ ରହଣି ବ୍ୟବସ୍ଥା ହୋଟେଲ ଓ ସରକାରୀ ଡାକବଙ୍ଗଳାରେ ହୋଇଥିବା ବେଳେ ଅବଶିଷ୍ଟ ଖେଳାଳିମାନେ ବାରବାଟୀ ଷ୍ଟାଡିୟମର ବିଭିନ୍ନ ପ୍ରକୋଷ୍ଠରେ ରହିଛନ୍ତି। ରବିବାର ସକାଳ ୭.୩୦ରୁ ଆରମ୍ଭ ହେବ ଅଫିସିଆଲ ପ୍ରାକ୍ଟିସ। ୮.୩୦ରେ ମଇଦାନକୁ ଓହ୍ଲାଇବେ ପ୍ରତିଯୋଗୀମାନେ। ପ୍ରଥମ ଦିବସରେ ରିକର୍ଭ ରାଉଣ୍ଡ ପ୍ରତିଯୋଗିତା ହେବ। ଅଲିମ୍ପିଆନ ତଥା ଅର୍ଜୁନ ପୁରସ୍କାର ବିଜେତା ତଥା ତାରକା ତୀରନ୍ଦାଜ ଦୀପିକା କୁମାରୀଙ୍କ ମୁକାବିଲା ମଧ ରବିବାର ରହିଛି। ଦୀପିକା କୁମାରୀ ସମସ୍ତଙ୍କ ନଜରର କେନ୍ଦ୍ରବିନ୍ଦୁ ରହିବେ ବୋଲି ଚର୍ଚ୍ଚା ହେଉଛି। ଏହାଛଡ଼ା ଅପରାହ୍ନରେ ଉଦ୍‌ଘାଟନୀ ଉତ୍ସବ ସମେତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି ବୋଲି ରାଜ୍ୟ ତୀରନ୍ଦାଜୀ ଆସୋସିଏଶନ ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ ସୂଚନା ଦେଇଛନ୍ତି।

#### ନଜରରେ ରହିବେ ଦୀପିକା କୁମାରୀ

୧୮ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ରିକର୍ଭ, କମ୍ପାଉଣ୍ଡ ଓ ଇଣ୍ଡିଆନ ରାଉଣ୍ଡରେ ମୁକାବିଲା ହେବ। ୧୦ ଓ ୧୧ ତାରିଖରେ ରିକର୍ଭ ରାଉଣ୍ଡର ମୁକାବିଲା ହେବ। ସେହିପରି କମ୍ପାଉଣ୍ଡ ରାଉଣ୍ଡ ୧୩ ଓ ୧୪ରେ, ଇଣ୍ଡିଆନ ରାଉଣ୍ଡ ପ୍ରତିଯୋଗିତା ୧୬ ଓ ୧୭ ତାରିଖରେ କରାଯିବ। ପ୍ରତିଯୋଗିତା ନିମନ୍ତେ ମୋଟ ୩୦ ଲକ୍ଷ ୫୬ ହଜାର ୫୦୦ଟଙ୍କାର ବଜେଟ କରାଯାଇଛି। ତୀରନ୍ଦାଜୀ କ୍ରୀଡ଼ା କ୍ଷେତ୍ରରେ ଭାରତର ଖ୍ୟାତନାମା ଖେଳାଳି ଦୀପିକା କୁମାରୀ, ପୋମ୍ବଲ୍ୟ ଦେବୀ, ଅମନ ସଇନି, ମୁସ୍କାନ କିରର, ମଧୁମିତା କୁମାରୀ, ଜୟନ୍ତ ତଲୁକଦାର, ରଜତ ଚୌହ୍ୱାନ, ଅଭିଶେକ ବର୍ମା, ତରୁଣଦୀପ ରାୟ, ରାହୁଲ ବାନାର୍ଜୀ, ଅତନୁ ଦାସ ପ୍ରମୁଖ ଏହି ଟୁର୍ନାମେଣ୍ଟର ଯୋଗ ଦେବା ସହ ପ୍ରମୁଖ ଆକର୍ଷଣ ରହିବେ। ଏହାଛଡ଼ା ୨୦୧୯ ବିଶ୍ୱ ତୀରନ୍ଦାଜୀ ଚାମ୍ପିୟନଶିପ ପାଇଁ ଜାତୀୟ ଦଳ ଗଠନ ନିମନ୍ତେ ଏହି ପ୍ରତିଯୋଗିତା ଗୁରୁତ୍ୱପୂର୍ଣ୍ଣ ମଧ ରହିଛି।

#### ପହଞ୍ଚିଲେ ୧୧୦୦ ତୀରନ୍ଦାଜ୍

**ଓଡ଼ିଶା ଦଳ**

ଇଣ୍ଡିଆନ ରାଉଣ୍ଡ(ପୁରୁଷ)-ରାଜେଶ ଦୃରୁଆ, ସୂର୍ଯ୍ୟକାନ୍ତ କରଜି, ଅଭିରାମ ପଲେୟା। ମହିଳା- ମାଧବୀ ମାଝି, ଆଶାଲତା ସୋରେନ, ଶକୁନ୍ତଳା ସବର।

ରିକର୍ଭ ରାଉଣ୍ଡ(ପୁରୁଷ)- ସୂର୍ଯ୍ୟମଣି ମାଝି, ରଞ୍ଜିତ ନାୟକ, ପ୍ରଭାତ କୁମାର ମିଞ୍ଜ, ସୀମାଞ୍ଚଳ କଦ୍ରକ। ମହିଳା- ଆଶାଲତା ଦାସ, ସୁମି ମୁଣ୍ଡା, ଚନ୍ଦ୍ରମଣି ମୁଣ୍ଡା, ବାଲି ବନସିଂହ।

କମ୍ପାଉଣ୍ଡ ରାଉଣ୍ଡ(ପୁରୁଷ)- ଇରମା ପଡ଼ିଆମି, ବିକ୍ରମ ସିଂ ଠାକୁର, ପୂର୍ଣ୍ଣଚନ୍ଦ୍ର ମାଝି ।

## ମହିଳା ଟି୨୦ ସପକ୍ଷରେ ଏମ୍‌ସିସି

**ରାଜ୍ୟଗୋଷ୍ଠୀ କ୍ରୀଡ଼ା**

ବେଙ୍ଗାଲୁରୁ,୯।୩(ପିଟି)

ମେରିଲବୋନ୍ କ୍ରିକେଟ କ୍ଲବ (ଏମ୍‌ସିସି) ୱାର୍ଲ୍ଡ କ୍ରିକେଟ କମିଟି ସର୍ବସମ୍ମତିକ୍ରମେ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମହିଳା ଟି୨୦ ପ୍ରତିଯୋଗିତାକୁ ସାମିଲ କରିବାକୁ ସମର୍ଥନ କରିଛି। ଏହି କମିଟିରେ କିମ୍ବଦନ୍ତୀ ଲେଗ୍ ସ୍ପିନର ଶେନ୍ ୱ୍ୱର୍ନ ମଧ ଶନିବାର ଅନୁଷ୍ଠିତ ବୈଠକରେ ଉପସ୍ଥିତ ଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପରବର୍ତ୍ତୀ ସଂସ୍କରଣ ଇଂଲଣ୍ଡର ବର୍ମିଂହାମ୍‌ଠାରେ ଖେଳାଯିବ। ୧୯୯୮ ପରେ ପ୍ରଥମ ଥର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ କ୍ରିକେଟକୁ ସାମିଲ କରିବା ସମ୍ପର୍କରେ ଏହାର ଆୟୋଜକମାନେ ଏପର୍ଯ୍ୟନ୍ତ ଘୋଷଣା କରିନାହାନ୍ତି। ଦୁଇଟି ବିଶ୍ୱକପ୍ ପରେ ମହିଳା କ୍ରିକେଟ ଲାଗି ଉତ୍ସାହିତ ହେବାର ସମୟ। କ୍ରିକେଟକୁ ବହୁ କ୍ରୀଡ଼ା ବିଶିଷ୍ଟ ଇଭେଣ୍ଟରେ ସାମିଲ କରିବା ଆଇସିସି ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଫେଡେରେଶନ ହାତରେ। ଏହାଠାରୁ ଆଉ ଅଧିକ କ'ଣ ଦରକାର। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ କ୍ରିକେଟ ସାମିଲ ହେବା ଦ୍ୱାରା ବିଶ୍ୱରେ ଲୋକପ୍ରିୟତା ବୃଦ୍ଧି ପାଇବାକୁ ସୁଯୋଗ ମିଳିବ ବୋଲି ୱ୍ୱର୍ନ କହିଛନ୍ତି। ଗତବର୍ଷ ନିର୍ବାଚିତ ହେବା ପରେ ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟର ପ୍ରଥମଥର ପାଇଁ ବୈଠକରେ ଯୋଗଦେଇଥିଲେ। ୨୦୧୭ଠାରୁ ଏମ୍‌ସିସି ସଦସ୍ୟ ଥିବା ପୂର୍ବତନ ନ୍ୟୁଜିଲାଣ୍ଡ ମହିଳା ଦଳର ଅଧିନାୟିକା ସୁଜି ବାଟେ କହିଛନ୍ତି, ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ା କ୍ରିକେଟ ପାଇଁ ଗେମ୍ ଚେଞ୍ଜର ହୋଇପାରେ। ବହୁ କ୍ରୀଡ଼ା ବିଶିଷ୍ଟ ଇଭେଣ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଅଲିମ୍ପିକ୍ସ ଭିନ୍ନ ଦର୍ଶକଙ୍କୁ ପ୍ରେରିତ କରେ। ମହିଳା କ୍ରିକେଟ ଲାଗି ନୂଆ ପ୍ରଶଂସକ ସୃଷ୍ଟି କରିବାର ଏହା ଏକ ବଡ଼ ସୁଯୋଗ। କ୍ରିକେଟକୁ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ଥାନ ଦେବା ଲାଗି ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଓ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ଯୁଗ୍ମ ଆବେଦନ କରାଯାଇଛି। ଆଇସିସି ମୁଖ୍ୟ କାର୍ଯ୍ୟକାରୀ ଡେଭିଡ ରିଚାର୍ଡସନ ମଧ ବେଙ୍ଗାଲୁରୁଠାରେ ଆୟୋଜିତ ଦୁଇ ଦିନିଆ ବୈଠକରେ ଯୋଗଦେଇଛନ୍ତି।



ଭୁବନେଶ୍ୱର: କଳିଙ୍ଗ ଷ୍ଟାଡ଼ିୟମ ପରିସରରେ ଓଡ଼ିଶା ଟେନିସ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଥିବା ଟେନିସ କୋଚିଂ କ୍ୟାମ୍ପରେ ଅଂଶଗ୍ରହଣ କରିଥିବା ଖେଳାଳି।

## ପୂଜାରାଙ୍କୁ 'ଏ' ପ୍ଲସ୍ ଗ୍ରୁପ୍‌ରେ ସ୍ଥାନ ନ ମିଳିବା ଦୁଃଖଦାୟକ

ନୂଆଦିଲ୍ଲୀ, ୯।୩(ପିଟି)

ଅଷ୍ଟ୍ରେଲିଆରେ ଭାରତକୁ ଟେଷ୍ଟ ସିରିଜ୍ ଜିତାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରାଙ୍କୁ ବାର୍ଷିକ କେନ୍ଦ୍ରୀୟ ଚୁକ୍ତିର ଏ ପ୍ଲସ ଗ୍ରୁପରେ ସାମିଲ କରା ନ ଯିବା ପରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ପ୍ରଶାସକ କମିଟି (ସିଓଏ) ସହ ଆଲୋଚନା ପରେ ୨୦୧୮-୧୯ ବର୍ଷ ଲାଗି ଖେଳାଳିଙ୍କ କେନ୍ଦ୍ରୀୟ ଚୁକ୍ତି ତାଲିକା ଘୋଷଣା କରାଯାଇଛି। କେବଳ ବିରାଟ କୋହଲି, ରୋହିତ ଶର୍ମା ଓ ଯଶପ୍ରୀତ ବୁମରାଙ୍କୁ ଏ ପ୍ଲସ ଗ୍ରୁପ ସ୍ଥାନ ପାଇଛନ୍ତି। ପୂଜାରା ଶୀର୍ଷ ଗ୍ରୁପରେ ସ୍ଥାନ ନ ପାଇବା ଦୁଃଖଦାୟକ। ପ୍ରଶାସକ କମିଟି ଟେଷ୍ଟ ଫର୍ମାଟକୁ ଗୁରୁତ୍ୱ ଦିଆଯାଉ ନାହିଁ, ଯାହାକି କଦାପି ଉଚିତ ନୁହେଁ। ଗତ ବର୍ଷ ଅନ୍ତର୍ଜାତୀୟ ସ୍ତରରେ ଭଲ ପ୍ରଦର୍ଶନ ପରେ ପୂଜାରା ଏ ପ୍ଲସ ବର୍ଗରେ ସ୍ଥାନ ପାଇବା ଲାଗି ଦାବିଦାର। ସିଓଏ ଯେଉଁଭଳି ଦେଶରେ କ୍ରିକେଟ ପରିଚାଳନା କରୁଛି, ତାହା ନ କହିବା ଭଲ ବୋଲି ପୂର୍ବତନ ବିସିସିଆଇ ତଥା ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ (ଏସ୍‌ସିଏ) ସମ୍ପାଦକ ନିରଞ୍ଜନ ଶାହ କହିଛନ୍ତି। ଉଲ୍ଲେଖଥାଉ କି, ପୂଜାରା କେବଳ ଟେଷ୍ଟ ଫର୍ମାଟରେ ଖେଳୁଛନ୍ତି। ୩ଟି ଫର୍ମାଟରେ ଖେଳୁଥିବା ଖେଳାଳି ଏ ପ୍ଲସ ଗ୍ରୁପରେ ସ୍ଥାନ ପାଇଛନ୍ତି।

**ବିସିସିଆଇ କେନ୍ଦ୍ରୀୟ ବାର୍ଷିକ ଚୁକ୍ତି**

## ଅରବିନ୍ଦ ମେମୋରିଆଲ କ୍ରିକେଟ୍
## ସେମିରେ ରାମେଶ୍ୱର ସ୍ପୋର୍ଟିଂ





ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଆଶୁତୋଷ।

ଭୁବନେଶ୍ୱର, ୯।୩(ସ୍ପୋର୍ଟ୍ସ ବ୍ୟୁରୋ)

ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଏଠାରେ ଚାଲିଥିବା ଅରବିନ୍ଦ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ (୧୫ ବର୍ଷରୁ କମ୍)ରେ ଦ୍ୱିତୀୟ ଦଳ ଭାବେ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ଶନିବାର ଖେଳାଯାଇଥିବା ୨ୟ କ୍ୱାର୍ଟର ଫାଇନାଲରେ କଟକର ଜୁଭେନାଇଲ କ୍ରିକେଟ ଏକାଡେମୀକୁ ୪ ଉଇକେଟ୍‌ରେ ରାମେଶ୍ୱର ସ୍ପୋର୍ଟିଂ ପରାସ୍ତ କରିଛି। ଟସ୍ ଜିତି ଜୁଭେନାଇଲ ନିର୍ଦ୍ଧାରିତ ୪୦ ଓଭରରେ ୧୫୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଆଶୀର୍ବାଦ ସ୍ୱାଇଁ ୩୮, ଶିବସୁନ୍ଦର ଦାସ ୨୫ ରନ କରିଥିଲେ। ରାମେଶ୍ୱର ପକ୍ଷରୁ ଆଶୁତୋଷ ସାହୁ ୩ ଓ ପ୍ରତୀକ ସ୍ୱାଇଁ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ରାମେଶ୍ୱର ଓପନର୍ ଗୌତମ ଗୋପାଳ (୫୬ ରନ, ୯ ଚୌକା) ଓ ଆଶୁତୋଷ ସାହୁ (୪୭ ରନ, ୫ ଚୌକା, ୧ ଛକା)ଙ୍କ ଉପଯୋଗୀ ଇନିଂସ ବଳରେ ୩୪.୨ ଓଭରରେ ୬ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ପ୍ରତିପକ୍ଷ ବୋଲର ବଜରଙ୍ଗୀ ୩ ଓ ଦିପ୍ତାଂଶୁ ଦାସ ୨ଟି ଉଇକେଟ ନେଇଥିଲେ। ଆଶୁତୋଷଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ପାରାମାଉଣ୍ଟ କ୍ଲବର ବରିଷ୍ଠ ସଦସ୍ୟ ତଥା ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ଡ. କେ.ସି. ପାତ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସାଇ ପାତ୍ରଙ୍କୁ ଶ୍ରେଷ୍ଠ ଫିଲ୍ଡର ବିବେଚିତ କରାଯାଇଥିଲା। ମ୍ୟାଚ୍‌କୁ ଦୁଇ ଓସିଏ ଅମ୍ପାୟର ସୁଶାନ୍ତ ଦାସ ଓ ଦିଲୀପ ସାମଲ ପରିଚାଳନା କରିଥିଲେ। ରଶ୍ମି ମଲ୍ଲ ମାନୁଆଲ ସ୍କୋରର ଓ ଚିନ୍ମୟ ଅନ୍‌ଲାଇନ ସ୍କୋରିଂ ଦାୟିତ୍ୱ ତୁଲାଇଥିଲେ।

ରବିବାର କଟକର ୟୁନିୟନ ସ୍ପୋର୍ଟିଂ ଓ ଭୁବନେଶ୍ୱରର ଓସ୍କାର ସ୍ପୋର୍ଟିଂ ମଧ୍ୟରେ ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

## ୧୪ରୁ ଅନ୍ତର୍ଜାତୀୟ ପ୍ରଦୀପ ସ୍ମାରକୀ କ୍ରିକେଟ

ବନ୍ତ, ୯।୩ (ଡି.ଏନ.ଏ.)

ଓଡ଼ିଶାର ପୁରାତନ କ୍ରୀଡ଼ା ସଙ୍ଗଠନ ଟିଲୋ ଆଥ୍‌ଲେଟିକ ଆସୋସିଏଶନ ଦ୍ୱାରା ଅନ୍ତର୍ଜାତୀୟ ପ୍ରଦୀପ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ୨୬ତମ ସଂସ୍କରଣ ଆସନ୍ତା ମାର୍ଚ୍ଚ ୧୪ ତାରିଖଠାରୁ ଆରମ୍ଭ ହେବ। ହନୁମାନଜୀଉ ମିନି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ନାମେଣ୍ଟ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଭାରତ, ବାଂଲାଦେଶ, ଆଫଗାନିସ୍ତାନ, ନେପାଳ ଓ ମାଲେସିଆର ମୋଟ ୧୨ଟି କ୍ରିକେଟ ଦଳକୁ ନେଇ ପ୍ରତିବର୍ଷ ଏହି ଟୁର୍ନାମେଣ୍ଟ ଆୟୋଜିତ ହେଉଛି। ପ୍ରତ୍ୟେକ ଦିନ ୨ଟି ମ୍ୟାଚ୍ ଓ ସକାଳ ୯ଟାରୁ ଏହା ଆରମ୍ଭ ହେବ ବୋଲି ହନୁମାନଜୀଉ ମିନି ଷ୍ଟାଡିୟମଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଆସୋସିଏଶନର ମୁଖ୍ୟ ଉପଦେଷ୍ଟା ଡ. ମନ୍ମଥ ରାଉଳ ସୂଚନା ଦେଇଛନ୍ତି।

ଚଳିତବର୍ଷ ବାଂଲାଦେଶର ଚିଟାଗଙ୍ଗ ଦଳ ସମେତ ଭାରତୀୟ ବାୟୁସେନା, ଦିଲ୍ଲୀ ଓ ନୌସେନା, ମୁମ୍ବାଇ ଆଦି ଦଳର ବହୁ ଆଇପିଏଲ ଖେଳାଳି ଏଥିରେ ଅଂଶଗ୍ରହଣ କରିବେ। ସେହିପରି ବାଙ୍ଗାଲୋର ଓ ଗତବର୍ଷର ଚାମ୍ପିୟନ କାନାରା ବ୍ୟାଙ୍କ ସମେତ ବିଜୟା ବ୍ୟାଙ୍କ ଓ ଏୟାର ଇଣ୍ଡିଆ(ଏୟାରଲାଇନ୍ସ) ପ୍ରଥମଥର ପାଇଁ ଭାଗନେବେ। ଦିଲ୍ଲୀର ସିଏଜି(କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ ଅଫ୍ ଇଣ୍ଡିଆ) ଦଳ ପ୍ରଥମଥର ପାଇଁ ଓଡ଼ିଶା ଆସୁଥିବାରୁ ଟୁର୍ନାମେଣ୍ଟର ଅବ୍ୟବହିତ ପୂର୍ବରୁ ଭୁବନେଶ୍ୱରଠାରେ ଏକ ଦିନିକିଆ ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଉଛି, ଯେଉଁଥିରେ ସିଏଜିର ସମସ୍ତ ଖେଳାଳି ଅଂଶଗ୍ରହଣ କରିବେ। ଅନ୍ୟ ଦଳ ମଧ୍ୟରେ ପଶ୍ଚିମବଙ୍ଗର ଆର୍ଦ୍ରା ରେଲୱେ, ଓଡ଼ିଶାର ୟୁନିୟନ ସ୍ପୋର୍ଟିଂ, ଉତ୍ତରାଖଣ୍ଡ, ବିହାର ଏବଂ ବର୍ତ୍ତମାନର ଭାରତୀୟ ରଣଜୀ ଚାମ୍ପିୟନ, ବିଦର୍ଭ(ନାଗପୁର) ଦଳ ମଧ ଅଂଶଗ୍ରହଣ କରୁଛନ୍ତି। ଓଡ଼ିଶାର ବିଶିଷ୍ଟ କ୍ୟୁରେଟର ବିଭୁ ଶତପଥୀ ଓ ଉତ୍କଳ ୟୁନିଭର୍ସିଟି ସ୍ପୋର୍ଟ୍ସ ସେଲ୍‌ର ମୁଖ୍ୟ ତାରିଣୀ ପ୍ରସାଦ ବିଶ୍ୱାଳ ପ୍ରମୁଖ ପିଚ୍‌ର ସମ୍ପୂର୍ଣ୍ଣ ଦାୟିତ୍ୱ ତଦାରଖ କରୁଛନ୍ତି। ପ୍ରଥମଥର ଲାଗି ଏହି ଟୁର୍ନାମେଣ୍ଟର ସମସ୍ତ ମ୍ୟାଚ୍ ୟୁଟ୍ୟୁବ୍ ମାଧ୍ୟମରେ ଲାଇଭ୍ ଟେଲିକାଷ୍ଟ ବ୍ୟବସ୍ଥା କରାଯାଉଛି। ଏହି ଅବସରରେ କ୍ରୀଡ଼ାକ୍ଷେତ୍ରରେ ଅବଦାନ ପାଇଁ ବହୁ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ। ଏଥିସହ ଜଣେ ୧୯ ବର୍ଷରୁ କମ୍ ଖେଳାଳିଙ୍କୁ ଇମର୍ଜିଂ ପ୍ଲେୟାର ଆୱାର୍ଡ ଓ ଜଣେ କ୍ରିକେଟ କୋଚ୍‌ଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ଦେବାର ବ୍ୟବସ୍ଥା କରାଯାଇଛି। ଆସୋସିଏଶନ ସମ୍ପାଦକ ଅସିତ୍ କର, ଅମରଜିତ୍ ସ୍ୱାଇଁ, ଇଂ. ଲକି ମାଷ୍ଟର ସ୍ୱାଇଁ, ଅନୁପ ମହାନ୍ତି, ଲିଙ୍ଗରାଜ ସ୍ୱାଇଁ, ସୁଧାକର ଧଳ, ଗୌରାଙ୍ଗ ଧଳ, ସଞ୍ଜୟ ମଜୁମ୍‌ଦାର, ଲଲାଟ କେଶରୀ ନନ୍ଦ, ଅବିନାଶ ସାହୁ, ମନମୋହନ ସାହୁ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ଟାଟା ଉତ୍କଳିକା ଫୁଟ୍‌ବଲ ୧୨ରୁ

ଭୁବନେଶ୍ୱର, ୯।୩(ସ୍ପୋର୍ଟ୍ସ ବ୍ୟୁରୋ)

ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ଆସନ୍ତା ୧୨ରୁ ୨୧ତମ ଟାଟା ଉତ୍କଳିକା ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ ହେବ। ଏହାର ଫାଇନାଲ ମ୍ୟାଚ୍ ମାର୍ଚ୍ଚ ୧୯ରେ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟରେ ଓଡ଼ିଶାର ୭ଟି ଦଳ ଅଂଶଗ୍ରହଣ କରିଥିବାବେଳେ ରାଜ୍ୟ ବାହାରୁ ଏକମାତ୍ର ଦଳ ଭାବେ ଟାଟା ଫୁଟ୍‌ବଲ ଏକାଡେମୀ ସାମିଲ ହୋଇଛି। ଡିଫେଣ୍ଡିଂ ଚାମ୍ପିୟନ ଫାଓ ଏକାଦଶ ଓ ରନର୍ସଅପ୍ ଟାଟା ଫୁଟ୍‌ବଲ ଏକାଡେମୀ ସମେତ ଓଡ଼ିଶା ପୋଲିସ, ସାଇ ହଷ୍ଟେଲ (କଟକ), ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏଶନ, ଫୁଲବାଣୀ ଫୁଟ୍‌ବଲ ଏକାଦଶ, ଆଇଜିଏଚ୍ ରାଉରକେଲା ଓ ଅହମ୍ମଦିଆ କ୍ଲବ (କେରଙ୍ଗ) ଦଳ ଅଂଶଗ୍ରହଣ କରୁଛନ୍ତି। ଏବର୍ଷ ନୂଆ କରି ଅହମ୍ମଦିଆ କ୍ଲବ ଓ ଆଇଜିଏଚ୍ (ରାଉରକେଲା)କୁ ଟୁର୍ନାମେଣ୍ଟରେ ସାମିଲ କରାଯାଇଛି। କେରଙ୍ଗ ଦଳର ଅଧିକାଂଶ ଖେଳାଳି ରାଜ୍ୟରୁ ପ୍ରତିନିଧିତ୍ୱ କରୁଥିବାବେଳେ ତୃଣମୂଳସ୍ତରରେ ବିଭିନ୍ନ ସ୍ପୋର୍ଟ୍ସ ହଷ୍ଟେଲରେ ପ୍ରଶିକ୍ଷଣ ନେଉଛନ୍ତି। ଟୁର୍ନାମେଣ୍ଟରେ ଚାମ୍ପିୟନ ଦଳକୁ ଟ୍ରଫି ସହ ୨୫ ହଜାର ଟଙ୍କା ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କା ପ୍ରଦାନ କରାଯିବ। ଏଥିସହିତ ପ୍ରତି ମ୍ୟାଚର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର, ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯିବ। ଉଦ୍‌ଘାଟନୀ ଦିବସରେ ଓଡ଼ିଶା ପୋଲିସ ଓ ଫୁଲବାଣୀ ଫୁଟ୍‌ବଲ ଟିମ୍ ପରସ୍ପରକୁ ଭେଟିବେ। ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏଶନର ସଭାପତି ତପନ କୁମାର ମହାନ୍ତି, ସଭାପତି ନବରଞ୍ଜନ ପଟ୍ଟନାୟକ, ଅମୀୟକାନ୍ତ ମିଶ୍ର, ପ୍ରଦୀପ ଦାସ, ପ୍ରଫୁଲ୍ଲ କୁମାର ମିଶ୍ର, ଚିତ୍ତରଞ୍ଜନ ପାତ୍ର, ବାପି ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ।





ଖବରଦାତା ସମ୍ମିଳନୀରେ ଆୟୋଜକ କ୍ଲବର କର୍ମକର୍ତ୍ତାମାନେ।

#### କାର୍ଯ୍ୟସୂଚୀ

୧୨/୩- ଫୁଲବାଣୀ ବନାମ ଓଡ଼ିଶା ପୋଲିସ
୧୩/୩- ୟୁନିଟ୍-୬ ବନାମ ଫାଓ ଏକାଦଶ
୧୪/୩- ଆଇଜିଏଚ୍, ରାଉରକେଲ ବନାମ ସାଇ ହଷ୍ଟେଲ
୧୫/୩- ଟାଟା ଫୁଟ୍‌ବଲ ଏକାଡେମୀ ବନାମ ଅହମ୍ମଦିଆ କ୍ଲବ
୧୬/୩- ପ୍ରଥମ ସେମିଫାଇନାଲ (୧୨ ଓ ୧୩ ବିଜେତା ମଧ୍ୟରେ)
୧୭/୩- ଦ୍ୱିତୀୟ ସେମିଫାଇନାଲ (୧୪ ଓ ୧୫ ବିଜେତା ମଧ୍ୟରେ)
୧୯/୩- ଫାଇନାଲ

## ସଂକ୍ଷେପରେ

### ଆଉ ୩ ସନ୍ତାନଙ୍କ ପିତୃତ୍ୱ ସ୍ୱୀକାର କଲେ ମାରାଡୋନା

**ବୁଏନସ୍ ଆରିଜ,୯।୩(ପି.ଟି.):** ଆର୍ଜେଣ୍ଟିନା ଫୁଟବଲ୍ ଲିଜେଣ୍ଡ ଡିଏଗୋ ମାରାଡୋନା କ୍ୟୁବାରେ ଆଉ ୩ ସନ୍ତାନର ପିତୃତ୍ୱ ସ୍ୱୀକାର କରିଛନ୍ତି। ସେ ନିଜ ପତ୍ନୀଙ୍କ ସନ୍ତାନ ଛଡ଼ା ଅନ୍ୟ କୌଣସି ସନ୍ତାନର ଜନକ ହେବା କଥାକୁ ଅସ୍ୱୀକାର କରୁଥିଲେ ମଧ ଶେଷରେ ଏହା ସ୍ୱୀକାର କରିଛନ୍ତି। ପୂର୍ବରୁ ମଧ ସେ ୫ ସନ୍ତାନର ଜନକ ହେବା କଥା ସ୍ୱୀକାର କରିଥିଲେ। ଫଳରେ ୫୮ ବର୍ଷୀୟ ମାରାଡୋନା ୮ଜଣ ସନ୍ତାନଙ୍କ ପିତା ହେବା କଥା ଆନୁଷ୍ଠାନିକ ଭାବେ ସ୍ପଷ୍ଟ ହୋଇଛି। ଏହି ୩ ସନ୍ତାନ ଦୁଇ ଜଣ ମହିଳାଙ୍କଠାରୁ ଜନ୍ମ ନେଇଛନ୍ତି। ନିଶା ମୁକ୍ତ ହେବା ପାଇଁ ମାରାଡୋନା ୨୦୦୦ରୁ ୨୦୦୫ ମଧ୍ୟରେ କ୍ୟୁବାରେ ଚିକିତ୍ସିତ ହେଉଥିଲେ। ଖୁବ ଶୀଘ୍ର ଆପଣ ୧୧ ଜଣିଆ ଦଳ ଗଠନ କରିପାରିବେ ବୋଲି ମାରାଡୋନାଙ୍କ ୨୯ ବର୍ଷୀୟ ଝିଅ ଜିଆନିନା ଇନ୍‌ଷ୍ଟାଗ୍ରାମ୍‌ରେ ଉଲ୍ଲେଖ କରିଛନ୍ତି। ମାରାଡୋନା ଏବେ ମେକ୍ସିକୋର ସେକେଣ୍ଡ ଡିଭିଜନ କ୍ଲବ ଡୋରାଡୋସ ଡି ସିନାଲୋଆର କୋଚ୍ ରୂପେ କାର୍ଯ୍ୟ କରୁଛନ୍ତି।

### ୱେଷ୍ଟଇଣ୍ଡିଜ ୪୫ରେ ଅଲଆଉଟ୍

**ସେଣ୍ଟ କିଟ୍‌ସ, ୯।୩(ଏଏଫ୍‌ପି):** ଏଠାରେ ଇଂଲଣ୍ଡ ବିପକ୍ଷରେ ଖେଳାଯାଇଥିବା ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ଦଳ ମାତ୍ର ୪୫ ରନ୍‌ରେ ଅଲଆଉଟ୍ ହୋଇଯାଇଛି। କ୍ରିକେଟ ଛୋଟିଆ ଫର୍ମାଟରେ ଏହା ଦ୍ୱିତୀୟ ନିମ୍ନତମ ଦଳଗତ ସ୍କୋର। ଏହି ମ୍ୟାଚ୍‌କୁ ଇଂଲଣ୍ଡ ଦଳ ୧୩୭ ରନ୍‌ରେ ଜିତିନେଇଛି, ଯାହାକି ଦଳର ସବୁଠୁ ବଡ଼ ବିଜୟ। ଏଥିସହ ଭ୍ରମଣକାରୀ ଇଂଲଣ୍ଡ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ୨-୦ ବ୍ୟବଧାନରେ ଆଗୁଆ ଜିତିଛି। ଇଂଲଣ୍ଡ ବିଜୟରେ ସାମ ବିଲିଙ୍ଗ୍ସ ଓ କ୍ରିସ ଜୋର୍ଡାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ଦଳ ୨୦ ଓଭରରେ ୬ ଉଇକେଟ ହରାଇ ୧୮୨ ରନ୍ କରିଥିଲା। ଦଳ ପାଇଁ ବିଲିଙ୍ଗ୍ସ ୮୭ (୧୦ ଚୌକା ଓ ୩ ଛକା) ଓ ଜୋ ରୁଟ ୫୫ ରନ୍ କରିଥିଲେ। ୧୮୩ ରନ୍‌ର ବିଜୟ ଲକ୍ଷ୍ୟର ପିଛା କରୁଥିବା ୱେଷ୍ଟଇଣ୍ଡିଜ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। ଫଳରେ ଦଳ ମାତ୍ର ୧୧.୫ ଓଭରରେ ୪୫ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ କେବଳ ଦୁଇ ଜଣଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ସ୍କୋର ସ୍ପର୍ଶ କରିପାରି ନ ଥିଲେ। ବିଜୟୀ ଦଳ ପାଇଁ ଜୋର୍ଡାନ ମାତ୍ର ୨ ଓଭର ବୋଲିଂ କରି ୬ ରନ୍ ବ୍ୟୟରେ ୪ ଉଇକେଟ ନେଇଥିଲେ। ତାଙ୍କ ବ୍ୟତୀତ ଡେଭିଡ୍ ୱିଲି, ଆଦିଲ ରଶିଦ ଓ ଲିଆମ ପ୍ଲଙ୍କେଟ ୨ ଉଇକେଟ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ବିଜୟୀ ଦଳର ବିଲିଙ୍ଗ୍ସଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ କରାଯାଇଛି।

### ଭାଗ୍ୟଧର ଟ୍ରଫି ଆଜିଠାରୁ

**ଭୁବନେଶ୍ୱର, ୯।୩(ସ୍ପୋର୍ଟ୍ସ ବ୍ୟୁରୋ):** ଭୁବନେଶ୍ୱର ସିଟି କ୍ଲବ ଓ ଏସ୍.ଜି.ଓ. ନୟାପଲ୍ଲୀର ମିଳିତ ଆନୁକୂଲ୍ୟରେ ରବିବାରଠାରୁ ଭାଗ୍ୟଧର ଟ୍ରଫି ଫୁଟ୍‌ବଲ ଟୁର୍ନାମେଣ୍ଟର ୪ର୍ଥ ସଂସ୍କରଣ ଆରମ୍ଭ ହେବ। ଆସନ୍ତା ୧୭ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରତିଯୋଗିତା ସ୍ଥାନୀୟ ଇନ୍ଦିରା ମଇଦାନଠାରେ ଖେଳାଯିବ। ଟୁର୍ନାମେଣ୍ଟରେ ଓଡ଼ିଶାର ବଛା ବଛା ୮ଟି ଟିମ୍ ଅଂଶଗ୍ରହଣ କରୁଛନ୍ତି। ଗ୍ରୁପ୍-ଏ'ରେ ବାରବାଟୀ ସ୍ପୋର୍ଟିଂ (କଟକ), ୟୁନାଇଟେଡ୍ କ୍ଲବ (ଭୁବନେଶ୍ୱର), କିଶୋର କ୍ଲବ (ଭୁବନେଶ୍ୱର) ଓ ନାଲକୋ କ୍ଲବ (ଅନୁଗୋଳ) ରହିଛନ୍ତି। ସେହିଭଳି ମଙ୍ଗଳା କ୍ଲବ (କଟକ), ଏସ୍.ଜି.ଓ. କ୍ଲବ (ଭୁବନେଶ୍ୱର), ସ୍ପୋର୍ଟ୍ସ ହଷ୍ଟେଲ (କଟକ) ଓ କ୍ଲବ-୭୩ (ଭୁବନେଶ୍ୱର) ଗ୍ରୁପ୍-ବି'ରେ ସ୍ଥାନ ପାଇଛନ୍ତି। ଟୁର୍ନାମେଣ୍ଟର ଚାମ୍ପିୟନ ଦଳକୁ ୧୫ ହଜାର ଓ ରନର୍ସଅପ୍ ଦଳକୁ ୧୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। ଅପରାହ୍ନ ୩ଟା ୩୦ରେ ହେବାକୁ ଥିବା ଉଦ୍‌ଘାଟନୀ ମୁକାବିଲାରେ ବାରବାଟୀ ସ୍ପୋର୍ଟିଂ ଓ ୟୁନାଇଟେଡ୍ କ୍ଲବ ପରସ୍ପରକୁ ଭେଟିବେ। ଟୁର୍ନାମେଣ୍ଟକୁ ସୁଚାରୁରୂପେ ପରିଚାଳନା ପାଇଁ ଡ. ସୌର୍ଯ୍ୟରଞ୍ଜନ ପରିଜାଙ୍କ ଅଧକ୍ଷତାରେ ଆୟୋଜନ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସ୍.ଜି.ଓ. ସଭାପତି ଭାଗ୍ୟଧର ଜଗଦେବ, ସିଟି କ୍ଲବ ସମ୍ପାଦକ ପ୍ରଦୀପ କୁମାର ରାଉତରାୟ, ସମ୍ପାଦକ ତପନ କୁମାର ଭଞ୍ଜ ଓ ସଦସ୍ୟ ଭାବେ ଯୋଗେନ୍ଦ୍ର ଜେନା, କାଶୀନାଥ ଜେନା, ଉମେଶ ବଳିୟାର ସିଂ, ନିଖିଳ ବଳବନ୍ତରାୟ, ତ୍ରିନାଥ ମଙ୍ଗରାଜ, କ୍ଷୀରୋଦ ବେହେରା ଓ ସତ୍ୟବାଦୀ ବାଘ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହିଥିଲେ।



"ଚଳିତ ପ୍ରିମିୟର ଲିଗ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଆମେ ଶ୍ରେଷ୍ଠ ୪ ମଧ୍ୟରେ ରହିବାକୁ ଚାହୁଁଥିବାରୁ ପ୍ରତ୍ୟେକଟି ମ୍ୟାଚ ଫାଇନାଲ ମନେ କରି ଖେଳୁଛୁ।
– ୱିଲିୟଆନ ବର୍ଜେସ ଡା ସିଲ୍‌ଭା, ବ୍ରାଜିଲ ପ୍ରଫେଶନାଲ ଖେଳାଳି



"ଅନ୍ତର୍ଜାତୀୟ କ୍ରିକେଟରେ ପ୍ରଥମ ଶତକ ହାସଲ କରିବା କଷ୍ଟକର ହୋଇଥିବାରୁ ଶୁକ୍ରବାର ଭାରତ ବିପକ୍ଷରେ ଏହି ସଫଳତା ମୋ ପାଇଁ ଖୁବ୍ ବଡ଼ କଥା।
–ଉସ୍‌ମାନ୍ ଖ୍ୱାଜା, ଅଷ୍ଟ୍ରେଲୀୟ କ୍ରିକେଟର।

## ଆଜି ଚତୁର୍ଥ ଦିନିକିଆ

# ରିଷଭ ପନ୍ତଙ୍କ ଉପରେ ନଜର

**ମୋହାଲି,୯।୩(ପି.ଟି.)**

ସ୍ଥାନୀୟ ମୋହାଲି ଷ୍ଟାଡିୟମରେ ଭାରତ ଓ ଭ୍ରମଣକାରୀ ଅଷ୍ଟ୍ରେଲିଆ ମଧ୍ୟରେ ରବିବାର ଚତୁର୍ଥ ଦିନିକିଆ ମ୍ୟାଚ୍ ଖେଳାଯିବ। ବିଭିନ୍ନ ଦୃଷ୍ଟିକୋଣରୁ ଏହି ମ୍ୟାଚ୍ ବିଶେଷ ଗୁରୁତ୍ୱ ବହନ କରୁଛି। ୨-୧ରେ ଅଗ୍ରଣୀ ରହିଥିବା ଭାରତ ଏହି ମ୍ୟାଚ୍ ଜିତି ସିରିଜ ହାତେଇବାକୁ ଚେଷ୍ଟା କରିବ। ଅନ୍ୟପଟେ ଅଷ୍ଟ୍ରେଲିଆ ସିରିଜ ବଞ୍ଚାଇବାକୁ କର ବା ମର ପରିସ୍ଥିତିରେ ସମ୍ମୁଖୀନ ହୋଇଛି। ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀଙ୍କୁ ବିଶ୍ରାମ ଦିଆଯାଇଥିବାରୁ ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କୁ ଦଳରେ ସାମିଲ କରାଯାଇଛି। ପନ୍ତଙ୍କ ଉପରେ ଏବେ ସମସ୍ତଙ୍କ ନଜର ରହିଛି। ଇଂଲଣ୍ଡରେ ଆସନ୍ତା ମେ'ରେ ଆୟୋଜନ ହେବାକୁ ଥିବା ବିଶ୍ୱକପ ପାଇଁ ଦଳ ପନ୍ତଙ୍କୁ ସାମିଲ କରାଯିବା ନେଇ ଚର୍ଚ୍ଚା ହେଉଛି। ତେବେ ଏଥିପାଇଁ ଚଳିତ ସିରିଜର ବାକିଥିବା ଦୁଇଟି ମ୍ୟାଚ୍‌ରେ ପନ୍ତଙ୍କୁ ଦମ୍ ଦେଖାଇବାକୁ ପଡିବ। ସିରିଜରେ ଏପର୍ଯ୍ୟନ୍ତ ଭାରତୀୟ ଟପ୍ ଅର୍ଡର ବିଫଳ ପ୍ରଦର୍ଶନ କରିଛି। ଏପରିସ୍ଥଳେ ପନ୍ତଙ୍କ ଗୁରୁତ୍ୱ ବଢିଯାଇଛି। ବିଶ୍ୱକପ୍‌ରେ ସ୍ଥାନ ପାଇବାକୁ ଇଚ୍ଛା ରଖୁଥିବା ସବୁ ଖେଳାଳିଙ୍କୁ ଅଧିନାୟକ ବିରାଟ କୋହଲି ସୁଯୋଗ ଦେବାକୁ ଚାହୁଁଛନ୍ତି। ଫଳରେ ଏହି ଚତୁର୍ଥ ଓ ଅନ୍ତିମ ଦିନିକିଆରେ ଭାରତୀୟ ଦଳରେ କେତୋଟି ପରିବର୍ତ୍ତନ ହେବା ଆଶା କରାଯାଉଛି। ରାଞ୍ଚିରେ ଶୁକ୍ରବାର ଖେଳାଯାଇଥିବା ତୃତୀୟ ଦିନିକିଆରେ ଧୋନୀ ତାଙ୍କ ଶେଷ ଘରୋଇ ମ୍ୟାଚ୍ ଖେଳିଛନ୍ତି। ତାଙ୍କ ଉତ୍ତରାଧିକାରୀ ଭାବେ ପନ୍ତଙ୍କୁ ବିବେଚନା କରାଯାଉଛି। ପୂର୍ବରୁ ଦିନିକିଆରେ ପନ୍ତ ଜଣେ ବ୍ୟାଟ୍ସମ୍ୟାନ ଭାବେ ଖେଳିଛନ୍ତି। ତେବେ ଧୋନୀଙ୍କ ଅନୁପସ୍ଥିତିରେ ପନ୍ତ ଉଇକେଟ କିପିଙ୍ଗ୍ କରିବେ। ଗତ ମ୍ୟାଚ୍‌ରେ ଗୋଡରେ ଆଘାତ ପାଇଥିବା ମହମ୍ମଦ ସାମି ଦଳରୁ ବାଦ ପଡିଥିବା ବେଳେ ତାଙ୍କ ସ୍ଥାନରେ ଦ୍ରୁତ ବୋଲର ଭୁବନେଶ୍ୱର କୁମାର ଖେଳିବେ। ସାମିଙ୍କୁ ବିଶ୍ରାମ ଦିଆଯାଇଛି। ଆଗାମୀ ଦୁଇଟି ମ୍ୟାଚ୍‌ରେ କେତୋଟି ପରିବର୍ତ୍ତନ କରାଯିବ। ତେବେ ଖେଳାଳିମାନଙ୍କୁ ମ୍ୟାଚ୍ ବିଜୟ ପ୍ରଦର୍ଶନ କରିବାକୁ ହେବ ବୋଲି କୋହଲି କହିଛନ୍ତି। ଟପ୍ ଅର୍ଡର ବ୍ୟାଟ୍ସମ୍ୟାନଙ୍କ ବିଫଳତା ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତା ସୃଷ୍ଟି କରିଛି। ଅବଶ୍ୟ କୋହଲି ଅଧିନାୟକ ଇନିଂସ ଖେଳି ଦଳ ପାଇଁ ସଙ୍କଟ ମୋଚକ ସାବ୍ୟସ୍ତ ହୋଇଛନ୍ତି। ଗତ ୩ଟି ମ୍ୟାଚ୍‌ରେ କୋହଲି ଦୁଇଟି ଶତକ ସହ ୨୮୩ ରନ ସଂଗ୍ରହ କରିଛନ୍ତି। ଏହାପରେ କେଦାର ଯାଦବ ୧୧୮ ରନ କରି ଦ୍ୱିତୀୟ ସଫଳତମ ବ୍ୟାଟ୍ସମ୍ୟାନ ସାବ୍ୟସ୍ତ ହୋଇଛନ୍ତି। ୩ଟି ଇନିଂସରେ ତାରକା ଓପନର ରୋହିତ ଶର୍ମା ମାତ୍ର ୫୧ ରନ ସଂଗ୍ରହ କରିପାରିଛନ୍ତି। ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଅମ୍ବାତି ରାୟୁଡୁ ୩ଟି ମ୍ୟାଚ୍‌ରୁ ମାତ୍ର ୩୩ ରନ ସଂଗ୍ରହ କରି ଆହୁରି ଖରାପ୍ ପ୍ରଦର୍ଶନ କରିଛନ୍ତି। ଅଭିଜ୍ଞ ଶିଖର ଧାୱନ ୩ଟି ମ୍ୟାଚ୍ ଖେଳି ମାତ୍ର ୨୨ ରନ ସଂଗ୍ରହ କରି ସାଂଘାତିକ ଭାବେ ବିଫଳ ହୋଇଛନ୍ତି। ବିଶ୍ୱକପ୍ ଦଳରେ ଧାୱନ ଓ ରୋହିତଙ୍କ ସ୍ଥାନ ପକ୍କା ହୋଇଥିଲେ ମଧ ଏମାନଙ୍କ ଫର୍ମ ମ୍ୟାନେଜମେଣ୍ଟ ପାଇଁ ଚିନ୍ତାର କାରଣ ହୋଇଛି। ଲୋକେଶ ରାହୁଲ ଖେଳିବା ମନେ ହେଉଥିଲେ ମଧ ସେ ଧାୱନ କିମ୍ବା ରାୟୁଡୁ, କାହା ବଦଳରେ ଖେଳିବେ ତାହା ଜଣାପଡିନାହିଁ।

ଅଷ୍ଟ୍ରେଲୀୟ ଲେଗ୍ ସ୍ପିନର ଆଡାମ ଜାମ୍ପା ଭାରତ ପାଇଁ ସମସ୍ୟା ସୃଷ୍ଟି କରିଛନ୍ତି। ରନ ବ୍ୟୟ କରିଥିଲେ ମଧ ସେ ସେ ଏକାଧିକ ବାର କୋହଲି ଓ ଧୋନୀଙ୍କୁ ଆଉଟ କରି ଭାରତକୁ ବ୍ୟାକ୍ ଫୁଟ୍‌କୁ ଠେଲି ଦେଇଥିଲେ। ଗତ ମ୍ୟାଚ୍‌ରେ ସେଭଳି ସୁବିଧାଜନକ ସ୍ଥିତି ନ ଥିଲେ ମଧ ଅଷ୍ଟ୍ରେଲିଆ ବେଶ୍ ଦମ୍‌ଦାର ପ୍ରଦର୍ଶନ କରିଥିଲା। ବୋଲିଂ, ବ୍ୟାଟିଂରେ ଦମ୍ ଦେଖାଇ ବିଜୟୀ ହେବା ସହ ସିରିଜ ବଞ୍ଚାଇବାରେ ସଫଳ ହୋଇଥିଲା। ଏବେ ଏହି ପ୍ରଦର୍ଶନ ଦୋହରାଇବା ଲକ୍ଷ୍ୟରେ ଅଷ୍ଟ୍ରେଲିଆ ରହିଛି। ଅନ୍ୟପଟେ ପରୀକ୍ଷା ନିରୀକ୍ଷା ସତ୍ତ୍ୱେ ଭାରତ ବିଜୟୀ ହେବା ପାଇଁ ସବୁମତେ ଚେଷ୍ଟା କରିବ ବୋଲି ଆଶା କରାଯାଉଛି। ମୋହାଲି ଉଇକେଟ ଫ୍ଲାଟ ହୋଇଥିବାରୁ ବ୍ୟାଟ୍ସମ୍ୟାନ ଭଲ ଖେଳିବେ। ରାତିରେ ଅବଶ୍ୟ କାକର ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ।



ରିଷଭ ପନ୍ତ

| ଭାରତୀୟ ଦଳ | ଅଷ୍ଟ୍ରେଲିଆ ଦଳ |
|---|---|
| ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ରୋହିତ ଶର୍ମା, ଅମ୍ବାତି ରାୟୁଡୁ, କେଦାର ଯାଦବ, ବିଜୟ ଶଙ୍କର, କୁଲଦୀପ ଯାଦବ, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସାମି, ରବୀନ୍ଦ୍ର ଜାଡେଜା, ଯୁଜବେନ୍ଦ୍ର ଚହଲ, ଭୁବନେଶ୍ୱର କୁମାର ଓ ରିଷଭ ପନ୍ତ (ଉଇକେଟ କିପର)। | ଆରୋନ ଫିଞ୍ଚ୍ (ଅଧିନାୟକ), ଉସ୍‌ମାନ ଖ୍ୱାଜା, ପିଟର ହ୍ୟାଣ୍ଡ୍ସକମ୍ବ, ଶନ୍ ମାର୍ଶ, ଗ୍ଲେନ ମ୍ୟାକ୍ସୱେଲ, ମାର୍କସ ଷ୍ଟୋଇନିସ୍, ଅଷ୍ଟନ ଟର୍ନର, ଝେ ରିଚାର୍ଡଶନ, ଆଡାମ ଜାମ୍ପା, ଆଣ୍ଡ୍ର୍ୟୁ ଟାଏ, ପ୍ୟାଟ କମିନ୍ସ, ନାଥନ କୁଲ୍ଟର ନିଲ, ଆଲେକ୍ସ କାରେ, ନାଥନ ଲିୟନ ଓ ଜାସନ ବେହରେନଡୋର୍ଫ। |

**ସମୟ: ଅପରାହ୍ନ ୧.୩୦ | ସ୍ଥାନ: ମୋହାଲି | ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**

### ଟିମ୍ ଇଣ୍ଡିଆର ମିଲିଟାରି ଟୋପି ପରିଧାନକୁ ପାକିସ୍ତାନର ବିରୋଧ

**ନୂଆଦିଲ୍ଲୀ,୯।୩(ପିଟି)**

ରାଞ୍ଚିଠାରେ ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ୩ୟ ମ୍ୟାଚ୍‌ରେ ଭାରତୀୟ ଦଳର ସଦସ୍ୟମାନେ ମିଲିଟାରି କ୍ୟାପ୍ ପରିଧାନ କରିଥିଲେ। ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ଟିମ୍ ଇଣ୍ଡିଆ ଏପରି କରିଥିଲା। ଏହାକୁ ପାକିସ୍ତାନ ବିରୋଧ କରିବା ସହ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ନିକଟରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଏହା କେବଳ କ୍ରିକେଟ ନୁହେଁ, ଜେଣ୍ଟଲମ୍ୟାନ୍ସଙ୍କ କ୍ରୀଡ଼ାକୁ ରାଜନୀତୀକରଣ କରାଯାଇଛି। ଏଥିନେଇ ଆଇସିସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବ ବୋଲି ମୋର ଆଶା। ଭାରତୀୟ ଦଳକୁ ରୋକା ନ ଗଲେ କଶ୍ମୀରରେ ଚାଲିଥିବା ଅତ୍ୟାଚାର ପାଇଁ ପାକିସ୍ତାନ ଦଳର ଖେଳାଳିମାନେ ବିଶ୍ୱକୁ ଜଣାଇବା ଲାଗି କଳା ବ୍ୟାଣ୍ଡ ପିନ୍ଧିବା ଆବଶ୍ୟକ। ପିସିବି ଏ ସମ୍ପର୍କରେ ଅଭିଯୋଗ କରୁ ବୋଲି ପାକିସ୍ତାନ ମନ୍ତ୍ରୀ ଫୱାଦ ଚୌଧୁରୀ କହିଛନ୍ତି। ତାଙ୍କ ବ୍ୟତୀତ ପାକିସ୍ତାନ ସାମ୍ବାଦିକ ୱାଇସ ତୌହିଦ ଓ ମାଝାର ଆବ୍ବାସ ମଧ ସମାନ ମନ୍ତବ୍ୟ ଦେଇଛନ୍ତି। ବିରାଟ କୋହଲି ଓ ମହେନ୍ଦ୍ର ସିଂ ଧୋନୀଙ୍କ ଭଳି ହିରୋମାନେ ଏଭଳି ଭୀରୁଙ୍କ କାର୍ଯ୍ୟ କରିବା ଉଚିତ ନୁହେଁ। କ୍ରୀଡ଼ା ଦ୍ୱାରା ତିକ୍ତତା ହ୍ରାସ କରାଯାଇପାରିବ। ମାତ୍ର ଏଭଳି ଆଚରଣ ଦ୍ୱାରା ନୁହେଁ। ରାଜନୀତିକୁ କ୍ରିକେଟରଙ୍କୁ ଟଣା ନ ଯାଉ ବୋଲି ତୌହିଦ କହିଛନ୍ତି।

## ସୁପର ଲିଗ୍‌ରେ ନିରାଶ କଲା ଓଡ଼ିଶା

**କଟକ ଅଫିସ,୯।୩**

ମୁମ୍ବାଇର କାନ୍ଦିଭିଲି ସଚିନ ତେନ୍ଦୁଲକର ଜିମଖାନା ଗ୍ରାଉଣ୍ଡରେ ଶନିବାର ଖେଳାଯାଇଥିବା ସିନିୟର ମହିଳା ଟି-୨୦ ଟୁର୍ନାମେଣ୍ଟ ସୁପରଲିଗ ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ଓଡ଼ିଶା ୩ ଉଇକେଟରେ ହିମାଚଳପ୍ରଦେଶଠାରୁ ପରାସ୍ତ ହୋଇଛି। ଏହି ପରାଜୟ ସହ ଓଡ଼ିଶା ସୁପରଲିଗରୁ ବିଦାୟ ନେବା ନିଶ୍ଚିତ ହୋଇଛି। ସୁପରିଲିଗ ରାଉଣ୍ଡରେ ୩ଟି ମ୍ୟାଚ ଖେଳିଥିବା ଓଡ଼ିଶା ଗୋଟିଏ ବିଜୟ ସହ ୪ ପଏଣ୍ଟ ପାଇ ପଏଣ୍ଟ ଟେବୁଲର ୩ୟ ସ୍ଥାନରେ ରହିଛି। କର୍ଣାଟକ ଓ ହିମାଚଳପ୍ରଦେଶ ୧୨ ପଏଣ୍ଟ ଲେଖାଏ ହାସଲ କରି ଉପର ଦୁଇ ସ୍ଥାନ ବଜାୟ ରଖିଛନ୍ତି। ଓଡ଼ିଶା ହାତରେ ଆଉ ମାତ୍ର ଗୋଟିଏ ମ୍ୟାଚ୍ ବାକି ରହିଛି। ସୋମବାର ଝାଡ଼ଖଣ୍ଡ ବିପକ୍ଷରେ ଓଡ଼ିଶା ୪ର୍ଥ ତଥା ଅନ୍ତିମ ମ୍ୟାଚ୍ ଖେଳିବ। ଶନିବାର ମ୍ୟାଚ୍‌ରେ ହିମାଚଳପ୍ରଦେଶ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ଓଡ଼ିଶା ପ୍ରଥମ ଉଇକେଟ ଭାଗୀଦାରିରେ ୩୭ ରନ ସଂଗ୍ରହ କରିବା ପରେ ପରବର୍ତ୍ତୀ ୫୬ ରନରେ ଅବଶିଷ୍ଟ ୯ଟି ଯାକ ଉଇକେଟ ହରାଇ ଓଡ଼ିଶା ଇନିଂସ ୯୩ ରନରେ ସୀମିତ ରହିଥିଲା। ଓପନର ମାଧୁରୀ ମେହେତା ୧୪, ଅଧିନାୟିକା ମଧୁସ୍ମିତା ବେହେରା ୨୪ ଓ ସରିତା ମେହେର ୩୨ ରନ କରିଥିବା ବେଳେ ଅନ୍ୟ କେହି ଖେଳାଳି ଦୁଇ ଅଙ୍କ ଛୁଇଁ ପାରି ନଥିଲେ। ହିମାଚଳ ପ୍ରଦେଶର ସୁସ୍ମିତା କୁମାରୀ ସର୍ବାଧିକ ୪ଟି ଉଇକେଟ ଦଖଲ କରିଥିଲେ। ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ଅଧିନାୟିକା ସୁଷମା ବର୍ମାଙ୍କ ସଂଘର୍ଷପୂର୍ଣ୍ଣ ୪୩ ରନର ଅପରାଜିତ ଇନିଂସ ବଳରେ ହିମାଚଳପ୍ରଦେଶ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଓପନର ନିକିତା ଚୌହ୍ୱାନ ମଧ ୩୪ ରନ କରିଥିଲେ। ଓଡ଼ିଶା ପକ୍ଷରୁ ପ୍ରିୟଙ୍କା ପ୍ରିୟଦର୍ଶିନୀ ୩, ରୋଶନାରା ପରୱିନ ଓ ସୁଶ୍ରୀ ଦିବ୍ୟଦର୍ଶିନୀ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

### ୱାଡାକୁ ୨୦୧୭ରୁ ତଥ୍ୟ ଦେଇଆସୁଛି ବିସିସିଆଇ

**ମୋହାଲି, ୯।୩ (ପି.ଟି.)**

ବିସିସିଆଇ ୨୦୧୭ରୁ ଭାରତୀୟ ଟପ୍ କ୍ରିକେଟରଙ୍କ 'ହୋୟାରଏବାଉଟ୍ସ' ଅବା ଅବସ୍ଥିତି ସମ୍ପର୍କରେ ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି (ୱାଡା)କୁ ଅବଗତ କରାଇ ଆସୁଛି। ହେଲେ ବିସିସିଆଇ ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା) ପରିସରଭୁକ୍ତ ହେବାକୁ କୁଣ୍ଠିତ ହେଉଥିବାରୁ ୱାଡା ଏନେଇ ଆଇସିସି ନିକଟରେ ଚିନ୍ତା ପ୍ରକଟ କରିଛି। ୨୦୧୭ରେ ଚାମ୍ପିୟନ୍ସ ଟ୍ରଫିପରଠାରୁ ବିସିସିଆଇ ଏହାର ଖେଳାଳିମାନଙ୍କ 'ହୋୟାରଏବାଉଟ୍ସ' ୱାଡାର ଏଡିଏଏମ୍‌ଏସ୍ ( ଆଣ୍ଟି ଡୋପିଂ ଆଡମିନିଷ୍ଟ୍ରେଟିଭ୍ ଆଣ୍ଡ ମ୍ୟାନେଜମେଣ୍ଟ ସିଷ୍ଟମ) ଡାଟାବେସ୍‌ରେ ଅପ୍‌ଲୋଡ୍ କରି ଆସୁଛି। ଆଣ୍ଟିଡୋପିଂ ଗତିବିଧିରେ ଉପରେ ସମନ୍ୱିତ ରକ୍ଷା କରିବା ସହ ନିୟମାବଳୀର ଠିକଣା ପ୍ରଚଳନ ଦିଗରେ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ଏଡିଏଏମ୍‌ଏସ୍ ସୃଷ୍ଟି କରାଯାଇଛି।

## ମହିଳା ଟି୨୦: ସିରିଜ ପୋଛିଲା ଇଂଲଣ୍ଡ

**ଗୁଆହାଟୀ,୯।୩**

ସ୍ଥାନୀୟ ବାର୍ସାପାରା କ୍ରିକେଟ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ରୋମାଞ୍ଚଭରା ୩ୟ ଟି୨୦ ମ୍ୟାଚ୍‌ରେ ଇଂଲଣ୍ଡଠାରୁ ଭାରତ ଏକ ରନ୍‌ରେ ପରାସ୍ତ ହୋଇଛି। ଏଥିସହ ୩ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ଇଂଲଣ୍ଡ ୩–୦ ବ୍ୟବଧାନରେ କ୍ଲିନ୍ ସୁଇପ୍ କରି ନେଇଛି। ୧୨୦ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଓହ୍ଲାଇଥିବା ଟିମ୍ ଇଣ୍ଡିଆ ଅଧିନାୟିକା ସ୍ମୃତି ମନ୍ଧାନାଙ୍କ ଅର୍ଦ୍ଧଶତକୀୟ ଇନିଂସ ସତ୍ତ୍ୱେ ୧୧୮ ରନ୍ କରିବାକୁ ସକ୍ଷମ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ଦଳ ଡାନିଏଲ ୱେଟ୍‌ଙ୍କ ୨୪, ଟାମି ବିମଣ୍ଟଙ୍କ ୨୯ ଓ ଆମି ଏଲେନ ଜୋନ୍ସଙ୍କ ୨୬ ରନ୍ ବଳରେ ଧାର୍ଯ୍ୟ ୨୦ ଓଭରରେ ୬ ଉଇକେଟ ହରାଇ ୧୧୯ ରନ୍ କରିଥିଲା। ଭାରତ ପକ୍ଷରୁ ବୋଲିଂରେ ଅନୁଜା ପାଟିଲ ଓ ହାର୍ଲିମ ଦେଓଲ ୨ଟି ଉଇକେଟ ନେଇଥିଲେ। ଜବାବରେ ଅଧିନାୟିକା ମନ୍ଧାନାଙ୍କ ୫୮ (୩୯ ବଲ୍, ୮ ଚୌକା ଓ ଗୋଟିଏ ଛକା) ଓ ମିଥାଲି ରାଜ୍‌ଙ୍କ ଅପରାଜିତ ୩୦ ରନ୍ ଯୋଗୁ ଘରୋଇ ଦଳ ୧୯ ଓଭର ସୁଦ୍ଧା ୧୧୭ ରନ୍ କରି ନେଇଥିଲା। ଘରୋଇ ଦଳକୁ ମ୍ୟାଚ୍ ଜିତିବା ପାଇଁ ଅନ୍ତିମ ଓଭରରେ ମାତ୍ର ୩ ରନ୍ ଦରକାର ଥିଲେ। ମିଥାଲି ନନ୍ ଷ୍ଟ୍ରାଇକ୍‌ରେ ଥିବାବେଳେ ଷ୍ଟ୍ରାଇକ୍‌ରେ ଥିଲେ ଭାରତୀ ଫୁଲମାଲି। ଭାରତୀ ପ୍ରଥମ ୩ଟି ବଲ ଡଟ୍ ଖେଳିଥିଲେ। ପରବର୍ତ୍ତୀ ବଲ୍‌କୁ ଘୂରାଇ ମାରିବାକୁ ଯାଇ କ୍ୟାଚ୍ ଆଉଟ୍ ହୋଇଥିଲେ। ଓଭରର ୫ମ ବଲ୍‌ରେ ଅନୁଜା ଷ୍ଟମ୍ପିଂ ହୋଇଯାଇଥିଲେ। ଅନ୍ତିମ ବଲକୁ ଶିକ୍ଷା ପାଣ୍ଡେ ପଏଣ୍ଟ ଅଞ୍ଚଳକୁ ଖେଳି ଏକ ରନ୍ ନେବାକୁ ସଫଳ ହୋଇଥିଲେ। ଫଳରେ ଭାରତୀୟ ଦଳ ସମସ୍ତ ଓଭର ବ୍ୟାଟିଂ କରି ୬ ଉଇକେଟ ହରାଇ ୧୧୮ ରନ୍ କରିବାକୁ ସକ୍ଷମ ହୋଇଥିଲା।



ସିରିଜ୍ ଜିତିବା ପରେ ଟ୍ରଫି ସହ ଇଂଲଣ୍ଡ ଦଳ।

## ଚେନ୍ନାଇ ସିଟିକୁ ଟାଇଟଲ, ଇଷ୍ଟ ବେଙ୍ଗଲ ଦ୍ୱିତୀୟ

**କୋଏମ୍ବାଟୁର, ୯।୩(ପି.ଟି.)**

ଦେଶର ସର୍ବଶ୍ରେଷ୍ଠ ଫୁଟ୍‌ବଲ ଲିଗ୍ ଆଇ- ଲିଗ୍‌ର ୨୦୧୮–୧୯ ସେସନ ଶେଷ ହୋଇଛି। ଏଥର ଚେନ୍ନାଇ ଏଫ୍‌ସି ସିଟି ନୂଆ ଚାମ୍ପିୟନ କ୍ଲବ ଭାବେ ଉଭା ହୋଇଛି। ସ୍ଥାନୀୟ ଜବାହରଲାଲ ନେହରୁ ଷ୍ଟାଡିୟରେ ଘରୋଇ ଦର୍ଶକଙ୍କ ସାମ୍‌ନାରେ ଚେନ୍ନାଇ ଶନିବାର ଅନୁଷ୍ଠିତ ଅନ୍ତିମ ଦିବସରେ ମିନେର୍ଭା ପଞ୍ଜାବକୁ ୩–୧ ଗୋଲରେ ହରାଇ ଲିଗ୍‌ରେ ସର୍ବାଧିକ ପଏଣ୍ଟ ହାସଲ କରି ପ୍ରଥମଥର ପାଇଁ ଟାଇଟଲ ହାସଲ କରିଛି। ଅପରପକ୍ଷରେ ଇଷ୍ଟ ବେଙ୍ଗଲ ୨–୧ ଗୋଲରେ ଗୋକୁଲମ କେରଳ ଏଫ୍‌ସିକୁ ହରାଇ ଦ୍ୱିତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ମୋଟ ଉପରେ ଚେନ୍ନାଇ ମୋଟ ଉପରେ ୨୦ଟି ମ୍ୟାଚ୍ ଖେଳି ୧୩ଟି ବିଜୟ, ୪ଟି ଡ୍ର ଓ ୩ଟି ପରାଜୟ ସହ ୪୩ ପଏଣ୍ଟ ହାସଲ କରି ପଏଣ୍ଟ ତାଲିକାର ଶୀର୍ଷରେ ରହିବା ସହ ଏଥର ବିଜେତା ସାବ୍ୟସ୍ତ ହୋଇଛି। ଅନ୍ୟପଟେ ଇଷ୍ଟ ବେଙ୍ଗଲ ୨୦ଟି ମ୍ୟାଚ୍ ଖେଳି ୧୩ଟି ବିଜୟ, ୩ଟି ଡ୍ର, ୪ ପରାଜୟ ସହ ୪୨ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ଲିଗ୍‌ରେ ପଦାର୍ପଣ କରିଥିବା ରିୟଲ କଶ୍ମୀର ୧୯ଟି ମ୍ୟାଚ୍ ଖେଳି ୧୦ଟି ବିଜୟ, ୬ଟି ଡ୍ର ଓ ୩ଟି ପରାଜୟ ସହ ୩୬ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହିଛି।

ଚେନ୍ନାଇ ବିପକ୍ଷରେ ମିନେର୍ଭା ପ୍ରଥମ ଗୋଲ ଦେଇ ଅଗ୍ରଣୀ ହାସଲ କରିଥିଲା। ମିନେର୍ଭାର ରୋଲାଣ୍ଡ ବିଲାଲା ତୃତୀୟ ମିନିଟ୍‌ରେ ଗୋଲ ଦେଇଥିଲେ। ଚେନ୍ନାଇ ପକ୍ଷରୁ ୫୬ତମ ମିନିଟ୍‌ରେ ପେନାଲ୍ଟି ଜରିଆରେ ପେଡ୍ରୋ ମାଞ୍ଜି ଗୋଲ ଦେଇ ମ୍ୟାଚ୍‌କୁ ୧–୧ ସମାନସ୍ତରକୁ ଆଣିଥିଲେ। ଏହା ପରେ ଗୌରଭ ବୋରା ୬୯ ଓ ଇଞ୍ଜୁରି ଟାଇମ୍‌ର ତୃତୀୟ ମିନିଟ୍‌ରେ ଗୋଲ ଦେଇ ଚେନ୍ନାଇକୁ ୩–୧ରେ ଜିତାଇଥିଲେ। ଦଳର ପ୍ରଦର୍ଶନରେ ଚେନ୍ନାଇ କୋଚ୍ ଆକବର ନୱାସ ବେଶ୍ ଖୁସି ଜାହିର କରିଛନ୍ତି। ମାଞ୍ଜି ଓ ଚର୍ଚ୍ଚିଲ ବ୍ରଦର୍ସର ୱିଲିସ୍ ପ୍ଲାଜା ୨୧ ଲେଖାଏ ଗୋଲ ଦେଇ ଯୁଗ୍ମ ସର୍ବାଧିକ ସ୍କୋରର ସାବ୍ୟସ୍ତ ହୋଇଛନ୍ତି। ଶନିବାର ଖେଳାଯାଇଥିବା ଅନ୍ୟ ଦୁଇଟି ମ୍ୟାଚ୍‌ରେ ଆଇଜଲ ଏଫ୍‌ସି ୨–୧ ଗୋଲରେ ଚର୍ଚ୍ଚିଲ ବ୍ରଦର୍ସକୁ ହରାଇଥିବା ବେଳେ ଇଷ୍ଟ ବେଙ୍ଗଲ କୋଝିକୋଡରେ ଅନୁଷ୍ଠିତ ମ୍ୟାଚ୍‌ରେ ୨–୧ ଗୋଲରେ କେରଳ ଗୋକୁଲମକୁ ହରାଇଛି।




ଆଇ–ଲିଗ୍ ଚାମ୍ପିୟନ ଚେନ୍ନାଇ ସିଟିର ଖେଳାଳିମାନେ।

**ଆଇ- ଲିଗ୍ ଫୁଟବଲ**

## ୧୯ ବର୍ଷରୁ ଚତୁଷ୍କୋଣୀୟ ଦିନିକିଆ ସିରିଜ୍

# ଭାରତ ବି, ଦକ୍ଷିଣ ଆଫ୍ରିକା ବିଜୟୀ

**ଥିରୁଭାନନ୍ତପୁରମ,୯।୩(ପି.ଟି.)**

ଏଠାରେ ଚାଲିଥିବା ଚତୁଷ୍କୋଣୀୟ ୧୯ ବର୍ଷରୁ କମ୍ ଦିନିକିଆ ସିରିଜରେ ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ବି' ଓ ଦକ୍ଷିଣ ଆଫ୍ରିକା ବିଜୟୀ ହୋଇଛନ୍ତି। ଭାରତ ଏ'କୁ ୩ ଉଇକେଟରେ ଭାରତ ବି' ହରାଇଥିବା ବେଳେ ଆଫଗାନିସ୍ତାନକୁ ୯ ରନରେ ଦକ୍ଷିଣ ଆଫ୍ରିକା ପରାସ୍ତ କରିଛି। ଏହି ବିଜୟ ସହ ଏହି ଦୁଇ ଦଳ ୧୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଫାଇନାଲ ମ୍ୟାଚ୍ ଖେଳିବାକୁ ଯୋଗ୍ୟତା ହାସଲ କରିଛନ୍ତି।

ସ୍ଥାନୀୟ ସେଣ୍ଟ ଜାଭିୟର କେସିଏ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ଏ' ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ୪୦.୩ ଓଭରରେ ୧୨୯ ରନ କରି ଅଲଆଉଟ ହୋଇଥିଲା। ଦଳ ତରଫରୁ ଓପନର ଯଶସ୍ୱୀ ଜୟସୁଆଲ ୩୦, ଉଇକେଟ କିପର ବ୍ୟାଟ୍ସମ୍ୟାନ ଧ୍ରୁବ ଜୁରେଲ ୪୦ ଓ ହର୍ଷ ଦୁବେ ୨୩ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଭାରତ ବି' ତରଫରୁ ଶିବମ ଶର୍ମା ୩, ପୂର୍ଣ୍ଣଙ୍କ ତ୍ୟାଗୀ, ପ୍ରଭାତ ମୌର୍ଯ୍ୟ ଓ କରନ ଲାଲ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଭାରତ ବି ୪୧.୪ ଓଭରରେ ୭ ଉଇକେଟ ହରାଇ ୧୩୦ ରନ କରି ବିଜୟୀ ହୋଇଥିଲା। ଦଳ ତରଫରୁ ଅର୍ଯ୍ୟା ସେଠୀ ୫୧, ଅଥର୍ଭ ଅଙ୍କୋଲେକର ଅପରାଜିତ ୨୯, ତ୍ୟାଗୀ ଅପରାଜିତ ୧୪ ରନ ସଂଗ୍ରହ କରିଥିଲେ। ଭାରତ ଏ ତରଫରୁ ବୋଲିଂରେ ଶୁଭାଙ୍ଗ ହେଗଡେ, ଦୁବେ ଓ ଯୁବରାଜ ଚୌଧାରୀ ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଦ୍ୱିତୀୟ ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୪୯.୫ ଓଭରରେ ୨୦୦ ରନ କରି ଅଲଆଉଟ ହୋଇଥିଲା। ଦଳ ତରଫରୁ ଲୁକ୍ ବିୟୁଫୋର୍ଟ ୪୦, ବ୍ରାଏସ ପାର୍ସନ ୪୦ ଓ ଆଣ୍ଡିଲ ମୋଗାକେନ ୩୮ ରନ ସଂଗ୍ରହ କରିଥିଲେ। ବୋଲିଂରେ ଆଫଗାନିସ୍ତାନ ତରଫରୁ ରିୟାଜ ହୁସେନ ୩, ଆରିଫ ଖାଁ, ଅବିଦ ମହମ୍ମଦି ଓ ଶାଫିକୁଲ୍ଲା ଘଫାରି ୨ଟି ଲେଖାଏ ଉଇକେଟ ହାସଲ କରିଥିଲେ। ଜବାବରେ ଆଫଗାନିସ୍ତାନ ୪୮.୩ ଓଭରରେ ୧୯୧ ରନ କରି ଅଲଆଉଟ ହୋଇଥିଲା। ଦଳ ତରଫରୁ ଅଧିନାୟକ ଫରହାନ ଜାଖିଲ ୬୩, ରିୟାଜ ହୁସେନ ୩୫, ଇସ୍‌ଲାମ ଜଜାଇ ୨୧, ଆରିଫ ଖାଁ ୧୮, ଇସାକ ଜଜାଇ ୨୦ ରନ ସଂଗ୍ରହ କରିଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକାର ମାର୍କୋ ଜାନସେନ ୪, ବ୍ରାଏସ ପାର୍ସନ ୨ଟି ଉଇକେଟ ନେଇଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ରବିବାର, ୧୦ ମାର୍ଚ୍ଚ / ୨୦୧୯ Dhenkanal, Sunday March 10 / 2019

## ସଂକ୍ଷେପରେ

### କଫ୍ ସିରପ ଜବତ ଘଟଣା, ଜଣେ ଗିରଫ



କଣିହାଁ, ୯।୩(ଡି.ଏନ.ଏ.)- କଣିହାଁ ବ୍ଲକ ସମଲ ଥାନା ପୋଲିସ ଶୁକ୍ରବାର ସମଲ ବ୍ୟାରେଜ ଓସିସି କଲୋନୀ ନିକଟ ଜଙ୍ଗଲରେ ଥିବା ଘର ମଧ୍ୟରୁ ୮ ବସ୍ତା କଫ୍ ସିରପ ଜବତ କରିଥିଲା। ଏହି ଘଟଣାରେ ଶନିବାର ସମଲ ଗ୍ରାମର ଡାକ୍ତର ନାଏକଙ୍କୁ ଅନୁଗୋଳ ଅବକାରୀ ବିଭାଗ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟତମ ଅଭିଯୁକ୍ତ ବୈରାଗୀ ନାଏକ ଫେରାର ଅଛନ୍ତି। ଏ ନେଇ ନଂ. ୪୯/୧୯ରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ଅବକାରୀ ବିଭାଗ ଓ ପୋଲିସ ତରଫରୁ ପ୍ରେସ ବିବୃତିରେ କୁହାଯାଇଛି। ଜବତ କଫ ସିରପର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ଆଇଆଇସି ସୁନୀଲ କୁମାର କର କହିଛନ୍ତି, ଘଟଣାର ତଦନ୍ତ ଜାରି ରହିଛି। ଖୁବଶୀଘ୍ର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ।

### ଟଙ୍କା ଉଠାଇବାକୁ ଯାଇ ନିଖୋଜ

ଛେଣ୍ଡିପଦା, ୯।୩(ସ୍ୱ.ପ୍ର.)- ଅନୁଗୋଳ ଜିଲା ଜରପଡା ଥାନା ଦୁର୍ଗାପୁର ଗ୍ରାମର ନେତ୍ରାନନ୍ଦ ସାହୁ(୫୫)ଟଙ୍କା ଉଠାଇବାକୁ ଯାଇ ନିଖୋଜ ହୋଇଯାଇଥିବା ଜରପଡା ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ କହିଛି, ନେତ୍ରାନନ୍ଦ ପୁଅ ବାହାଘର ପାଇଁ ଗତ ୩ ତାରିଖରେ ଅନୁଗୋଳଠାରେ ଥିବା ସାହାରା ଇଣ୍ଡିଆ ଅଫିସକୁ ଟଙ୍କା ଉଠାଇବା ପାଇଁ ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ। ତେବେ ତାଙ୍କ ପତ୍ତା ନ ମିଳିବାରୁ ଗତ ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



ନେତ୍ରାନନ୍ଦ ସାହୁ

## ମତଦାନ କେନ୍ଦ୍ରରେ ସର୍ବନିମ୍ନ ସୁବିଧା ଉପଲବ୍ଧ ଉପରେ ଗୁରୁତ୍ୱ

# ସଖୀ ପୋଲିଂ ଷ୍ଟେଶନ ଚଳାଇବେ ମହିଳା କର୍ମଚାରୀ

ଅନୁଗୋଳ ଅଫିସ, ୯।୩

ଅନୁଗୋଳ ଜିଲାର ସମସ୍ତ ୫ଟି ବିଧାନସଭା ମଣ୍ଡଳୀର ୧୧୬୩ ମତଦାନ କେନ୍ଦ୍ରରେ ସର୍ବନିମ୍ନ ଆନୁସଙ୍ଗିକ ସୁବିଧାକୁ ନିଶ୍ଚିତ କରିବାକୁ ନେଇ ଶନିବାର ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୁଥ୍‌ଗୁଡ଼ିକରେ ସମସ୍ତ ମୌଳିକ ବ୍ୟବସ୍ଥା କରାଯିବାକୁ ଗୁରୁତ୍ୱ ଦିଆଯିବା ସହ ଚଳିତ ମାସ ୧୫ରେ ବିଭାଗୀୟ ଅଧିକାରୀମାନେ ଏହି ସୁବିଧା ଲପଲବ୍ଧ ହୋଇଥିବା ନେଇ ନିଶ୍ଚିତ କରାଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଆସନ୍ତା ନିର୍ବାଚନ କାର୍ଯ୍ୟ ପରିଚାଳନାରେ ମହିଳାମାନଙ୍କ ଅଂଶଗ୍ରହଣକୁ ଦୃଷ୍ଟିରେ ରଖି ପ୍ରତି ନିର୍ବାଚନ ମଣ୍ଡଳୀର ଗୋଟିଏ ଲେଖାଏଁ ସଖୀ ପୋଲିଂ ବୁଥ୍ ପରିଚାଳିତ ହେବ। ଏଥିରେ ଜଣେ ମହିଳା ପ୍ରିଜାଇଡିଂ ଅଫିସର, ୫ ଜଣ ମହିଳା ପୋଲିଂ ଅଫିସର ଓ ଜଣେ ମହିଳା ସୁରକ୍ଷା କର୍ମୀ ନିୟୋଜିତ ହେବେ। ଭିନ୍ନକ୍ଷମ ଓ ବୟସ୍କମାନଙ୍କୁ ମତଦାନରେ ସହାୟତା କରିବା ପାଇଁ ବିଭିନ୍ନ ବିଦ୍ୟାଳୟର ୧୮ ବର୍ଷରୁ କମ୍ ଓ ୧୪ ବର୍ଷରୁ ଅଧିକ ବୟସର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ସ୍କାଉଟ ଗାଇଡ ଓ ରେଡକ୍ରସର ଛାତ୍ରମାନଙ୍କୁ ନିୟୋଜିତ କରାଯିବ। ପ୍ରତି ବୁଥ୍‌ରେ ୨ ଜଣ ଲେଖାଏଁ ଛାତ୍ର ତାଲିମ ନେଇ ଭିନ୍ନକ୍ଷମ ଓ ବୟସ୍କ ଲୋକଙ୍କୁ ସହାୟତା କରିବେ। ଭୋଟ ଦେବାକୁ ଆସୁଥିବା ସମସ୍ତ ଭିନ୍ନକ୍ଷମ ମତଦାତାଙ୍କୁ ଘରୁ ମାଗଣାରେ ଗାଡ଼ି ଯୋଗେ ନେବା ଆଣିବା ବ୍ୟବସ୍ଥା କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ୫୧ଟି ମତଦାନ କେନ୍ଦ୍ରରେ ର୍‍ୟାମ୍ପ ପ୍ରତିଷ୍ଠା କାର୍ଯ୍ୟ ଚାଲୁ ରହିଛି। ଆସନ୍ତା ସପ୍ତାହକ ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ସେହିପରି ୧୬୭ ମତଦାନ କେନ୍ଦ୍ରରେ ବିଦ୍ୟୁତ୍ ସେବା ଉପଲବ୍ଧ ନ ଥିବାରୁ ସେଠାରେ ବିକଳ୍ପ ବ୍ୟବସ୍ଥା କରାଯିବା ଓ ଦୁର୍ଗମ ଅଞ୍ଚଳରେ ଥିବା ୨୪ଟି ମତଦାନ କେନ୍ଦ୍ରରେ ସୌରଶକ୍ତି ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ସେସୁ ନିର୍ବାହୀ ଯନ୍ତ୍ରୀ ନିହାର ରଞ୍ଜନ ପାଣିଗ୍ରାହୀ, ଆସିଷ୍ଟାଣ୍ଟ କଲେକ୍ଟର ଲମ୍ବୋଦର ମାରାଣ୍ଡି, ଶିକ୍ଷା ଜିଲା ପ୍ରକଳ୍ପ ସଂଯୋଜକ ନିରଞ୍ଜନ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଜିଲାସ୍ତରୀୟ ଅଧିକାରୀମାନେ।

## ଅନୁଗୋଳ ତନିସ୍କ ଷ୍ଟୋରର ବାର୍ଷିକ ପୂର୍ତ୍ତି

# ବିବାହ ଅଳଙ୍କାରରେ ୨୫% ରିହାତି



ତନିସ୍କ ପକ୍ଷରୁ ଅଳଙ୍କାର ପ୍ରଦର୍ଶିତ କରାଯାଉଛି।

ଅନୁଗୋଳ ଅଫିସ, ୯।୩

ଅନୁଗୋଳ ତନିସ୍କ ଷ୍ଟୋରର ଶନିବାର ବାର୍ଷିକ ପୂର୍ତ୍ତି ପାଳନ କରାଯାଇଛି। ଏହି ଅବସରରେ ଗ୍ରାହକଙ୍କ ପାଇଁ କମ୍ବୋ ଅଫର ଅଣାଯାଇଛି। ଏହି ଅଫର ଆସନ୍ତା ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସନ୍ଧ୍ୟାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ତନିସ୍କର ଆଞ୍ଚଳିକ ବ୍ୟବସାୟ ମ୍ୟାନେଜର ପ୍ରଖର ପାଲାଓ୍ୱା ଓ ବିଜନେସ ଆସୋସିଏଟ୍ ମାନିକ ହଂସ କହିଛନ୍ତି। ଗ୍ରାହକଙ୍କୁ ୧୦ ଗ୍ରାମ ସୁନା କିଣିବା ଉପରେ ଏକ ସୁନା କଏନ ଏବଂ ବିବାହ ଅଳଙ୍କାରରେ ୨୫ ପ୍ରତିଶତ ରିହାତି ମିଳିବ। ପୁରୁଣା ସୁନା ବଦଳାଇଲେ ଗ୍ରାହକଙ୍କୁ ଆକର୍ଷଣୀୟ ଅଫର ମିଳିବ ବୋଲି ସେ ସୂଚନା ଦେଇଛନ୍ତି। ଏହି ଅବସରରେ ତନିସ୍କ ପକ୍ଷରୁ ନୂତନ ଡିଜାଇନର ଅଳଙ୍କାର ପ୍ରଦର୍ଶିତ କରାଯାଇଥିଲା।

ଓଡ଼ିଶାରେ ମୋଟ ୮ଟି ତନିସ୍କ ଷ୍ଟୋର ରହିଛି। ତେବେ ଅନୁଗୋଳ ଏକ ଗୁରୁତ୍ୱପୂର୍ଣ୍ଣ ବଜାର ବୋଲି ହଂସ ପ୍ରକାଶ କରିଥିଲେ। ବାର୍ଷିକ ପୂର୍ତ୍ତି ଅବସରରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ନିଜ ସାମଗ୍ରୀ ସମ୍ପର୍କରେ ଗ୍ରାହକଙ୍କୁ ଭଲ ଭାବେ ଅବଗତ କରାଇବାରେ ସମର୍ଥ ହୋଇପାରିଥିବା ହଂସ ଆଶା ପ୍ରକାଶ କରିଥିଲେ। ତନିସ୍କର ପ୍ରିନ୍, ଉତ୍ସବ, ଗୁଲନାଜ ଓ ଲାବଣ୍ୟମ କଲେକ୍ସନ ରହିଛି। ଟାଟା ଗ୍ରୁପର ପ୍ରତିଶ୍ରୁତି ଓ ଟାଇଟନର ନିର୍ଭରଯୋଗ୍ୟତାକୁ ନେଇ ତନିସ୍କ ନିଜର ସମସ୍ତ କିସମ ଅଳଙ୍କାର ପାଇଁ ସ୍ୱତନ୍ତ୍ର ନୀତି ନିୟାମକ ଧାର୍ଯ୍ୟ କରିଥିବା ସେ କହିଥିଲେ। ଟାଇଟନ କମ୍ପାନୀ ଲିମିଟେଡର ଗହଣା ଡିଭିଜନ ମାର୍କେଟିଂ ସହଯୋଗୀ ଉପସଭାପତି ଦୀପିକା ତିୱାରୀ କହିଥିଲେ ଯେ, ତନିସ୍କ ସର୍ବଦା ନିଜ ଗ୍ରାହକଙ୍କ ସୁବିଧା ଚାହିଁଥାଏ। ସୁନାର ଶୁଦ୍ଧତା ଓ ମାନ ଜାଣିବା ପାଇଁ ଏହାର ପ୍ରତ୍ୟେକ ଷ୍ଟୋରରେ କାରାଟେମିଟର ରହିଛି। ସ୍ଥାନୀୟ ହୋଟେଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ର୍‍ୟାମ୍ପ ଶୋ ଆୟୋଜିତ ହୋଇଥିଲା। ଏଥିରେ ତନିସ୍କ ରିଭା କଲେକ୍ସନ ପ୍ରଦର୍ଶିତ ହୋଇଥିଲା।

# ନବୀନ ଜିନ୍ଦଲଙ୍କ ଜନ୍ମ ଦିବସରେ ମିନି ମାରାଥନ



ଜେଏସ୍‌ପିଏଲ ପକ୍ଷରୁ ନବୀନ ଜିନ୍ଦଲଙ୍କ ଜନ୍ମ ଦିବସ ପାଳନ।

ଅନୁଗୋଳ ଅଫିସ, ୯।୩

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ (ଜେଏସ୍‌ପିଏଲ୍)ର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ଜନ୍ମଦିନ ଫିଟନେସ ଦିବସ ଭାବେ ଶନିବାର ଜେଏସ୍‌ପିଏଲ୍ ପକ୍ଷରୁ ପାଳିତ ହୋଇଯାଇଛି। ଏହି ଦିବସକୁ ସ୍ୱାସ୍ଥ୍ୟପ୍ରଦ କରିବା ପାଇଁ ଶାରୀରିକ ସଚେତନତା କାର୍ଯ୍ୟକ୍ରମ ସହ ବିଭିନ୍ନ ସଚେତନତାଧର୍ମୀ ପ୍ରତିଯୋଗିତା ଓ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ପ୍ରତ୍ୟୁଷରେ ଜେଏସ୍‌ପିଏଲ୍‌ର ମୁଖ୍ୟ ପରିଚାଳନା ଅଧିକାରୀ ପଙ୍କଜ ଗୌତମ ଜିନ୍ଦଲ ନଗର ପରିସରରେ ଏକ ମିନି ମାରାଥନର ଶୁଭାରମ୍ଭ କରିଥିଲେ। ଯୋଗ ଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ଏକ ଯୋଗ ଶିବିର ଓ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜିନ୍ଦଲ ନଗର ସ୍ଥିତ ଅକୁପେସନାଲ ହେଲ୍‌ଥ ସେଣ୍ଟର (ଓଏଚସି) ଠାରେ ଏକ ମାଗଣା ସୁପର ସ୍ପେଶିଆଲିଟି କ୍ଲିନିକ ଓ ଡାଏଟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଥିଲା।

ସେହିପରି ଓପି ଜିନ୍ଦଲ ସ୍କୁଲ ଓ ଓପି ଜିନ୍ଦଲ କମ୍ୟୁନିଟି କଲେଜ ଠାରେ ମଧ୍ୟ ନବୀନ ଜିନ୍ଦଲଙ୍କ ଜନ୍ମ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ପାର୍ଶ୍ୱବର୍ତ୍ତୀ ଗ୍ରାମରେ ଭଲିବଲ ମ୍ୟାଚ୍ ଆୟୋଜନ କରାଯାଇଥିଲା। ପଙ୍କଜ ଗୌତମ ଜେଏସ୍‌ପିଏଲ ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କୁ ଜନ୍ମ ଦିନର ଶୁଭେଚ୍ଛା ଜଣାଇବା ସହ ଜିନ୍ଦଲର ସମୃଦ୍ଧି କାମନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ୧୧ ବଖରା ଜଳିଗଲା

ବଇଣ୍ଡା, ୯।୩(ଡି.ଏନ.ଏ.)

କିଶୋରନଗର ବ୍ଲକ ଝରାବେରେଣୀ ପଞ୍ଚାୟତ ବର୍ବତୀପାଲି ଗ୍ରାମରେ ଶନିବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ମାଗୁଣି ମାହାରଙ୍କ ୨ ବଖରା ଜଳିଯିବାସହ ୪ ଟି ଛେଳି ଜୀବନ୍ତ ଦଗ୍ଧ ହୋଇଛନ୍ତି। ସେହିପରି ଗ୍ରାମର ବୁଲା ମାହାରଙ୍କ ୨ ବଖରା, ବବୁଲ ମାହାରଙ୍କ ୨ ବଖରା, ଧ୍ରୁବ ମାହାରଙ୍କ ୧ ବଖରା, ମାଳତି ମାହାରଙ୍କ ୧ ବଖରା, ପ୍ରଫୁଲ୍ଲ ମାହାରଙ୍କ ୨ ବଖରା, ନିରଞ୍ଜନ ମାହାରଙ୍କ ୧ ବଖରା ଚାଳ ଘର ଜଳିଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବାବେଳେ ରୋଷେଇ ଘରୁ ନିଆଁ ଲାଗିଥିବା ଗ୍ରାମବାସୀ କହିଛନ୍ତି। ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ବିପନ୍ନମାନେ ଖୋଲା ଆକାଶ ତଳେ ରହିଛନ୍ତି। ତୁରନ୍ତ ସେମାନଙ୍କୁ ସରକାରୀ ସାହାଯ୍ୟ ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇଦେବା ପାଇଁ ସାଧାରଣରେ ଦାବି ହୋଇଛି।

# ଜେସିଆଇ ପକ୍ଷରୁ ଗଣଦୌଡ଼

ତାଳଚେର, ୯।୩(ନି.ପ୍ର.)

ଜୁନିୟର ଚାମ୍ବର ଇଣ୍ଟରନ୍ୟାଶନାଲ (ଜେସିଆଇ) ଅନୁଗୋଳ ଶାଖା ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଚିତ୍ରକୂଟ ମନ୍ଦିର ଠାରୁ ଏହା ବାହାରି ବଡ଼ବଜାର, ଭୈରବୀ ସାହି, ବଉଳଛକ, ହନୁମାନପଡା ପରିକ୍ରମା କରି ଫାଷ୍ଟଗେଟରେ ପହଞ୍ଚିଥିଲା। ତାଳଚେର ଏସ୍‌ଡିପିଓ ହେମନ୍ତ କୁମାର ପଣ୍ଡା, ରଶ୍ମିରଞ୍ଜନ ମିଶ୍ର ଏହାକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଜେସିଆଇ ଅନୁଗୋଳ ସିଟି ସଭାପତି ଇଂ. ମହେଶ ଗର୍ଗ, ମହିଳା ଶାଖା ଅଧ୍ୟକ୍ଷା ସରିତା ଗର୍ଗ, ପୂର୍ବତନ ଅଧ୍ୟକ୍ଷା ପଲ୍ଲବୀ ଅଗ୍ରୱାଲ, ପୂର୍ବତନ ସଭାପତି ଆଶିଷ ଅଗ୍ରୱାଲ, କୈଳାସ ଅଗ୍ରୱାଲ, ରାକେଶ ଗୁପ୍ତା, ବାସୁଦେବ ସାହୁ, ଜେସିଆଇର ପ୍ରକଳ୍ପ ନିର୍ଦ୍ଦେଶକ ମନିଷ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।




# ସମବାୟ ସମିତିରେ ସଚେତନତା କାର୍ଯ୍ୟକ୍ରମ

କଣିହାଁ, ୯।୩ (ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁ ବ୍ଲକ ଗଣ୍ଡମଳା ସେବା ସମବାୟ ସମିତିରେ ଆର୍ଥିକ ସାକ୍ଷରତା ସଚେତନାତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ରାଜେଶ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମିତି ସଭାପତି ବିନୟ କୁମାର ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସୁପରଭାଇଜର ବନମାଳି ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମବାୟ ସମିତି ଅଧୀନସ୍ଥ ୩ଟି ପଞ୍ଚାୟତର ଋଣି ଚାଷୀ ସଭ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ସମିତିର କୃଷି ଋଣ, ସଞ୍ଚୟ ଜମା, ଏଟିଏମ୍ କାର୍ଡ, ଏସ୍‌ଏଚ୍‌ଜି, ଜେଏଲ୍‌ଜି ଆଦି ସହ ରାଜ୍ୟ ସରକାର ସମବାୟ ସମିତି ମାଧ୍ୟମରେ କୃଷକଙ୍କ ଉନ୍ନତି ପାଇଁ କରାଯାଇଥିବା ଯୋଜନାଗୁଡ଼ିକ ବିଷୟରେ ଉପସ୍ଥିତ ଚାଷୀମାନଙ୍କୁ ଅବଗତ କରାଇଥିଲେ। ସମିତି ସମ୍ପାଦକ ମାନସ କୁମାର ନନ୍ଦ ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ।

# ନାଲ୍‌କୋ ସିଆଇଏସ୍‌ଏଫ୍ ପକ୍ଷରୁ ରକ୍ତଦାନ ଶିବିର



ସିଆଇଏସ୍‌ଏଫ୍ ଯବାନ ରକ୍ତଦାନ କରୁଛନ୍ତି।

ବଅଁରପାଳ, ୯।୩ (ଡି.ଏନ୍.ଏ)

ନାଲ୍‌କୋ ସିଆଇଏସ୍‌ଏଫ୍ ପକ୍ଷରୁ ଶନିବାର ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ସିଆଇଏସ୍‌ଏଫ୍ କମାଣ୍ଡାଣ୍ଟ ବଂଶୀଧର ସୁନ୍ଦରା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ ୨୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସିଆଇଏସ୍‌ଏଫ୍ ଯବାନମାନେ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କମାଣ୍ଡାଣ୍ଟ ବି କେ ତିୱାରି, ଇନ୍ସପେକ୍ଟର ହେମନ୍ତ ପାଣ୍ଡେ, ଇନ୍ସପେକ୍ଟର ଆର୍. ପି. ବର୍ମା, ପି. କେ ନାଏକ ପ୍ରମୁଖ ସହଯୋଗ କରିଥିଲେ। ଡା. ବିଶ୍ୱଜିତ ସାମଲଙ୍କ ସହ ରକ୍ତଭଣ୍ଡାର କର୍ମଚାରୀମାନେ ଶିବିର ପରିଚାଳନା କରିଥିଲେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ